# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୨୪ (୧୬ ପୃଷ୍ଠା) Bhubaneswar, Tuesday, September 3/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 280 ମୂଲ୍ୟ ₹୭/-






KAMLA PASAND
Anokha Swad
KP GROUP
Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at :
YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୨୪ Bhubaneswar, Tuesday, September 3/2024




## ଶ୍ରାବଣୀଙ୍କୁ ରୌପ୍ୟ ପଦକ

ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦା।

୧୪

୧୦

## ଆହତ ଥିବା ସତ୍ତ୍ୱେ 'ସିକନ୍ଦର'ର ଶୁଟିଂ ଜାରି ରଖିଛନ୍ତି ସଲ୍‌ମାନ

ପିଞ୍ଜରା ହାଡ଼ରେ ଆଘାତ ଥିବା ସତ୍ତ୍ୱେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ନିଜର ଆଗାମୀ ଫିଲ୍ମ 'ସିକନ୍ଦର'ର ଶୁଟିଂ ଜାରି ରଖିଛନ୍ତି।



# ବୁଲ୍‌ଡୋଜର ବନ୍ଦ: ସୁପ୍ରିମକୋର୍ଟ

## ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ବି ତାଙ୍କ ଘର ଭାଙ୍ଗିପାରିବେ ନାହିଁ ସରକାର

**କିଛି ବର୍ଷ ହେଲା ଭାଜପା ଶାସିତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ଅଭିଯୁକ୍ତମାନଙ୍କ ଘରେ ବୁଲ୍‌ଡୋଜର ଲଗାଇ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଥିବା ଦେଖିବାକୁ ମିଳୁଛି। ଏଭଳି ପ୍ରତିଶୋଧମୂଳକ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ 'ବୁଲ୍‌ଡୋଜର ନ୍ୟାୟ' କୁହାଯାଉଛି। ମାମଲାର ଶୁଣାଣି ହେବା ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ଏପରି କୁଇକ୍‌ଜଷ୍ଟିସ୍‌ବା ଦ୍ରୁତନ୍ୟାୟକୁ ସୋମବାର ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ସରକାର ବୁଲ୍‌ଡୋଜର ଲଗାଇ ତାଙ୍କ ଘର ଭାଙ୍ଗି ପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।**

ନୂଆଦିଲ୍ଲୀ,୨।୯

ଆପରାଧିକ ମାମଲାର ଅଭିଯୁକ୍ତମାନଙ୍କ ଘରେ ବୁଲ୍‌ଡୋଜର ଲଗାଇ ଭଙ୍ଗାଯିବା ଘଟଣାଗୁଡ଼ିକୁ ନେଇ ସୋମବାର ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ମଧ୍ୟ ବୁଲ୍‌ଡୋଜର ଲଗାଇ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କେଉଁ ପରିସ୍ଥିତିରେ ବୁଲ୍‌ଡୋଜର ଜରିଆରେ ଜବରଦଖଲ ଉଚ୍ଛେଦ କରାଯିବ, ସେନେଇ ଏକ ଗାଇଡ୍‌ଲାଇନ୍ ଜାରି କରାଯିବ, ଯାହାକି ସାରା ଦେଶରେ କାର୍ଯ୍ୟକାରୀ ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ୨୦୨୨ ଦିଲ୍ଲୀ ଦଙ୍ଗା ପରେ ମୁସଲମାନ ସମ୍ପ୍ରଦାୟର ଅନେକ ଲୋକଙ୍କ ଘରେ ବୁଲ୍‌ଡୋଜର ଲଗାଯାଇଥିଲା। ଏଥିରେ ବାସହରା ହୋଇଥିବା ପରିବାର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁସ୍‌ଲିମ ବିଦ୍ୱାନମାନଙ୍କ ସଙ୍ଗଠନ ଜମାତ୍ ଉଲେମା-ଇ-ହିନ୍ଦ୍ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଜଣେ ବ୍ୟକ୍ତି କୌଣସି ମାମଲାରେ ଅଭିଯୁକ୍ତ, ତାଙ୍କ ଘର କିପରି ଭଙ୍ଗାଯାଇପାରିବ? ସେ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ଘର ଭଙ୍ଗାଯିବ ନାହିଁ। ସୁପ୍ରିମକୋର୍ଟ ବାର୍‌କୁ ଏନେଇ କହିବା ପରେ ବି ମାନସିକତାରେ କିଛି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। ☞ପୃଷ୍ଠା-୨



## ଆର୍.ଜି. କର ହସ୍ପିଟାଲ: ସନ୍ଦୀପ୍ ଘୋଷ ଗିରଫ



କୋଲକାତା,୨।୯(ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆର୍ଥିକ ଅନିୟମିତତା ମାମଲାରେ ଏହାର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ସିବିଆଇ ସୋମବାର ଗିରଫ କରିଛି। ଉକ୍ତ କଲେଜରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସିବିଆଇ ୧୫ ଦିନ ହେଲା ସନ୍ଦୀପ୍‌ଙ୍କୁ ସଲ୍ଟ ଲେକ୍ କାର୍ଯ୍ୟାଳୟରେ ଜେରା କରିଆସୁଥିଲା। ତାଙ୍କୁ ସୋମବାର ସିବିଆଇର ନିଜାମ ପ୍ଲାଲେସ୍ ଅଫିସ୍‌କୁ ନିଆଯାଇ ଅନିୟମିତତା ମାମଲାରେ ଜେରା କରାଯିବା ପରେ ଗିରଫ କରାଯାଇଛି। ସନ୍ଦୀପ୍ ପ୍ରିନ୍ସିପାଲ ଥିବାବେଳେ ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ଅଖତର ଅଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପିଲାଙ୍କ ଭବିଷ୍ୟତ ବିପଦରେ**

# ସୁଭଦ୍ରା ଯୋଜନା ପୋର୍ଟାଲ ଆରମ୍ଭ

- **ମିଳିବ ସମସ୍ତ ତଥ୍ୟ**
- **ଫର୍ମ ବଣ୍ଟନ ଓ ଦାଖଲ ସମ୍ପୂର୍ଣ୍ଣ ମାଗଣା**
- **ଜାରି ହେଲା ଟୋଲ ଫ୍ରି ନମ୍ବର ୧୪୬୭୮**

ଭୁବନେଶ୍ୱର,୨।୯(ଅନିଲ ଦାସ)

ସୁଭଦ୍ରା ଯୋଜନା ପାଇଁ ରାଜ୍ୟ ସରକାର ୱେବ୍ ପୋର୍ଟାଲ ଆରମ୍ଭ କରିଛନ୍ତି। ସୁଭଦ୍ରା ଯୋଜନାର ସମସ୍ତ ତଥ୍ୟ www.subhadra.odisha.gov.in ୱେବ୍‌ପୋର୍ଟାଲରୁ ଉପଲବ୍ଧ ହୋଇପାରିବ। ଉପମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଏହି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ହିତାଧିକାରୀଙ୍କ ଯୋଗ୍ୟତା, ସେମାନଙ୍କ ଅଧିକାର, ଆବେଦନର ପ୍ରକ୍ରିୟା, ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ତା'ର ଉତ୍ତର ଏହି ପୋର୍ଟାଲରେ ଉପଲବ୍ଧ ଅଛି। ଏହି ୱେବ୍‌ସାଇଟ୍‌ରେ ସମସ୍ତ ତଥ୍ୟ ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଦିଆଯାଇଛି। ଏଥିସହ ଯୋଜନା ସମ୍ପର୍କରେ ଅଧିକ ସୂଚନା ପାଇଁ ରାଜ୍ୟ ସରକାର ୧୪୬୭୮ ଟୋଲ ଫ୍ରି ନମ୍ବର ଜାରି କରିଛନ୍ତି। ଏହି ଟୋଲ ଫ୍ରି ନମ୍ବର ସକାଳ ୬ଟାରୁ ରାତି ୧୦ ପର୍ଯ୍ୟନ୍ତ କାମ କରିବ। ନିରୂପଣ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟରେ ସେପ୍ଟେମ୍ବର ୪ ଅପରାହ୍ଣରୁ ଫର୍ମ ଦାଖଲ କରାଯିବ। ☞ପୃଷ୍ଠା-୨

# ପାରାଲିମ୍ପିକ୍ସରେ ଭାରତକୁ ୨ୟ ସ୍ୱର୍ଣ୍ଣ

ପ୍ୟାରିସ, ୨।୯ (ପି.ଟି.)



ନିତେଶ କୁମାର



ଯୋଗେଶ କାଥୁନିୟା

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ନିତେଶ କୁମାର। ପୂର୍ବରୁ ଶୁଟିଂ ଇଭେଣ୍ଟରେ ଅଭନି ଲେଖରା ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ଯୋଗେଶ କାଥୁନିୟା,ତୁଳସୀମତି ମୁରୁଗେସାନ, ସୁହାୟ ୟାଥିରାଜ ରୌପ୍ୟ ଏବଂ ମନୀଷା ରାମଦାସ ଓ ଆର୍ଚ୍ଚେରୀ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶାର ପ୍ରମୋଦ ଭଗତଙ୍କ ଅନୁପସ୍ଥିତିରେ ନିତେଶ ପୁରୁଷ ବ୍ୟାଡ୍‌ମିଣ୍ଟନ ଏସଏଲ୍୩ ବର୍ଗରେ ପ୍ରଥମଥର ପାଇଁ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଗତ ଟୋକିଓ ଅଲିମ୍ପିକ୍ସରେ ଏହି ଇଭେଣ୍ଟରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିଲେ। ଏଥର ଫାଇନାଲରେ ନିତେଶଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ ଗ୍ରେଟ୍ ବ୍ରିଟେନର ଡାନିଏଲ ☞ପୃଷ୍ଠା-୨






# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବେ ଏସ୍‌ପି, ଜିଲାପାଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ଭାଜପା ସରକାର ସବୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି। ଭାଜପା ବିଧାୟକ ଭାସ୍କର ମାଢ଼େଇଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ସ୍ଥାନରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ତହସିଲ, ବ୍ଲକ ଓ ଥାନା ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ମୋଟ ୩୭୪୦ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ରହୁଥିଲେ। ସେଥିମଧ୍ୟରୁ କେନ୍ଦ୍ରାପଡ଼ାରେ ୧୬୪୯, ଜଗତସିଂହପୁରରେ ୧୧୧୨, ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬, ଖୋର୍ଦ୍ଧା ଜିଲାର ଭୁବନେଶ୍ୱରରେ ୧୭ ଓ ବରଗଡ଼ ଜିଲାରେ ୨ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ନିଜ ଦେଶକୁ ପଠାଇବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶର ସାମ୍ପ୍ରତିକ ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ନିୟମିତ ବ୍ୟବଧାନରେ ପାଟ୍ରୋଲିଂ କରି ସାମୁଦ୍ରିକ ସୀମା ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସାମୁଦ୍ରିକ ଥାନାର କର୍ମଚାରୀଙ୍କ ସହ ତଟରକ୍ଷୀ ବାହିନୀ ଏବଂ ମତ୍ସ୍ୟ ବିଭାଗର ଅଧିକାରୀମାନେ ସମୁଦ୍ର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ଚିହ୍ନଟ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଜାତୀୟ ଜନସଂଖ୍ୟା ରେଜିଷ୍ଟର କାର୍ଡ ରିଡର ମେଶିନ୍ ବ୍ୟବହାର କରାଯାଉଛି।

# ମିଶନ୍ ସୂର୍ଯ୍ୟାୟଣ ଅଧୀନରେ ସୌରଶକ୍ତୀକରଣ ଯାତ୍ରା ଶୁଭାରମ୍ଭ

ବାଲେଶ୍ୱର, ୨।୯(ବାଞ୍ଛାନିଧି ଦେ)


ସୌରଶକ୍ତୀକରଣ ଯାତ୍ରାର ଶୁଭାରମ୍ଭ କରାଯାଉଛି।

ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ମିଶନ୍ ସୂର୍ଯ୍ୟାୟଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସୌରଶକ୍ତି ଜରିଆରେ କର୍ପୋରେଟ୍ କାର୍ଯ୍ୟାଳୟ ଓ ସର୍କଲ୍ କାର୍ଯ୍ୟାଳୟଗୁଡ଼ିକର ଅତିରିକ୍ତ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବା ଲାଗି ସୌରଶକ୍ତୀକରଣ ଲାଗି ଲକ୍ଷ୍ୟ ରଖାଯାଇଛି। ଏକ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟ ସହିତ ଏଥିରେ ଟିପିଏନ୍‌ଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରେ ୬୫ କିଲୋୱାଟ୍ ଓ ବାଲେଶ୍ୱରର ସର୍କଲ୍ କାର୍ଯ୍ୟାଳୟରେ ୩୦ କିଲୋୱାଟ୍ ରୁଫଟପ୍ ସୋଲାର କ୍ଷମତାକୁ ସଫଳତାର ସହ ସ୍ଥାପନ କରାଯାଇଛି।

ଟି ପି ଏ ନ୍ ଓ ଡି ଏ ଲ୍ ର ସିଇଓ ଦ୍ୱିଜଦାସ ବସକ ଏହି ସୌରଶକ୍ତି ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତାରେ ପରିଚାଳିତ ହେଲେ ବାର୍ଷିକ ୨ଲକ୍ଷ ୭୦ହଜାର କିଲୋୱାଟ ଆୱାର (କେଡବ୍ଲ୍ୟୁଏଚ୍) ବିଦ୍ୟୁତ ଶକ୍ତି ସୃଷ୍ଟି ହେବ। ଅକ୍ଷୟ ଶକ୍ତିକୁ ଗ୍ରହଣ କରିବା ଦ୍ୱାରା କୋଇଲା ଓ ପାରମ୍ପରିକ ଗ୍ୟାସ ଭଳି ପାରମ୍ପରିକ ଶକ୍ତି ଉତ୍ସ ତୁଳନାରେ ବାର୍ଷିକ ସିଓ ୨ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ହେବ। ପୂର୍ବରୁ ବିଜିଜେୱାଇ ଅଧୀନରେ ମୟୂରଭଞ୍ଜ ଜିଲାର ଶିମିଳିପାଳ ଏବଂ କେନ୍ଦୁଝର ଜିଲାର କୋହ୍ଲରୋଇଡା ଜଙ୍ଗଲରେ ୬, ୦୩୬ ଆଦିବାସୀ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବା ପାଇଁ ସୌର ମାଇକ୍ରୋଗ୍ରୀଡ୍ ଏବଂ ଏକକ ସୌର ପ୍ରଣାଳୀ ସ୍ଥାପନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗ୍ରାମରେ ଗତବର୍ଷ ଏକ ୬ କିଲୋୱାଟ୍ ଆରଟିଏସ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଯିବା ସହ ବିଦ୍ୟାଳୟକୁ ଉତ୍ସର୍ଗ କରାଯାଇଥିଲା। ମିଶନ ସୂର୍ଯ୍ୟାୟଣ ଅଧୀନରେ ଟିପିଏନଓଡିଏଲ ପରିବେଶ ପରିଚାଳନା, ଶକ୍ତି ଦକ୍ଷତା ଏବଂ ସ୍ଥାୟୀ ବିକାଶ ଦିଗରେ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି କହିଥିଲେ। ମୁଖ୍ୟ ପରିଚାଳନା ଅଧିକାରୀ ନିଲେଶ ପୋଟ୍‌ଫୋଡେ, ମୁଖ୍ୟ ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ମୁଖ୍ୟ ଠିକା ଓ ସାମଗ୍ରୀ ପରିଚାଳନା ଓ ଭିଜିଲାନ୍ସ ଅଧିକାରୀ ହରିଶ ଶର୍ମା, ସୋଲାରାଇଜେଶନର ମହାପ୍ରବନ୍ଧକ ରାଜୀବ କୁମାର ନାୟକ ଏବଂ ବାଲେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଉପସ୍ଥିତ ଥିଲେ।

# ୮ରେ ସିଏମ୍ କିଷାନର ପ୍ରଥମ କିସ୍ତି

## ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ ଡିଜିଟାଲ ଫସଲର ସର୍ବେକ୍ଷଣ

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ଡିଜିଟାଲ ଫସଲ ସର୍ବେକ୍ଷଣର ସମୀକ୍ଷା ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ ଯୋଗ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲାରୁ ଜିଲାପାଳମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗ ଦେଇଛନ୍ତି। ଇ-ଚାଷ ଆପ୍ ଜରିଆରେ ଡିଜିଟାଲ ଫସଲର ସର୍ବେକ୍ଷଣ କରାଯାଉଛି, ଯେଉଁଥିରେ କୃଷକଙ୍କ ଫସଲ ଓ ଚାଷଜମିର ତଥ୍ୟ ସରକାରଙ୍କ ପାଖରେ ପହଞ୍ଚି ପାରୁଛି। ଏହି ସର୍ବେକ୍ଷଣ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସର୍ବେକ୍ଷଣ ଆଧାରରେ ଚାଷୀମାନେ ସିଏମ୍ କିଷାନ ତଥା ଅନେକ ଅନ୍ୟ ଯୋଜନା ଅନ୍ତର୍ଗତ ଆର୍ଥିକ ସୁବିଧା ପାଇପାରିବେ। ଏହାର ପ୍ରଥମ କିସ୍ତି ଆସନ୍ତା ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଦିନ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ବାଦ ପଡିଥିବା ସମସ୍ତ ଯୋଗ୍ୟ ଚାଷୀ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ସିଂହଦେଓ କହିଛନ୍ତି। କୃଷକଙ୍କ ତଥ୍ୟ ଏକ ରେଜିଷ୍ଟରରେ ଆଇଡି ସହ ରହିବ। ଏଥିପାଇଁ ପ୍ରତି ଜିଲାରେ ନୋଡାଲ ଅଧିକାରୀମାନେ ରହିବେ ଓ ସେମାନେ ପ୍ରତ୍ୟକ୍ଷ ଭାବେ କ୍ଷେତ୍ର ପରିଦର୍ଶନରେ ଯାଇ ସର୍ବେକ୍ଷଣର ଅନୁଧ୍ୟାନ କରିବେ। ବାଦ୍ ପଡିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ସଂଗ୍ରହ କରି ବିଭାଗକୁ ଜଣାଇବେ। ଏନେଇ ଏକ ମାର୍ଗଦର୍ଶିକା ତିଆରି ହେବ ଓ ସିଏମ୍ କିଷାନ ପୋର୍ଟାଲ ବର୍ଷତମାମ ଖୋଲା ରହିବ ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ କହିଛନ୍ତି। ଚାଷୀମାନେ ନୂଆ ପୋର୍ଟାଲ ଜରିଆରେ ଆବେଦନ କିମ୍ବା ତଥ୍ୟ ଅପଡେଟ କରିବା ପାଇଁ କୌଣସି ପ୍ରକାର ଦେୟ ପ୍ରଦାନ କରିବେ ନାହିଁ। ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଶେଷରେ ଜିଲାପାଳମାନେ ନିଜ ନିଜର ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।


ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ କୋଲକାତା ଅଲିପୁର ଚିଡ଼ିଆଖାନାରୁ ଅଣାଯାଇଥିବା ୨ ଜିରାଫ ରବିବାର ବିଳମ୍ବିତ ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପହଞ୍ଚିଛନ୍ତି। ପୂର୍ବରୁ ଏଠାରେ ଗୋଟିଏ ଜିରାଫ 'ଖୁସି' ରହି ନିଃସଙ୍ଗ ଜୀବନ ବିତାଉଥିଲା।

# ୪ ଯାଏ ଶୁଖିଲା ପାଗ

ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

ମନସୁନ୍ ଟ୍ରଫ୍ ଲାଇନ ବଙ୍ଗୋପସାଗରର ଦକ୍ଷିଣ-ପୂର୍ବ ଦିଗରେ ବ୍ୟାପିଛି। ସେହିପରି ଆସନ୍ତା ୫ ତାରିଖ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ଏବଂ ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଦିଗରେ ଆଉଏକ ଲଘୁଚାପ ସୃଷ୍ଟି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ତେବେ ସେପର୍ଯ୍ୟନ୍ତ ରାଜ୍ୟରେ ପାଗ ପ୍ରାୟ ଶୁଖିଲା ରହିବ। ସୋମବାର କାଁଭାଁ କେତେକ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଦିନବେଳା ଅଧିକାଂଶ ସ୍ଥାନରେ ଗୁଳୁଗୁଳି ଅନୁଭୂତ ହୋଇଥିଲା। ପାରଳାଖେମୁଣ୍ଡିରେ ତାପମାତ୍ରା ସର୍ବାଧିକ ୩୬.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ୪ ତାରିଖ ପର୍ଯ୍ୟନ୍ତ ବଡ଼ ବର୍ଷାର ଆଶଙ୍କା ନ ଥିବାବେଳେ ୫ ତାରିଖରେ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହୋଇପାରେ।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୨।୯(ଅନିଲଦାସ)

ସମ୍ବଲପୁରର ପୂର୍ବତନ ସଦସ୍ୟ ସ୍ୱର୍ଗତ ଅଶ୍ୱିନୀ ଗୁରୁଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ ପ୍ରସ୍ତାବ ଗୃହୀତ ହୋଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୁରମା ପାଢ଼ୀ ସ୍ୱର୍ଗତ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଗତ କରିବା ସହ ପରଲୋକଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ।




# ବିଧାନସଭାରେ 'ସୁଭଦ୍ରା' ଯୋଜନା ତାତି

## ବିରୋଧୀଙ୍କ ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨।୯(ଅନିଲଦାସ)

ସୁଭଦ୍ରା ଯୋଜନାକୁ ନେଇ ବିଧାନସଭାରେ ଉତ୍ତେଜନା ଦେଖାଦେଇଛି। ଏହି ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ କରିବା ଦାବିରେ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ଠପ୍ ହୋଇଯାଇଛି। ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ସବୁ କିଛି ହୋହଲ୍ଲାରେ ହଜିଯାଇଛି। ବାଚସ୍ପତି ବାଧ ହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରବେଶ କରିଥିଲେ। ଶୋକ ପ୍ରସ୍ତାବ ଆଲୋଚନା ପରେ ୧୦ଟା ୩୯ ମିନିଟ୍‌ରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୁଭଦ୍ରା ଯୋଜନା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ଏହି ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ କାହିଁକି ସାମିଲ କରାଯିବ ନାହିଁ ଦାବି କରି ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ କରିବା ଆମର ଦାବି... ଆମର ଦାବି ସ୍ଲୋଗାନ ଦେଇ ବିଧାନସଭାକୁ ବିଜେଡି ସଦସ୍ୟମାନେ କମ୍ପାଇ ଦେଇଥିଲେ। କଂଗ୍ରେସ ସଭ୍ୟମାନେ ମଧ୍ୟ ବିଜେଡି ସହ ତାଳ ମିଳାଇଥିଲେ। କିଛି ସମୟ ପାଇଁ ବିଧାନସଭାରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଭାଜପା ସଭ୍ୟ ଆଶ୍ରିତ ପଟ୍ଟନାୟକ ପଚାରିଥିବା ୪୮୧ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ହଟ୍ଟଗୋଳ ମଧ୍ୟରେ ଉତ୍ତର ପଢ଼ିବା ଆରମ୍ଭ କରିଥିଲେ। ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ୧୦ଟା ୩୯ରୁ ୧୧ଟା ୩୭ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ବିଭିନ୍ନ ପର୍ଯ୍ୟାୟରେ ମଧ୍ୟାହ୍ନ ୧ଟା ଯାଏ ଆରମ୍ଭ ହୋଇଥିଲା। ତେବେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ବିରୋଧୀ ସଭ୍ୟମାନେ ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ବିଜେଡି ଏହି ପ୍ରସଙ୍ଗକୁ ପୁଣି ଦୋହରାଇ ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କୁ ସାମିଲ କରିବା ଦାବି ରଖିଥିଲା। ବାଚସ୍ପତି ବିରୋଧୀଙ୍କ କଥାକୁ କର୍ଣ୍ଣପାତ ନ କରିବାରୁ ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ଗୃହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା।

ରାଜ୍ୟ ସରକାର ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ପାଇଁ ଏସ୍‌ଓପି ଜାରି କରିଛନ୍ତି। ଏହି ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୨ଟି କିସ୍ତିରେ ୧୦ ହଜାର ଟଙ୍କାର ଭାଉଚର ମିଳିବ। ଏ ନେଇ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି।



"କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ପିଲାଙ୍କ ଭବିଷ୍ୟତ ବିପଦରେ

୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ୍‌ର ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ପାଲେଷ୍ଟାଇନ ଉଗ୍ରବାଦୀ ସଂଗଠନ ହମାସ୍ ଆକ୍ରମଣ କରିଥିଲା। ଏଥିରେ ୧,୧୩୯ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପାଖାପାଖି ୨୫୦ ଜଣଙ୍କୁ ସେମାନେ ପଣବନ୍ଦୀ କରି ରଖିବା ପରେ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିଲା। ଇସ୍ରାଏଲ୍‌ର ପାଲଟା ଆକ୍ରମଣକୁ ୧୦ ମାସ ପୂରିଗଲାଣି ଓ ଏହା ଯୋଗୁ ମଧ୍ୟପ୍ରାଚ୍ୟରେ ଅଶାନ୍ତି ବଢ଼ିଚାଲିଛି। ବର୍ତ୍ତମାନ ପାଲେଷ୍ଟାଇନ ସପକ୍ଷରେ ଇସ୍‌ଲାମୀୟ ଦେଶଗୁଡ଼ିକର ସମର୍ଥନ ବୃଦ୍ଧି ପାଉଥିବା ବେଳେ ଇରାନ ଇସ୍ରାଏଲ୍ ବିପକ୍ଷରେ ସାମ୍ନାକୁ ଆସିଛି। ଇରାନ ସମର୍ଥିତ ଲେବାନନ୍‌ର ହିଜବୋଲା ଉଗ୍ରବାଦୀ ଗୋଷ୍ଠୀ ଇସ୍ରାଏଲ୍ ଉପରେ ଆକ୍ରମଣ ଜାରି ରଖିଛି। ଏହା ସହ ୟେମେନର ହୁଟି ଉଗ୍ରବାଦୀ ଗୋଷ୍ଠୀ ପାଲେଷ୍ଟାଇନ ସମର୍ଥନରେ ରହି ଇସ୍ରାଏଲ୍ ପ୍ରତି ସମସ୍ୟା ସୃଷ୍ଟିକରିବାରେ ଲାଗିଛି। ଏହି ଯୁଦ୍ଧରେ ଏବେ ସୁଦ୍ଧା ଉଭୟ ପକ୍ଷର ୪୨,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି। ଏମାନଙ୍କ ମଧ୍ୟରେ ୪୦ ହଜାରରୁ ଅଧିକ ହେଉଛନ୍ତି ପାଲେଷ୍ଟିନୀୟ। ୟୁନିସେଫ (ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍ଡ୍ରେନ୍‌ସ ଏମର୍ଜେନ୍ସି ଫଣ୍ଡ) ତଥ୍ୟ ଅନୁଯାୟୀ,ଏହି ଯୁଦ୍ଧରେ ୫ ଏପ୍ରିଲ ୨୦୨୪ ସୁଦ୍ଧା ପାଖାପାଖି ୧୪,୦୦୦ ପାଲେଷ୍ଟିନୀୟ ପିଲାଙ୍କର ମୃତ୍ୟୁ ଘଟିବା ସହ ୧୯,୦୦୦ରୁ ଅଧିକ ଅନାଥ ହୋଇଯାଇଛନ୍ତି। ଉଲ୍ଲେଖନୀୟ ଯେ, ବିଶ୍ୱରେ ପିଲାମାନଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜାତିସଂଘର ଏକ ସଂସ୍ଥା ଭାବେ ୟୁନିସେଫ୍ ଗାଜାର ଅନାଥ ଶିଶୁଙ୍କ ଉପରେ ଚିନ୍ତା ପ୍ରକଟ କରିଛି। ଯୁଦ୍ଧବେଳେ ମାତାପିତାଙ୍କଠାରୁ ଅଲଗା ହୋଇଯାଉଥିବା ପିଲାଙ୍କୁ ପରିବାର ସହ ମିଶାଇବା ଲାଗି ଉପାୟ ଆପଣାଇ ଗାଜାର ବିଭିନ୍ନ ଅଞ୍ଚଳରେ ପିଲାଙ୍କୁ ୪ ଲକ୍ଷ ୫୦ ହଜାର ବ୍ରେସ୍‌ଲେଟ ବଣ୍ଟନ କରିବାକୁ ଘୋଷଣା କରିଛି। ଏଥିରେ ପିଲାଙ୍କ ନାମ, ଜନ୍ମ ତାରିଖ ଓ ପରିବାରର ଜଣେ ସଦସ୍ୟଙ୍କ ଫୋନ ନମ୍ବର ରହିବ। ସୂଚିତ କରାଯାଇପାରେ ଯେ, ଜାତିସଂଘ ବିଶ୍ୱରେ ଜାରି ରହିଥିବା ଯୁଦ୍ଧ ସ୍ଥିତି କିମ୍ବା ଜାତିଗତ ସଂଘର୍ଷ କ୍ଷେତ୍ରରେ କୌଣସି ପ୍ରଭାବ ପକାଇ ପାରିନାହିଁ। ଏବେ ୟୁନିସେଫ୍‌ର ବ୍ରେସ୍‌ଲେଟ ବିଚାର ହୁଏତ ପିଲାଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇପାରେ, କିନ୍ତୁ ମୂଳ ସମସ୍ୟା ଦୂର ହେବା ସମ୍ଭବପର ନୁହେଁ, କାରଣ ବିଶ୍ୱରେ ବିଭିନ୍ନ ଯୁଦ୍ଧ ଓ ଜାତି ବା ବର୍ଣ୍ଣଗତ ସଂଘର୍ଷରୁ ପିଲାଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ମନେପକାଇ ଦିଆଯାଇପାରେ ଯେ, ପାଲେଷ୍ଟାଇନ ଉପରେ ଇସ୍ରାଏଲ୍ ଆକ୍ରମଣ କରିବାର ପ୍ରାୟ ଦେଢ଼ବର୍ଷ ପୂର୍ବରୁ ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ଏବେ ସୁଦ୍ଧା ୟୁକ୍ରେନ୍‌ର ପାଖାପାଖି ୨୦୦୦ ପିଲାଙ୍କର ମୃତ୍ୟୁ ଘଟିଛି। ଏହାସହ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶର ମୋଟ ପିଲାସଂଖ୍ୟାର ପାଖାପାଖି ଅଧା ୪.୩ ମିଲିୟନ ପରିବାର ସହ ଦେଶ ଭିତରେ ବିସ୍ଥାପିତ ହୋଇଥିଲେ ଓ ପୋଲାଣ୍ଡ, ରୋମାନିଆ ମୋଲଡୋଭା, ହଙ୍ଗେରି ଆଦି ଦେଶକୁ ପଳାୟନ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଶିଶୁ ଦେଶକୁ ଫେରିଥିଲେ ମଧ୍ୟ ସେଠାରେ ଅଶାନ୍ତ ସ୍ଥିତି ଯୋଗୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଭୀଷଣ ଭାବେ ପ୍ରଭାବିତ ହେବାରେ ଲାଗିଛି। ବର୍ତ୍ତମାନ ପାଲେଷ୍ଟାଇନ ଓ ୟୁକ୍ରେନ୍‌ର ଯୁଦ୍ଧ ପରିବେଶ ଜଟିଳ ଥିବାରୁ ପିଲାମାନଙ୍କ ପ୍ରତି ଅଧିକ ବିପଦର ସମ୍ଭାବନା ଦେଖାଦେଇଛି। ଏହା ବ୍ୟତୀତ ନାଇଜେରିଆ, କଙ୍ଗୋ, ବୁକ୍ରିନା ଫାସୋ, ରିପବ୍ଲିକ ଅଫ କଙ୍ଗୋ, ହାଇତି ଓ ସୁଦାନର ଜାତିଗତ ହିଂସା ମୁଖ୍ୟତଃ ଶିଶୁମାନଙ୍କୁ ବଞ୍ଚିବା ପାଇଁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିଦେଇଛି। ଏପରି କି ନାଇଜେରିଆର ବୁକୋ ହାରାମ ଉଗ୍ରବାଦୀ ସଂଗଠନ ପିଲାମାନଙ୍କୁ ଯୁଦ୍ଧରେ ଯୋଦ୍ଧା ଭାବେ ସାମିଲ କରୁଛି।

ଉଲ୍ଲେଖନୀୟ ଯେ, ଯୁଦ୍ଧ ଓ ଜାତି ବା ବର୍ଣ୍ଣଗତ ସଂଘର୍ଷରୁ ପିଲାଙ୍କ ସମସ୍ୟା ବଢୁଛି। ଅନ୍ତର୍ଜାତୀୟ ସ୍ତରରେ ଅଶାନ୍ତିକୁ ଛାଡ଼ି ନିଜ ଦେଶକୁ ଫେରିଲେ ଅଧିକ ବ୍ୟସ୍ତ ହେଲାଭଳି ପରିସ୍ଥିତି ଦେଖାଯାଉଛି। ଏହା ମଣିପୁର ଜାତିଗତ ସଂଘର୍ଷରେ ଦେଖିବାକୁ ପାଇଛୁ। ଏଥିରେ ବିସ୍ଥାପିତ ହୋଇଥିବା ପ୍ରାୟ ୫୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ପାଖାପାଖି ୧୪ ଶିଶୁ ସମ୍ପୃକ୍ତ ଅଛନ୍ତି। ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବା ସହ ଭୟର ବାତାବରଣରେ ରହୁଛନ୍ତି। ବିଶ୍ୱରେ ଯୁଦ୍ଧ ଓ ସଂଘର୍ଷ ସବୁ ବନ୍ଦ ନ ହେଲେ ସେହି ଅଞ୍ଚଳର ଏପରି କି ଆଶ୍ରୟସ୍ଥଳୀରେ ରହୁଥିବା ପିଲାଙ୍କ ସମସ୍ୟା ବଢ଼ି ଚାଲିବ। ଏହା କହିଲା ବେଳକୁ ଆମେ ମଧ୍ୟ ସଚେତନ ଯେ, ଆଧୁନିକ ପୃଥିବୀରେ ଯୁଦ୍ଧ ବନ୍ଦ ହେବା ସମ୍ଭବପର ନୁହେଁ। ବିଶ୍ୱର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ଦିନ ଯୁଦ୍ଧ ହେଉଛି, ଯେଉଁଥିରେ ଶିଶୁ ଓ ମହିଳା ସର୍ବାଧିକ କଷ୍ଟ ସହୁଛନ୍ତି। ମଣିପୁର ଆମ ଦେଶବାସୀଙ୍କୁ ସୂଚାଇଦେବା କଥା ଯେ, ଭାରତରେ ଯେକୌଣସି ଅଞ୍ଚଳରେ ଯେକୌଣସି ସମୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ତାହା ହେଲେ କିଏ ଶିକାର ହେବ ତାହା କହିବା କାହାରି ପାଇଁ ସମ୍ଭବପର ନୁହେଁ।

**ବିଶ୍ୱର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ଦିନ ଯୁଦ୍ଧ ହେଉଛି, ଯେଉଁଥିରେ ଶିଶୁ ଓ ମହିଳା ସର୍ବାଧିକ କଷ୍ଟ ସହୁଛନ୍ତି। ମଣିପୁର ଆମ ଦେଶବାସୀଙ୍କୁ ସୂଚାଇଦେବା କଥା ଯେ, ଭାରତରେ ଯେକୌଣସି ଅଞ୍ଚଳରେ ଯେକୌଣସି ସମୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ତାହା ହେଲେ କିଏ ଶିକାର ହେବ ତାହା କହିବା କାହାରି ପାଇଁ ସମ୍ଭବପର ନୁହେଁ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 3 | 9 | | | | | | 5 | |
| | | 4 | | | | 1 | 9 | 7 |
| | | | 3 | | | | | 1 |
| | 1 | | | 2 | 6 | 8 | | |
| 7 | | | | | 8 | 4 | | |
| | | | | 7 | 4 | | | |
| 6 | | | | | | 5 | 1 | |
| 1 | | 3 | | 6 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 1 | 3 | 5 | 2 | 9 | 6 |
| 6 | 1 | 3 | 9 | 2 | 8 | 5 | 4 | 7 |
| 5 | 9 | 2 | 6 | 4 | 7 | 3 | 8 | 1 |
| 8 | 5 | 1 | 2 | 9 | 6 | 7 | 3 | 4 |
| 4 | 6 | 7 | 5 | 8 | 3 | 9 | 1 | 2 |
| 3 | 2 | 9 | 4 | 7 | 1 | 8 | 6 | 5 |
| 1 | 8 | 6 | 7 | 5 | 9 | 4 | 2 | 3 |
| 9 | 7 | 4 | 3 | 6 | 2 | 1 | 5 | 8 |
| 2 | 3 | 5 | 8 | 1 | 4 | 6 | 7 | 9 |

ଗତକାଲିର ଉତ୍ତର

# ସୁସହାବସ୍ଥାନର ନିଦର୍ଶନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ଓ ଧର୍ମ ଏକାସଙ୍ଗେ ସୃଷ୍ଟି ହୋଇନାହାନ୍ତି। ପ୍ରଥମେ ସୃଷ୍ଟି ହୋଇଛି ମଣିଷ। ପରେ ମଣିଷ ସୃଷ୍ଟି କରିଛି ଆନୁଷ୍ଠାନିକ ଧର୍ମ। କ୍ରମେ ରୁଚି ଓ ବିଶ୍ୱାସ ଅନୁସାରେ ଧର୍ମ ବହୁଧା ବିଭକ୍ତ ହୋଇଛି ଓ ଧର୍ମକୁ କେନ୍ଦ୍ର କରି ଗୋଷ୍ଠୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ଧର୍ମୀୟ ଗୋଷ୍ଠୀ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ ପ୍ରତିପାଦନ କରିବାକୁ ଚେଷ୍ଟା କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ସୃଷ୍ଟି ହେଉଛି ଦ୍ୱନ୍ଦ୍ୱ ଓ କଳହ। ପୃଥିବୀରେ ଧର୍ମକୁ ନେଇ ଅନେକ ଯୁଦ୍ଧ ସଂଘଟିତ ହୋଇ ରକ୍ତପାତ ହୋଇଛି। ଆମେ ଜନ୍ମ ନେବାବେଳେ କୌଣସି ଧର୍ମ ବା ସମ୍ପ୍ରଦାୟ ବାଛିବା ପାଇଁ ସୁଯୋଗ ପାଇ ନ ଥାଉ। ଏଣୁ କୌଣସି ଧର୍ମ ବା ସମ୍ପ୍ରଦାୟ ଆମର ଅସ୍ମିତା ବୋଲି ଭାବିବା ଠିକ୍ ନୁହେଁ। ସବୁ ଧର୍ମର ଉର୍ଦ୍ଧ୍ୱରେ ରହିଛି ମାନବ ଧର୍ମ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ହେଉଛି ଏହି ମାନବ ଧର୍ମର ଭିତ୍ତି। ମଣିଷର ବିଶ୍ୱାସ ଓ ରୁଚି ଭିନ୍ନ ହୋଇପାରେ ଓ ସେହି ଅନୁସାରେ ସେ ଯେକୌଣସି ଧର୍ମ ଗ୍ରହଣ କରିପାରେ। ମାତ୍ର ମଣିଷ ଭାବରେ ସେ ପୃଥିବୀର ଯେ କୌଣସି ମଣିଷଠାରୁ ଅଭିନ୍ନ। ଏଣୁ ଗୋଟିଏ ଛାତ ତଳେ ପରିବାରର ବିଭିନ୍ନ ସଦସ୍ୟ ବିଭିନ୍ନ ଧର୍ମରେ ଆସ୍ଥା ସ୍ଥାପନ କଲେ ମଧ୍ୟ ସେମାନଙ୍କ ମଧ୍ୟରେ ସୁସହାବସ୍ଥାନ ସମ୍ଭବ ଯଦି ସେମାନେ ମାନବଧର୍ମରେ ବିଶ୍ୱାସୀ। ଏହା ସ୍ୱଚକ୍ଷୁରେ ଦେଖିଥିଲେ ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି।

ସୁଧା ମୂର୍ତ୍ତିଙ୍କ ଇନ୍‌ଫୋସିସ୍ ଫାଉଣ୍ଡେଶନରେ ଜଣେ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟରତ ଥିଲେ ରହମନ। ବାଙ୍ଗାଲୋରରେ ବନରଘଟ୍ଟା ରୋଡ୍‌ରେ ତାଙ୍କ ଘର। ଥରେ ରହମନଙ୍କ ଦ୍ୱାରା ମଧ୍ୟାହ୍ନଭୋଜନ ନିମନ୍ତେ ନିମନ୍ତ୍ରିତ ହୋଇ ସୁଧା ମୂର୍ତ୍ତି ତାଙ୍କ ଘରେ ପହଞ୍ଚିଲେ। ରହମନ ଥିଲେ ଜଣେ ମୁସଲମାନ ଓ ତାଙ୍କ ସ୍ତ୍ରୀ ଥିଲେ କିଣ୍ଡରଗାର୍ଟେନର୍ ଶିକ୍ଷୟିତ୍ରୀ ସଲମା। ସୁଧା ଚକିତ ହୋଇଥିଲେ ତାଙ୍କ ମାଆ ଓ ଭଉଣୀଙ୍କ ପରିଚୟ ଜାଣି। ମାଆ କାଶୀବାଈ ଓ ଭଉଣୀ ଉଷା ଥିଲେ ହିନ୍ଦୁ। କଥା ପ୍ରସଙ୍ଗରେ ରହମନ ସୁଧା ମୂର୍ତ୍ତିଙ୍କୁ ତାଙ୍କ ପରିବାରର ଯେଉଁ କାହାଣୀଟି ଶୁଣାଇଥିଲେ ତାହା ଥିଲା ଧାର୍ମିକ ବିବିଧତା ସତ୍ତ୍ୱେ ଏକ ସାଧୁ ସୁସହାବସ୍ଥାନର ବାର୍ତ୍ତା।

ଜମିଦାର ଶ୍ରୀକାନ୍ତ ଦେଶାଇଙ୍କ ଦଶ ଏକର ଜମି ଚାଷ କରୁଥିଲେ ଦତ୍ତୁରାମ୍। ଜମିଦାରବାବୁ ବର୍ଷକୁ ଥରେ ଆସି ତାଙ୍କଠାରୁ ଚାଷ ଅର୍ଜିତ ଅର୍ଥ ସଂଗ୍ରହ କରୁଥିଲେ। ଦତ୍ତୁରାମ୍‌ଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ତାଙ୍କ ବସାକୁ ଲାଗି ଆଉ ଏକ ବସାରେ ରହିଲେ ହୁସେନ୍ ବାବୁ। ଦତ୍ତୁରାମ୍‌ଙ୍କ ସ୍ତ୍ରୀ କାଶୀବାଈ ଓ ହୁସେନ୍‌ଙ୍କ ସ୍ତ୍ରୀ ଫତିମାଙ୍କ ସ୍ୱଭାବ ଭିନ୍ନ ଥିବାରୁ ସେମାନଙ୍କ ମନ ମିଶିଲା ନାହିଁ। ଅଧିକାଂଶ ସମୟରେ ଉଭୟେ କଳହରେ ମଗ୍ନ ରହିଲେ। କାଶୀବାଈଙ୍କ କୁକୁଡ଼ା ଫତିମାଙ୍କ ଘରେ ଅଣ୍ଡା ଦେଲେ ଫତିମା ଦାବି କରୁଥିଲେ ତାଙ୍କ କୁକୁଡ଼ା




ଅଣ୍ଡା ଦେଇଛି ଓ ତାକୁ ସେ ଫେରାଉ ନ ଥିଲେ। ଗୋଟିଏ କୂଅ ଉଭୟ ବ୍ୟବହାର କରୁଥିବାରୁ ଏକ ସମୟରେ ଲୁଗା ସଫା କରିବା ଓ ବାସନ ମାଜିବା ସମୟରେ ଛୋଟ ଛୋଟ କଥାକୁ ନେଇ ସେମାନେ କଳହ କରୁଥିଲେ। ଜଣକର ଛେଳି ଆଉ ଜଣକ ଗଛର ପତ୍ର କାହିଁକି ଖାଇଲା–ତାକୁ ନେଇ ମଧ୍ୟ କଳହ ହେଉଥିଲା। ମାତ୍ର ଅପରପକ୍ଷରେ ଦତ୍ତୁରାମ୍ ଓ ହୁସେନ୍ ଏହି କଳହ ଦ୍ୱାରା ପ୍ରଭାବିତ ନ ହୋଇ ସେମାନଙ୍କ ସୁସମ୍ପର୍କ ଜାରି ରଖିଥିଲେ।

କାଶୀବାଈଙ୍କ ଝିଅ ଉଷାଙ୍କୁ ଯେତେବେଳେ ଦୁଇବର୍ଷ ହେଲା ଓ ସେ ଅଗଣାରେ ଖେଳିବା ଆରମ୍ଭ କଲା, ଫତିମା ତା' ପ୍ରତି ଆକର୍ଷିତ ହେଲେ। ତା' ସଙ୍ଗେ ଖେଳିଲେ ଓ ଆନନ୍ଦ ପାଇଲେ। ସମୟକ୍ରମେ ଫତିମା ଗର୍ଭବତୀ ହେଲେ। ଠିକ୍ ସମୟରେ ତାଙ୍କର ଏକ ପୁତ୍ରସନ୍ତାନ ଜନ୍ମ ହେଲା। ମାତ୍ର ଫତିମା ତାକୁ ଜନ୍ମ ଦେଇ ପ୍ରାଣତ୍ୟାଗ କଲେ। ସେହି ଘଟଣା କାଶୀବାଈଙ୍କ ହୃଦୟକୁ ବିଗଳିତ କଲା। ସେହି ପିଲାଟିର ନାମ ଥିଲା ରହମନ୍। ହୁସେନ୍ ବାବୁଙ୍କ କେହି ନିକଟ ସମ୍ପର୍କୀୟ ନ ଥିବାରୁ ନିଜେ ହିଁ ପୁଅକୁ ଲାଳନପାଳନ କଲେ। ଦିନେ ରାତିରେ ମାତୃହରା ରହମନ୍ ଏତେ ଜୋର୍‌ରେ କାନ୍ଦିଲା ଯେ ହୁସେନ୍ ତାକୁ ତୁନି କରିପାରିଲେ ନାହିଁ। କାଶୀବାଈଙ୍କ ମାତୃହୃଦୟ ବିଗଳିତ ହେଲା। ସେହି ରାତିରେ ସେ ହୁସେନ୍‌ଙ୍କ ଘରକୁ ଯାଇ କହିଲେ, ''ଶିଶୁଟିକୁ ମୋତେ ଦିଅ। ମୁଁ ଜଣେ ମାଆ। ତାକୁ କେମିତି ତୁନି କରିହେବ ତାହା ମୋତେ ଜଣା।'' କାଶୀବାଈ ଶିଶୁକୁ ଆଣିଲେ ଓ ତାକୁ ତୁନି କଲେ। ତା' ପରଠାରୁ ସେ ଶିଶୁ ରହମନ୍‌କୁ ମାତୃସ୍ନେହ ଦେଇ ଲାଳନପାଳନ କଲେ। ରହମନ୍ ଓ ଉଷା ଭାଇ ଭଉଣୀ ଭଳି ମାଆ କାଶୀବାଈଙ୍କ ଦ୍ୱାରା ପାଳିତ ହେଲେ। ସମୟକ୍ରମେ ହୁସେନ୍ ବାବୁଙ୍କ ମୃତ୍ୟୁ ହେଲା। କାଶୀବାଈ ଥିଲେ ଜଣେ ଧର୍ମ ସଚେତନ ମହିଳା। ରହମନ୍ ମୁସଲମାନ ସନ୍ତାନ ହୋଇଥିବାରୁ ତାକୁ ନମାଜ ପଢ଼ିବା ପାଇଁ ଓ କୋରାନ୍ ପାଠ କରିବା ପାଇଁ ମସ୍‌ଜିଦ ପଠାଉଥିଲେ। ତତ୍‌ସଙ୍ଗେ ସଙ୍ଗେ ହିନ୍ଦୁ ପର୍ବପର୍ବାଣିରେ ମଧ୍ୟ ତାକୁ ସାମିଲ କରୁଥିଲେ। ସ୍ନାତକ ଶିକ୍ଷା ସମାପ୍ତ ହେଲା ପରେ ଦିନେ କାଶୀବାଈ ରହମନ୍‌କୁ କହିଲେ, ''ତୋ ମା' ବାପାଙ୍କ ଫଟୋ ନାହିଁ। ଏଣୁ ତୁ ମକ୍କା ଆଡ଼େ ମୁହଁ କରି ଆଲ୍ଲାଙ୍କୁ ପ୍ରାର୍ଥନା କଲା ପରେ ତୋ ମା' ବାପାଙ୍କୁ ପ୍ରାର୍ଥନା କରି ସେମାନଙ୍କ ଆଶୀର୍ବାଦ ଭିକ୍ଷା କର।'' ରହମନ୍ କାଶୀବାଈଙ୍କ ପାଦସ୍ପର୍ଶ କରି କହିଲା, ''ଏହି ଜୀବନରେ ତୁମେ ମୋ ମକ୍କା ଓ ତୁମେ ମୋ ମାଆ।'' ଏହା ଶୁଣି ଭାବବିହ୍ୱଳ ହୋଇଥିଲେ କାଶୀବାଈ। ପରବର୍ତ୍ତୀ ସମୟରେ ରହମନ୍ ଚାକିରି କଲା, ବିବାହ କଲା ଓ ସଂସାର କଲା। ତା'ର ଘର କାନ୍ଥରେ ଶୋଭାପାଇଲା ଲଗାଲଗି ଦୁଇଟି ଫଟୋ– ଗୋଟିଏ ମକ୍କାର ଓ ଅନ୍ୟଟି ଭଗବାନ୍ ଶ୍ରୀକୃଷ୍ଣଙ୍କର। ହିନ୍ଦୁ–ମୁସଲମାନ ମୂଲ୍ୟବୋଧର ସାଧୁ ସୁସହାବସ୍ଥାନର ବାର୍ତ୍ତା ଦେଲା ରହମନ୍‌ର ପରିବାର। ସାରା ଦୁନିଆକୁ ସୂଚାଇ ଦେଲା କୌଣସି ଆନୁଷ୍ଠାନିକ ଧର୍ମ ଆମର ଅସ୍ମିତା ନୁହେଁ, ମାନବିକତା ହେଉଛି ଆମର ଅସ୍ମିତା।

କେବଳ ପାରିବାରିକ ନୁହେଁ, ସାମାଜିକ ଜୀବନରେ ମଧ୍ୟ ଧାର୍ମିକ ବିବିଧତା ସତ୍ତ୍ୱେ ସୁସହାବସ୍ଥାନ ସମ୍ଭବ। ଭାରତର ପ୍ରାକ୍ତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ବାପା ଥିଲେ ଜଣେ ନିଷ୍ଠାପର ମୁସଲମାନ। ରାମନାଥସ୍ୱାମୀ ମନ୍ଦିରର ପୂଜକ ପାକ୍ଷୀ ଲକ୍ଷ୍ମଣ ଶାସ୍ତ୍ରୀ ଥିଲେ ତାଙ୍କର ଅନ୍ତରଙ୍ଗ ବନ୍ଧୁ। ସେ ଅଞ୍ଚଳରେ ଥିବା ଚର୍ଚ୍ଚର ଫାଦର ଥିଲେ ବନ୍ଧୁ ବୋଡ଼ାଲ। ପ୍ରତ୍ୟେକ ନିଜ ନିଜର ଧର୍ମୀୟ ପରମ୍ପରା ଅନୁସାରେ ପୋଷାକ ପିନ୍ଧୁଥିଲେ। ତିନିଜଣ ଭିନ୍ନ ଭିନ୍ନ ଧାର୍ମିକ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ସେମାନେ ପରସ୍ପରକୁ ମିତ୍ର ଚକ୍ଷୁରେ ଦେଖୁଥିଲେ। ପ୍ରତ୍ୟେକ ଶୁକ୍ରବାର ସନ୍ଧ୍ୟାରେ ସେମାନେ ଏକତ୍ର ବସି ସହରର ବିଭିନ୍ନ ଘଟଣା ଆଲୋଚନା କରୁଥିଲେ। ତିନି ଧର୍ମର ଲୋକମାନଙ୍କ ମଧ୍ୟରେ କିପରି ଶାନ୍ତିପୂର୍ଣ୍ଣ ବାତାବରଣ ରହିବ ସେ ସମ୍ପର୍କରେ ସେମାନେ ସର୍ବଦା ଚେଷ୍ଟିତ ଥିଲେ। ସବୁ ଧର୍ମାବଲମ୍ବୀମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଥିଲା। ରାମେଶ୍ୱରମ୍‌ର ବୈଶିଷ୍ଟ୍ୟ। ସେଠାରେ ଧାର୍ମିକ ବିବିଧତା ସୁସହାବସ୍ଥାନ ପଥରେ କେବେ ବି ଅନ୍ତରାୟ ସୃଷ୍ଟି କରି ନ ଥିଲା।

ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ସ୍କୁଲରେ ନାମ ଲେଖାଇବା ପାଇଁ ବାପା ଅନୱାର୍ ସରିଫ୍ ଓ ମାଆ ଲକ୍ଷ୍ମୀଦେବୀ ପୁଅ ଜୀବନକୁ ନେଇ ସ୍କୁଲ ଆସିଲେ। ପ୍ରଧାନ ଶିକ୍ଷକ ମା' ବାପାଙ୍କୁ ପଚାରିଲେ, 'ଧର୍ମ କ'ଣ ଲେଖିବି?' ସେମାନେ କହିଲେ, 'କୌଣସି ଧର୍ମ ଲେଖନ୍ତୁ ନାହିଁ।' ପ୍ରଧାନ ଶିକ୍ଷକ ଚିନ୍ତିତ ହୋଇପଡ଼ିଲେ ଓ କହିଲେ, ''ପିଲାଟି ଯେତେବେଳେ ବଡ଼ ହୋଇଯିବ, ସେତେବେଳେ ସେ ଧର୍ମର ଆବଶ୍ୟକତା ଅନୁଭବ କରିବ।'' ଅନୱାର୍ ଓ ଲକ୍ଷ୍ମୀଦେବୀ କହିଲେ, ''ସେତେବେଳେ ଜୀବନ ନିଜ ରୁଚି ଓ ଇଚ୍ଛା ଅନୁସାରେ ନିଜ ପାଇଁ ଧର୍ମ ବାଛିବ।'' ଏହି କଥା କହିବାର ତାତ୍ପର୍ଯ୍ୟ ହେଉଛି ନିଜକୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଭାବରେ ପରିଚୟ ଦେଇ ତାହା ନିଜର ଅସ୍ମିତା ବୋଲି କହିବା ଠିକ୍ ନୁହେଁ। ଆମର ପ୍ରଥମ ଅସ୍ମିତା ହେଉଛି ଆମେ ମଣିଷ ଓ ମାନବିକତା ଆମର ଧର୍ମ। କୌଣସି ଆନୁଷ୍ଠାନିକ ଧର୍ମରେ ବିଶ୍ୱାସ ନ କରି ମଧ୍ୟ ଜଣେ ମଣିଷ ଭାବରେ ଶୃଙ୍ଖଳିତ ଜୀବନଯାପନ କରିବା ସମ୍ଭବ।

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ସୁରକ୍ଷା–ନାରୀର ମୌଳିକ ଦାବି



ଡ. ମୌସୁମୀ ପରିଡ଼ା

ଅଗଷ୍ଟରେ ସ୍ୱାଧୀନତା ହାସଲ କରିଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହି ମାସଟି ଅବିସ୍ମରଣୀୟ। ତ୍ରିରଙ୍ଗା ପତାକା ଲହରାଇବାର ଦାୟିତ୍ୱ ଓ ପତାକାର ସମ୍ମାନ ସୁରକ୍ଷା ଅବଶ୍ୟ ଦୁଇଟି ଭିନ୍ନ ପ୍ରସଙ୍ଗ। ଯେଉଁ ଦେଶରେ ମା' ତା'ର ଶିଶୁକନ୍ୟାକୁ ପ୍ରାଥମିକ ସ୍କୁଲ ଓ ମଧ୍ୟବୟସ୍କ ପୁଅଝିଅମାନେ ସେମାନଙ୍କ ସତୁରି ବର୍ଷର ବୃଦ୍ଧା ମାଆକୁ ଘରେ ଏକାକୀ ଛାଡି ନିଶ୍ଚିନ୍ତରେ ରହିପାରୁନାହାନ୍ତି ସେଠାରେ ନାରୀ ସୁରକ୍ଷା ଏକ ଦିବାସ୍ୱପ୍ନ! ୭୮ତମ ସ୍ୱାଧୀନତା ଦିବସ ପାଳନ କରିସାରିଥିବା ପ୍ରତ୍ୟେକ ଭାରତୀୟ ସାମାଜିକ କର୍ତ୍ତବ୍ୟ ଓ ସଚେତନତା ଦୃଷ୍ଟିରୁ ଯଥେଷ୍ଟ ପରିପକ୍ୱ ତ ମନରେ ସନ୍ଦେହ ଆସୁଛି!

ଅଗଷ୍ଟରେ ଘଟିଯାଇଛି ଅନେକ ଅଘଟଣ। ଅଗଷ୍ଟ ୧୪ତାରିଖରେ ମହାରାଷ୍ଟ୍ର ଠାଣେ ଜିଲା ଅନ୍ତର୍ଗତ ବଦଲାପୁରର ନାମୀଦାମୀ ସ୍କୁଲରେ ଜଣେ ସଫେଇ କର୍ମଚାରୀ ଦ୍ୱାରା ୩, ୪ ବର୍ଷର ଦୁଇଝିଅଙ୍କ ବଳାତ୍କାର, ଚଳିତ ରାଖୀପୂର୍ଣ୍ଣିମା ଦିନ ଛତିଶଗଡର ରାୟଗଡ଼ ଜିଲାରେ ଜଣେ ଆଦିବାସୀ ମହିଳା ସହିତ ହୋଇଥିବା ଗଣବଳାତ୍କାର ମାନବତାକୁ ଦୋହଲାଇଦେଇଛି! ୨୦୧୨ ଡିସେମ୍ବର ୧୬ ତାରିଖର ନିର୍ଭୟା–କାଣ୍ଡର ବୀଭତ୍ସତା ମନରୁ ଲିଭିନାହିଁ । ପଶ୍ଚିମବଙ୍ଗରେ କାର୍ଯ୍ୟରତା ପିଜି ଡାକ୍ତର ଛାତ୍ରୀଙ୍କ ସହିତ ତଦନୁରୂପ ନାରକୀୟ କାଣ୍ଡ ବିଶ୍ୱଦରବାରରେ ଦେଶକୁ ନିନ୍ଦିତ ଓ ମାନବତାକୁ ହତ୍ୟା କଲା ସଦୃଶ। ବିଡମ୍ବନା ଯେ ନିର୍ଭୟାକାଣ୍ଡର ସାତବର୍ଷ ପରେ ଅପରାଧୀମାନଙ୍କୁ ଫାଶୀ ଦଣ୍ଡାଦେଶ ମିଳିଥିଲା! ଏଭଳି ଗୁରୁତର ଅଘଟଣର ତତ୍‌କ୍ଷଣାତ (ଫାଷ୍ଟଟ୍ରାକ୍ କୋର୍ଟ) ଶୁଣାଣି ନ ହୋଇ ବର୍ଷ ବର୍ଷ ଲାଗିଯାଉଥିବାରୁ ଯୌନ ନିର୍ଯାତନା–ବୃଦ୍ଧି ଉଦ୍‌ବେଗର କାରଣ ହୋଇଛି।

ଚଳିତ ମାସ ୨୦ରେ ଉତ୍ତରପ୍ରଦେଶର କୌଶାମ୍ବୀ ଜିଲାରେ ନାବାଳିକାଙ୍କୁ ବଳାତ୍କାର କରିବା ସହିତ କନୌଜଠାରେ ମଧ୍ୟ ଏଭଳି ଘଟଣା ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏତିକିରେ ଆମ ଲୋକଙ୍କ ବର୍ବରତା ସୀମିତ ନୁହେଁ, ଝାଡଖଣ୍ଡର ଦୁମ୍‌କାଠାରେ ବିଦେଶୀ ସ୍ପେନୀୟ ମହିଳା ବ୍ଲଗର୍‌ଙ୍କ ସହ ହୋଇଥିବା ଗଣବଳାତ୍କାର ସାରା ବିଶ୍ୱରେ ଆମକୁ ଲଜ୍ଜିତ କରିସାରିଛି। ଅପରାଧୀଙ୍କ ପାଇଁ କେବଳ ଫାଶୀଦଣ୍ଡ ଯଥେଷ୍ଟ ନୁହେଁ ବୋଲି ଭାବିବାର ସମୟ ଉପନୀତ। କାରଣ ଅସାମାଜିକଙ୍କ ବର୍ବରତା ସୀମା ଲଂଘୁଛି ଆଖିଦୃଶିଆ ଦଣ୍ଡବିଧାନ ନ ଥିବାରୁ। ଏଥିପାଇଁ ଆଇନକାନୁନ ଶକ୍ତ ହେବା ଜରୁରୀ। ତଦନ୍ତକୁ ବିଳମ୍ବିତ ନ କରି ସ୍ୱତନ୍ତ୍ରତା ଦୃଷ୍ଟିରୁ ଶୀଘ୍ର ଶୁଣାଣି କରାଯିବା ଉଚିତ।

ପରିସଂଖ୍ୟାନ ଅନୁସାରେ ଭାରତରେ ପ୍ରତି ୧୫ ମିନିଟ୍‌ରେ ଗୋଟେ ବଳାତ୍କାର ମାମଲା ଦାଏର ହୁଏ। ତଦନୁଯାୟୀ ଦିନକୁ ୮୬ ଓ ବର୍ଷକୁ ଅନ୍ୟୂନ ୩୩ ହଜାର ଯୌନଶୋଷଣର ମାମଲା ଯାହା ନାରୀ ସୁରକ୍ଷା ପାଇଁ ବିରାଟ ପ୍ରଶ୍ନବାଚୀ। ଶିଶୁ ଯୌନଶୋଷଣରେ ଆମ ଦେଶ ସାରା ବିଶ୍ୱର ୧୫ତମ ସ୍ଥାନରେ! ଏହାଠାରୁ ନିନ୍ଦନୀୟ ଓ ଲଜ୍ଜାକର ତଥ୍ୟ କ'ଣ ଥାଇପାରେ।



୨୦୧୮ରେ ଥମ୍ପସନ୍ ରୟଟର୍ସ ଫାଉଣ୍ଡେଶନ୍ ଦ୍ୱାରା ମହିଳାମାନଙ୍କ ସ୍ଥିତିକୁ ନେଇ କାର୍ଯ୍ୟରତା ୫୫୦ ମହିଳା ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗ୍ଲୋବାଲ୍ ରିପୋର୍ଟ ଅନୁଯାୟୀ, ମହିଳାମାନଙ୍କ ପାଇଁ ଭାରତ ସବୁଠାରୁ ବିପଜ୍ଜନକ ଦେଶ। ନାରୀ ସୁରକ୍ଷା କ୍ଷେତ୍ରରେ ଭାରତ ଆଫଗାନିସ୍ତାନ ଓ ସିରିଆଠାରୁ ମଧ୍ୟ ପଛୁଆ। ଏଭଳି ଅନେକ ଅଘଟଣ ଘଟୁଛି, ଯାହାକୁ ବିଭିନ୍ନ ଦୃଷ୍ଟିରୁ ଚପେଇ ଦିଆଯାଉଛି। ଯାହା ସାମ୍ନାକୁ ଆସୁଛି ସେଥିପାଇଁ ଯଥାଶୀଘ୍ର ଦୃଷ୍ଟାନ୍ତମୂଳକ ଓ ଐତିହାସିକ ପଦକ୍ଷେପ ନିଆଯାଉ ନ ଥିବାରୁ ଏସବୁର ପୁନରାବୃତ୍ତି ହେଉଛି।

ନାରୀକୁ ଉଚ୍ଛୃଙ୍ଖଳ ବୋଲି କହି ଆସୁଥିବା ଜ୍ଞାନୀଗୁଣୀମାନେ ନିର୍ଭୟା ବା ପଶ୍ଚିମବଙ୍ଗର ଡାକ୍ତରୀ ଛାତ୍ରୀଙ୍କ ଘଟଣା ଉପରେ କହିବା ଉଚିତ। ଅବଶ୍ୟ ଏ ଦୁଇଟି କାଣ୍ଡ ଦୁଇଟି ଭିନ୍ନ ଦିଗ। ନୃଶଂସତାର ପ୍ରତିବାଦ ହେବା ଜରୁରୀ। ବିଖ୍ୟାତ ଚିକିତ୍ସକ ଡାକ୍ତର ରାଧାଗୋବିନ୍ଦ କରଙ୍କ ଦ୍ୱାରା ୧୮୮୬ରେ ପ୍ରତିଷ୍ଠିତ ଆର୍.ଜି. କର ମେଡିକାଲ କଲେଜର ଇତିହାସ ଉତ୍ସାହପ୍ରଦ। ଗୋଟେ ଭଡାଘରୁ ଆରମ୍ଭ ହୋଇଥିବା ଏସିଆ ମହାଦେଶର ପ୍ରଥମ ପ୍ରାଇଭେଟ୍ କଲେଜର ନାମ ଥିଲା– କାଲକାଟା ସ୍କୁଲ୍ ଅଫ୍ ମେଡିସିନ। ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୧୬ରେ ଡାକ୍ତର ରାଧାଗୋବିନ୍ଦ କରଙ୍କ ନାମାନୁସାରେ ଏହାକୁ ନାମିତ କରାଗଲା। ପ୍ଲେଗ୍, ଝାଡାବାନ୍ତି ପରି ରୋଗ ସଂକ୍ରମଣ ବେଳେ ସେ ଅଯାଚିତ ଭାବେ ସେବା ଯୋଗାଇ ଦେଉଥିଲେ। ବିଭିନ୍ନ ଅନୁସନ୍ଧାନମୂଳକ କାର୍ଯ୍ୟ କରିବାକୁ ଡାକ୍ତରମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ସ୍ୱାସ୍ଥ୍ୟସେବା ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ଔଷଧ କିଣିବାକୁ ରୋଗୀ ପାଖରେ ଅର୍ଥାଭାବ ଥିଲେ ସେ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିବା ସହିତ ବିଭିନ୍ନ ସଂଗଠନକୁ ସାଧ୍ୟମତେ ଆର୍ଥିକ ସାହାଯ୍ୟ କରୁଥିବାର ବିରଳ ଦୃଷ୍ଟାନ୍ତ ରହିଛି।

ସେଭଳି ସ୍ଥାନରେ ଡ୍ରଗ୍ସ କାରବାର, ଯୌନଶୋଷଣ, ଶବ ବିକ୍ରି, ଦଲାଲି, ପରୀକ୍ଷାରେ ଫେଲ୍ କରିବାର ଧମକ ଦେଖେଇ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦେବା ଭଳି ବ୍ୟଭିଚାର କିପରି ଚାଲୁଥିଲା ତାହା ଉଦ୍‌ବେଗଜନକ। ଦୁର୍ଘଟଣା ଘଟିଯିବା ପୂର୍ବରୁ ବ୍ୟବସ୍ଥା ବିରୋଧରେ ମୁହଁ ଖୋଲିଥିଲେ ଝିଅଟି ବଞ୍ଚିଯାଇଥାନ୍ତା। ଅପରାଧ ବଳୟରେ ନୀରବ ରହିବା ପଛରେ କାରଣ ଥାଇପାରେ, କିନ୍ତୁ ଅନ୍ୟାୟକୁ ଆଖିମୁଦି ସହ୍ୟ କରିବାରୁ ହିଁ ଅପରାଧ ବୃଦ୍ଧିପାଏ, ଏହା ମଞ୍ଜ କଥା। ଏସବୁ ତା' ସହ ଘଟୁଛି ମୋ ସହ ନୁହେଁ– ଏଭଳି ମାନସିକତା ପାଇଁ ସମାଜରେ ନାନାପ୍ରକାର ବ୍ୟଭିଚାର ବୃଦ୍ଧି ପାଏ।

ଡାକ୍ତରୀ ପାଠ ଓ କାମ ଯେତିକି କଷ୍ଟସାଧ୍ୟ ସେତିକି ବିପଦପୂର୍ଣ୍ଣ। ଡାକ୍ତରମାନଙ୍କ ଡ୍ୟୁଟି ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇନାହିଁ। ଅସମୟରେ କର୍ତ୍ତବ୍ୟରତ ଡାକ୍ତରଙ୍କ ପାଇଁ ଆଖିଦୃଶିଆ ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ମହିଳା ଡାକ୍ତରମାନେ କିପରି ରୋଗୀ ଚିକିତ୍ସା କରିପାରିବେ? ନା ସ୍ୱତନ୍ତ୍ର ଗୃହ ଅଛି ସେମାନଙ୍କ ବିଶ୍ରାମ (ରାତି ଡ୍ୟୁଟିରେ ଥିବା) ପାଇଁ ନା ଶୌଚାଳୟ। ପ୍ରଥମେ ନିଜକୁ ସୁରକ୍ଷିତ ମଣିଲେ ହିଁ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରିହେବ। ବେଟୀ ପଢାଓ ବେଟୀ ବଚାଓ ସ୍ଲୋଗାନ୍‌ରେ କିଛି ହେବନି। ସେଥିପାଇଁ ଆବଶ୍ୟକ ଆଇନ୍‌କାନୁନ ଓ ବ୍ୟବସ୍ଥାର ପରିବର୍ତ୍ତନ ଦରକାର।

**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ

ତେଲଙ୍ଗାନାର ଡ. ରବୀନ୍ଦ୍ର ଚୌକିଦାର ଶୁଶ୍ରୁତ ଫାଉଣ୍ଡେଶନ ମାଧ୍ୟମରେ ମାଗଣାରେ ଗରିବଙ୍କୁ ଚିକିତ୍ସାସେବା ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ, ସେ ୪ ମେଧାବୀ ଗରିବ ପିଲାଙ୍କୁ ମେଡିକାଲ ପଢ଼ିବା ଲାଗି ଆର୍ଥିକ ସହାୟତା କରୁଛନ୍ତି। ଏଥିପାଇଁ ରବୀନ୍ଦ୍ର ଓ ତାଙ୍କ ଫାଉଣ୍ଡେଶନର ୬ ଜଣ ଡାକ୍ତର ସେମାନଙ୍କ ମାସିକ ଆୟର ୨୦ ପ୍ରତିଶତ ଦାନ କରୁଛନ୍ତି। ତେଲଙ୍ଗାନାର ଥୁପୁଥଣ୍ଡା ଗାଁରେ ରବୀନ୍ଦ୍ରଙ୍କ ଘର। ଆଦିବାସୀ ଅଧ୍ୟୁଷିତ ଏହି ଗାଁରେ ପିଲାଦିନେ ବହୁ କଷ୍ଟରେ ସେ ପଢ଼ିଥିଲେ। ତାଙ୍କ ପିତା ଦିନ ମଜୁରିଆ ଭାବେ କାମ କରି ରବୀନ୍ଦ୍ର ଓ ଅନ୍ୟ ଭାଇମାନଙ୍କର ପଢ଼ା ଖର୍ଚ୍ଚ ତୁଲାଉଥିଲେ। ରବୀନ୍ଦ୍ର ସ୍କୁଲ ଓ କଲେଜ ଶିକ୍ଷା ପରେ ହାଇଦ୍ରାବାଦର ଓସ୍‌ମାନିଆ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଶେଷକରି ୱାରଙ୍ଗଲସ୍ଥିତ କାକତୀୟ ମେଡିକାଲ କଲେଜରୁ ଏମ୍‌ଏସ୍ କରିଥିଲେ। ପରେ ୨୦୦୯ରେ ଚାକିରିରେ ଯୋଗଦେବା ବେଳେ ତାଙ୍କ ପିତା ଫୁସ୍‌ଫୁସ୍ କ୍ୟାନ୍‌ସରରେ ପୀଡ଼ିତ ହେବା ପରେ ଚିକିତ୍ସା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇଥିଲା। ଚାକିରିର ପ୍ରାରମ୍ଭରେ ସେ ଏହି କଷ୍ଟ ଅନୁଭବ କରିବା ପରେ ଗରିବ ଲୋକଙ୍କୁ ବ୍ୟୟ ବହୁଳ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବାକୁ ସେ ଶୁଶ୍ରୁତ ଫାଉଣ୍ଡେଶନ ଗଠନ କରି ବିନା ମୂଲ୍ୟରେ ରୋଗୀ ସେବା କରିଆସୁଛନ୍ତି। ଏହି କାର୍ଯ୍ୟରେ ବହୁ ବିଶେଷଜ୍ଞ ତାଙ୍କ ସହ ଯୋଡ଼ି ହୋଇଛନ୍ତି। ରବୀନ୍ଦ୍ର ସକାଳ ୯ରୁ ୨ଟା ଯାଏ ମେଡିକାଲରେ କାମ କରିବା ପରେ ୨ଟାରୁ ତାଙ୍କ ହସ୍ପିଟାଲରେ ରାତି ୧୦ଟା ପର୍ଯ୍ୟନ୍ତ ରୋଗୀ ସେବା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୭୫

- ବାଲିମେଳା ବନ୍ଧ ଯୋଜନାରେ ୧୦ଟି ଇସ୍ପାତ ନିର୍ମିତ କବାଟ ଲଗାଇବା ପାଇଁ ତୁଙ୍ଗଭଦ୍ରା ଷ୍ଟିଲ ପ୍ରଡକ୍ଟସ୍‌କୁ ଦାୟିତ୍ୱ ଦିଆଯାଇଛି।
- ବାଂଲାଦେଶର ରାଷ୍ଟ୍ରପତି ଖଣ୍ଡକର ମୁସ୍ତାକ ଅହମ୍ମଦ ପୂର୍ବତନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଦ୍ୱାରା ଦେଶରେ ପ୍ରଚଳନ କରାଯାଇଥିବା ଏକଦଳୀୟ ରାଜନୀତିକୁ ଉଠାଇ ଦେଇଛନ୍ତି।

## ଚିରନ୍ତନୀ

ସନ୍ଧ୍ୟା ଆସେ
ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା।
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇଞ୍ଜିନିୟରିଂ ସ୍କୁଲରେ ପଦବୀ ପୂରଣ ହେଉ

ମହାଶୟ,

କଟକସ୍ଥିତ ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରଂ ସ୍କୁଲରେ ବିଭିନ୍ନ ଟ୍ରେଡ୍‌ରେ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ତୁରନ୍ତ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ପ୍ରତି ଯତ୍ନବାନ୍ ହୁଅନ୍ତୁ। ବିନା ପ୍ରଶିକ୍ଷକଙ୍କ ଦ୍ୱାରା ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଜଣେ ଦକ୍ଷ ପ୍ରଶିକ୍ଷକ ଥିଓରି ଏବଂ ପ୍ରାକ୍ଟିକାଲରେ ଶିକ୍ଷାଦାନ କରିପାରିବ। କିନ୍ତୁ ସେଭଳି ଯୋଗ୍ୟ ଶିକ୍ଷକ ନ ରହିଲେ ପିଲାମାନେ କୌଶଳଗତ କିମ୍ବା ବ୍ୟବହାରିକ ଜ୍ଞାନ ପାଇବାରୁ ବଞ୍ଚିତ ହେବେ। ସ୍କୁଲର ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ପଦବୀ ପୂରଣ ପାଇଁ ପଦକ୍ଷେପ ନିଅନ୍ତୁ। ଅବହେଳା ଆଦୌ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିପଜ୍ଜନକ ଭାବେ ଯାଉଛନ୍ତି ଛାତ୍ରୀଛାତ୍ର

■ ବିନା ଡକ୍ୟୁମେଣ୍ଟରେ ଚାଲିଛି ଅଟୋରିକ୍ସା

■ ଯାଞ୍ଚ ବେଳେ ଧରାପଡ଼ିଲା

ବଲାଙ୍ଗୀର,୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ବିଭିନ୍ନ ସ୍କୁଲକୁ ଅଟୋରିକ୍ସାରେ ଛାତ୍ରୀଛାତ୍ର ଯିବା ଆସିବା କରୁଛନ୍ତି। ତେବେ ଅନେକ ଅଟୋରିକ୍ସାର ଠିକଣା ଡକ୍ୟୁମେଣ୍ଟ ନାହିଁ। ବଲାଙ୍ଗୀର ପୋଲିସ ପକ୍ଷରୁ ସୋମବାର ଯାଞ୍ଚ ବେଳେ ଏହା ଜଣାପଡିଛି। ବଲାଙ୍ଗୀର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସୋମବାର ସକାଳେ ୨୬ନମ୍ବର ଜାତୀୟ ରାଜପଥର ଶାସ୍ତ୍ରୀନଗର ଛକରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଅଟୋରିକ୍ସାଗୁଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଏକାଧିକ ଅଟୋରିକ୍ସାର ଠିକଣା ଡକ୍ୟୁମେଣ୍ଟ ନ ଥିବା ଜଣାପଡିଥିଲା। ବିନା କାଗଜପତ୍ରରେ ଏହି ଅଟୋରିକ୍ସାଗୁଡିକ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଛନ୍ତି। ଏହା ଅତ୍ୟନ୍ତ ବିପଜ୍ଜନକ। ଯେଉଁ ଅଭିଭାବକମାନେ ସେମାନଙ୍କ ସନ୍ତାନସନ୍ତତିଙ୍କୁ ଅଟୋରିକ୍ସା ଚାଳକଙ୍କ ଭରସାରେ ଛାଡୁଛନ୍ତି ସେଇ ଅଟେରିକ୍ସାଗୁଡିକର କ'ଣ ସ୍ଥିତି ରହିଛି ଜଣାନାହିଁ। ମୁଖ୍ୟରାସ୍ତାରେ ପ୍ରାୟ ପ୍ରତିଦିନ ଏହି ଅଟୋରିକ୍ସାଗୁଡିକ ଦୌଡୁଥିଲେ ମଧ ଆଞ୍ଚଳିକ ପରିବହନ ବିଭାଗ ଚୁପ୍ ହୋଇ ବସି ରହିଛି। ଆରଟିଓ ଅଫିସ ପକ୍ଷରୁ ଅଟୋରିକ୍ସା କି ଅନ୍ୟ ଗାଡିଗୁଡିକର ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ କେଉଁ ଗାଡିର ଫିଟନେସ ରହିଛି ଓ କେଉଁ ଗାଡି ବେଆଇନ ଭାବେ ଚାଲିଛି ତାହା ଜଣାପଡୁନାହିଁ। କୌଣସି ଅଟୋରିକ୍ସା କି ଅନ୍ୟ ଯାନବାହନକୁ ଯାଞ୍ଚ କରୁନାହିଁ। ପୋଲିସ ଇନ୍ସପେକ୍ଟର ଯଶୋବନ୍ତ ଚିନାରାଙ୍କ ନେତୃତ୍ୱରେ ସୋମବାର ପୋଲିସ ଟିମ୍ ଅଟୋରିକ୍ସା ଯାଞ୍ଚ କରିବା ପରେ ବୈଧ ଡକ୍ୟୁମେଣ୍ଟ ନ ଥିବାରୁ ଫାଇନ୍ ଆଦାୟ କରିଥିଲେ। ତୁରନ୍ତ ଅଟୋରିକ୍ସାଗୁଡିକର ଆବଶ୍ୟକ ଡକ୍ୟୁମେଣ୍ଟ ତିଆରି କରିବା ଏବଂ ଫିଟନେସ୍ ରଖିବାକୁ ପରାମର୍ଶ ଦେଇଥିଲେ।



ବଲାଙ୍ଗୀର ଶାସ୍ତ୍ରୀନଗର ଛକଠାରେ ପୋଲିସ ଟିମ୍ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କରି ଯାଉଥିବା ଅଟୋରିକ୍ସା ଯାଞ୍ଚ କରୁଛନ୍ତି।

## ଓଡ଼ିଆପାଲିରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ଖପ୍ରାଖୋଲ, ୨।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ବିଧାୟକ ପ୍ରତିନିଧି ପଦ୍ମକୁମାର ସିଂ ବରିହା, ଏପିଓ ପ୍ରଶାନ୍ତ କୁମାର ସାହୁ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ଗ୍ରାମୀଣ ଆବାସ ପାଇଁ ୨୯୨, ରାଶନ କାର୍ଡ ପାଇଁ ୧୨, ବିଭିନ୍ନ ଭତ୍ତା ପାଇଁ ୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ଏହି ଅବସରରେ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର୍ ନାଏକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନୀତା ବରୁଆ, ସୁବାସ ଛୁରା, ଦୁର୍ଯୋଧନ ଦଣ୍ଡସେନା, ଆଲୋକ ବିଶାଳ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଆଲିଶା



@ ବିଜୟିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଆନ୍ତଃବିଦ୍ୟାଳୟସ୍ତରୀୟ ପ୍ରତିଭା ଚୟନ

ଟିଟିଲାଗଡ଼,୨।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମଭେଲି ସ୍କୁଲ ପକ୍ଷରୁ ଏହାର ସର୍ଗିଗୁଡ଼ା ଶାଖା ପରିସରରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପିଲାଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ନିତାନ୍ତ ଆବଶ୍ୟକ ବୋଲି ଉପଜିଲାପାଳ କହିଥିଲେ। ଏଥିରେ ଓଡ଼ିଆ ଭାଷାରେ ବକ୍ତୃତା, ଇଂରାଜୀ ଭାଷାରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା, ପ୍ରାରମ୍ଭିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଆତ୍ମ ପରିଚୟ ପ୍ରତିଯୋଗିତା, କବିତା ପ୍ରତିଯୋଗିତା, ରଙ୍ଗତୂଳୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଡ. ଚଞ୍ଚଳ କେଜ୍ରିୱାଲ, ପ୍ରିୟଙ୍କା ଜୈନ, ସ୍ମୃତି ଅଗ୍ରୱାଲ, ବିଶିଷ୍ଟ ଗାୟକ ପଙ୍କଜ ଜାଲ, ବିଶିଷ୍ଟ ଗାୟିକା ମାନସୀ ଜାଲ, ଶତେ ବିଭାର, ପ୍ରଦୀପ ମିଶ୍ର, ଡ. ସୀତାରାମ ପାଣିଗ୍ରାହୀ, ରମେଶ ପରିଡ଼ା, ଲକ୍ଷ୍ମୀକାନ୍ତ ମହାପାତ୍ର, ଦୀପକ କୁମାର ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ନବୀନ ଜୈନ ଯୋଗ ଦେଇ ସରକାର ଶିକ୍ଷାର ଭିତ୍ତିଭୂମିର ବିକାଶ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କାର, ରାଷ୍ଟ୍ରଭକ୍ତିକୁ ପ୍ରାଥମିକତା ଦେଉଥିବା କହିଥିଲେ। ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦୀପକ ସାହୁ, ମୁଖ୍ୟ ଉପଦେଷ୍ଟା ଡ଼.ରବୀନ ଚନ୍ଦ୍ର ପରମାଣିକ, ବିଦ୍ୟାଳୟର ପ୍ରିନ୍ସପାଲ ମହେଶ୍ୱର ପ୍ରସାଦ ମିଶ୍ର, ରାକେଶ ଜୈନ, ପ୍ରିୟଙ୍କା ଜୈନ, ସହସଂଯୋଜିକା ନିଶି ବେରି ଦୀପ, ସଂଗୀତା ସାହୁ, ରିଙ୍କୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରିନ୍ସପାଲ ମହେଶ୍ୱର ପ୍ରସାଦ ମିଶ୍ର, ମୁଖ୍ୟ ଉପଦେଷ୍ଟା ଡ. ରବୀନ ଚନ୍ଦ୍ର ପରମାଣିକ, ଏଚଆର ଶାଶ୍ୱତିକା ଯୋଷୀ, ସହ ସଂଯୋଜିକା ନିଶି ବେରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଧିକାରୀଙ୍କୁ ଅସଦ୍ ବ୍ୟବହାର କରି ଅଡୁଆରେ ଶିକ୍ଷକ

ଲାଠୋର, ୨।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମରେ ଥିବା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୨ ଶିକ୍ଷକ ଅଧିକାରୀଙ୍କୁ ଅସଦ୍ ବ୍ୟବହାର କରି ଅଡୁଆରେ ପଡ଼ିଥିବା ଜଣାପଡିଛି। ଏପରିକି ଅଧିକାରୀ ଜଣକ ସମ୍ପୃକ୍ତ ଶିକ୍ଷକମାନଙ୍କ ଠାରୁ ଏକ ଲିଖିତ ମଧ୍ୟ ନେଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଆଉ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ରହିଛନ୍ତି। ଜଣେ ଶିକ୍ଷକ ଲାଠୋର ନୋଡାଲ ବିଦ୍ୟାଳୟକୁ ବଦଳି ଆସିଛନ୍ତି। ସେ ଗତ ଅଗଷ୍ଟ ୨୯ ଗୁରୁବାର ମଧ୍ୟାହ୍ନଭୋଜନ ପରେ ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀଙ୍କୁ ଫୋନ ଯୋଗେ କାଗଜପତ୍ର ସବୁ ଠିକଠାକ କଲେ କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ଅଧିକାରୀ ଜଣକ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏଥିରେ ସମ୍ପୃକ୍ତ ଶିକ୍ଷକ ଉତକ୍ଷିପ୍ତ ହୋଇ ଧମକ ଦେଇ ଫୋନ କାଟି ଦେଇଥିଲେ। ତାର କିଛି ସମୟ ପରେ ତାଙ୍କ ସହଯୋଗୀ ଶିକ୍ଷକ ସମ୍ପୃକ୍ତ ଅଧିକାରୀଙ୍କୁ ପୁଣି ଫୋନ କରି କାଗଜପତ୍ର କାହିଁକି ପ୍ରସ୍ତୁତ କରୁନାହାନ୍ତି ବୋଲି କହି ନାନା ପ୍ରକାର ଗାଳିଗୁଲଜ କରିଥିଲେ। ଧମକ ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘଟଣାବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ। ତାର କିଛି ସମୟ ପରେ ଷଡ଼ଙ୍ଗୀ ଆଉ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହା, ସିଆରସିସି ଶ୍ରୀପତି କୁମ୍ଭାର ଓ ଚକ୍ରଧର ଭୋଇ ଏବଂ କିରାଣି ମାଧବ ସାହୁଙ୍କୁ ସାଙ୍ଗରେ ନେଇ ଲାଠୋର ନୋଡାଲ ବିଦ୍ୟାଳୟରେ ପହଞ୍ଚି କାହିଁକି ଏପରି ବ୍ୟବହାର କରୁଛ ବୋଲି ଉଭୟ ଶିକ୍ଷକଙ୍କୁ ପଚାରି ବୁଝିଥିଲେ। ଅଧିକାରୀମାନଙ୍କୁ ଆପଣମାନେ କରୁଥିବା ଅପବ୍ୟବହାର ବିଷୟରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି କହି ତାଙ୍କଠାରୁ ଏକ ଲିଖିତ ନେଇ ଫେରିଥିବା ଅଧିକାରୀ ଜଣକ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଶାଖା ନାଏକଙ୍କୁ ପଚାରିବାରେ ଘଟଣାକୁ ସେ ସ୍ୱୀକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜୟଦେବ ଶାଣ୍ଢ କୁହନ୍ତି, ଏଭଳି ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ଆମେ ଦାବି କରୁଛୁ। ସେହିପରି ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝିଙ୍କୁ ପଚାରିବାରେ ଖୁବଶୀଘ୍ର ଆମେ ଘଟଣା ଉପରେ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଛନ୍ତି ।

## ସ୍ୱାଧୀନପଡ଼ା ଦୁର୍ଗାପୂଜାର ନୂତନ କମିଟି ଗଠିତ

ଟିଟିଲାଗଡ,୨।୯(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ଼ ସ୍ୱାଧୀନପଡା ଦୁର୍ଗାପୂଜା ଉପଲକ୍ଷେ ନୂତନ କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବରେ ରଞ୍ଜିତ କୁମାର ପୃଷ୍ଟି, ଉପସଭାପତି ଆନନ୍ଦ କେଡିଆ, ସମ୍ପାଦକ ଭାବେ ରଣଜିତ କୁମାର ସେଠ, ସହସମ୍ପାଦକ ପ୍ରଦୀପ ବେହେରା, ସଞ୍ଜୟ ବେହେରା ଓ କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ଗୁପ୍ତା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ସୁଧୀର କୁମାର ମିଶ୍ର, ବୁଲବୁଲ ମେହେର, ମନୋଜ ବେହେରା, ଗୋପାଲୁ ବେହେରା, ରାମନାଥ ସେଠ, ସଞ୍ଜୟ ବେହେରା, କୃଷ୍ଣଚନ୍ଦ୍ର ପୃଷ୍ଟି, ଆଶିଷ ବେହେରା, ତିଲକ ସାହୁ, ଦିଲ୍ଲୀପ ବେହେରା ଓ ରାଜେଶ ବେହେରା ପ୍ରମୁଖ ମନୋନୀତ ହେଇଛନ୍ତି ।

## ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ




ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ସହ ସଂସ୍କୃତ ଶିକ୍ଷକ ସମ୍ମିଳନୀ ଏବଂ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇ ସଂସ୍କୃତ ଭାଷାରେ ନିହିତ ଜ୍ଞାନଭଣ୍ଡାରର ସଂରକ୍ଷଣ, ବିକାଶ ଓ ପ୍ରଚାରପ୍ରସାର ନିମନ୍ତେ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଛତାମଖନା ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଦୈତାରୀ ପୂଜାରୀ ସଂସ୍କୃତ ଭାଷାର ସମ୍ବର୍ଦ୍ଧନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସଂସ୍କୃତ ଭାରତୀର ପ୍ରାନ୍ତ ସମ୍ପାଦକ ଏବଂ ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଅଜିତ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ଗଣମାଧ୍ୟମ ପ୍ରତିନିଧି ଗୋପବନ୍ଧୁ ଶତପଥୀ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସଂସ୍କୃତ ଭାରତୀ ବଲାଙ୍ଗୀର ଜିଲା ସଂଯୋଜକ ତଥା ପଥରଚେପା ଓଏଭିର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ସଭା ପରିଚାଳନା କରିଥିଲେ। ମାଧିଆପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଡ. ପୂର୍ଣଚନ୍ଦ୍ର ତ୍ରିପାଠୀ, ଦେବଦତ୍ତ ଦ୍ୱିବେଦୀ, ପ୍ରସନ୍ନ ଗଡତ୍ୟା, ବିନୋଦ କୁମାର ମିଶ୍ର, ଦିବ୍ୟଲୋଚନ ଥନାପତି, ତୋଷକୁମାର ସାହୁ, ଝୁନିତା ଭୋଇ, ରୀନା ମିଶ୍ର, ଆଭା ଆର୍ଯ୍ୟା ସହଯୋଗ କରିଥିଲେ।

## ପୂର୍ବତନ ବ୍ଲକ ଭାଜପା ସଭାପତିଙ୍କ ପରଲୋକ

ଖପ୍ରାଖୋଲ,୨।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାଜପାର ପୂର୍ବତନ ବ୍ଲକ ସଭାପତି ଭରତ ସାହୁ (୫୨)ଙ୍କ ସୋମବାର ସକାଳୁ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଭାଜପାର ସକ୍ରିୟ କର୍ମୀ ଭାବରେ କାମ କରିଥିବାବେଳେ ଦୁଇ ଥର ବ୍ଲକ ସଭାପତି ରୂପେ କାମ କରିଥିଲେ। ସେହିପରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ରହିଥିଲେ। କିଛି ଦିନ ହେଲା ରୋଗରେ ପୀଡ଼ିତ ଥିବାବେଳେ ସକାଳୁ ଗୁରୁତର ହେବାରୁ ବଲାଙ୍ଗୀର ନେବାବେଳେ ରାସ୍ତାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସ୍ତ୍ରୀଙ୍କ ପୂର୍ବରୁ ପରଲୋକ ହୋଇଥିବାବେଳେ ତାଙ୍କ ପୁତ୍ର ମୁଖାଗ୍ନି ଦେଇଥିଲେ। ପରଲୋକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବ୍ଲକ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଶଶି ପୁଝାରୀ, ବିଧାୟକ ପ୍ରତିନିଧି ପଦ୍ମକୁମାର ସିଂ ବରିହା, ଅଭୟ ତ୍ରିପାଠୀ, ହରିବୋଲ ପୋଡ଼, କର୍ଣ୍ଣ ସିଂ ଠାକୁର, ସୀତାରାମ ବାଗ, ହରିବୋଲ ପୋଡ଼ ପ୍ରମୁଖ ଶୋକ ପ୍ରକାଶ କରିଥିବା ବେଳେ ଶେଷ କୃତ୍ୟ ସମୟରେ ପରିବାର, ବନ୍ଧୁଜନ ଓ ଭାଜପାର କର୍ମୀମାନେ ଉପସ୍ଥିତ ଥିଲେ।




## ବାର୍ଡ ଫ୍ଲୁ ସମ୍ବନ୍ଧୀୟ ସତର୍କ ସୂଚନା

DSPL - 95

ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ (ପ୍ରକାର : ଏଚ୍-୫ ଏନ୍-୧) ଭୂତାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ଆକ୍ରାନ୍ତ ହୋଇଥାନ୍ତି । ବାର୍ଡ ଫ୍ଲୁ କୁକୁଡ଼ା ଠାରୁ ମନୁଷ୍ୟକୁ ମଧ ବ୍ୟାପିପାରେ ।

**ଲକ୍ଷଣ:**

- କୁକୁଡ଼ାଙ୍କ ଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ ।
- ଆଖିରୁ ପାଣି ଝରେ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ହୁଏ ।
- ଚୂଳ ନୀଳ ପଡ଼ିଲା ପରି ଦେଖାଯାଏ । ତରଳ ଝାଡ଼ା ହୋଇଥାଏ ।
- ରୋଗ ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦ ରୁ ୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି ।



ବାର୍ଡ ଫ୍ଲୁ ଏବେ ପୁରୀ ଜିଲ୍ଲାର କେତୋଟି ବ୍ଲକ୍‌ରେ ଚିହ୍ନଟ କରାଯାଇଛି ଏବଂ ସରକାରଙ୍କ ତରଫରୁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।

**ନିରାକରଣ:**

- ଆବଶ୍ୟକ ନଥିଲେ ବାହାରର ଜୀବଜନ୍ତୁ, ଯାନବାହନ ଓ ମଣିଷଙ୍କୁ କୁକୁଡ଼ା ଫାର୍ମ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ୭୦° ସେଲସିୟସ ତାପମାତ୍ରାରେ ୩୦ ମିନିଟ ପର୍ଯ୍ୟନ୍ତ ସିଝାଇଲେ ଏହି ଭୂତାଣୁ ଲୋପପାଇଥାଏ ।
- କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟ ଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ।
- ପ୍ରାଣିରୋଗ ବିଶେଷଜ୍ଞମାନେ କୁକୁଡ଼ାଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିବା ପାଇଁ ଅନୁରୋଧ କଲେ ସେମାନଙ୍କୁ ସହଯୋଗ କରନ୍ତୁ ।
- ଗୋଟିଏ କୁକୁଡ଼ା ଫାର୍ମରେ ବ୍ୟବହାର ହେଉଥିବା ଦାନା ଓ ଲିଟର ମ୍ୟାଟେରିଆଲ୍‌କୁ ଅନ୍ୟ ଫାର୍ମକୁ ସ୍ଥାନାନ୍ତରଣ କରନ୍ତୁ ନାହିଁ ।
- କୌଣସି ସ୍ଥାନରେ ଅସ୍ୱାଭାବିକ ପକ୍ଷୀମୃତ୍ୟୁ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣିଚିକିତ୍ସକ କିମ୍ବା **ବାର୍ଡ ଫ୍ଲୁ କଣ୍ଟ୍ରୋଲ ରୁମ୍ (ଫୋନ୍ ନମ୍ବର : 06752 295123) କୁ ଅବଗତ କରାନ୍ତୁ ।** ଏହି ନମ୍ବରରେ ଫୋନ୍ କରି ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନ ଆପଣ ପଚାରିପାରିବେ ।



ଆପଣମାନେ ଭୟଭୀତ ନହୋଇ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ନିବେଦନ

OIPR-06049/13/0001/2425

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ପୁରୀ


## ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୨।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଟିକ୍ରାପଡା ସ୍ଥିତ ଗାନ୍ଧୀ ପାଠାଗାର ଠାରେ ଜିଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକ ଘାସିରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ପରିବାରର ପବିତ୍ର ନୂଆଁଖାଇ ଭେଟ ଉତ୍ସବ ପାଳନ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାରଙ୍କ ପ୍ରସ୍ତାବକ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉକ୍ତ ଉତ୍ସବରେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିବେ ବୋଲି କହିଥିଲେ। ଉକ୍ତ ପ୍ରସ୍ତାବରେ ସଭାପତି ମିଶ୍ରଙ୍କ ସହିତ ଉପସ୍ଥିତ ସଭ୍ୟ/ ସଭ୍ୟା ସମସ୍ତେ ସ୍ୱାଗତ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସଂଘର ସାଙ୍ଗଠନିକ ନୂତନ ସଭ୍ୟ ଗ୍ରହଣ, ଆଜୀବନ ସଭ୍ୟ ପାଇଁ ନିଷ୍ପତ୍ତି ସହିତ ପରବର୍ତ୍ତୀ କାର୍ଯ୍ୟ ତଥା ସମସ୍ତ ସେବା ଶିବିର ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ହୋଇଯାଇଛି। ଶେଷରେ ବୈଠକର ସଫଳତାକୁ ନେଇ ଶିବଶଙ୍କର ଖୁଆସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା, ଶଶିଭୂଷଣ ପୁରୋହିତ କୋଷାଧ୍ୟକ୍ଷଙ୍କ ସହିତ, ପର୍ଶୁରାମ ନାୟକ, ଡ. ଉମାକାନ୍ତ ପାତ୍ର, ବିପିନ ପଣ୍ଡା, ପଦ୍ମନାଭ ଭୋଇ, ଯଥା ବିଶ୍ୱାଲ, ପ୍ରଦୀପ ପାତ୍ର, ବିରଞ୍ଚି ମିଶ୍ର, ବି.ବି. ପଣ୍ଡା, ରବୀନ୍ଦ୍ର ପାଣିଗ୍ରାହୀ, ଧର୍ମବ୍ରତ ରଥ, ବିରଞ୍ଚି ନାରାୟଣ ମିଶ୍ର, ପ୍ରଦୀପ ଗୁରୁ, ଭଞ୍ଜ ନାଗ, ଲକ୍ଷରାମ ସାହୁ, ରାଧାକୃଷ୍ଣ ମେହେର, ସନ୍ତୋଷ ନନ୍ଦ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ବୈଠକରେ ଉପସ୍ଥିତ ସଦସ୍ୟ।

# ଛୋଟପିଲା ରାସ୍ତାରେ ଟାଣିଲେ ହନୁମାନ ମୂର୍ତ୍ତି



ଆଲୋଚନାଚକ୍ରରେ ଅତିଥିମାନେ ।



ଛୋଟ ପିଲାମାନେ ରାସ୍ତାରେ ଟାଣୁଥିବା ଟେରାକୋଟା ହନୁମାନ ।

**ସୋନପୁର,୨।୯(ମୃତ୍ୟୁଞ୍ଜୟ ଶତପଥୀ)**

ଭାଦ୍ରବ ମାସ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ଅବସରରେ ସୁବର୍ଣ୍ଣପୁରର ପ୍ରାଚୀନ ପରମ୍ପରା ଲଙ୍କାପୋଡି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାମାୟଣର ହନୁମାନଙ୍କ ଲଙ୍କାପୋଡିକୁ ଅନୁସରଣ ପୂର୍ବକ ସୁବର୍ଣ୍ଣପୁର ଜିଲାର ନିଜସ୍ୱ ପରମ୍ପରା ଲଙ୍କାପୋଡି ପର୍ବ ସନ୍ଧ୍ୟା ଆରମ୍ଭ ମାତ୍ରେ ଦେଖିବାକୁ ମିଳିଥିଲା। ପୁଅ ପିଲାମାନେ ମାଟି ନିର୍ମିତ ଏକ ସ୍ୱତନ୍ତ୍ର ହନୁମାନ ମୂର୍ତ୍ତିର ଲାଞ୍ଜରେ ଅଗ୍ନି ସଂଯୋଗ କରି ରାସ୍ତାକୁ ବାହାରିଥିଲେ। ରାମ ଲକ୍ଷ୍ମଣ ଜାନକୀ, ଜୟ ବୀର ହନୁମାନଙ୍କ ନାରା ଦେଇ ଛୋଟ ପିଲାମାନେ ସହର ପରିକ୍ରମା କରିଥିଲେ। ଅମାବାସ୍ୟା ଅନ୍ଧାର ରାତିରେ ଏହା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା ।

ସୋନପୁର ସହରରେ ରାଜାରାଜୁଡା ଅମଳରୁ ଏହି ପରମ୍ପରା ଚାଲିଆସିଛି। ଏଠାକାର ଲଙ୍କାପୋଡି ଏକ ସ୍ୱତନ୍ତ୍ର ଏବଂ ନିଆରା ପରମ୍ପରା। ପୁରା ଉଆଁସ ଭାବେ ପରିଚିତ ଏହି ଦିନରେ ବାଳକମାନେ ମାଟି ହନୁମାନ ଲାଞ୍ଜରେ ଅଗ୍ନି ସଂଯୋଗ କରି ସହର ପରିକ୍ରମା କରିବାର ପରମ୍ପରା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଛି। ଏଥିପାଇଁ ସ୍ଥାନୀୟ କୁମ୍ଭାରପଡାର କୁମ୍ଭକାର ସମ୍ପ୍ରଦାୟର ଲୋକେ ଏକ ନିଆରା ଢଙ୍ଗରେ ଟେରାକୋଟା ହନୁମାନ ତିଆରି କରନ୍ତି। କୌଳିକ ବୃତ୍ତି ହିସାବରେ ସେମାନେ ଏହି ସାମଗ୍ରୀ ତିଆରି କରୁଛନ୍ତି। ପ୍ରତ୍ୟେକ ଘରର ଛୋଟ ପିଲା ଏହି ସ୍ୱତନ୍ତ୍ର ଧରଣର ହନୁମାନ କିଣି ଲାଞ୍ଜରେ ଅଗ୍ନି ସଂଯୋଗ କରି ଅତି ଆନନ୍ଦରେ ରାସ୍ତାରେ ଟାଣିଥିଲେ। ସହରର ବଡବଜାର, ଗୁଣ୍ଡିଚାମନ୍ଦିର ସମ୍ମୁଖ, ନୂଆପଡା, ଢେରାପଡା, ଗଡଭିତର, ଥନାପତିପଡା, ଘୋଡାଘାଟପଡା, ମଝିପଡା, ପଟାଭାଡି ଓ ବ୍ଲକ ଛକ ଭଳି ସ୍ଥାନ ମାନଙ୍କରେ ଏଥିପାଇଁ ରାସ୍ତା ଗହଳି ହୋଇଥିଲା। ଛୋଟ ପିଲାମାନେ ଆନନ୍ଦରେ ହନୁମାନଙ୍କ ମୂର୍ତ୍ତି ଟାଣିଥିଲେ। ସହର ପରିକ୍ରମା ପରେ ମାଟି ହନୁମାନ ମୂର୍ତ୍ତି ଗୁଡିକୁ ସହର ସ୍ଥିତ ମା ସମଲେଇ ମନ୍ଦିର ପାଖରେ ଥିବା ଯୋଡାଖମ୍ବରେ ୭ଥର ବୁଲାଇ ପରମ୍ପରା ଅନୁଯାୟୀ କଚାଡି ଦିଆଯାଇଥିଲା। ପିଲାଙ୍କ ଏହି ଉତ୍ସବ ପାଇଁ କିଛିଦିନ ପୂର୍ବରୁ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହୋଇଥିଲା। ବାଳକମାନେ ମାଟି ହନୁମାନ ଓ ବାଳିକା ମାନେ ଖେଳିବା ପାଇଁ ବିଭିନ୍ନ ପ୍ରକାର ମାଟି ପାତ୍ର(କୁଣ୍ଢି କାଁଚି) କିଣିଥିଲେ। କିସମ କିସମର ଲଡୁ, ଚଣା, ଚିନାବାଦାମ, ମଟର ଭଜା ଓ ଲିଆ ଆଦି ବଜାରରୁ କିଣା ଯାଇଥିଲା। ଏହା ସହ ମହାରଣା ସମ୍ପ୍ରଦାୟ ଦ୍ୱାରା ନିର୍ମିତ ରଙ୍ଗ ବେରଙ୍ଗର କାଠ ତିଆରି ଘୋଡା, ହାତୀ ଗୁଡିକୁ ଲୋକେ କିଣିଥିଲେ। ବାଳିକାମାନେ ଗାଁ ମଧ୍ୟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ମାଟି ଘର ତିଆରି କରିଥିଲେ। ସେମାନେ ବାଉଁଶରେ ତିଆରି ଟୋକେଇ, କୁଲେଇ,

## ସୁବର୍ଣ୍ଣପୁରରେ ଲଙ୍କାପୋଡ଼ି ଉତ୍ସବ ପାଳିତ

ମାଟିର କୁଣ୍ଡି ଓ କାଞ୍ଚି ଆଦି ସାମଗ୍ରୀ ନେଇ ରୋଷେଇ ଖେଳ ଖେଳିବା ସହ ଭାବର ଆଦାନ ପ୍ରଦାନ କରିଥିଲେ।

ରାତିରେ ଜିଲା ପରିଷଦ ସଭାଗୃହରେ ଲଙ୍କାପୋଡି ଉତ୍ସବ ଅବସରରେ ଆମର ନିଆରା ପର୍ବ ଲଙ୍କାପୁଡି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ବ୍ରଜମୋହନ ଦାନୀ, କୈବଲ୍ୟ ମିଶ୍ର ଓ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ଯୋଗ ଦେଇଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ମନୋଜ କୁମାର ବାରିକ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରେ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟେରାକୋଟା ହନୁମାନ ପ୍ରତିଯୋଗିତାରେ ଅଙ୍କିତ୍ ଦାଶ ପ୍ରଥମ, ଅନିମେଶ ପାତ୍ର ଦ୍ୱିତୀୟ ଓ ଅମନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଦ୍ୟୁମ୍ନ ସାହୁ, ରାଧେଶ୍ୟାମ ପୁରୋହିତ ଓ ସୌରଭ ରଞ୍ଜନ ଖମାରୀ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ସହରର ବହୁ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆଲିଶା



@ ବିଜୟିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୀରମହାରାଜପୁରରେ ପୁରାଉଁଆସ ପାଳନ

**ଅମରପାଲି,୨।୯(ପୀତାମ୍ବର ସାହୁ)**

ଭାଦ୍ରବର ସପ୍ତପୁରୀ ଅମାବାସ୍ୟା ତିଥିରେ ସୋମବାର ବୀରମହାରାଜପୁର ଅଞ୍ଚଳରେ ପୁରାଉଁଆସ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କଠାରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। କିଛିକାଂଶରେ ଘରକରଣା କଳା ଶିକ୍ଷା ସହ ଜଡିତ ଏହି ପର୍ବ ପାଳନ ଅବସରରେ ବାଳିକାମାନେ ଗାଁ ମଧ୍ୟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ମାଟି ଘର ତିଆରି କରିଥିଲେ। ସେମାନେ ଟୋକେଇ, କୁଲେଇ ଓ ମାଟିର କୁଣ୍ଢି, କାଞ୍ଚି ଆଦି ସାମଗ୍ରୀ ନେଇ ରନ୍ଧାବଢାର ଖେଳ ଖେଳିଥିଲେ। ଅପରପକ୍ଷରେ ଛୋଟଛୋଟ ବାଳକମାନେ କାଠ ତଥା ମାଟିରେ ତିଆରି ଚକଲଗା ଘୋଡ଼ା, ହାତୀ, ହନୁମାନ ଓ ବଳଦକୁ ଫୁଲମାଳରେ ସଜ୍ଜିତ କରି ଗାଁ ମଝିରେ ତଥା ବିଭିନ୍ନ ଗଳିମାନଙ୍କରେ ଟାଣିଥିଲେ। ଏହି ଅବସରରେ ବାଳିକାମାନେ ଉକ୍ତ ହାତୀ, ଘୋଡ଼ାମାନଙ୍କୁ ବନ୍ଦାଣ କରିବା ସହ ବାଳକମାନଙ୍କୁ ରାଶି ଲଡୁ, ଲିଆ ଲଡୁ, ହୁରମ ଲଡୁ ତଥା ଖୁଡିଆ, ତିଆସି, ବର୍ଟଲା, କାନ୍ଦୁଲ ଓ ମୁଗଫଳି ଆଦି ବିଭିନ୍ନ ଚଣାଭଜା ଖାଇବାକୁ ଦେଇଥିଲେ। ବାଳିକାମାନେ ପ୍ରଥମେ ଗ୍ରାମର ଇଷ୍ଟ ଦେବାଦେବୀଙ୍କଠାରେ ଭୋଗ ଅର୍ପଣ କରିଥିଲେ। ଅପରାହ୍ନରେ ଗାଁ ପାଖ ପଡିଆକୁ ଯାଇ ବହୁଡୁଡୁ ଓ ଛିଲୋଲାଇ ଆଦି ପାରମ୍ପରିକ ଗ୍ରାମୀଣ ଖେଳର ମଜା ଉଠେଇ ଥିଲେ । ପ୍ରଥା ଅନୁସାରେ ମାମୁଁ ଘରୁ ଭଣଜାଙ୍କ ପାଇଁ କାଠ ତିଆରି ହାତୀ, ଘୋଡ଼ା ଓ ଭାଣିଜିଙ୍କ ପାଇଁ ଛୋଟ କୁଲେଇ, କୁଣ୍ଢି, କାଞ୍ଚି, ପଗା ଲିଆ, ନାନାଦି ଶସ୍ୟ ଆଦି ସାମଗ୍ରୀ ଯୋଗେଇ ଦିଆଯାଇଥିଲା । ଶହ ଶହ ବର୍ଷର ପୁରୁଣା ଏହି ପରମ୍ପରା ଏବେ ବି ପଶ୍ଚିମ ଓଡ଼ିଶାର ଅଧିକାଂଶ ଗ୍ରାମାଞ୍ଚଳରେ ବଞ୍ଚି ରହିଛି । ତେବେ ଉତ୍ସାହ ଓ ଖେଳିବାକୁ ପଡିଆ ଅଭାବ ହେତୁ ଆଜିକାଲି ବହୁଡୁଡୁ ଓ ଛିଲୋଲାଇ ଆଦି ପାରମ୍ପରିକ ଖେଳ କ୍ରମଶଃ ଲୁପ୍ତ ହୋଇଗଲାଣି । ସେହିପରି ସୁବଳୟା ଅଞ୍ଚଳରେ ଏହି ପୁରାଉଁଆସ ଅବସରରେ ସନ୍ଧ୍ୟାରେ ଲଙ୍କାପୋଡି କରାଯାଇଥିଲା। ମାଟି ନିର୍ମିତ ହନୁମାନ ଲାଞ୍ଜରେ ନିଆଁ ଲଗାଇ ନଗର ପରିକ୍ରମା କରାଯାଇଥିଲା।

## ସ୍ୱାଧୀନପଡ଼ା ଦୁର୍ଗାପୂଜାର ନୂତନ କମିଟି ଗଠିତ

**ଟିଟିଲାଗଡ,୨।୯(ଶରତ ମିଶ୍ର):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ସ୍ୱାଧୀନପଡା ଦୁର୍ଗାପୂଜା ଉପଲକ୍ଷେ ନୂତନ କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବରେ ରଞ୍ଜିତ କୁମାର ପୃଷ୍ଟି, ଉପସଭାପତି ଆନନ୍ଦ କେଡିଆ, ସମ୍ପାଦକ ଭାବେ ରଣଜିତ କୁମାର ସେଠ, ସହସମ୍ପାଦକ ପ୍ରଦୀପ ବେହେରା, ସଞ୍ଜୟ ବେହେରା ଓ କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ଗୁପ୍ତା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ସୁଧୀର କୁମାର ମିଶ୍ର, ବୁଲବୁଲ ମେହେର, ମନୋଜ ବେହେରା, ଗୋପାଳୁ ବେହେରା, ରାମନାଥ ସେଠ, ସଞ୍ଜୟ ବେହେରା, କୃଷ୍ଣଚନ୍ଦ୍ର ପୃଷ୍ଟି, ଆଶିଷ ବେହେରା, ତିଲକ ସାହୁ, ଦିଲ୍ଲୀପ ବେହେରା ଓ ରାଜେଶ ବେହେରା ପ୍ରମୁଖ ମନୋନୀତ ହେଇଛନ୍ତି ।

# ପୂରା ଉଆଁସ ଶାଢ଼ିରେ ଓଡ଼ିଆ ପରମ୍ପରାର ଝଲକ



ପୂରା ଉଆଁସ ଶାଢ଼ିକୁ ଟିକାୟତ, ତାଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟ ଦେଖାଉଛନ୍ତି।

**ଅମରପାଲି,୨।୯(ପୀତାମ୍ବର ସାହୁ)**

ଶାଢ଼ିରେ ବାନ୍ଧକଳା କାମ କରି ଓଡ଼ିଆ ପରମ୍ପରାର ଝଲକ ଦେଖାଇଛନ୍ତି ବାନ୍ଧଶିଳ୍ପୀ। ପଶ୍ଚିମ ଓଡ଼ିଶାର ପାରମ୍ପରିକ ପର୍ବ ପୂରା ଉଆଁସକୁ ଶାଢ଼ିରେ ସ୍ଥାନିତକରି ଏବେ ଚର୍ଚ୍ଚାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ୍ ଚମ୍ପାମାଳ ପଞ୍ଚାୟତ ହନୁମାନପାଲି ଗ୍ରାମର ବାନ୍ଧଶିଳ୍ପୀ ଟିକାୟତ ମେହେର(୩୮)। ଏଭଳି ଶାଢ଼ି ପାଇଁ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଥାନ୍ତି ସୁବର୍ଣ୍ଣପୁର ଜିଲାର ବୁଣାକାର ଓ ବାନ୍ଧଶିଳ୍ପୀ। କେତେବେଳେ ଏଠାକାର ହାତବୁଣା ଶାଢ଼ି ବଲିଉଡ୍ ସେଲିବ୍ରିଟିଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ

**ଶାଢ଼ି ତିଆରି କରି ଚର୍ଚ୍ଚାରେ ବୀରମହାରାଜପୁରର ଟିକାୟତ ମେହେର**

ରାଜନେତା ଓ ସେଲିବ୍ରିଟିମାନେ ମଧ୍ୟ ପରିଧାନ କରିଥାନ୍ତି। ତେବେ ସୁବର୍ଣ୍ଣପୁରର ବାନ୍ଧଶିଳ୍ପୀଙ୍କ ହାତରେ ରହିଛି ଯାଦୁ। ନିଆରା ଡିଜାଇନ କରି ବିଶ୍ୱ ଦରବାରରେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଅମାବାସ୍ୟାରେ ପାଳିତ ହେଉଥିବା ସପ୍ତପୁରି ଅମାବାସ୍ୟାକୁ ପୂରା ଉଆଁସ ଭାବେ ପାଳନ କରାଯାଉଥିବାବେଳେ ଏହି ପରମ୍ପରାର ଝଲକ ଦେଖିବାକୁ ମିଳିଛି ହାତବୁଣା ପାଟ ଶାଢ଼ିରେ। ଟିକାୟତ ମେହେରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଡିଜାଇନକୁ ତାଙ୍କ ଗୁରୁ ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେର ପ୍ରସ୍ତୁତ କରିଛନ୍ତି। ଟିକାୟତ ଆଗରୁ ମଧ୍ୟ ପ୍ରଣାମ ଶାଢ଼ି ପ୍ରସ୍ତୁତକରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏବେ ପୂରା ଉଆଁସ ଶାଢ଼ି ପ୍ରସ୍ତୁତ କରି ସେ ପୁଣି ଚର୍ଚ୍ଚାରେ ଅଛନ୍ତି। ଏହି ଶାଢ଼ିରେ ଛୋଟ ଛୁଆଁଙ୍କ ଦ୍ୱାରା ଖେଳାଯାଉଥିବା କୁଣ୍ଢି, କାଞ୍ଚିରୁ ଆରମ୍ଭକରି ପ୍ରସିଦ୍ଧ ଲଙ୍କାପୋଡ଼ିର ଝଲକ ଦେଖିବାକୁ ମିଳିଛି। ଉକ୍ତ ଶାଢ଼ି ତିଆରିରେ ଟିକାୟତଙ୍କୁ ପୂରା ପରିବାର ସହଯୋଗ କରିଛନ୍ତି। ଏହି ଶାଢ଼ି ପାଟସୂତାରେ ତିଆରି ହୋଇଥିବା ବେଳେ ଏହାକୁ ପ୍ରସ୍ତୁତ କରିବାକୁ ପ୍ରାୟ ଦେଢ଼ ମାସ ସମୟ ଲାଗିଥିଲା। ଏହା ୩୦ହଜାର ଟଙ୍କାରେ ବିକ୍ରିହେବ ବୋଲି କହିଛନ୍ତି ଟିକାୟତ। ଟିକାୟତଙ୍କୁ ଏହି ଶାଢ଼ି ବୁଣିବା ପାଇଁ ତାଙ୍କ ସ୍ତ୍ରୀ ନଳିନୀ ମେହେର ଉତ୍ସାହିତ କରିଥିବା ବେଳେ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଲୋକାଭିମୁଖୀ କରିବା ଲକ୍ଷ୍ୟ ନେଇ ଏହି ଶାଢ଼ି କରିଥିବା ସେ ପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲାର ହସ୍ତତନ୍ତ କାରିଗରଙ୍କ ହାତବୁଣା ଲୁଗା ଏବେ ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବାବେଳେ ପୁଣି ଚର୍ଚ୍ଚାରେ ବୁଣାକାର। ନିଜ ପରମ୍ପରାକୁ ଶାଢ଼ିରେ ସ୍ଥାନ ଦେଇ ବିଭିନ୍ନ ମହଲରୁ ସେ ଏବେ ପ୍ରଶଂସା ସାଉଁଟିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୋନପୁର,୨।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଶିବିରରେ ଯୋଗଦାନ କରି ୩୪ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଥିଲା। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ସୋନପୁର ତହସିଲଦାର ଡ. ସୌମ୍ୟରୂପା ରଥ, ଏବିଡିଓ ଶଶିଭୂଷଣ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାସ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସ ଓ ଡେପୁଟି କଲେକ୍ଟର ଶୁଭଶ୍ରୀ ରଥଙ୍କ ସମେତ ଜିଲାର ଅଧିକାରୀମାନେ ଯୋଗ ଦେଇଥିଲେ।



ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ ଅଭିଯୋଗ ଶୁଣୁଛନ୍ତି।

ବାର୍ଡ ଫ୍ଲୁ ସମ୍ବନ୍ଧୀୟ ସତର୍କ ସୂଚନା

DSPL - 95

ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ (ପ୍ରକାର : ଏଚ୍-୫ ଏନ୍-୧) ଭୂତାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ଆକ୍ରାନ୍ତ ହୋଇଥାନ୍ତି । ବାର୍ଡ ଫ୍ଲୁ କୁକୁଡ଼ା ଠାରୁ ମନୁଷ୍ୟକୁ ମଧ୍ୟ ବ୍ୟାପିପାରେ ।

**ଲକ୍ଷଣ:**
- କୁକୁଡ଼ାଙ୍କ ଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ ।
- ଆଖିରୁ ପାଣି ଝରେ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ହୁଏ ।
- ଚୂଳ ନୀଳ ପଡ଼ିଲା ପରି ଦେଖାଯାଏ । ତରଳ ଝାଡ଼ା ହୋଇଥାଏ ।
- ରୋଗ ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦ ରୁ ୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି ।

**ନିରାକରଣ:**
- ଆବଶ୍ୟକ ନଥିଲେ ବାହାରର ଜୀବଜନ୍ତୁ, ଯାନବାହନ ଓ ମଣିଷଙ୍କୁ କୁକୁଡ଼ା ଫାର୍ମ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ୭୦° ସେଲସିୟସ ତାପମାତ୍ରାରେ ୩୦ ମିନିଟ ପର୍ଯ୍ୟନ୍ତ ସିଝାଇଲେ ଏହି ଭୂତାଣୁ ଲୋପପାଇଥାଏ ।
- କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟ ଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ।
- ପ୍ରାଣିରୋଗ ବିଶେଷଜ୍ଞମାନେ କୁକୁଡ଼ାଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିବା ପାଇଁ ଅନୁରୋଧ କଲେ ସେମାନଙ୍କୁ ସହଯୋଗ କରନ୍ତୁ ।
- ଗୋଟିଏ କୁକୁଡ଼ା ଫାର୍ମରେ ବ୍ୟବହାର ହେଉଥିବା ଦାନା ଓ ଲିଟର ମ୍ୟାଟେରିଆଲ୍‌କୁ ଅନ୍ୟ ଫାର୍ମକୁ ସ୍ଥାନାନ୍ତରଣ କରନ୍ତୁ ନାହିଁ ।
- କୌଣସି ସ୍ଥାନରେ ଅସ୍ୱାଭାବିକ ପକ୍ଷୀମୃତ୍ୟୁ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣିଚିକିତ୍ସକ କିମ୍ବା **ବାର୍ଡ ଫ୍ଲୁ କଣ୍ଟ୍ରୋଲ ରୁମ୍ (ଫୋନ୍ ନମ୍ବର : 06752 295123) କୁ ଅବଗତ କରାନ୍ତୁ ।** ଏହି ନମ୍ବରରେ ଫୋନ୍ କରି ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନ ଆପଣ ପଚାରିପାରିବେ ।



ବାର୍ଡ ଫ୍ଲୁ ଏବେ ପୁରୀ ଜିଲ୍ଲାର କେତୋଟି ବ୍ଲକ୍‌ରେ ଚିହ୍ନଟ କରାଯାଇଛି ଏବଂ ସରକାରଙ୍କ ତରଫରୁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।



OIPR-06049/13/0001/2425

ଆପଣମାନେ ଭୟଭୀତ ନହୋଇ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ନିବେଦନ

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ପୁରୀ

# ଅବାଧ ମଦ ବିକ୍ରି ନେଇ ଥାନାର ଦ୍ୱାରସ୍ଥ ଗ୍ରାମବାସୀ

ବଡ଼ଗାଁ,୨।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମରେ ଦେଶୀ, ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି। ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ଯୁବତୀ, ଯୁବକ ଓ ମହିଳା ଗୋଷ୍ଠୀର ସଦସ୍ୟମାନେ ମଦ ବିକ୍ରେତାଙ୍କୁ ଜଣାଇ ଆସୁଥିଲେ ମଧ ମଦ ବିକ୍ରେତାମାନେ ଗ୍ରାମବାସୀଙ୍କ କଥାକୁ ଭ୍ରୂକ୍ଷେପ କରୁନାହାନ୍ତି। ଅସନ୍ତୁଷ୍ଟ ଗ୍ରାମବାସୀମାନେ ଗତମାସ ୨୫ ତାରିଖ ଗ୍ରାମର ଯାତ୍ରା ମଣ୍ଡପଠାରେ ବୈଠକ କରି ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ମଦ ବିକ୍ରେତାଙ୍କୁ ବିକ୍ରି ବନ୍ଦ କରିବାକୁ ଜଣାଇଥିଲେ। ହେଲେ ମଦ ବିକ୍ରି ବନ୍ଦ ନ ହେବାରୁ ସୋମବାର ଗ୍ରାମବାସୀ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୌଦାମିନୀ ପଟେଲ, ଚନ୍ଦ୍ର କିସାନ, କମଳା ପଟେଲ, ମନୋରଞ୍ଜନ କିସାନ, ବିନତି ମାଝୀ, ରାଧା ମାଝୀ, ବିଶାଖା ନାଏକ, ଉମା କିସାନ, ଜେମା ମାଝୀଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଗାଁର ୧୦ ଜଣ ମଦ ବିକ୍ରି କରୁଛନ୍ତି। ସେମାନଙ୍କୁ ମଦ ବିକ୍ରି ବନ୍ଦ କରିବାକୁ କହିଲେ ମଧ ସେମାନେ ଶୁଣୁ ନାହାନ୍ତି। ଅବାଧ ମଦ ବିକ୍ରି ଯୋଗୁ ଗାଁରେ ଅଶାନ୍ତି, ଗଣ୍ଡଗୋଳ ସହିତ ଯୁବପିଢ଼ି ମଦ କବଳରେ ପଡ଼ି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଅକାଳ ମୃତ୍ୟୁ ଘଟୁଛି। ଗ୍ରାମରେ ହେଉଥିବା ଯାନିଯାତ୍ରା, ଉତ୍ସବରେ ଶାନ୍ତି, ଶୃଙ୍ଖଳା ରହୁନାହିଁ।



.ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଛାମୁଣ୍ଡା ଗ୍ରାମବାସୀ।

## ଭୁଲିଆ ସମାଜ ପକ୍ଷରୁ ଗଙ୍ଗାଧର ଜୟନ୍ତୀ ପାଳିତ

ସୁନ୍ଦରଗଡ଼,୨।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଟାଉନ ଭୁଲିଆ ସମାଜ ତରଫରୁ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ଅଲେଖ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଶଙ୍କରାଠାରେ ସଭାପତିଙ୍କ ବାସଭବନରେ ଆୟୋଜିତ ଜୟନ୍ତୀସଭାରେ ପ୍ରଥମେ କବିଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଲବଣୀଧର ମେହେର, ଗଙ୍ଗାଧରଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ଭୁଲିଆ ସମାଜ ମହିଳାଙ୍କ ଦ୍ୱାରା ଗଙ୍ଗାଧରଙ୍କ ବିଶ୍ୱଦେଖ ମଧୁମୟରେ ଜୀବନ କବିତା ପରିବେଷଣ କରାଯାଇ ଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ସୁନନ୍ଦା ରାଣୀ ମେହେର, କୋଷାଧକ୍ଷ ଦୀନେଶ ମେହେର, ଉପଦେଷ୍ଟା ମଣ୍ଡଳୀ ସୀତାରାମ ମେହେର, ହେମନ୍ତ ମେହେର, ଶ୍ୟାମଳେନ୍ଦୁ ମେହେର, ନବ ମେହେର, ଭାରତୀ ମେହେର ଓ ଭୁଲିଆ ସମାଜର ସଦସ୍ୟ ଶରତ ମେହେର, ପିତାମ୍ବର ମେହେର, ଦଶରଥ ମେହେର, ପୂର୍ଣ୍ଣ ମେହେର ପ୍ରମୁଖ ଯୋଗଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଆଲିଶା



@ ବିଜୟିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୀରମହାରାଜପୁରରେ ପୁରାଉଁଆସ ପାଳନ

ଅମରପାଲି,୨।୯(ପୀତାମ୍ବର ସାହୁ)

ଭାଦ୍ରବର ସପ୍ତପୁରୀ ଅମାବାସ୍ୟା ତିଥିରେ ସୋମବାର ବୀରମହାରାଜପୁର ଅଞ୍ଚଳରେ ପୁରାଉଁଆସ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କଠାରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। କିଛିକାଂଶରେ ଘରକରଣା କଳା ଶିକ୍ଷା ସହ ଜଡିତ ଏହି ପର୍ବ ପାଳନ ଅବସରରେ ବାଳିକାମାନେ ଗାଁ ମଧ୍ୟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ମାଟି ଘର ତିଆରି କରିଥିଲେ। ସେମାନେ ଟୋକେଇ, କୁଲେଇ ଓ ମାଟିର କୁଣ୍ଢି, କାଞ୍ଛି ଆଦି ସାମଗ୍ରୀ ନେଇ ରନ୍ଧାବଢ଼ାର ଖେଳ ଖେଳିଥିଲେ। ଅପରପକ୍ଷରେ ଛୋଟଛୋଟ ବାଳକମାନେ କାଠ ତଥା ମାଟିରେ ତିଆରି ଚକଲଗା ଘୋଡ଼ା, ହାତୀ, ହନୁମାନ ଓ ବଳଦକୁ ଫୁଲମାଳରେ ସଜ୍ଜିତ କରି ଗାଁ ମଝିରେ ତଥା ବିଭିନ୍ନ ଗଳିମାନଙ୍କରେ ଟାଣିଥିଲେ। ଏହି ଅବସରରେ ବାଳିକାମାନେ ଉକ୍ତ ହାତୀ, ଘୋଡ଼ାମାନଙ୍କୁ ବନ୍ଦାଣ କରିବା ସହ ବାଳକମାନଙ୍କୁ ରାଶି ଲଡୁ, ଲିଆ ଲଡୁ, ହୁରମ ଲଡୁ ତଥା ଖୁଡିଆ, ତିଆସି, ବଟର୍ଲା, କାନ୍ଦୁଲ ଓ ମୁଗଫଳି ଆଦି ବିଭିନ୍ନ ଚଣାଭଜା ଖାଇବାକୁ ଦେଇଥିଲେ। ବାଳିକାମାନେ ପ୍ରଥମେ ଗ୍ରାମର ଇଷ୍ଟ ଦେବାଦେବୀଙ୍କଠାରେ ଭୋଗ ଅର୍ପଣ କରିଥିଲେ। ଅପରାହ୍ନରେ ଗାଁ ପାଖ ପଡିଆକୁ ଯାଇ ବହୁଡୁଡୁ ଓ ଛିଲୋଲାଇ ଆଦି ପାରମ୍ପରିକ ଗ୍ରାମୀଣ ଖେଳର ମଜା ଉଠେଇ ଥିଲେ । ପ୍ରଥା ଅନୁସାରେ ମାମୁଁ ଘରୁ ଭଣଜାଙ୍କ ପାଇଁ କାଠ ତିଆରି ହାତୀ, ଘୋଡ଼ା ଓ ଭାଣିଜିଙ୍କ ପାଇଁ ଛୋଟ କୁଲେଇ, କୁଣ୍ଢି, କାଞ୍ଛି, ପଗା ଲିଆ, ନାନାଦି ଶସ୍ୟ ଆଦି ସାମଗ୍ରୀ ଯୋଗେଇ ଦିଆଯାଇଥିଲା । ଶହ ଶହ ବର୍ଷର ପୁରୁଣା ଏହି ପରମ୍ପରା ଏବେ ବି ପଶ୍ଚିମ ଓଡ଼ିଶାର ଅଧିକାଂଶ ଗ୍ରାମାଞ୍ଚଳରେ ବଞ୍ଚି ରହିଛି ।

## ବନ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ର ବିରୋଧ

### ଅନୁସୂଚିତ ଜାତି, ଜନଜାତି ଏକତା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ଼,୨।୯(ଜୟ ନାରାୟଣ ମେଣ୍ଡୁଲି)

ଦେଶରେ ବନ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ଲାଗୁ କରି ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ବିତାଡିତ କରିବା କେନ୍ଦ୍ର ସରକାରଙ୍କ ଯୋଜନାର କଡା ପ୍ରତିବାଦ କରିଛି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ। ସୁନ୍ଦରଗଡ଼ରେ ମଧ ଏହାକୁ ପ୍ରତିବାଦ କରି ସୋମବାର ଜିଲା ଅନୁସୂଚିତ ଜାତି ଓ ଜନଜାତି ଏକତା ମଞ୍ଚ ତରଫରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ବିଧାନର ଧାରା ୨୪୪ର ୫ମ ଏବଂ ୬ଷ୍ଠ ଅନୁସୂଚି ବଣ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀଙ୍କୁ ସ୍ୱତନ୍ତ୍ର ଅଧିକାର ଦେଇଛି। ସୁନ୍ଦରଗଡ଼ ପରି ପଞ୍ଚମ ଅନୁସୂଚି ଜିଲା ଜଳ ଜଙ୍ଗଲ ଓ ଜମିର ଅଧିକାର ଏଠାକାର ଆଦିବାସୀଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ପେଶା ଆଇନ ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଲାଗୁ ହେଇଛି। କିନ୍ତୁ ଜଳ ଜଙ୍ଗଲ ଜମିରୁ ଚକ୍ରାନ୍ତ କରି ଆଦିବାସୀଙ୍କୁ ସେଠାରୁ ବିତାଡିତ କରି ଏହି ବନ ସଂରକ୍ଷଣ ସଂଶୋଧନ ଆଇନକୁ ଲାଗୁ କରାଯାଉଛି। ଅନୁସୂଚିତ କ୍ଷେତ୍ରରେ ବଡ଼ ବଡ ଜଳସେଚନ ପ୍ରକଳ୍ପ କରି ଆଦିବାସୀଙ୍କୁ ସେଠାରୁ ବିସ୍ଥାପିତ କରି ଅନ୍ୟତ୍ର ଅବସ୍ଥାପିତ କରାଯାଉଛି। ମାଟି ତଳେ ଥିବା ବହୁମୂଲ୍ୟ ଖଣିଜ ସମ୍ପତ୍ତି ଖନନ ପାଇଁ ଆଦିବାସୀଙ୍କୁ ଜଙ୍ଗଲରୁ ବିସ୍ଥାପିତ କରାଯାଉଛି। ଏହାସହ ଔଦ୍ୟୋଗିକରଣ , ରାସ୍ତା ନିର୍ମାଣ, କଳ କାରଖାନା ସ୍ଥାପନ ଆଦି ପାଇଁ ଆଦିବାସୀଙ୍କୁ ବିସ୍ଥାପିତ କରି ଧିରେ ଧିରେ ୫ମ ଏବଂ ୬ଷ୍ଠ ଅନୁସୂଚିକୁ ଉଚ୍ଛେଦ କରି ବଡ ପୁଞ୍ଜିପତିଙ୍କ ସମସ୍ତ ଜମି ହସ୍ତାନ୍ତର କରିବା ସହ ଆଦିବାସୀଙ୍କ ଅସ୍ତିତ୍ୱକୁ ସମାପ୍ତ କରିବାର ଚକ୍ରାନ୍ତକୁ ପ୍ରତିବାଦ କରି ପତ୍ର ପ୍ରଦାନ କରାଯାଇଛି । ଯଦି ସରକାର ଏଥିରୁ ନିବୃତ ନ ହୁଅନ୍ତି ତାହେଲେ ଆଗକୁ ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ସୁନ୍ଦରଗଡ଼ ଜିଲା ଶାଖାର ସଂଯୋଜକ ଦାମୋଦର ମାଝୀଙ୍କ ନେତୃତ୍ୱରେ ବାଲେଶ୍ୱର ପ୍ରଧାନ, ସୁଜିତ ଗୋସାଇଁ ମିଞ୍ଜ, ସୁବୋଧ ଟପ୍ପୋ, ଛବିଳ ତନ୍ତୀ, ଠନସୁନ୍ଦର ଚୌଧୁରୀ, ବିଜୟ ବରୁଆ ପ୍ରମୁଖ ଜିଲାପାଳଙ୍କୁ ଭେଟି ପତ୍ର ପ୍ରଦାନ କରିଥିଲେ।

## ଭାରିଯାନ ଧକ୍କାରେ ଜଣେ ମୃତ

ହେମଗିର,୨।୮(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ସ୍ଥିତ ବିଲେଇମୁଣ୍ଡା ଛକଠାରେ ରାତି ୯ଟାରେ ଏକ ଭାରିଯାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଲେଇମୁଣ୍ଡା ଗ୍ରାମର ଲୋକନାଥ ପ୍ରଧାନ (୨୨)। ଦୁର୍ଘଟଣା ପରେ ଟ୍ରକ ଫେରାର ହୋଇଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସ୍ଥାନୀୟ ଲୋକେ ରାସ୍ତା ରୋକୋ କରିବା ସହ ଟ୍ରକ ଚଳାଚଳ ବନ୍ଦ କରିଛନ୍ତି।

## ଜାତୀୟସ୍ତରୀୟ ହକି ସଙ୍ଗମ ଉଦ୍‌ଘାଟିତ



ସୁନ୍ଦରଗଡ,୨।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଜିଙ୍କ ନଗରସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଠାରେ ୩ଦିନ ଧରି ହେବାକୁ ଥିବା ଜାତୀୟ ହକି ସଙ୍ଗମର ପ୍ରଥମ ପର୍ଯ୍ୟାୟ ମ୍ୟାଚ ସୋମବାର ସକାଳେ ଉଦ୍‌ଘାଟିତ ହୋଇଯାଇଛି। ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ହକି ଟର୍ଫରେ ପ୍ରଥମ ମ୍ୟାଚ ବାଳକ ବର୍ଗରେ ଲକ୍ଷ୍ନୌ ଜୋନ ୪-୦ ପଏଣ୍ଟରେ ଚଣ୍ଡୀଗଡ଼ ଜୋନ ଠାରୁ ବିଜୟୀ ହୋଇଥିବା ବେଳେ ବାଳିକା ବର୍ଗରେ ଭୋପାଳ ଓ ପାଟଣା ଜୋନ ମ୍ୟାଚରେ ଉଭୟ ୦-୦ ପଏଣ୍ଟ ପାଇଛନ୍ତି। ପୂର୍ବାହ୍ନ ୧୦ଟାରେ ଜିଙ୍କନଗର ନବୋଦୟ ବିଦ୍ୟାଳୟରେ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ହକି ତାରକା ଲାଜରୁସ ବାର୍ଲା, ସମ୍ମାନୀତ ଅତିଥିଭାବେ ଡିଏଭି ଅଟୋନମସ କଲେଜର ଅବସର ପ୍ରାପ୍ତ ପ୍ରଫେସର ଶିବ ପ୍ରସାଦ ମିଶ୍ର, ବରଗଡ ନବୋଦୟ ବିଦ୍ୟାଳୟର ଅଧକ୍ଷ ଏସକେ ତ୍ରିପାଠୀ, ଆସିଷ୍ଟାଣ୍ଟ କମିଶନର ମୁନି ରମେୟା, ରାଏଗଡ ନବୋଦୟର ଅଧକ୍ଷା ଅନୁରାଧା ଶର୍ମା, ଝାରସୁଗୁଡ଼ା ନବୋଦୟର ଉପାଧକ୍ଷ ନିରଞ୍ଜନ ଦଳାଇ ଉପସ୍ଥିତ ଥିଲେ। ଭାରତର ଚଣ୍ଡୀଗଡ଼, ଲକ୍ଷ୍ନୌ, ପାଟନା, ଭୋପାଳ, ଜୟପୁର, ହାଇଦ୍ରାବାଦ, ପୁନେ ଜୋନର ମୋଟ ୨୨୪ ଜଣ ଖେଳାଳୀ ଯୋଗ ଦେବା ସହ ପ୍ରତ୍ୟେକ ଜୋନରୁ ୫ଜଣ ଲେଖାଏଁ ମାର୍ଗରକ୍ଷୀ ଯୋଗଦେଇଛନ୍ତି। ବିଦ୍ୟାଳୟର କ୍ୟାପେଟନ ସତ୍ୟମ କୁମାର ମହାନ୍ତ କ୍ରୀଡ଼ାର ଶପଥ ପାଠ କରାଇଥିଲେ। ପୁରୀ ନବୋଦୟର ଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ଓ ସୁନ୍ଦରଗଡ଼ ଛାତ୍ରୀଙ୍କ ଗଣେଶ ବନ୍ଦନା ଏବଂ ବିଭୁ ନୃତ୍ୟ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ମହମ୍ମଦ ରଫି ଓ ରିୟା ଦତ୍ତା ମଞ୍ଚ ପରିଚାଳନା କରିଥିଲେ। ଜିଙ୍କନଗର ନବୋଦୟ ବିଦ୍ୟାଳୟ ଅଧକ୍ଷ ତାପସ କୁମାର ଚଟୋପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଧନଞ୍ଜୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ୨ ଟାରେ ବାଳକ ବର୍ଗରେ ଭୋପାଳ ଜୋନ ୧-୦ ପଏଣ୍ଟରେ ହାଇଦ୍ରାବାଦ ଜୋନ ଠାରୁ ବିଜୟୀ ହୋଇଥିବା ବେଳେ ବାଳିକା ବର୍ଗରେ ଜୟପୁର ଓ ପୁନେ ୦-୦ ପଏଣ୍ଟ ପାଇଛନ୍ତି । ଶେଷରେ ବାଳକ ବର୍ଗରେ ପାଟନା ଜୋନ ୬-୦ ପଏଣ୍ଟରେ ଜୟପୁର ଜୋନ ଠାରୁ ବିଜୟୀ ହୋଇଥିଲେ । ଖେଳ ଶିକ୍ଷକ ପ୍ରସନ୍ନ ଷଣ୍ଢ, ଜୟନ୍ତୀ କୁଜୁର, ବିନୋଦ କୁମାର ବରାଇ , ବି କେ ସାହୁ, ଈଶ୍ୱର ଭୋଇ, ଟି ଏନ ହକ୍କିପ, ହିନା, ଉମାରାଣି ଦାସ, ଅରୁଣା ଦାସ, ମିଥିଲେସ କୁମାର, ଚିରଞ୍ଜିତ ଦର୍ଭା,ରାଜା ଦତ୍ତା, ସୋନୁ କୁମାର, ସୋନୁ ଶର୍ମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ପଦ୍ମଶ୍ରୀ ହଲଧର ନାଗ



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ,୨।୯(ଜୟ ନାରାୟଣ ମେଣ୍ଡୁଲି): ଓଡ଼ିଶାର ସ୍ୱନାମଧନ୍ୟ କବି ବିନୋଦ ଚନ୍ଦ୍ର ନାୟକଙ୍କ ସାହିତ୍ୟ କୃତୀ ଓ ସ୍ମୃତି ରକ୍ଷା ଦିଗରେ ପ୍ରଶାସନ ଓ ସରକାରଙ୍କ ସହଯୋଗ ଲୋଡିଛନ୍ତି ପଦ୍ମଶ୍ରୀ ହଲଧର ନାଗ। ସୋମବାର ସୁନ୍ଦରଗଡ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମ ପଥ କବିତାର କବି ଡ.ବିନୋଦ ଚନ୍ଦ୍ର ନାୟକ ଟ୍ରଷ୍ଟ, ତେଲିପାଲି, ନିଆଳିପାଲି ପକ୍ଷରୁ ପଦ୍ମଶ୍ରୀ ନାଗଙ୍କ ନେତୃତ୍ୱରେ ଟ୍ରଷ୍ଟ କର୍ମକର୍ତ୍ତା ଜିଲାପାଳଙ୍କୁ ପ୍ରଦାନ କରିଥିବା ଏହି ସ୍ମାରକ ପତ୍ରରେ ଦର୍ଶାଇଛନ୍ତି, ଗତ ୩ ବର୍ଷ ଧରି ଟ୍ରଷ୍ଟ ପକ୍ଷରୁ କବି ବିନୋଦଙ୍କ ଜନ୍ମମାଟି ତେଲିପାଲିର ନିଆଳିପାଲିରେ ତାଙ୍କର ଜୟନ୍ତୀ ପାଳିତ ହୋଇଆସୁଛି। ଟ୍ରଷ୍ଟ ପକ୍ଷରୁ ତାଙ୍କର ସ୍ମୃତି ରକ୍ଷା ପାଇଁ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମ ଗୋଶାଳାର ଉନ୍ନତି, ସାହିତ୍ୟ,କଳା,ସଂସ୍କୃତି ଓ ସ୍ଥାନୀରେ ଆଞ୍ଚଳର ଲୋକ କଳାର ପ୍ରସାର ପାଇଁ ହାତକୁ ନିଆଯାଇଛି। ଏହାକୁ ଅଧିକ ପ୍ରଭାବଶାଳୀ କରିବାକୁ ଜିଲା ପ୍ରଶାସନ ତଥା ସରକାରଙ୍କ ପକ୍ଷରୁ ସହଯୋଗ ସହ ଜୟନ୍ତୀ ପାଳନକୁ ଅଧିକ ଉତ୍ସବ ମୁଖର କରିବାକୁ ସହଯୋଗ କରିବାକୁ ପ୍ରସ୍ତାବ ଦିଆଯାଇଛି।


## ବାର୍ଡ ଫ୍ଲୁ ସମ୍ବନ୍ଧୀୟ ସତର୍କ ସୂଚନା

DSPL - 95

ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ (ପ୍ରକାର : ଏଚ୍-୫ ଏନ୍-୧) ଭୂତାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ଆକ୍ରାନ୍ତ ହୋଇଥାନ୍ତି । ବାର୍ଡ ଫ୍ଲୁ କୁକୁଡ଼ା ଠାରୁ ମନୁଷ୍ୟକୁ ମଧ ବ୍ୟାପିପାରେ ।

**ଲକ୍ଷଣ:**

- କୁକୁଡ଼ାଙ୍କ ଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ ।
- ଆଖିରୁ ପାଣି ଝରେ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ହୁଏ ।
- ଚୂଳ ନୀଳ ପଡ଼ିଲା ପରି ଦେଖାଯାଏ । ତରଳ ଝାଡ଼ା ହୋଇଥାଏ ।
- ରୋଗ ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦ ରୁ ୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି ।

**ନିରାକରଣ:**

- ଆବଶ୍ୟକ ନଥିଲେ ବାହାରର ଜୀବଜନ୍ତୁ, ଯାନବାହନ ଓ ମଣିଷଙ୍କୁ କୁକୁଡ଼ା ଫାର୍ମ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ୭୦° ସେଲସିୟସ ତାପମାତ୍ରାରେ ୩୦ ମିନିଟ ପର୍ଯ୍ୟନ୍ତ ସିଝାଇଲେ ଏହି ଭୂତାଣୁ ଲୋପପାଇଥାଏ ।
- କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟ ଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ।
- ପ୍ରାଣିରୋଗ ବିଶେଷଜ୍ଞମାନେ କୁକୁଡ଼ାଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିବା ପାଇଁ ଅନୁରୋଧ କଲେ ସେମାନଙ୍କୁ ସହଯୋଗ କରନ୍ତୁ ।
- ଗୋଟିଏ କୁକୁଡ଼ା ଫାର୍ମରେ ବ୍ୟବହାର ହେଉଥିବା ଦାନା ଓ ଲିଟର ମ୍ୟାଟେରିଆଲ୍‌କୁ ଅନ୍ୟ ଫାର୍ମକୁ ସ୍ଥାନାନ୍ତରଣ କରନ୍ତୁ ନାହିଁ ।
- କୌଣସି ସ୍ଥାନରେ ଅସ୍ୱାଭାବିକ ପକ୍ଷୀମୃତ୍ୟୁ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣିଚିକିତ୍ସକ କିମ୍ବା **ବାର୍ଡ ଫ୍ଲୁ କଣ୍ଟ୍ରୋଲ ରୁମ୍ (ଫୋନ୍ ନମ୍ବର : 06752 295123) କୁ ଅବଗତ କରାନ୍ତୁ ।** ଏହି ନମ୍ବରରେ ଫୋନ୍ କରି ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନ ଆପଣ ପଚାରିପାରିବେ ।

ବାର୍ଡ ଫ୍ଲୁ ଏବେ ପୁରୀ ଜିଲ୍ଲାର କେତୋଟି ବ୍ଲକ୍‌ରେ ଚିହ୍ନଟ କରାଯାଇଛି ଏବଂ ସରକାରଙ୍କ ତରଫରୁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।



ଆପଣମାନେ ଭୟଭୀତ ନହୋଇ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ନିବେଦନ

OIPR-06049/13/0001/2425

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ପୁରୀ

# କୋଲାବିରା ଅଞ୍ଚଳରେ ସପ୍ତପୁରୀ ଅମାବାସ୍ୟା ପାଳିତ

**କୋଲାବିରା,୨।୯ (ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳରେ ସୋମବାର ସପ୍ତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି। ଘରେ ଘରେ ବିଧି ମୁତାବକ ପୂଜାର୍ଚ୍ଚନା କରାଇଯାଇ ମାଟିର ଗାଈଗୋରୁଙ୍କୁ ଚିତ୍ରଣ କରି ସୁନ୍ଦର ବେଶରେ ସଜେଇ ପୂଜା ପରେ ପରିକ୍ରମା କରାଯାଇଥିଲା। କୁନି ପିଲାମାନେ ସଜାଯାଇଥିବା ମାଟି କଣ୍ଢେଇ ନେଇ ନିଜ ଭିତରେ କୌତୁକ କରୁଥିବା ଦେଖାଯାଇଥିଲା। ସପ୍ତପୁରୀ ଅମାବାସ୍ୟା ଅବସରରେ ନିୟମ ଅନୁଯାୟୀ ବ୍ରାହ୍ମଣ ପରିବାର ପକ୍ଷରୁ କୁଶ ସଂଗ୍ରହ କରାଯିବା ନିୟମ ରହିଛି। ଏହି ପରମ୍ପରାକୁ ବଜାୟ ରଖି ଏହି ଲଗ୍ନରେ ପବିତ୍ର କୁଶ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ବ୍ରାହ୍ମଣମାନେ

### ବ୍ରାହ୍ମଣଙ୍କ କୁଶ ସଂଗ୍ରହ, ଚାଷୀ ଉଚ୍ଛନ୍ନ, ପୂରାଉଆଁସ, ବଳଦ ପୂଜା

ପୂଜା କାର୍ଯ୍ୟରେ ବ୍ୟବହାର କରୁଥିବା ଏହି କୁଶ ମୁଖ୍ୟତଃ ସପ୍ତପୁରୀ ଅମାବାସ୍ୟା ଦିନ ସଂଗ୍ରହ କରାଯାଇଥାଏ। ଓଡିଶାରେ ବାର ମାସରେ ୧୩ ପର୍ବ ମଧ୍ୟରୁ ସପ୍ତପୁରୀ ଅମାବାସ୍ୟା ଅନ୍ୟତମ। ଯାହା ପଶ୍ଚିମ ଓଡିଶାରେ ପୁରା ଉଆଁସ ଭାବେ ଗଣପର୍ବର ମାନ୍ୟତା ହାସଲ କରିଛି। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ଏହି ଦିନ ଉପବାସ ରଖୁଥିଲେ ମଧ୍ୟ ଚାଷ



ସହିତ ଜଡିତ ଥିବାରୁ ଘରେ ଘରେ ପୁରେପୁରେ ଏହା ପରିଚିତି ପାଇଛି। ରାଜ୍ୟରେ ପ୍ରତ୍ୟେକ ଚାଷୀ ପରିବାର ସହିତ ସମସ୍ତ ଓଡିଆଙ୍କ ଘରେ ପାଳିତ ହେଉଛି ପୂଜା ଉପାସନା। ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ଅନୁଯାୟୀ ଏହି ତିଥିରେ ବ୍ରହ୍ମାଙ୍କ ଅଭିଳାଷରେ ଜନ୍ମ ସପ୍ତପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାତ ପ୍ରକାର ପୁରଦେଇ ମଣ୍ଡା, ଆରିସା, କାକରା ତିଆରି କରାଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରାଯାଏ। ଏହିଦିନ ନାରୀମାନେ ବ୍ରତ ଧାରଣ କଲେ ବୈଧବ୍ୟ ଦୂର ହେବା ସଙ୍ଗେ ପୁତ୍ର ସନ୍ତାନ ପ୍ରାପ୍ତି ରହିଥିବାରୁ ପୁରପଲ୍ଲୀରେ ଗଭୀର ଅନୁରାଗର ସହ ଏହା ପାଳନ ହୁଏ। ପଶ୍ଚିମ ଓଡିଶାରେ ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ଗରଭ୍ହରୁ ବା ପୁରାଉଆଁସ ନାଁରେ ଏହାକୁ ପାଳନ କରାଯାଇଥାଏ। ଏହି ସମୟରେ ବିଲରେ ଧାନ ଫସଲ ଗର୍ଭଧାରଣ କରୁଥିବାରୁ ଗର୍ଭତରୁ ପୂଜା କରାଯାଏ। ଚାଷୀ ବିଲରେ ଧନଲକ୍ଷ୍ମୀଙ୍କୁ ପୂଜା କରିବା ସହ ସହାୟକ ବଳଦକୁ ପୂଜା କରାଯାଇଥାଏ। ଅମାବାସ୍ୟ ପରଦିନ ଓଷାଇତିମାନେ ମାଟି ବା କାଠର ତିଆରି ବଳଦକୁ ପୂଜା କଲାପରେ ପୁଅଝିଅଙ୍କୁ ପୂଜା କରନ୍ତି। ପରେ ପିଲାମାନେ ଖେଳଣାରେ ଖେଳିଥାନ୍ତି। ଛୋଟ ପିଲାମାନେ ନୁଆଁ ଲୁଗା ପିନ୍ଧି ମାଟି ବା କାଠ ତିଆରି ବଳଦ ଗାଡି ଟାଣି ଖେଳନ୍ତି। ସାହି ପଡାର ପିଲାମାନେ ଏକତ୍ରୀତ ହୋଇ ମାଟି ତିଆରି ମାଣରେ ଖଇ, ଉଖୁଡା, ପିଠା, ପଣା ଆଣି ନିଜ ମଧ୍ୟରେ ଅଦଳବଦଳ କରି ଖାଇଥାନ୍ତି। ଅତୀତରେ ବଳଦ ପିଠିରେ ଲୁଣ ସଂଗ୍ରହ କରି ପ୍ରତିବଦଳରେ ମାଣରେ ଦିଆଯାଉଥିବା ଶସ୍ୟ ପ୍ରଥାକୁ ମନେ ପକାଉଥିବାରୁ ପୂରାଉଆଁସର ଆତ୍ମୀୟତା ବେଶ କଳନୀୟ।

# ମହିଳାମାନଙ୍କ ପାଇଁ ସୁବିଧା କେନ୍ଦ୍ର ଉଦ୍‌ଘାଟିତ



ସୁବିଧା କେନ୍ଦ୍ର ଉଦ୍‌ଘାଟିତ କରାଯାଉଛି।

**ଝାରସୁଗୁଡ଼ା,୨।୯(ସଞ୍ଜୟ ମାଲି)**

ଜିଲାପାଳଙ୍କ ଅଭିନବ ପ୍ରୟାସ କ୍ରମେ ଜିଲା କାର୍ଯ୍ୟାଳୟ ତଥା ସଂଲଗ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ଓ ଜିଲା କାର୍ଯ୍ୟାଳୟକୁ ଅଭିଯୋଗ ତଥା ଅନ୍ୟାନ୍ୟ ସେବା ପାଇଁ ଆସୁଥିବା ମହିଳାମାନଙ୍କ ପାଇଁ ଉଦ୍‌ଘାଟିତ ହୋଇଛି ସୁବିଧା କେନ୍ଦ୍ର ବା କ୍ରେଚ ସେଣ୍ଟର। ଏହି କେନ୍ଦ୍ରରେ ଛୋଟ ଛୋଟ ଶିଶୁଙ୍କ ଖେଳିବା ପାଇଁ ବିଭିନ୍ନ ପ୍ରକାର ଖେଳନାର ବ୍ୟବସ୍ଥା କରାଯାଇଛି। ଏଥି ସହିତ ଟିଭି ମାଧ୍ୟମରେ ଶିଶୁମାନଙ୍କ ମନୋରଞ୍ଜନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥି ସହିତ ଏଠାରେ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବା ପାଇଁ ମଧ୍ୟ କକ୍ଷ ସ୍ଥାପନା କରାଯାଇଛି। ଏହା ଦ୍ୱାରା କର୍ମକ୍ଷେତ୍ରରେ କାର୍ଯ୍ୟରତ ମହିଳା ତଥା ଅନ୍ୟ ମହିଳାମାନେ ଉପକୃତ ହୋଇପାରିବେ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ଅବୋଲି ସୁନୀଲ ନରୱଣେ ଜିଲା କାର୍ଯ୍ୟାଳୟର ତଳମହଲାରେ ସ୍ଥାପିତ ଏହି କ୍ରେଚ ସେଣ୍ଟର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜୟକୃଷ୍ଣ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲା ଖଣିଜ ପାଣ୍ଠିର ରୀନା ନାୟକ, ରୁଦ୍ରାକ୍ଷ ଶେଖର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଦେବଗଡ଼,୨।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୮ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୦.୦୪ ଜମିର ପଟ୍ଟା, ରାସ୍ତା ଓ ଡ୍ରେନଜ ମରାମତି, ବିଦ୍ୟୁତ୍ ସଂଯୋଗ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଆଲିଶା



@ ବିଜୟିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମ-୨୦୨୩ ବିରୋଧରେ ଶୋଭାଯାତ୍ରା

**ଦେବଗଡ଼,୨।୯(ଶଶାଙ୍କ ଶେଖର ଝାଙ୍କର):** ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମ-୨୦୨୩କୁ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଦେବଗଡ ଜିଲା ଶାଖା ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବାଦରେ ସୋମବାର ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଦେବଗଡ ଜିଲା ଶାଖା ସଭାପତି ନିରାକାର ପ୍ରଧାନଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଦେବଗଡ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପରକ୍ଷୀତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମ-୨୦୨୩ କାର୍ଯ୍ୟକାରୀ କରି ଆଦିବାସୀଙ୍କୁ ବ୍ୟାପକ ପରିମାଣରେ ବିସ୍ଥାପନ କରାଯିବାକୁ ଦାବି କରାଯାଇଛି।

# ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**ଦେବଗଡ଼,୨।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଡ଼ଁରା ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪ ଅନ୍ତର୍ଗତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାରକୋଟ ବ୍ଲକର ୧୭ଟିସାଧନ କେନ୍ଦ୍ରରୁ ୭୫ଜଣ ଛାତ୍ରୀଛାତ୍ର ଉପକନିଷ୍ଠ ବର୍ଗ ଓ ୨୫ଜଣ ଛାତ୍ରୀଛାତ୍ର କନିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ। ଉଭୟ ବର୍ଗରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ପ୍ରତିଯୋଗୀମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବାରକୋଟ ଗୋଷ୍ଠି ଶିକ୍ଷା ଅଧିକାରିଣୀ ଗାୟତ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନ୍ନ ଚନ୍ଦ୍ର ପାଇକରାୟ, ଡ଼ଁରା ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର ବିଶ୍ୱାଳ, ଭବେସ କୁମାର ସୁହୁଲା ଏବଂ ମୁଖ୍ୟବକ୍ତା ଭାବେ ବିଜୟନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରମାକାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ସ୍ୱରୂପ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବାରକୋଟ ବ୍ଲକ ଅନ୍ତର୍ଗତ ସମସ୍ତ ସାଧନ କେନ୍ଦ୍ର ସଂଯୋଜକ ଓ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଶିକ୍ଷକ ସହଯୋଗ କରିଥିଲେ।

# ଶିଶୁ ଆଶ୍ରୟ ଗୃହରେ ଖାଦ୍ୟ ବଣ୍ଟନ, ବାଇକ୍ ରାଲି

**ଦେବଗଡ଼,୨।୯(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ଡ୍ରାଇଭର ମହାସଂଘର ସ୍ଥାପନା ଦିବସରେ ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ରବିବାର ଡ୍ରାଇଭର୍ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଜିଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଟାଉନ ସଭାପତି ଶ୍ରୀନିବାସ ଦାଶ, ଉପସଭାପତି ଲକ୍ଷ୍ମୀ ନାରାୟଣ ପାଢୀ, ସମ୍ପାଦକ ପି.ଡି.ରାଜେଶ ଓ ଯୁଗ୍ମସମ୍ପାଦକ ଶାନ୍ତନୁ କୁମାର ଆଇନ୍ଦ ପ୍ରମୁଖ ସପୋର୍ଟ ଶିଶୁ ଆଶ୍ରୟ ଗୃହରେ ଶିଶୁମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହାପରେ ଝାଡେଶ୍ୱର ମନ୍ଦିରଠାରୁ ଏକ ବିଶାଳ ରାଲି ନଗର ପରିକ୍ରମା କରିବା ସହ ସର୍କିଟ ହାଉସ ନିକଟ ନୂଆବସଷ୍ଟାଣ୍ଡ ପ୍ରାଙ୍ଗଣରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ମହାସଂଘ ଜିଲା ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ରକ୍ତଦାନ

### ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଡ୍ରାଇଭର ଦିବସ ପାଳିତ

ଶିବିର ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ଓ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ଓଝା ଉଦଘାଟନ କରିଥିଲେ। ଶିବିରରେ ୧୦୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ଡ୍ରାଇଭର ସଂଘ ମୁଖ୍ୟ ପରାମର୍ଶଦାତା ପୃଥ୍ୱୀରାଜ ପଟ୍ଟନାୟକଙ୍କ ସଂଯୋଜନା ଓ ଜିଲା ସଭାପତି ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଟିଭି ଓ ସିନେ ତାରକା ଅଶ୍ରୁମୋଚନ ମହାନ୍ତି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଓ ଜନସେବା ଭଳି ଡ୍ରାଇଭରମାନଙ୍କ କଲ୍ୟାଣକାରୀ କାର୍ଯ୍ୟଶୈଳୀର ପ୍ରଶଂସା କରିବା ସହ ଜୀବନ ସଂଘର୍ଷ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସଦସ୍ୟ କମଳ ଲୋଚନ ପାତ୍ର, ତଅଁଲୁ ବିଶ୍ୱାଳ ଓ ରାଜୁ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅତିଥି ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ଡ୍ରାଇଭର ପରିବାର ମଧ୍ୟରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାରକୋଟ ବ୍ଲକ ମଧୁପୁର ପଞ୍ଚାୟତ ବସନ୍ତପୁର ଗାଁର ସ୍ମୃତି ସାହୁଙ୍କୁ ୧୦ ହଜାର ଟଙ୍କା ଓ ଟ୍ରଫି ଦିଆଯିବା ସହ ତାଙ୍କ ପିତା ତ୍ରିନାଥ ସାହୁ ଡ୍ରାଇଭର ଓ ମା' ରଶ୍ମିବାଳା ସାହୁଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲା ମହାସଂଘ ପକ୍ଷରୁ ବର୍ଷ ତମାମ ଆୟୋଜିତ ବିଭିନ୍ନ ସାମାଜିକ ଓ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ସକ୍ରୀୟ ଭୂମିକା ନେଇଥିବା ପୌରାଞ୍ଚଳ ସଦର ସଭାପତି ଶ୍ରୀନିବାସ ଦାଶ, ବାରକୋଟ ବ୍ଲକ ସଭାପତି ଲିଙ୍ଗରାଜ ରାଉତ, ରିଆମାଳ ବ୍ଲକ ସଭାପତି ତଅଁଲୁ ବିଶ୍ୱାଳ ଓ ତିଲେଇବଣି ବ୍ଲକ ସଭାପତି ସୁଧୀର ବେହେରାଙ୍କୁ ଉପଢୌକନ ଓ ପ୍ରଶଂସାପତ୍ର ଦେଇ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାରକୋଟ ବ୍ଲକର ରୁଦ୍ରନାରାୟଣ ଲହରା, ସୁଦାମ ଦାସ, ଭୋଳେଶ୍ୱର ନାଗ, ସୁଶାନ୍ତ ନାଏକ, ରିଆମାଳ ବ୍ଲକର ସୁନିଲ ନାୟକ, ଲିଙ୍ଗରାଜ ବେହେରା, ହୃଷିକେଶ ବେହେରା, ସଞ୍ଜୟ ବେହେରା ଓ ତିଲେଇବଣି ବ୍ଲକ ସୁନିଲ ମୁଣ୍ଡା ରଞ୍ଜିତ ଜୟସୱାଲ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଉଛି।

## ବାର୍ଡ ଫ୍ଲୁ ସମ୍ବନ୍ଧୀୟ ସତର୍କ ସୂଚନା

DSPL - 95

ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ (ପ୍ରକାର :ଏଚ୍-୫ ଏନ୍-୧) ଭୂତାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ଆକ୍ରାନ୍ତ ହୋଇଥାନ୍ତି । ବାର୍ଡ ଫ୍ଲୁ କୁକୁଡ଼ା ଠାରୁ ମନୁଷ୍ୟକୁ ମଧ୍ୟ ବ୍ୟାପିପାରେ ।

**ଲକ୍ଷଣ:**
- କୁକୁଡ଼ାଙ୍କ ଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ ।
- ଆଖିରୁ ପାଣି ଝରେ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ହୁଏ ।
- ଚୂଳ ନୀଳ ପଡ଼ିଲା ପରି ଦେଖାଯାଏ । ତରଳ ଝାଡ଼ା ହୋଇଥାଏ ।
- ରୋଗ ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦ ରୁ ୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି ।

**ନିରାକରଣ:**
- ଆବଶ୍ୟକ ନଥିଲେ ବାହାରର ଜୀବଜନ୍ତୁ, ଯାନବାହନ ଓ ମଣିଷଙ୍କୁ କୁକୁଡ଼ା ଫାର୍ମ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ୭୦° ସେଲସିୟସ ତାପମାତ୍ରାରେ ୩୦ ମିନିଟ ପର୍ଯ୍ୟନ୍ତ ସିଝାଇଲେ ଏହି ଭୂତାଣୁ ଲୋପପାଇଥାଏ ।
- କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟ ଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ।
- ପ୍ରାଣିରୋଗ ବିଶେଷଜ୍ଞମାନେ କୁକୁଡ଼ାଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିବା ପାଇଁ ଅନୁରୋଧ କଲେ ସେମାନଙ୍କୁ ସହଯୋଗ କରନ୍ତୁ ।
- ଗୋଟିଏ କୁକୁଡ଼ା ଫାର୍ମରେ ବ୍ୟବହାର ହେଉଥିବା ଦାନା ଓ ଲିଟର ମ୍ୟାଟେରିଆଲ୍‌କୁ ଅନ୍ୟ ଫାର୍ମକୁ ସ୍ଥାନାନ୍ତରଣ କରନ୍ତୁ ନାହିଁ ।
- କୌଣସି ସ୍ଥାନରେ ଅସ୍ୱାଭାବିକ ପକ୍ଷୀମୃତ୍ୟୁ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣିଚିକିତ୍ସକ କିମ୍ବା **ବାର୍ଡ ଫ୍ଲୁ କଣ୍ଟ୍ରୋଲ ରୁମ୍ (ଫୋନ୍ ନମ୍ବର : 06752 295123) କୁ ଅବଗତ କରାନ୍ତୁ ।** ଏହି ନମ୍ବରରେ ଫୋନ୍ କରି ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନ ଆପଣ ପଚାରିପାରିବେ ।



ବାର୍ଡ ଫ୍ଲୁ ଏବେ ପୁରୀ ଜିଲ୍ଲାର କେତୋଟି ବ୍ଲକ୍‌ରେ ଚିହ୍ନଟ କରାଯାଇଛି ଏବଂ ସରକାରଙ୍କ ତରଫରୁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।



ଆପଣମାନେ ଭୟଭୀତ ନହୋଇ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ନିବେଦନ

OIPR-06049/13/0001/2425

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ପୁରୀ

## ସଂକ୍ଷେପରେ

### ବଜ୍ରକାପ୍ତା ଉଦ୍ଧାର କଲା ବନବିଭାଗ



**କୋମନା,୨।୯ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ରେଞ୍ଜ ଅଧୀନ ମହୁଲଭଟା ଗ୍ରାମରୁ ବନ ବିଭାଗ ଏକ ବଜ୍ରକାପ୍ତା ଉଦ୍ଧାର କରିଛି। ଏହାର ଓଜନ ୫ କିଲୋଗ୍ରାମ ହେବ। ସୂଚନା ଅନୁଯାୟୀ ରବିବାର ରାତ୍ରିରେ ମହୁଲଭଟା ଗ୍ରାମର କୁମୁଦ ଶବରଙ୍କ ଘର ପାଖରେ କିଛି କୁକୁର ଭୁକୁଥିଲେ। କୁମୁଦ ବାହାରକୁ ଆସି ଏକ ବଜ୍ରକାପ୍ତା ବୁଲୁଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଆସି ଜୀବନ୍ତ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏହାକୁ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡି ଦିଆଯାଇଥିବା ରେଞ୍ଜର ସୁତାର କହିଛନ୍ତି।

### ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ



**କର୍ଲାମୁଣ୍ଡା,୨।୯(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ସୁଭଦ୍ରା ଯୋଜନାର ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରିଞ୍ଜାଠାରେ ଆଇସିଡିଏସ୍ କର୍ମୀ ପ୍ରଜ୍ଞା ପରମିତା ସାହୁ ଗାଁର ମହିଳାମାନଙ୍କୁ ସୁଭଦ୍ରା ଯୋଜନାର ଫର୍ମ ବଣ୍ଟନ କରିବା ସହ ଏହାକୁ ପୂରଣ କରିବାରେ ସହଯୋଗ କରିଥିଲେ। ବ୍ଲକର ଡୁକେରମାଲ, କାର୍ଣ୍ଣିଖୁଟି, କର୍ଲାମୁଣ୍ଡା ବସ୍ତି, ବିଜାପାଟି, କଣ୍ଡରେଇ, ରେଗଡା, ଦାଣ୍ଡିଭଜା, ମାଲପଡା, ବିନ୍ଧାଣି ପ୍ରଭୃତି ଗାଁରେ ଫର୍ମବଣ୍ଟନ ହୋଇଥିବା ଜଣାପଡିଛି।

### କପଡା ଦୋକାନରୁ ଚୋରି: ସିଲିଂ କାଟି ନେଇଗଲେ ଲକ୍ଷେ ୮୪ ହଜାର

**ଜୁନାଗଡ,୨।୯ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସହର କଲମପୁର ଛକ ନିକଟରେ ଥିବା ଏକ କପଡା ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ଦୋକାନ ଛାତ ସିଲିଂ କାଟି ଦୋକାନ ଭିତରକୁ ପଶି ୧ଲକ୍ଷ ୮୪ ହଜାର ଟଙ୍କା ଓ କିଛି କପଡା ନେଇଯାଇଛି। ଏ ନେଇ ଦୋକାନୀ ମାଲିକ ମନୋଜ ଅଗ୍ରୱାଲ ସୋମବାର ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଛି।

### ସପ୍ତପୁରୀ ଅମାବାସ୍ୟା ପାଳିତ

**ଖଡ଼ିଆଲ,୨।୯.(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲାର ପୁରପଲ୍ଲୀରେ ସପ୍ତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି। କୃଷି କାର୍ଯ୍ୟରେ ନିୟୋଜିତ ପ୍ରାଣୀଙ୍କ ପୂଜା ଅର୍ଚ୍ଚନା କରିବାର ଏକ ସାଙ୍କେତିକ ଦିବସ ରୂପେ ପାଳନ କରାଯାଇଥାଏ। ପଡୋଶୀ ରାଜ୍ୟ ଛତିଶଗଡ଼ର ଆଦିବାସୀ ବହୁଳ ଅଞ୍ଚଳରେ ବଳଦ ଓ କୃଷି କାର୍ଯ୍ୟରେ ନିୟୋଜିତ ପ୍ରାଣୀଙ୍କୁ ବିଭିନ୍ନ ରଙ୍ଗ ଦେଇ ସୁସଜ୍ଜିତ କରିଥାନ୍ତି। ଏହି ଅବସରରେ ବଜାରରେ ମାଟିରେ ତିଆରି ବିଭିନ୍ନ ପାତ୍ର ସମେତ ଘୋଡ଼ା, ବଳଦ ଓ ହାତୀ ବିକ୍ରିହେଉଛି। ଏହି ତିଥିରେ ଏକ ଖେଳ ମାଧ୍ୟମରେ କିଶୋର କିଶୋରୀ ସାମାଜିକ ସଚେତନତା କରିଥାନ୍ତି।

# ଜାନୁଆରୀ ୬ରେ ଚୂଡ଼ାନ୍ତ ଭୋଟର ତାଲିକା

**ଭବାନୀପାଟଣା,୨।୯ (ଉତ୍ତମ କୁମାର ଦାଶ)**



ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

- ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ
- ଅକ୍ଟୋବର ୧୮ ପର୍ଯ୍ୟନ୍ତ ଚାଲିବ

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଅଧ୍ୟକ୍ଷତା କରିଥିଲେ। ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୧୮ ପର୍ଯ୍ୟନ୍ତ ଚାଲିବ। ୨୦୨୫ ଜାନୁଆରୀ ୧ ସୁଦ୍ଧା ନୂତନ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ, ମୃତ୍ୟୁବରଣ କରିଥିବା ଭୋଟରଙ୍କ ନାମ ବାଦ, ବିବାହ ଜନିତ ଅଦଳବଦଳ, ଫଟୋ ଓ ଠିକଣା ସଂଶୋଧନ କରି ଜାନୁଆରୀ ୬ ତାରିଖ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଆପତ୍ତି ଅଭିଯୋଗ ଥିଲେ ୨୯।୧୦।୨୦୨୪ରୁ ୨୮।୧୧।୨୦୨୪ ମଧ୍ୟରେ ଗ୍ରହଣ କରାଯିବ।

ସୂଚନା ଅନୁଯାୟୀ କଳାହାଣ୍ଡି ଜିଲାର ୫ ନିର୍ବାଚନ ମଣ୍ଡଳୀରେ ମୋଟ ୧୪୧୦ ପୋଲିଂ ବୁଥ୍ ସହ ୩୦।୮।୨୦୨୪ ପର୍ଯ୍ୟନ୍ତ ୧୨ ଲକ୍ଷ ୯ହଜାର ୭ ଜଣ ଭୋଟର ତାଲିକାଭୁକ୍ତ ଅଛନ୍ତି । ସେଥିମଧ୍ୟରୁ ୬ ଲକ୍ଷ ୬ହଜାର ୬୨ ଜଣ ପୁରୁଷ, ୬ଲକ୍ଷ ୨ହଜାର ୮୭୭ ଜଣ ମହିଳା ଓ ୬୮ ଜଣ ତୃତୀୟ ଲିଙ୍ଗ ରହିଛନ୍ତି। ସେହିପରି ୧୮ ବର୍ଷ ହେଉଥିବା ଛାତ୍ରୀଛାତ୍ରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ଭୁଲ ଭୋଟର ତାଲିକା କେତେ ଜରୁରୀ ତାହା ଉପରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ସହଯୋଗକୁ ଅତିରିକ୍ତ ଜିଲାପାଳ ପାତ୍ର ଗୁରୁତ୍ୱ ଦେଇଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଭାବେ ଭାଜପାରୁ ଜୟ ଶଙ୍କର ନାଏକ, ବିଜେଡିରୁ ଭବାନୀ ଶଙ୍କର ନିଆଲ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଉତ୍ସବ ସାହୁ, ଆମ୍ ଆଦ୍‌ମୀ ପାର୍ଟିରୁ ସତ୍ୟ ନାରାୟଣ ମାହାର, ବହୁଜନ ସମାଜ ପାର୍ଟିରୁ ସୟଦ ହନିଫ, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆରୁ ନବ ପଟ୍ଟନାୟକଙ୍କ ସମେତ ଭବାନୀପାଟଣା ଭାରପ୍ରାପ୍ତ ଉପଜିଲାପାଳ ଜୟଦେବ ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ଚନ୍ଦ୍ରହାସ୍ୟ ମହାନନ୍ଦିଆ, ଡିଆଇପିଆରଓ ମନୋଜ ବେହେରା, ସହକାରୀ ଜିଲାପାଳ ପ୍ରିୟ ରଞ୍ଜନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ଆତ୍ମହତ୍ୟା, ବାପଘର ଲୋକଙ୍କ ହତ୍ୟା ଅଭିଯୋଗ

**ଲାଞ୍ଜିଗଡ଼,୨।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଚମ୍ପାଦେଇପୁର ପଞ୍ଚାୟତ ଯୋଡ଼ାବନ୍ଧ ଗ୍ରାମର ବିବାହିତା ମହିଳା ରୁକ୍ମଣୀ କାଡ଼ରକା ଓରଫ ମାଝି ରାୟଗଡା ଜିଲା ଆମ୍ବଦୋଳା ଥାନା ଧଣ୍ଡରା ଗ୍ରାମରେ ବେକରେ ଶାଢି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନାନୁସାରେ ଯୋଡ଼ାବନ୍ଧ ଗ୍ରାମର ଦୁଃଶାସନ ମାଝିଙ୍କ ଝିଅ ରୁକ୍ମଣୀ ଗତବର୍ଷ ମେ ୭ରେ ଧଣ୍ଡରା ଗ୍ରାମର ପ୍ରଦୀପ କାଡ଼ରକାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଅଭିଯୋଗ ଅନୁସାରେ ବିବାହର କିଛିଦିନ ପରେ ପ୍ରଦୀପ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। କିଛିଦିନ ପୂର୍ବେ ରୁକ୍ମଣୀ ନିର୍ଯାତନା ସହି ନ ପାରି ବାପଘରକୁ ଆସିଥିବାବେଳେ ପରିବାର ଲୋକେ ବୁଝାଶୁଝା କରି ପଠାଇଥିଲେ। ହେଲେ ପୁଣି ନିର୍ଯାତନା ଦିଆଯାଉଥିବା ନେଇ ରୁକ୍ମଣୀ ବାପା ଘରକୁ ଜଣାଇଥିଲେ। ଏପରିସ୍ଥଳେ ରବିବାର ରାତିରେ ସେ ପିନ୍ଧିଥିବା ଶାଢି ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଖବରପାଇ ପରିବାର ଲୋକେ ତାଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ରୁକ୍ମଣୀଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ରୁକ୍ମଣୀଙ୍କ ବାପା ଦୁଃଶାସନ ତାଙ୍କ ଝିଅକୁ ଶ୍ୱଶୁର ଘର ଲୋକେ ମାରିଦେଇଥିବା ନେଇ ଆମ୍ବଦୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୮/୨୪ରେ ମାମଲା ରୁଜୁକରିବା ସହ ପ୍ରଦୀପଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ରାୟଗଡ଼ାରୁ ସାଇଣ୍ଟିଫିକ ଟିମ ସହିତ ମାଜିଷ୍ଟ୍ରେଟ ଭାବେ ମୁନିଗୁଡ଼ା ତହସିଲଦାର ଏମ୍ ଅନୁରାଧା ପ୍ରଦୀପଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।

# ଉନ୍ନୟନ କାର୍ଯ୍ୟ ବୁଲିଦେଖିଲେ ଜିଲାପାଳ



ଜଳସେଚନ ପ୍ରକଳ୍ପର ନୌବିହାର କାର୍ଯ୍ୟସ୍ଥଳୀରେ ଜିଲାପାଳ ଓ ଅନ୍ୟମାନେ।

**ଖଡ଼ିଆଲ,୨।୯(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ନୌବିହାର କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଛନ୍ତି ଜିଲାପାଳ ମଧୁସୂଦନ ଦାସ। ସେ ନୌବିହାରର ଉନ୍ନତି ସହ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପର ଯନ୍ତ୍ରୀ ସୌମ୍ୟରଞ୍ଜନ ଜୟପୁରିଆ ଉପସ୍ଥିତ ଥିଲେ। ପରେ ଜିଲାପାଳ ସାନମହେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନକରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକରିଥିଲେ। ସେହିପରି ବରଗାଁ ଗ୍ରାମପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ତଦାରଖକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ ଓ ପିଇଓ ତପସ୍ୱିନୀ ଭୋଇ ଉପସ୍ଥିତ ଥିଲେ। ପରେ ସେ ଘରଧରା ବୁଡ଼ି ଅଞ୍ଚଳ ପଡ଼ା ପରିଦର୍ଶନ କରି ପାନୀୟ ଜଳ ସମସ୍ୟା ସହ ଗ୍ରାମରେ ଥିବା ଅନ୍ୟାନ୍ୟ ସମସ୍ୟା ସମାଧାନ ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବିଡିଓ ନରସିଂହ ଗଡ଼ବା, ସହକାରୀ ଯନ୍ତ୍ରୀ ଗିରୀଶ ପାତ୍ର, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା, ରମେଶ ଦୀପ, ଏପିଓ ପ୍ରଦୀପ ଓଝା, ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ, ସରପଞ୍ଚ ଆହ୍ଲାଦିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଘେରିଲେ ଅଞ୍ଚଳବାସୀ

**ଥୁଆମୂଳ ରାମପୁର,୨।୯ (ଦୁର୍ଗା କୀର୍ତ୍ତି)**



ବିଡିଓଙ୍କ ଗାଡ଼ି ଅଟକ ରଖି ବିରୋଧ କରୁଛନ୍ତି ଅଞ୍ଚଳବାସୀ।

**ଜନଶୁଣାଣି ପାଇଁ ଖଣି ଖନନ କମ୍ପାନୀ ପଠାଇଥିବା ସନ୍ଦେହ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ନାକରୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜନଶୁଣାଣି ଆୟୋଜିତ ହୋଇଥିଲା। ହେଲେ ଖଣି ଖନନ କମ୍ପାନୀ ପଠାଇଥିବା ସନ୍ଦେହରେ ଅଞ୍ଚଳବାସୀ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ଗାଡି ଅଟକାଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜନଶୁଣାଣି ଶିବିରରେ ବ୍ଲକର ମଙ୍ଗଳ ଅଧିକାରୀ ଶୁଭଜିତ ରଞ୍ଜନ ସ୍ୱାଇଁ, ବିଏସ୍‌ଏସ୍‌ଓ ସୁନାରାମ ସୋରେନ, ଆର୍‌ଏଚ୍ ରାଜେନ୍ଦ୍ର ନାରାୟଣ ଦେବ, ଏମ୍‌ଆଇ ବିଭୂରଞ୍ଜନ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହରିହର କୁମାର, ଜିଆର୍‌ଏସ୍ ଖଗପତି ନାଏକ ଓ ବିଭିନ୍ନ ଲାଇନ ବିଭାଗର କର୍ମଚାରୀ ପହଞ୍ଚିଥିଲେ। ହେଲେ ସେଠାରେ ଅଞ୍ଚଳବାସୀ ସିଜିମାଳି ଓ କୁଟ୍ରୁମାଳିକୁ କମ୍ପାନୀକୁ ଦେବୁ ନାହିଁ ବୋଲି କହି ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ପୂର୍ବରୁ ମଧ୍ୟ ସେମାନେ କେରପାଇ ଗ୍ରାମ ପଞ୍ଚାୟତର ଜନଶୁଣାଣି ବେଳେ ବିରୋଧ କରିଥିଲେ। ତେଣୁ କମ୍ପାନୀ ପଠାଇଥିବା ସନ୍ଦେହରେ ସୋମବାର ସେମାନେ ବିଡିଓଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଅଟକାଇଥିଲେ। ପରେ ବିଡିଓ ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରଙ୍କ ଯୋଜନାକୁ ନେଇ ଆମେ ଆସିଛୁ, କୌଣସି କମ୍ପାନୀ କିମ୍ବା ଖଣି ଖନନ ବିଷୟକୁ ନେଇ ଆସିନାହୁଁ ବୋଲି କହିବା ପରେ ସ୍ଥିତି ଶାନ୍ତ ପଡିଥିଲା। ବିଡ଼ିଓ ମୁଦୁଲି କହିଥିଲେ, ଲୋକଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଜନଶୁଣାଣି କରାଯାଉଛି। ହେଲେ ସଚେତନତା ଅଭାବରୁ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରୋକାଯାଉଛି ବୋଲି କହିଥିଲେ।

### ପର୍ଥଲାରେ ନୂଆଖାଇ ଆଜି, ପ୍ରସ୍ତୁତି ଚୂଡ଼ାନ୍ତ

**କେସିଙ୍ଗା,୨।୯(ତୁମେଶ୍ୱର ସାହୁ):** କେସିଙ୍ଗା ବ୍ଲକର ପର୍ଥଲା ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ନୂଆଖାଇ ଅନୁଷ୍ଠିତ ହେବ। ପର୍ଥଲା ବାହାଦୂରପଦର ଓ ପଲକାପଡ଼ାବାସୀ ନୂଆ ଖାଇବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ସପ୍ତପୁରୀ ଅମାବାସ୍ୟା ରହିଥିବାରୁ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଗ୍ରାମ ଦେବଦେବୀ ବୁଢାରଜା, ଗମଖାଇ, ଡ଼ଙ୍ଗରଦେବୀ, କାଳୀସୁନ୍ଦରୀ, ଖମ୍ବେଶ୍ୱରୀ, ସୁରୁଜମୁନିଙ୍କଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଦେବ ବରଣ କରିଛନ୍ତି। ଏଥିସହ ଉପବାସ ରହିଛନ୍ତି। ଏହା ତିନିଦିନ ଧରି ଜାରି ରହିବ। ପ୍ରତିପଦା ତିଥି ମଙ୍ଗଳବାର ନୂଆ ଅନ୍ନରେ ପ୍ରସ୍ତୁତ ଭୋଗ ନିଜ କୁଳଦେବୀ ଓ ଗ୍ରାମଦେବୀଙ୍କୁ ଅର୍ପଣ କରାଯିବା ପରେ ସମସ୍ତେ ନୂଆ ଖାଇବେ। ସୂଚନାଯୋଗ୍ୟ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଏକକାଳୀନ ଭାଦ୍ରବ ମାସ ଶୁକ୍ଳପକ୍ଷ ତିଥିରେ ହେଉଥିବା ବେଳେ କଳାହାଣ୍ଡି ଜିଲାରେ ତିନୋଟି ପର୍ଯ୍ୟାୟରେ ସମ୍ପନ୍ନ ହୋଇଥାଏ। ତେବେ କେସିଙ୍ଗା ବ୍ଲକର ପର୍ଥଲା ଗ୍ରାମବାସୀ ଆଗୁଆ ନୂଆ ଖାଇବା ପରମ୍ପରା ରାଜାରାଜୁଡା ଅମଳରୁ ଚାଲିଆସୁଛି।

# ଭତ୍ତା ଟଙ୍କା ହାତରେ ଦିଆଯାଉ



ଦାବିପତ୍ର ଦେବାକୁ ଆସିଥିବା ବୃଦ୍ଧାବୃଦ୍ଧ।

**ନୂଆପଡ଼ା,୨।୯ (ମକାରୁ ବେମାଲ)**

**ଜିଲାପାଳଙ୍କୁ ଅଭିଯୋଗକଲେ ବୃଦ୍ଧାବୃଦ୍ଧ**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଦର୍ଲିପଡ଼ା ଗାଁର ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗମାନଙ୍କ ଭତ୍ତା ଟଙ୍କା ଆକାଉଣ୍ଟରେ ଦିଆ ନ ଯାଇ ହାତରେ ଦିଆଯାଉ ବୋଲି ବୃଦ୍ଧାବୃଦ୍ଧ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇଛନ୍ତି। ଜିଲାପାଳ ମଧୁସୂଦନ ଦାସ ସରକାରଙ୍କ ନିୟମ ଅନୁଯାୟୀ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗକ୍ରମେ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ହାତରେ ଭତ୍ତା ଟଙ୍କା ଦିଆଯାଉଥିଲା। ହେଲେ କିଛିବର୍ଷ ହେବ ଆକାଉଣ୍ଟରେ ଦିଆଯାଉଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ମିନି ବ୍ୟାଙ୍କକୁ ଗଲେ ଅଙ୍ଗୁଠି ଚିହ୍ନ ଆସୁ ନ ଥିବାରୁ ଭତ୍ତା ଟଙ୍କା ଉଠାଣ ହୋଇପାରୁ ନାହିଁ। ୧୦ କି.ମି. ଦୂର ତରବୋଡ଼କୁ ଅଟୋ ଭଡ଼ାକରି ଗଲେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ପୁଣି ସେଠାରେ ବ୍ୟାଙ୍କ ଅଧିକାରୀ ମିନି ବ୍ୟାଙ୍କରେ ଟଙ୍କା ଉଠାଣ କରିବ ବୋଲି ଫେରାଇ ଦେଉଛନ୍ତି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବଭଳି ପଞ୍ଚାୟତ କାର୍ଯ୍ୟାଳୟରେ ହାତରେ ଭତ୍ତା ଟଙ୍କା ଦିଆଯାଉ ବୋଲି ପିଛାରୁ ଧରୁଆ, ଲଛମନ ନାଏକ, ବେଲ ଧରୁଆ, ଚମ୍ପା ଧରୁଆ, ଅଗ୍ନି ଧରୁଆ, ଜେଠୁ ମାଝି, ପଖାନ ମାଝି, ଜଳଧର ଧରୁଆ, ସୁନ୍ଦରମଣି ଧରୁଆ, ରାଇସିଂ ମାଝି, ରାଇସିଂ ଧରୁଆ ପ୍ରମୁଖ ଦାବି କରିଛନ୍ତି ।

# ଯୋଗମାୟା ପୀଠର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେସିଙ୍ଗା,୨।୯ (ତୁମେଶ୍ୱର ସାହୁ)**



ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ଅବସରରେ ଟ୍ରଷ୍ଟ ସଦସ୍ୟ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଗୁର୍ଜିମୁଣ୍ଡାସ୍ଥିତ ମା' ଯୋଗମାୟା ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ସହ ପୀଠର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଷ୍ଟର ସଦସ୍ୟମାନେ ରବିବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହ ମା'ଙ୍କ ପ୍ରତିମୂର୍ତ୍ତି ଓ ମନ୍ଦିର ପରିସରରୁ ଉତ୍ପାଦିତ ରୁଦ୍ରାକ୍ଷ ପ୍ରଦାନ କରିଥିଲେ। ପ୍ରାକୃତିକ ପରିବେଶରେ ଥିବା ଏହି ପୀଠକୁ ବହୁ ପର୍ଯ୍ୟଟକ ଦୂରଦୂରାନ୍ତରୁ ପରିଦର୍ଶନରେ ଆସିଥାନ୍ତି। କିନ୍ତୁ ସରକାରୀ ସ୍ତରରେ ଏହାର ବିକାଶ ଓ ଉନ୍ନୟନ କରାଯାଇ ନାହିଁ। ଏହାର ଉନ୍ନତୀକରଣ ହେଲେ ଅଞ୍ଚଳର ଆର୍ଥିକ ବିକାଶ ହେବ ଓ ବହୁ ଲୋକ ରୋଜଗାର ପାଇପାରିବେ ବୋଲି ଟ୍ରଷ୍ଟ ସଦସ୍ୟମାନେ ଦର୍ଶାଇଥିଲେ।

### ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ଜୟପାଟଣା,୨।୮ (ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣାସ୍ଥିତ ଉମାଶଙ୍କର ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜୟପାଟଣା ବିଇଓ ପ୍ରେମ ନାରାୟଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଉପକନିଷ୍ଠ ବିଭାଗରୁ ୯୬, କନିଷ୍ଠ ବିଭାଗରୁ ୪୬ ଓ ବରିଷ୍ଠ ବିଭାଗରୁ ୧୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସଭାରେ ବିଇଓ ପଣ୍ଡା, ବିଆର୍‌ସିସି ସୁରେନ୍ଦ୍ର ମୋହନ ଯୋଶୀ, ଏବିଇଓ ପ୍ରଭାତ କୁମାର ଖମାରୀ, ଖବରଦାତା ପ୍ରାଣରଞ୍ଜନ ବେହେରା, ଅଶ୍ରଫ ଅଲ୍ଲୀ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଉପ କନିଷ୍ଠ ବିଭାଗରେ ମୁଣ୍ଡରାଗୁଡା ପ୍ରାଥମିକ ବିଦ୍ୟାଳୟର ଛାତ୍ର ଟିକେଚନ ନାଏକ, କନିଷ୍ଠ ବିଭାଗରେ ଗାନ୍ଧିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନଳିନୀ ପ୍ରଭା ମାଝି ଓ ବରିଷ୍ଠ ବିଭାଗରେ ପାଇକକେନ୍ଦୁମୁଣ୍ଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଦିବ୍ୟାଞ୍ଜଳି ହଂସ ସର୍ବୋଚ୍ଚ ନମ୍ବର ରଖି ପୁରସ୍କୃତ ହୋଇଥିଲେ।

# ବିଜୁ ପଟ୍ଟନାୟକ ଷ୍ଟାଡିୟମ କାମରେ ଅନିୟମିତତା

**କ୍ରୀଡ଼ାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଲେ ଏନ୍‌ଏସି ଅଧ୍ୟକ୍ଷ**

**ଭବାନୀପାଟଣା,୨।୯ (ଉତ୍ତମ କୁମାର ଦାଶ)**



କ୍ରୀଡ଼ାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଉଛନ୍ତି ଏନ୍‌ଏସି ଅଧ୍ୟକ୍ଷ।

କଳାହାଣ୍ଡି ଜିଲା ଜୁନାଗଡ ସହରଠାରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମ ଓ ଇନ୍‌ଡୋର ହଲ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ପାଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହାର ତଦନ୍ତ କରିବା ପାଇଁ ବିଭାଗୀୟ ସଚିବକୁ ନିର୍ଦ୍ଦେଶ ଦେଇଛନ୍ତି।

# ସୁନ୍ଦର ଭବିଷ୍ୟତ ଗଢ଼ି ତୋଳିବାକୁ ପରାମର୍ଶ

**ଭବାନୀପାଟଣା,୨।୯ (ଉତ୍ତମ କୁମାର ଦାଶ)**




ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଟ୍ଟାୟତ ସାହୁ ଯୋଗଦେଇ ପିଲାଙ୍କୁ ସୁନ୍ଦର ଭବିଷ୍ୟତ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଖଡ଼ିଆଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମିଶ୍ର, ବିଶ୍ୱବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ, ପି ଜି କାଉନସିଲ ଅଧ୍ୟକ୍ଷା ଡ. ନିବେଦିତା ନାଥ, ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା ପ୍ରମୁଖ ଯୋଗଦେଇ ଜିଲାରେ ଉଚ୍ଚଶିକ୍ଷାର ପ୍ରଚାର ପ୍ରସାର ପାଇଁ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପ କୁଳସଚିବ ଡ. ଜୟଦେବ ସାହୁଙ୍କ ୨ଟି ପୁସ୍ତକ ତାଜମହଲର ମୋତେ ଝି ଦରକାର ଝି ଦିଅ ଓ ନୂଆପଡା ଜିଲାର ସାଂସ୍କୃତିକ ବିଭବ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଗ୍ରାହକ ସେବାକେନ୍ଦ୍ର କର୍ମଚାରୀଙ୍କ ଦାବିପତ୍ର

**କୋକସରା,୨।୯ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଦାବିପତ୍ର ପ୍ରଦାନ କରାଯାଉଛି।

**ସୁଭଦ୍ରା ଯୋଜନା ପାଇଁ ଫି' ନିର୍ଦ୍ଧାରିତ କରାଯାଉ**

ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସୁଭଦ୍ରା ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପଞ୍ଜୀକୃତ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୧୦ ହଜାର ହିସାବରେ ୫ବର୍ଷରେ ୫୦ ହଜାର ସହାୟତା ରାଶି ମିଳିବାର ପ୍ରାବଧାନ ରହିଛି। ଏଥିରେ ସାମିଲ ହେବା ପାଇଁ ପ୍ରତି ବ୍ଲକରେ ଥିବା ସରକାରଙ୍କ ଦ୍ୱାରା ରେଜିଷ୍ଟ୍ରିଭୁକ୍ତ ଗ୍ରାହକ ସେବା କେନ୍ଦ୍ର (ସିଏସ୍‌ସି)ରେ ଅନ୍‌ଲାଇନ ଆବେଦନ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ସେବା କେନ୍ଦ୍ର ପାଇଁ କୌଣସି ନିର୍ଦ୍ଧାରିତ ଫି' ରାଜ୍ୟ ଦେବା ଲାଗି ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ନାହିଁ। ଏହାର ପ୍ରତିବାଦ କରି ସୋମବାର କୋକସରା ବ୍ଲକର ୨୨ ପଞ୍ଚାୟତରେ ଥିବା ଗ୍ରାହକ ସେବା କେନ୍ଦ୍ରର ସିଏସ୍‌ସି, ଭିଏଲ୍‌ଇ ସଂଘ ପକ୍ଷରୁ ୨ ଦଫା ଦାବିପତ୍ର କୋକସରା ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଯଦି ସରକାର ମାଗଣାରେ ହିତାଧିକାରୀଙ୍କ ଅନଲାଇନ କରିବାକୁ ଚାହୁଁଛନ୍ତି ତା'ହେଲେ ମାସିକ ଦରମା ଦେବା ବ୍ୟବସ୍ଥା କରନ୍ତୁ, ନଚେତ ପ୍ରତିଟି ଅନ ଲାଇନ ବାବଦରେ ୧୦୦ ଟଙ୍କା ଫି' ନିର୍ଦ୍ଧାରିତ କରନ୍ତୁ ବୋଲି ଉଲ୍ଲେଖ ରହିଛି। ଦାବିକୁ ଅଣଦେଖା କରାଗଲେ ଅନ୍‌ଲାଇନରେ ଅସହଯୋଗ କରାଯିବ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର ବିଦ୍ୟାଧର ଖର୍ସେଲ, ଚନ୍ଦ୍ର ଶେଖର ନାଏକ, ତାପସ ରଞ୍ଜନ ବାଗ, ସୋହାନ ରଞ୍ଜନ ଠାକୁର, କୈଳାସ ଚନ୍ଦ୍ର ଗୋପାଳ, ଆକାଶ ସରାବୁ, ବିରେନ୍ଦ୍ର ଖର୍ସେଲ, କୈଳାଶ ଖର୍ସେଲ, ଖଗେଶ୍ୱର କଟା, ଅଭିମନ୍ୟୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାଣିମୋରା ଗ୍ରାମରେ ଆଇନ ସଚେତନତା ଶିବିର

**ସୋହେଲା, ୨୧ା୯(ଅଶ୍ୱିନୀ କୁମାର ପାତ୍ର):** ବରଗଡ ଜିଲା ସୋହେଲା ବ୍ଲକ ସଂଗ୍ରାମୀ ତୀର୍ଥ ପାଣିମୋରା ଗ୍ରାମରେ ଶନିବାର ସନ୍ଧ୍ୟାରେ ସୋହେଲା ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମିତିର ଅଧକ୍ଷା ତଥା ସୋହେଲା ସିଭିଲ (ସିନିୟର ଡିଭିଜନ) କୋର୍ଟରେ ସବ୍‌ଜଜ ଚିନ୍ମୟୀ ରଥ ଗ୍ରାମରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମର ଦୁଆନପଡାଠାରେ ଥିବା କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଅଧକ୍ଷତା କରିଥିଲେ ତାଲୁକ ଆଇନ ସେବା ସମିତିର ଅଧକ୍ଷା ତଥା ସବ୍‌ଜଜ ଚିନ୍ମୟୀ ରଥ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସରକାରୀ ଓକିଲ ଅଶୋକ କୁମାର ବାରିକ। ତାଲୁକ ଆଇନ ସେବା ସମିତିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଆଇନଜୀବୀ ପ୍ରମୋଦ କୁମାର ସାହୁ। ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରି ସଚେତନ କରିବାର ଉଦ୍ଦେଶ୍ୟ ରହିଥିଲା। ଡବ୍ଲ୍ୟୁଇଓ ଅତିଶ କୁମାର ଭୋଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ବିସ୍ତୃତିଭାବେ ବୁଝାଇଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ତଥା ବହୁ ସଚେତନ ନାଗରିକ ଯୋଗ ଦେଇଥିଲେ। ଶେଷରେ ଗ୍ରାମର ବରିଷ୍ଠ ନାଗରିକ ମୁକ୍ତେଶ୍ୱର ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଇତିହାସ ବିଭାଗରେ ଆଲୋଚନାଚକ୍ର

**ବରଗଡ଼, ୨ା୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଶାର ସମ୍ପ୍ରତି ପ୍ରତ୍ନତାତ୍ତ୍ୱିକ ଖନନ' ଶୀର୍ଷକ ଆଲୋଚନାଚକ୍ରରେ ବିଷୟ ବିଶେଷଜ୍ଞ ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଇତିହାସ ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ଡଃ ଅତୁଲ କୁମାର ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା ବରଗଡ଼ ଜିଲାର ବରପାଲି ନିକଟସ୍ଥ ଅସୁରଗଡ଼, ରଓଝନ, ତରାଇଘାଟ, ପଚରାହିଲ, ଗିବା ପ୍ରଭୃତି ଐତିହାସିକ ସ୍ଥାନ ଗୁଡ଼ିକରେ ଖନନ କରାଯାଇ ମୁଦ୍ରା, ଶିଳା, ମୋହର ଓ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ଆବିଷ୍କୃତ ହୋଇଛି । ଏହି ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଖନନ କାର୍ଯ୍ୟକ୍ରମ ମହାନଦୀର ଉପର ମୁହାଣରୁ ଆରମ୍ଭ କରାଯାଇ ଅବ୍ୟାହତ ରହିଛି ବୋଲି ଆଲୋଚନାଚକ୍ରରେ ସୂଚନା ଦିଆଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ସହକାରୀ ପ୍ରଫେସର ଡଃ ନକୁଳ ସେଠଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଅଧ୍ୟାପକ କ୍ରିଷ୍ଣକାନ୍ତ ଲାହାଙ୍ଗିର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ଡଃ ବିଭୂତି ଭୂଷଣ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଝରଣା ବିଶ୍ୱାଳ, ଡଃ ପୁଷ୍ପିତାରାଣୀ ବେହେରା ଓ ଅଜିତ କୁମାର ସାହୁ ଯୋଗ ଦେଇଥିଲେ। ବିଭାଗର ଛାତ୍ରୀଛାତ୍ର ସହଯୋଗ କରିଥିଲେ । ଝରଣା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗ ପାଳିଲେ ପୂରାଉଆଁସ

**ବରଗଡ଼, ୨ା୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସୋମବାର ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ପୁରାଉଆଁସ ଆନନ୍ଦ ଉଲ୍ଲାସରେ ପାଳନ କରି ପରମ୍ପରାକୁ ଉଜ୍ଜୀବିତ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସାଧୁ ନେପାକ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସର୍ଦ୍ଦାର ପ୍ରୀତମ ସିଂ, ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ଅଭିନେତା ନନ୍ଦିଘୋଷ ମହାପାତ୍ର, ନେପାଳେଶ୍ୱର ନନ୍ଦ, ଦିବାକର ମାଝୀ, ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟ, କମଳ ସାହୁ, ରମେଶ ଦାଶ, ଜଟାଧାରୀ ପ୍ରଧାନ, ଭକ୍ତପ୍ରସାଦ ସାହୁ, ଅଶୋକ ପ୍ରଧାନ, ଅଶୋକ ଅଗ୍ରୱାଲ, ଶରତ ସାହୁ, ସୁବାସ ଚନ୍ଦ୍ର ପ୍ରଧାନ, ଆଶିଷ ମହାପାତ୍ର, ମନୋରଞ୍ଜନ ସାହୁ, ସହଦେବ ଜାଲ, ଶରତ ଚନ୍ଦ୍ର ସାହୁ, ହରଜିନ୍ଦର କୌର, କଲ୍ୟାଣୀ ଶତପଥୀ, ସୁରେଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ପୂଜାର୍ଚ୍ଚା କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଟେରାକୋଟାରେ ସଜ୍ଜିତ ବଳଦ, ଘୋଡ଼ା, ହାତୀକୁ ଦିବ୍ୟାଙ୍ଗ ଛାତ୍ରମାନେ ଟାଣିଥିବାବେଳେ ଛାତ୍ରୀମାନେ ଗୃହିଣୀ ବେଶରେ ଟାଙ୍ଗୁଡ଼ିରେ ପୂଜା ସାମଗ୍ରୀ ଧରି ଆଗେଇ ଚାଲିଥିଲେ। ଟାଉନ ଥାନା ପରିସରରେ ଥାନାଧିକାରୀ ସତ୍ୟଜିତ୍ କଣ୍ଡାନକେଲ ଏବଂ ମୁଖ୍ୟ ଡାକଘର ଅଧିକାରୀ ନୃସିଂହ ପ୍ରସାଦ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗୃହିଣୀ ବେଶରେ ଥିବା ଛାତ୍ରୀମାନେ ସଜ୍ଜିତ ବଳଦ, ଘୋଡ଼ାକୁ ପୂଜାର୍ଚ୍ଚନା କରି ଲଡୁ ଖାଇବାକୁ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁ, ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଅଭୟ ପ୍ରଧାନ ଉଭୟ ବିଦ୍ୟାଳୟ ଏବଂ ଥାନା ପରିସରରେ ଅତିଥିମାନଙ୍କୁ ପୂଜାର୍ଚ୍ଚନା କରି ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ। ପୂଜା ପରେ ପୌରାଧ୍ୟକ୍ଷା ମାଝୀ କୃଷକ ବେଶରେ ସଜ୍ଜିତ ୩ ଛାତ୍ରଙ୍କୁ ସମ୍ମାନିତ କରିଥିଲେ। ଜାତୀୟ ପତାକା ରଙ୍ଗରେ ୯ଛାତ୍ରୀ ସଜ୍ଜିତ ହୋଇ ଦର୍ଶକମାନଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅତିଥିଙ୍କ ଗହଣରେ ପୂଜାର୍ଚ୍ଚନା କରୁଛନ୍ତି।

# ଆମ୍ବେଡକର ଯୋଦ୍ଧାଙ୍କ ଜରୁରୀ ବୈଠକ

**ପାଇକମାଳ, ୨ା୯(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ପରିସରରେ ଥିବା ରୋହିଦାସ ସମାଜ କଲ୍ୟାଣ ମଣ୍ଡପଠାରେ ଚକ୍ରଧର ଅଜଗର ଓ ପବିତ୍ର ସୁନାଙ୍କ ନେତୃତ୍ୱରେ ଆମ୍ବେଡକର ଯୋଦ୍ଧାର ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଶ୍ୱିନୀ ତାଣ୍ଡି ସଭାପତିତ୍ୱ କରିଥିଲେ। ସଭାପତି ମହେଶ ବାଗ, ଜିଲା ସଭାପତି କୁଶ ତାଣ୍ଡି, ଯୁବ ସାମାଜିକକର୍ମୀ ସୁଜନ ବାଗ, ଆଇନଜୀବୀ ଧନରାଜ ଗୁର୍ଲା, ସୋମନାଥ ବାଗ, ଦେବଚନ୍ଦ୍ର ବାଗ ଓ ଝାରବନ୍ଧ ବ୍ଲକ ସଭାପତି ପ୍ରଦୀପ ଦୀପ ନିଜର ଅଭିଭାଷଣ ରଖିଥିଲେ। ସୁଶାନ୍ତ ଅଜଗର, ପରମେଶ ସୁନାନି, ଅରୁଣ କୁମ୍ଭାର, ଦିଲୀପ ସାଗର, ଜିତେନ୍ଦ୍ର ତାଣ୍ଡି, ୟ୍ୟୁଟୁବର ପ୍ରସାଦ ମହାଦେ, ଦୀପକ ରଞ୍ଜନ ନାଗ, ଗଜାନନ ସୁନା, କରୁଣ ସୁନାନି, ସୌକିଲାଲ ସତନାମୀ, ଅଭିମନ୍ୟୁ ଅଜଗର ଉପସ୍ଥିତ ଥିଲେ। ପାଇକମାଳ, ପଦ୍ମପୁର ଓ ଝାରବନ୍ଧ ଅଞ୍ଚଳର ଲୋକେ କେମିତି ସରକାରୀ ଯୋଜନାରୁ ନିଜର ହକ୍ ଅଧିକାରରୁ ବଞ୍ଚିତ ନ ହେବେ ଓ ଲୋକଙ୍କ ଅସୁବିଧା କିପରି ପ୍ରଶାସନ ପାଖକୁ ପହଞ୍ଚିବ ତାହା ଆଲୋଚନା କରାଯାଇ ଆହୁରି ଅନେକ ବିଷୟରେ ପ୍ରସ୍ତାବଗୁଡ଼ିକ ନିଆଯାଇଥିଲା। ନୃସିଂହନାଥଠାରେ ବୈଠକ ଶେଷ କରି ନୂତନ ପାଇକମାଳ ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ଏବଂ ଦଳିତ ସମାଜ ଉପରେ ହେଉଥିବା ଅତ୍ୟାଚାରକୁ କିପରି ଭାବେ ରୋକାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ 'ଯିଏ ଅପରାଧ କରିବ ଆଇନ ଅନୁଯାୟୀ ଦଣ୍ଡ ପାଇବ' ବୋଲି କହିଥିଲେ। ଶେଷରେ ଜିଲା ସଭାପତି କୁଶ ତାଣ୍ଡି ଧନ୍ୟବାଦ ଜ୍ଞାପନ କରିଥିଲେ।


ବୈଠକରେ ଉପସ୍ଥିତ ଥିବା କର୍ମକର୍ତ୍ତା।

# ଶିକ୍ଷକ ଅଭାବ: ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର

**ପାଇକମାଳ, ୨ା୯(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ବ୍ଲକ ସାପଲହର ସେବାଶ୍ରମ ସ୍କୁଲରେ ସୋମବାର ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ପାଇକମାଳ ବ୍ଲକ ଡବ୍ଲ୍ୟୁଇଓ ସୁନୀଲ ଭୋଇ ଧାରଣା ସ୍ଥଳରେ ପହଞ୍ଚି ସ୍କୁଲ ଖୋଲିବା ପାଇଁ ଅନୁରୋଧ କରିଥିଲେ। ହେଲେ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ସ୍କୁଲରେ ଆବଶ୍ୟକ ଅନୁସାରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ନ ଦେଲେ ଧାରଣା ଜାରି ରହିବ ବୋଲି କହିଥିଲେ। ଏନେଇ ଭୋଇ ବରଗଡ ଡିବ୍ଲ୍ୟୁଓ ମୃତ୍ୟୁଞ୍ଜୟ ବଡ଼ପଣ୍ଡାଙ୍କୁ ଜଣାଇଥିଲେ। ସେ ଗ୍ରାମବାସୀଙ୍କ ସହ କଥା ହୋଇ ମଙ୍ଗଳବାର ଆପଣଙ୍କ ପାଖକୁ ଯାଇ ଶିକ୍ଷକ ନିଯୁକ୍ତି ବିଷୟରେ କଥା ହେବି ବୋଲି କହିଥିଲେ। ଛାତ୍ରୀଛାତ୍ର ଓ ଗ୍ରାମବାସୀ ଧାରଣାରୁ ଅପରାହ୍ନ ୪ଟା ପରେ ଉଠିଥିଲେ। ପ୍ରକାଶଥାଉକି, ସାପଲହର ସେବାଶ୍ରମ ସ୍କୁଲରେ ପଞ୍ଚମ ଶ୍ରେଣୀ ଯାଏ ମୋଟ ୧୮୬ ଜଣ ଛାତ୍ରୀଛାତ୍ର ଅଛନ୍ତି। ସେଥିରୁ ୧୧୪ ଜଣ ଛାତ୍ରୀ ହଷ୍ଟେଲରେ ରୁହନ୍ତି। ତେବେ ୩ ଜଣ ଶିକ୍ଷକ ଥିବାରୁ ଆଉ ଦୁଇ ଜଣ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବିକରିଛନ୍ତି ।



ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

### ଶିବିରରେ ୯୦ ଅଭିଯୋଗ ପଞ୍ଜୀକୃତ

**ବରଗଡ଼, ୨ା୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭେଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଏସ୍‌ପି ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଜିଲା ବନଖଣ୍ଡ ଅଧିକାରୀ ବିକ୍ରମ କୁମାର ପଟ୍ଟନାୟକ, ବରଗଡ଼ ଭାରପ୍ରାପ୍ତ ଉପଜିଲାପାଳ ଉତ୍ତମ କୁମାର ବାଗ, ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୯୦ଟି ଅଭିଯୋଗ ମଧ୍ୟରୁ ୭୨ଟି ବ୍ୟକ୍ତିଗତ ଏବଂ ୧୮ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ, ୨ା୯( ପ୍ରେମାନନ୍ଦ ଖମାରୀ)**

ଓଡିଶା ଡ୍ରାଇଭର ମହାସଂଘ ତରଫରୁ ରବିବାର ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ କେଉଁଟପାଲି ନିୟନ୍ତ୍ରିତ ବଜାର କମିଟି ପରିସରରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଓଡିଶା ଡ୍ରାଇଭର ମହାସଂଘ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପୁର ବିଧାୟକ ସନତ ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ୭୨ ୟୁନିଟ ଏବଂ ବରଗଡ଼ ରକ୍ତ ଭଣ୍ଡାର ପକ୍ଷରୁ ୫୩ ୟୁନିଟ ଏପରି ସର୍ବମୋଟ ୧୨୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡ୍ରାଇଭର ସଂଘ ତରଫରୁ ଆୟୋଜିତ ବୈଠକରେ ସମ୍ମାନିତ ଅତିଥି ଭାବେ ବରଗଡ଼ ଆରଟିଓ ସାବୁଆ ମାଝୀ ଯୋଗ ଦେଇଥିଲେ। ମହାସଂଘ ବରଗଡ଼ ଜିଲା ସଭାପତି ନୀଳାମ୍ବର ସାହା, ଜିଲା ସମ୍ପାଦକ ସୁଧୀର ଦାଶ, ଉପ ସଭାପତି ରବୀନ୍ଦ୍ର ନାଏକ, ଆଶାରାମ ଖମାରୀ, ସୁମନ୍ତ ମେଣ୍ଡୋଲି, ଡାକ୍ତର ବର୍ଗର୍ତ୍ତୀ, ସୁଦାମ ରଥ, ବିଜେପୁର ବ୍ଲକର ଯୁଧିଷ୍ଠିର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି


ବୈଠକରେ ଉପସ୍ଥିତ ଗଙ୍ଗାଧର ମେହେର କ୍ଲବ୍‌ର ସଦସ୍ୟମାନେ।

**ବରପାଲି, ୨ା୯(ଚିତ୍ତରଞ୍ଜନ ସାହୁ)**

**ଗଙ୍ଗାଧରଙ୍କ ସଙ୍ଗୀତରେ ଫ୍ୟାଶନ ଶୋ' ଘଟଣା**

ବରଗଡ଼ରଏକଅନୁଷ୍ଠାନପକ୍ଷରୁଗଙ୍ଗାଧରଙ୍କ ଜୟନ୍ତୀ ଅବସରରେ କାବ୍ୟାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧରଙ୍କ ବେଶ୍ ଜନାଦୃତ ଗୀତ 'ମଙ୍ଗଳେ ଅଇଲା ଉଷା' ଗୀତରେ ଫ୍ୟାଶନ ଶୋ ଘଟଣାରେ ଜନ୍ମପୀଠରେ ତୀବ୍ର ବିରୋଧ କରାଯାଉଛି। ବରପାଲିର ଗଙ୍ଗାଧର ମେହେର କ୍ଲବ୍‌ର ଏକ ଜରୁରୀ ବୈଠକ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହା ଗଙ୍ଗାଧରଙ୍କୁ ଅସମ୍ମାନ ବୋଲି ମତ ପ୍ରକାଶ ପାଇଥିଲା। ଏନେଇ କାର୍ଯ୍ୟକ୍ରମ ଆୟୋଜକ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବୈଠକରେ ଦାବି ହୋଇଥିଲା। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ବରଗଡ଼ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏହାସହ ବରପାଲିର ସମସ୍ତ ସାଂସ୍କୃତିକ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନଙ୍କୁ ନେଇ ଏକ ବିରାଟ ପ୍ରତିବାଦ ସଭା କରାଯିବ ବୋଲି ସଭାପତି ପ୍ରକାଶ କରିଥିଲେ। ଏନେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ବିରୋଧରେ ପୋଲିସ ମାମଲା କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ବରପାଲି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗଙ୍ଗାଧରଙ୍କ ଷ୍ଟାଚ୍ୟୁ ନିକଟରେ ସ୍ମୃତି ଭବନ ନିର୍ମାଣ କମିଟି ପକ୍ଷରୁ ବୁଦ୍ଧିଜୀବୀଙ୍କ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧରଙ୍କୁ ଅସମ୍ମାନ କରାଯାଇଥିବାରୁ ଏହାକୁ ଘୋର ବିରୋଧ କରାଯିବା ସହ ଏହା ବିରୋଧରେ ଗଣ ଆନ୍ଦୋଳନ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଥିଲା।

### ମିଶନ ଶକ୍ତି ବଜାରର ଭିତ୍ତିପ୍ରସ୍ତର ସ୍ଥାପନ

**ବରଗଡ଼, ୨ା୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗୋରୁ ମାର୍କେଟ୍ ପରିସରରେ ମିଶନ ଶକ୍ତି ବଜାର ନିର୍ମାଣ ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ୨କୋଟି ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଉକ୍ତ ମିଶନ ଶକ୍ତି ବଜାରରେ ୧୬ଟି ଷ୍ଟଲ ଏବଂ ଗୋଟିଏ ଭୋଜନାଳୟ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଛି।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ : ନୂତନ କର୍ମକର୍ତ୍ତା ମନୋନୀତ


ବୈଠକରେ ଉପସ୍ଥିତ ଅତିଥିମାନେ ।

**ସୋହେଲା, ୨ା୯( ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ସାଂସ୍କୃତିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଏହି ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଂଗତ ସଦସ୍ୟଙ୍କ ଆତ୍ମାର ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ବିଗତ ବର୍ଷର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରାଯାଇ ଏହାକୁ ଅନୁମୋଦନ କରାଗଲା। ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ବଛା ଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସଭାପତି, ଭଟିଲି ବିଧାୟକ ଇରାସିସ ଆଚାର୍ଯ୍ୟ କାର୍ଯ୍ୟକାରୀ ସଭାପତି, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଉପସଭାପତି, ପୂର୍ବତନ ବିଧାୟକ ମହମ୍ମଦ ରଫିକ ଉପସଭାପତି, ପ୍ରମୋଦ ଚନ୍ଦ୍ର ଦେବତା ସମ୍ପାଦକ, ସଞ୍ଜୀବ ଖାଙ୍କର, ମୁକେଶ ଅଗ୍ରୱାଲ, ଚନ୍ଦ୍ରମଣି ଭଞ୍ଜ ସହସମ୍ପାଦକ, ଲଳିତ ଅଗ୍ରୱାଲଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। ଏଥିସହ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଅର୍ଥ ସଂଗ୍ରହ କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କମିଟି ଗଠନ କରାଯାଇଛି। ପ୍ରଥମଥର କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଗ୍ରହଣ କରି ବିଧାୟକ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସମସ୍ତଙ୍କ ସହଯୋଗରେ ପୂଜା କାର୍ଯ୍ୟ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ କମିଟିରେ ବରିଷ୍ଠ ସଦସ୍ୟ ଡା. ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ଟଙ୍କଧର ଖାଙ୍କର, ଗୋବିନ୍ଦ ସାହୁ, ବଳବୀର ସିଂ ଠାକୁର, ଗିରଜେଶ ଖାଡେଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନର ଗତିପଥକୁ ଗତିଶୀଳ କରେ ସଂସ୍କୃତ

**ବରଗଡ଼, ୨ା୯(ପ୍ରେମାନନ୍ଦ ଖମାରୀ)**

ଭାଷା ମଣିଷର ପ୍ରଗତି ପାଇଁ ବାଟ ଦେଖାଉଥିବା ବେଳେ ସଂସ୍କୃତ ଭାଷା ଜୀବନକୁ ଶୃଙ୍ଖଳିତ କରି ଗଢି ତୋଳିବା ସହ ଉଚ୍ଚାରଣ ଓ ଆଚରଣକୁ ସଂସ୍କୃତ କରେ। ସୋମବାର ସଂସ୍କୃତ ଭାରତୀ ଆନୁକୂଲ୍ୟରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଅନୁଷ୍ଠିତ ଜିଲାସ୍ତରୀୟ ସଂସ୍କୃତ ମହୋତ୍ସବ ପାଳନ ଅବସରରେ ବିଶିଷ୍ଟ ବକ୍ତାଗଣ ଏହା ମତପ୍ରକାଶ କରିଛନ୍ତି। ଜିଲା ସଭାପତି ଅଧ୍ୟାପକ ରାଜୀବ ସାହୁଙ୍କ ଅଧକ୍ଷତା ଓ ଜିଲା ସଂଯୋଜକ ହେମନ୍ତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂସ୍କୃତ ଭାରତୀ ପ୍ରାନ୍ତୀୟ ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରି ସଂସ୍କୃତ ଭାଷା ଜୀବନର ଗତିପଥକୁ ଗତିଶୀଳ କରାଇଥାଏ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ, ଏ.ଇ ମିଶନ ସ୍କୁଲ ନିର୍ଦ୍ଦେଶକ ଯଶବୀର ସିଂ, ବାଲାଜୀ ବିଭୁ ରଞ୍ଜନ ତରାସିଆ, ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଦମୟନ୍ତୀ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତର ମହନୀୟତା ପ୍ରତିପାଦନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ପଣ୍ଡିତ ନିଗମାନନ୍ଦ ମିଶ୍ର, ଅଧ୍ୟାପକ ଅଶୋକ ମେହେର, ଅଧ୍ୟାପିକା ଦମୟନ୍ତୀ କର ପ୍ରମୁଖ ଯୋଗ ଦେଇଥିଲେ । ସଂସ୍କୃତ ଭାରତୀ ବରଗଡ଼ ବ୍ଲକ ସଭାପତି ସୁରଜ ଦେବତା, ପ୍ରକାଶ ଅଦାବର, ରବିଶଙ୍କର ହୋତା, ଅନୁରାଧା ମିଶ୍ର, ନିକିତା ପ୍ରଧାନ, ସଂଯୁକ୍ତା ସାହୁ, ଝସକେତନ ବର୍ଗତି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଅଶୋକ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ସହରରେ ପୁଣି ଜବର ଦଖଲ ଉଚ୍ଛେଦ ଆରମ୍ଭ

**ବରପାଲି, ୨ା୯(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗାନ୍ଧୀଛକଠାରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ସୋମବାର ତହସିଲଦାର ରୁକ୍ମିଣୀ ମେହେରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସୂଚନାଥାଉକି, ବରପାଲି ସହରରେ ରାସ୍ତା ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହୋଇନାହିଁ। ଡ୍ରେନ ଗୁଡିକ ଏନଏଚ ବିଭାଗ ପକ୍ଷରୁ ତିଆରି ହୋଇ ଆସୁଥିବା ବେଳେ ଡ୍ରେନ ଉପରେ ଦୋକାନ ଘର,ପାହାଚ ଏବଂ ରହିବା ଘର ଲୋକେ ତିଆରି କରିସାରିଲେଣି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଥିବା ବେଳେ ସୋମବାର ଏହି ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା। ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାଏକ, ଏନଏଚ ଏକଜିକ୍ୟୁଟିଭ ଇଞ୍ଜିନିୟର, ଏସଡିଓ, ବରପାଲି ରାଜସ୍ୱ ଅଧିକାରୀ ଓ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧାନ ଫସଲରେ ଦୁର୍ବୃତ୍ତ ପକାଇଲେ ଲଟାମରା ଔଷଧ

**ଅତାବିରା, ୨ା୯( ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ଥାନା ରୁକ୍ଷୁଡ଼ା ଫାଣ୍ଡି ଅଧୀନ ଉଦେପୁର ମୌଜା ଝରାଡ଼େରାରେ ଥିବା ଅତାବିରା ଥାନା କୁଲୁଣ୍ଡା ଆନ୍ଧ୍ରପଡା ନିବାସୀ ଭେଣ୍ଟେପଲ୍ଲୀ ରତ୍ନକୁମାରୀ ନାମକ ଜଣେ ମହିଳା ଚାଷୀଙ୍କ ୪ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲରେ କେହି ଦୁର୍ବୃତ୍ତ ଲଟାମରା ଔଷଧ ପକାଇ ଦେବାରୁ ଧାନ ଫସଲ ନଷ୍ଟ ହୋଇଯାଇଛି । ସୋମବାର ଭେଡେନ ବ୍ଲକ ଅଫିସରେ ଚାଲିଥିବା ଯୁଗ୍ମ ଜନଶୁଣାଣି ଅଭିଯୋଗ ଶିବିରରେ ସମ୍ପୃକ୍ତ ଚାଷୀ ଜିଲାପାଳ ଆଦିତ୍ୟ ଗୋୟଲଙ୍କଠାରେ ଏଭଳି ଅଭିଯୋଗ କରିଛନ୍ତି। ସେହିପରି ଭେଡେନ ଥାନାରେ ମଧ ସେ ନେଇ ଅଭିଯୋଗ ହୋଇଛି । ଏହାର ତଦନ୍ତ କରି ବିହିତ ପଦକ୍ଷେପ ନ ନେଲେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ ସୂଚନା ପାଇ ବିଭାଗୀୟ କୃଷି କର୍ମଚାରୀ ପ୍ରଭାବିତ ଫସଲ ପରିଦର୍ଶନ କରିଥିଲେ। ଉକ୍ତ ଧାନ ଫସଲରେ ଗୋଟିଏ ଦିନ ପୂର୍ବରୁ ରାସାୟନିକ ସାର, ଭିଟାମିନ ଯୁକ୍ତ ଔଷଧ ପ୍ରୟୋଗ କରିବା ଏବଂ ଦିନକ ପରେ ଉକ୍ତ ଫସଲରେ ଦୁର୍ବୃତ୍ତ ଲଟାମରା ଔଷଧ ପକାଇବା ଘଟଣାକୁ ନେଇ ଅଞ୍ଚଳରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଉକ୍ତ ଜମିରେ ପାରାକ୍ୟୁଟ ନାମକ ଲଟାମରା ଔଷଧ ପକାଯାଇଥିବା ଯୋଗୁ ଫସଲ ନଷ୍ଟ ହୋଇଥିବା ଚାଷୀ କହିଛନ୍ତି। ଏହା ଯୋଜନାବଦ୍ଧ ଭାବେ ଜମିରେ ପକାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ପୂର୍ବରୁ ଦୀର୍ଘବର୍ଷ ହେଲା ଏହି ଜମିକୁ ନେଇ ମାମଲା ଚାଲିଛି। ସେଥିଯୋଗୁ ପ୍ରତିପକ୍ଷ ବ୍ୟକ୍ତିମାନେ ଏହା କରିଥିବା ଅଭିଯୋଗ ପତ୍ରରେ ଚାଷୀ ଜଣଙ୍କ ଦର୍ଶାଇଛନ୍ତି। ସରକାର ପାରାକ୍ୟୁଟ ନାମକ ଲଟାମରା ଔଷଧକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିଥିଲେ ମଧ ଏହି ଔଷଧ କେଉଁଠାରୁ ଅଣାଯାଇ ଚାଷ ଜମିରେ ପକାଯାଇଛି ଏହାର ତଦନ୍ତ କରିବା ଜରୁରୀ ବୋଲି ମତପ୍ରକାଶ ପାଇଛି। ଏ ବିଷୟରେ ରୁକ୍ଷୁଡା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁଙ୍କୁ ପଚରାଯିବାରୁ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଥିଲେ।


କୃଷି କର୍ମଚାରୀ ପ୍ରଭାବିତ ଫସଲ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ରାଉରକେଲା,୨।୯(ସଙ୍ଗୀତା ଜେନା):** ବିଶ୍ରା ଥାନା ଅଞ୍ଚଳର ଏକ ଜଙ୍ଗଲରୁ ଜଣେ ଯୁବତୀଙ୍କ ମୃତଦେହକୁ ସୋମବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଅଞ୍ଜଳି କମାର(୧୯)। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧନ କମାର(୨୦)। ଅଭିଯୁକ୍ତ ମୃତା ଯୁବତୀଙ୍କ ସମ୍ପର୍କୀୟ ମାମୁଁ ବୋଲି ପୋଲିସ କହିଛି। ଡିଏସ୍‌ପି ଜୋନ୍-୨ ନିର୍ମଳ ମହାପାତ୍ର ଏବଂ ବିଶ୍ରା ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମୃତା ଯୁବତୀଙ୍କ ବାପା ଛଟ୍‌କୁ କମାରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୪୮/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଟାଙ୍ଗରପାଲୀ ଗ୍ରାମର ଅଞ୍ଜଳି ଗତ ୩୧ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ପରେ କୁଆଡେ ନିଖୋଜ ହୋଇଯାଇଥିଲେ। ବହୁତ ଖୋଜାଖୋଜି ପରେ ରବିବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଲାକ୍ରାମାଲ ଜଙ୍ଗଲରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ମୋବାଇଲ୍ ସିଡ଼ିଆର୍ ରିପୋର୍ଟ ସଂଗ୍ରହ ସହ ଅନ୍ୟ ଦୃଷ୍ଟିକୋଣରୁ ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।

### ଠିକା ଶ୍ରମିକଙ୍କୁ ଗ୍ୟାସ୍ ସୁରକ୍ଷା ତାଲିମ ପ୍ରଦାନ

**ରାଉରକେଲା,୨।୯(ବିପ୍ଲବ ରଞ୍ଜନ ଦାଶ):** ଆର୍‌ଏସ୍‌ପିର ସେକ୍ଟର-୫ ସ୍ଥିତ ଦୀକ୍ଷା ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ରରେ ସୋମବାର ଗ୍ୟାସ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାରଖାନାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୨୭ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ସାଧାରଣ ସୁରକ୍ଷା ଅଭ୍ୟାସ, ଗ୍ୟାସ୍ ଯନ୍ତ୍ରୋପକରଣ ସମ୍ବନ୍ଧୀୟ ସୁରକ୍ଷା ଦିଗ ଏବଂ ଗ୍ୟାସ ଲାଇନରେ କାର୍ଯ୍ୟ କରିବା ସମୟରେ କରଣୀୟ ଓ ବର୍ଜନୀୟ ବିଷୟାବଳୀ ଆଦି ଅନ୍ତର୍ଭୁକ୍ତ ରହିଥିଲା। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଡିଟିଏନବିଡବ୍ଲୁଇର ସହଯୋଗରେ ଗ୍ୟାସ ସୁରକ୍ଷା ଫାକଲ୍ଟି ପି.ଏନ. ମହତୋ ଅଧିବେଶନକୁ ସମ୍ପନ୍ନ କରିଥିଲେ। କାର୍ମିକ ବିଭାଗର ଉପପ୍ରବନ୍ଧକ ବିଜ୍ଞାନ ପାତ୍ର, କାର୍ମିକ ସିଏଲସି ବିଭାଗର ଏଚ୍‌ଆର ତଥା ସିଏଲ୍‌ସି ବିଭାଗ ଜୁନିୟର ମ୍ୟାନେଜର ଏସ୍. ସାହୁ ଏବଂ ପ୍ରକଳ୍ପ ସିଏଲସି ବିଭାଗ ଶ୍ରମ ନିରୀକ୍ଷକ ଧ୍ରୁବେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସକୁ ଦୂର କରି ଦକ୍ଷତା ଓ କୌଶଳରେ ଉନ୍ନତି ଆଣିବା ପାଇଁ ଠିକା ଶ୍ରମିକ ଓ ସ୍ଥାନୀୟ ଜନତାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ତାଲିମ ପ୍ରଦାନ ଲାଗି ଦୀକ୍ଷା ଇସ୍ପାତ ସୁରକ୍ଷା କେନ୍ଦ୍ର ସ୍ଥାପନ ହୋଇଛି।



ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିକ୍ଷୋଭ ପ୍ରଦର୍ଶନ କଲେ ଆଦିବାସୀ

**ଜଳ, ଜଙ୍ଗଲ, ଜମି ମାଲିକାନା ଦାବି**

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

**ରାଉରକେଲା,୨।୯(ଦିନେଶ ମିଶ୍ର)**

ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମ-୨୦୨୩ କାର୍ଯ୍ୟକାରୀ କରି ଆଦିବାସୀମାନଙ୍କୁ ବିସ୍ଥାପନ ସହିତ ଜଳ, ଜଙ୍ଗଲ, ଜମି ତଥା ବାସଗୃହ ମାଲିକାନାରୁ ବଞ୍ଚିତ କରିବା ବିରୋଧରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ରାଉରକେଲାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ପରିଷଦର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ଉଦିତନଗର ସ୍ଥିତ ମେନ୍‌ରୋଡ୍, ଆମ୍ବେଡ଼କର ଛକ ଦେଇ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ରାଷ୍ଟ୍ରୀୟ ମୂଳ ଆଦିବାସୀ ଏକତା ପରିଷଦର ଉପଦେଷ୍ଟା ସୁଷମା ଲାକ୍ରା, ଅନୀଲ ଟେଟେ, ଭାରତ ମୁକ୍ତି, ବନୋ ବାବୁ ମିଞ୍ଜ୍, ଚୂଡାମଣି ସିଂ, ହେମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ଆଦିବାସୀ ଅଞ୍ଚଳରେ ଲୁଚି ରହିଥିବା ମୂଲ୍ୟବାନ ଧାତୁର ଉପଯୋଗ କରିବା ପାଇଁ ପୁଞ୍ଜିପତିମାନଙ୍କୁ ଜମି ଆବଣ୍ଟନ କରି ଆଦିବାସୀମାନଙ୍କୁ ଜଳ, ଜଙ୍ଗଲ, ଜମି ତଥା ଭିଟାମାଟିର ମାଲିକାନା ଅଧିକାରରୁ ବଞ୍ଚିତ କରାଯାଇଛି। ଫଳରେ ସମଗ୍ର ଦେଶର ଆଦିବାସୀ ନିଜର ଜଳ, ଜଙ୍ଗଲ ଜମିରୁ ବିସ୍ଥାପିତ ହେଉଛନ୍ତି। ବିସ୍ଥାପନ ଯୋଗୁ ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ୫ମ ଓ ୬ଷ୍ଠ ଅନୁସୂଚୀ କ୍ଷେତ୍ର ସମାପ୍ତ ହେବା ଆଶଙ୍କା ଦେଖାଦେବା ସହିତ ଆଦିବାସୀମାନଙ୍କ ମୂଳ ପରିଚୟ, କଳା, ସଂସ୍କୃତି ଓ ସଭ୍ୟତା ନୁହଁ ତତ୍ ସହିତ ସେମାନଙ୍କ ଅସ୍ତିତ୍ୱ ଓ ପରିବେଶ ପ୍ରତି ମଧ ବିପଦ ସୃଷ୍ଟି ହେଉଛି। ପରିବେଶ ସୁରକ୍ଷା ନାଁରେ ବର୍ଷ ବର୍ଷ ଧରି ଜଙ୍ଗଲ ଭିତରେ ଓ ଜଙ୍ଗଲ ଆଖପାଖରେ ବସବାସ କରୁଥିବା ଆଦିବାସୀମାନଙ୍କଠାରୁ ଜମି ଛଡାଇ ନେବା, ବନ୍ୟ ସଂରକ୍ଷଣ ନାମରେ ଜାତୀୟ ଉଦ୍ୟାନ ସୃଷ୍ଟି କରି ଆଦିବାସୀମାନଙ୍କ ଅସ୍ତିତ୍ୱ ସମାପ୍ତ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ। ରାଷ୍ଟ୍ରୀୟ ମୂଳ ଆଦିବାସୀ ମହିଳା ସଂଘ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର କର୍ମକର୍ତ୍ତା ସହଯୋଗ କରିଥିଲେ। ପରେ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଭାରତ ବନ୍ଦ ଡାକରା ଦିଆଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।



ସେକ୍ଟର-୪ ଅଞ୍ଚଳରେ ଡେଙ୍ଗୁ ସଚେତନତା କରାଯାଉଛି।

## ଆର୍‌ଏସ୍‌ପି ଅଞ୍ଚଳରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨।୯(ସଙ୍ଗୀତା ଜେନା)**

ଚଳିତବର୍ଷ ଇସ୍ପାତ ସହରରେ ମାତ୍ରାଧିକ ଡେଙ୍ଗୁ ମାମଲା ପଦାକୁ ଆସୁଛି। ଇସ୍ପାତ କାରଖାନା ପରିଚାଳିତ ଅଞ୍ଚଳଗୁଡ଼ିକରେ ଏହାର ପ୍ରଭାବ ଅଧିକ ରହିଛି। ସେକ୍ଟର-୧, ସେକ୍ଟର-୪ ସେକ୍ଟର-୬, ସେକ୍ଟର-୧୯ ଏବଂ ସେକ୍ଟର-୧୮ ଆଦିକୁ ହଟ୍‌ସ୍ପଟ୍ ଭାବେ ଗଣନା କରାଯାଇଛି। ଏହିସବୁ ଅଞ୍ଚଳରେ ଡେଙ୍ଗୁ ପ୍ରତିରୋଧ ପାଇଁ ୫ଜଣିଆ ଟିମ୍ ଗଠନ କରାଯାଇଛି। ଡେଙ୍ଗୁକୁ ସମୂଳେ ନାଶ କରିବାକୁ ପ୍ରତ୍ୟେକ ଟିମ୍ ସଦସ୍ୟ କ୍ୟାପଟେନ୍‌ଙ୍କ ନେତୃତ୍ୱରେ ସଚେତନତା ମୂଳକ କାର୍ଯ୍ୟ କରିବେ। ଏମାନଙ୍କୁ ଡେଙ୍ଗୁ ୱାରିଅର ଆଖ୍ୟା ପ୍ରଦାନ କରାଯାଇଛି। ସେମାନେ ଘର ଘର ବୁଲି ପାଣି ଜମିଥିବା ସ୍ଥାନରେ ଏଡିସ୍ ମଶାର ପ୍ରାଦୁର୍ଭାବ ସମ୍ପର୍କରେ ସଚେତନ କରିବା ସହ ଘର ନିକଟରେ ସ୍ୱଚ୍ଛତା, କୁଣ୍ଡ, ଟାଙ୍କି, କୁଲର୍ ଆଦିରେ ଥବବା ପାଣି ସଫା କରିବାକୁ କୁହାଯାଉଛି। ସେପ୍ଟେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି। ଏହି କ୍ରମରେ ସୋମବାର ଆର୍‌ଏସ୍‌ପି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୪ ଅଞ୍ଚଳରେ ସଚେତନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆର୍‌ଏସ୍‌ପି ଜନସ୍ୱାସ୍ଥ୍ୟ ବିଭାଗ ଡେପୁଟି ସିଏମ୍‌ଓ ଡା. ଦୀପା ଲାଭେଣ୍ଡକରଙ୍କ ନେତୃତ୍ୱରେ ଆର୍‌ଏମ୍‌ସି ଓ ଭୁବନେଶ୍ୱର ଟିମ୍ ତଥା ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ସଚେତନ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ପ୍ରବନ୍ଧକ ରସାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ପାତ୍ର, ଅର୍ଜୁନ ମହାରଣା, ରାଜକିଶୋର ମନ୍ତ୍ରୀ, ରଘୁନାଥ ସାରଲିଆ, ଗଣେଶ ତିଗା, ମନୋଜ କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଆର୍‌ଏସ୍‌ପିରେ ଜନସ୍ୱାସ୍ଥ୍ୟ ଓ ସହର ପ୍ରଶାସନ ବିଭାଗ ପକ୍ଷରୁ ଜୁଲାଇ ୧୮ରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ୫୦ ଜଣିଆ ଟିମ୍ ଡେଙ୍ଗୁ ନିୟନ୍ତ୍ରଣ ଅଭିଯାନରେ ସାମିଲ ହୋଇଥିଲେ। ପୁଣି ଅଗଷ୍ଟ ୨୪ରୁ ୩୬ ଜଣିଆ ଟିମ୍ ଗଠନ କରି ଏହି ଅଭିଯାନ ଜାରି ରହିଛି। କାରଖାନାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଏଥିରେ ସକ୍ରିୟ ଅଛନ୍ତି।

### ଜଗଦାରେ ଶୋଭାପାଇବ ବିଘ୍ନହାରୀଙ୍କ ବୃହତ୍ ମୂର୍ତ୍ତି

**ରାଉରକେଲା,୨।୯ (ସଙ୍ଗୀତା ଜେନା)**

ଆସନ୍ତା ୭ତାରିଖରୁ ଆରମ୍ଭ ହେଉଛି ବିଘ୍ନହାରୀ ଗଜାନନଙ୍କ ପୂଜା। ଚଳିତ ବର୍ଷ ରାଉରକେଲାରେ ଛୋଟବଡ଼ ଶହେରୁ ଊର୍ଦ୍ଧ୍ୱ ଗଣେଶ ପୂଜା ଆୟୋଜନ ହେଉଛି। ଏହି କ୍ରମରେ ଜଗଦା ଅଞ୍ଚଳରେ ହେବାକୁ ଥିବା ଗଣେଶ ପୂଜା ୧୧ତମ ବର୍ଷରେ ଉପନୀତ ହୋଇଛି। ଏଥର ବୃହତ ମୂର୍ତ୍ତି କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏ ନେଇ କମିଟିର ସାଧାରଣ ସମ୍ପାଦକ ସାଗର ଜେନା କହିଛନ୍ତି, ୮ଲକ୍ଷ ଟଙ୍କା ବଜେଟ୍‌ରେ ପେଣ୍ଡାଲ ଧଉଳି ସ୍ତୁପର ରୂପରେଖ ପାଇବାକୁ ଯାଉଛି। ପ୍ରତ୍ୟେକ ବର୍ଷ ପରି ନୂତନ ଥିମ୍ ତଥା ଇକୋଫ୍ରେଣ୍ଡଲି ମୂର୍ତ୍ତି ନିର୍ମାଣ କରାଯାଉଛି। ଖଇ ଏବଂ ଉଖୁଡ଼ାରେ ଏହାକୁ ପ୍ରସ୍ତୁତ କରାଯାଉଛି। ୨୭ ଫୁଟ୍‌ର ମୂର୍ତ୍ତି ୭୫ ଫୁଟ୍ ଉଚ୍ଚ ଓ ୧୦୦ ଫୁଟ୍ ଚଉଡ଼ା ତୋରଣରେ ପୂଜା ପାଇବେ। ୭ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହେବ। ମେଳା ସାଙ୍ଗକୁ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜେନା କହିଥିଲେ। ସଭାପତି ସନ୍ତୋଷ ରାୟ, ଯୁଗ୍ମ ସମ୍ପାଦକ ସତ୍ୟବାନ ନାୟକ, କୋଷାଧକ୍ଷ ରାଜେନ୍ଦ୍ର ମହାରଣାଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଏହାକୁ ପରିଚାଳନା କରୁଛନ୍ତି। ସେହିପରି ଛେଣ୍ଡ, ପ୍ଲାଣ୍ଟସାଇଟ୍ ଓ ଅନ୍ୟ ଅଞ୍ଚଳରେ ଗଣେଶ ପୂଜା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ଏସ୍‌ଓଏସ୍ ଭିଲେଜରେ ଚକ୍ଷୁ ପରୀକ୍ଷା ଶିବିର

**ରାଉରକେଲା,୨।୯(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ଏସ୍‌ଓଏସ୍ ଭିଲେଜ ପରିସରରେ ରୋଟାରୀ କ୍ଲବ ଅଫ ରାଉରକେଲା କୁଇନ୍ସ ପକ୍ଷରୁ ସୋମବାର ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ସଭାପତି ବରଖା ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏସ୍‌ଓଏସ୍ ଭିଲେଜରେ ଥିବା ୮୦ ଜଣ ଶିଶୁ ଓ ୨୦ ଜଣ ମହିଳାଙ୍କ ଦାନ୍ତ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିସହ ଶିଶୁମାନଙ୍କ ଓଜନ ସହ ସେମାନଙ୍କ ଶରୀର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ଏହି ଶିବିରରେ ଚିକିତ୍ସିତ ହୋଇଥିବା ଶିଶୁ ଓ ମହିଳାମାନଙ୍କୁ ମାଗଣାରେ ଔଷଧ ସାଙ୍ଗକୁ ଚଷମା ବିତରଣ କରାଯାଇଥିଲା। ହାଇଟେକ୍ ମେଡିକାଲ କଲେଜର ଡାକ୍ତର ଓ ଚକ୍ଷୁ ପରୀକ୍ଷଣ ଆମ୍ବୁଲାନ୍ସ ଟିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ମନଦୀପ କୌର, କନକ ଅଗ୍ରୱାଲ, ରୁଚିତା ଅଗ୍ରୱାଲ, ଆଭା ମହନ୍ତ, ରଶ୍ମି ଅଗ୍ରୱାଲ, ଭାଷ୍କା ପରମା, କଞ୍ଚନ ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ, ପୁନମ ସାହୁ, ସବିତା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ଆଣବିକ ଶକ୍ତିର ସ୍ଥିତି ଅନୁସନ୍ଧାନକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୨।୯(ଦିନେଶ ମିଶ୍ର)**

ଆଣବିକ ପରୀକ୍ଷା ବିରୋଧରେ ଅନ୍ତର୍ଜାତୀୟ ଦିବସ ଇନଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସ (ଭାରତ) ପକ୍ଷରୁ ରାଉରକେଲାର ସ୍ଥାନୀୟ କେନ୍ଦ୍ରରେ ସୋମବାର ପାଳିତ ହୋଇଯାଇଛି। ଭାରତର ଆଣବିକ ଶକ୍ତିର ଆହ୍ୱାନ, ସମ୍ଭାବନା ଓ ଏକ ନେଟ ଜିରୋ ଭବିଷ୍ୟତ ପାଇଁ ପଥ ବିଷୟବସ୍ତୁ ଅଫ୍‌ଲାଇନ ଓ ଅନ୍‌ଲାଇନ ମୋଡରେ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ଇଞ୍ଜିନିୟର ସନ୍ତୋଷ କୁମାର ପୋଲାକି ଉପସ୍ଥିତ ରହି ଏକାଡେମିକ ଓ ଏନ୍‌ଆଇଟି ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଇନ୍‌ଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସର ଉପାଧ୍ୟକ୍ଷ ଡକ୍ଟର ନୂତନ କୁମାର ଦାସ ଅନ୍‌ଲାଇନ ମାଧ୍ୟମରେ ଯୋଗ ଦେଇଥିଲେ। ସଚିବ ଡକ୍ଟର ଅଜିତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିମ୍ ବିଷୟରେ ଆଭିମୁଖ୍ୟ ରଖିଥିଲେ। ସହକାରୀ ପ୍ରଫେସର ଡକ୍ଟର ସୌକାତ କୁମାର ଦାସ ବକ୍ତା ଭାବେ ଯୋଗଦେଇ ଆଣବିକ ଶକ୍ତିର ଆହ୍ୱାନ ଓ ଏହାର ସମ୍ଭାବନାର ବିଭିନ୍ନ ଦିଗ ଉପରେ ମତପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଆଣବିକ ଶକ୍ତିର ସ୍ଥିତିକୁ ଅନୁସନ୍ଧାନ କରିବା ଓ ଏହାର ସମ୍ଭାବ୍ୟ ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଆଣବିକ ଶକ୍ତି ଉତ୍ପାଦନ ଆହ୍ୱାନଗୁଡିକୁ ଆଧୁନିକ ଥର୍ମୋ-ହାଇଡ୍ରୋ-ମେକାନିକାଲ ମଡେଲିଂ ତତ୍ତ୍ୱ ଦ୍ୱାରା ସଫଳ ଭାବେ ପରିଚାଳନା କରିବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅଫ୍‌ଲାଇନ୍ ଓ ଅନ୍‌ଲାଇନ ମାଧ୍ୟମରେ ପ୍ରାୟ ୫୦ ଜଣ ସଦସ୍ୟ ଯୋଗ ଦେଇଥିଲେ।

## ସରକାରୀ ସ୍ୱୟଂଶାସିତ କଲେଜରେ କ୍ରୀଡ଼ା ସପ୍ତାହ



ପ୍ରତିଯୋଗିତାରେ ଛାତ୍ରମାନେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି।

**ରାଉରକେଲା,୨।୯(ଦିନେଶ ମିଶ୍ର)**

ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ କ୍ରୀଡା ସପ୍ତାହ ପାଳନ ଉପଲକ୍ଷେ ଦୁଇଦିନିଆ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି କ୍ରୀଡା ସପ୍ତାହ ପାଳିତ ହୋଇଥିଲା। କଲେଜର କ୍ରୀଡା ଶିକ୍ଷୟିତ୍ରୀ କ୍ୟାପଟେନ୍ ମୀନା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ଦୌଡ, ରସି ଡିଆଁ ଓ ଶାରୀରିକ ବ୍ୟାୟାମ ପ୍ରତିଯୋଗିତା ହୋଇଥିଲା। ଏଥିରେ କଲେଜର ଛାତ୍ରୀଛାତ୍ର ଯୋଗଦେଇ କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଦିବସରେ ଫିଟ୍ ଇଣ୍ଡିଆ ଶପଥ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ କ୍ରୀଡା ଛାତ୍ରାବାସର ବରିଷ୍ଠ ଶିକ୍ଷକ କ୍ୟାପ୍‌ଟେନ ବି. ଜେ କରିଆପ୍ପା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ାର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ। ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡା ସଂସଦର ଉପଦେଷ୍ଟା ଅଧ୍ୟାପକ ସମୀର ସୌରଭ ପୃଷ୍ଟି, ଅଧ୍ୟାପିକା ରାମେଶ୍ୱରୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ

**ରାଉରକେଲା,୨।୯(ଦିନେଶ ମିଶ୍ର)**

ବାସନ୍ତୀ ପାଠାଗାର ପରିସରରେ ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ସଭାପତି ଡକ୍ଟର ଶକ୍ତି ପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱ ଓ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟର ଭାରତ ଭୂଷଣ ମହାନ୍ତି ମୁଖ୍ୟ ଅତିଥି, ଆଲୋଚକ ଡକ୍ଟର ନଗେନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ ଭାଷା ସାହିତ୍ୟର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଦାସ କହିଥିଲେ, ରାଉରକେଲା ଏକ ଜାତୀୟ ସୂର୍ଯ୍ୟ । ଏଠାରେ ଅର୍ଥନୀତି, ସାମାଜିକ, ସଂସ୍କୃତି, ସାହିତ୍ୟର ଅପୂର୍ବ ସମନ୍ୱୟ ରହିଛି। ଊନବିଂଶ ଶତାବ୍ଦୀରେ ଓଡିଶାର ୩ଟି ସ୍ଥାନ ଯଥା କଟକ, ବାଲେଶ୍ୱର ଓ ରାଉରକେଲା ଜ୍ଞାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲିଟିଛି। ଏଥିରେ ପ୍ରମୁଖ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ, ଆଦର୍ଶ ପାଠାଗାର, କଲଚରାଲ ଏକାଡେମୀର ଭୂମିକା ଅନନ୍ୟ ସେହିପରି ସାହିତ୍ୟ କ୍ଷେତ୍ରରେ ଅଳକା ଚାନ୍ଦ, କୃଷ୍ଣଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ, ରଜନୀକାନ୍ତ ଦାସ ତଥା ପରବର୍ତ୍ତୀ ପିଢ଼ିଙ୍କ ଅବଦାନ ରହିଛି ବୋଲି ଦାସ କହିଥିଲେ। ଏହି ଅବସରରେ ଗାଳ୍ପିକ ବିଜୟନୀ ଜେନା ଗଳ୍ପ ପାଠ କରିଥିବାବେଳେ ରାଜ କୁମାର ମହାନ୍ତି ଗଳ୍ପକୁ ସମୀକ୍ଷା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ରବୀନ୍ଦ୍ର ମହାନ୍ତି, ସୁମିତା ସ୍ୱାଇଁ, ଗୀତାଞ୍ଜଳି ପତ୍ରୀ, ନିକୁଞ୍ଜ ବିହାରୀ ଦାଶ, ଅଶୋକ ପଟ୍ଟନାୟକ, ମଞ୍ଜୁଳା କୁମାରୀ ରଥ, ପ୍ରତାପରୁଦ୍ର ତ୍ରିପାଠୀ, ରାଜକୁମାର ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ପ୍ରିୟା ପାତ୍ର, ନିରୁପମା ଚାନ୍ଦ, ତାପସ ସାହା, ଭୂପେନ ମହାପାତ୍ର, ରାଜଲକ୍ଷ୍ମୀ ସେନାପତି, ଶରତ ରାଉତ, ପ୍ରବୀର କୁମାର ଦୁବେ ପ୍ରମୁଖ ସହଯୋଗ କରିଥିଲେ। କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



କବିତା ପାଠୋତ୍ସବରେ ଉପସ୍ଥିତ କବୟିତ୍ରୀ ଓ କବିଗଣ।

# ଓଡ଼ିଆ ବଦଳରେ ଇଂଲିଶ ଭାଷା ପ୍ରୀତି

**ରାଉରକେଲା,୨।୯(ବିପ୍ଳବ ରଞ୍ଜନ ଦାଶ)**

ରାଜ୍ୟରେ ନୂତନ ସରକାର ଆସିବା ପରେ ସରକାରୀ ଦପ୍ତରରେ ଓଡ଼ିଆ ଭାଷାରେ ଚିଠି ଆଦାନପ୍ରଦାନ ସହ ସରକାରୀ କାର୍ଯ୍ୟାଳୟରେ ଇଂରାଜୀ ବଦଳରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଇଛନ୍ତି। ଏ ନେଇ ଗତ ୨୦ତାରିଖରେ ବିଧାନସଭା ଦ୍ୱିତୀୟ ଅଧିବେଶନରେ ଶାସକ ଦଳ ଓଡିଆ ଭାଷା ପ୍ରତି ଥିବା ତାଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ଏଥିପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ରାଜ୍ୟରେ ଇଂରାଜୀ ବଦଳରେ ଓଡିଆ ଭାଷାରେ ସରକାରୀ ଚିଠିପତ୍ର ଲେଖାଯିବା, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟାଳୟରେ ନାମଫଳକ ଓଡିଆରେ ମୁଦ୍ରିତ ହେବା, ସରକାରଙ୍କ ପ୍ରଦତ୍ତ ସରକାରୀ ଯାନବାହନ ଆଦିରେ ନେମ ପ୍ଲେଟ ଓଡିଆରେ ଉଲ୍ଲେଖ ହେବା, ଡ୍ୟୁଟି ସମୟରେ ଟିପ ସହିତ ଓଡ଼ିଆରେ ଦସ୍ତଖତ କରିବାର ନିୟମ ଉଲ୍ଲେଖ ରହିଛି। ମାତ୍ର ପରିତାପର ବିଷୟ ରାଉରକେଲା ସହରରେ ଖୋଦ ସରକାରୀ ଅଧିକାରୀମାନେ ଏହି ନିୟମକୁ ପାଳନ କରୁନାହାନ୍ତି। ରାଉରକେଲା ଉନ୍ନୟନ ବିଭାଗ କାର୍ଯ୍ୟାଳୟକୁ ଗଲେ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଇଂରାଜୀରେ ବଡ ବଡ ଅକ୍ଷରରେ ରାଉରକେଲା ଡେଭଲମେଣ୍ଟ ଅଥରିଟି ଲେଖା ହୋଇଛି। ରାଉରକେଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଇଂରାଜୀରେ ବଡ ବଡ ଅକ୍ଷରରେ ଡିଷ୍ଟ୍ରିକ୍ଟ ପୋଲିସ ଅଫସର, ରାଉରକେଲା ଉଲ୍ଲେଖ ରହିଛି। ସେହିପରି ଆର୍‌ଏମ୍‌ସି, ଆର୍‌ଡିଏ, କୃଷି, ଅବକାରୀ, ପିଡବ୍ଲୁଡି ବିଭାଗରେ ପ୍ରାୟ ଅଧିକାଂଶ ସରକାରୀ ଅଧିକାରୀଙ୍କୁ ମିଳିଥିବା ସରକାରୀ ଯାନବାହନ ନେମ୍ ପ୍ଲେଟରେ ଅଧିକାରୀଙ୍କ ପଦ ପଦବୀ ଇଂରାଜୀ ଭାଷାରେ ମୁଦ୍ରିତ ରହିଛି। ସରକାରୀ ଅଧିକାରୀ ସରକାରଙ୍କ ନିୟମ ମାନୁ ନ ଥିବା ବେଳେ ସହରର ବେସରକାରୀ ଅନୁଷ୍ଠାନମାନେ ମଧ ଓଡିଆ ଭାଷା ବ୍ୟବହାର ଏବଂ ପ୍ରଚାର ପ୍ରସାରକୁ ହେୟଜ୍ଞାନ କରି ଅନୁଷ୍ଠାନଗୁଡିକର ନାଁ ଇଂରାଜୀ ଭାଷାରେ ଲେଖୁଛନ୍ତି। ତେବେ ସରକାରୀ ବିଭାଗମାନଙ୍କରେ ଏହାର ଅବମାନନା ଆଜିର ନୁହେଁ, ପ୍ରାୟ ୬ବର୍ଷ ହେଲା ଏହି ନିୟମ ଜାରି ହୋଇଥିଲେ ସୁଦ୍ଧା ପାଳନ ହେଉନାହିଁ। ଫଳରେ ସହରର ଓଡିଆ ଭାଷାପ୍ରେମୀଙ୍କ ମହଲରେ ଏହାର ନିନ୍ଦା କରାଯାଇଛି।




ଆର୍‌ଡିଏରେ ଇଂଲିଶ ନାମ ଫଳକ।

**ସରକାରଙ୍କ ନିର୍ଦ୍ଦେଶକୁ ଅମାନ୍ୟ**

ଏ ନେଇ ପ୍ରାକ୍ତନ ଓଡିଆ ଅଧାପକ ଗୋବିନ୍ଦ ଲେଙ୍କା କୁହନ୍ତି, ସରକାରୀ ଅଧିକାରୀ ଏବଂ ପ୍ରଶାସନିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଇଂରାଜୀ ବଦଳରେ ଚିଠି କେବଳ ଓଡିଆରେ ଲେଖା ହେବା ଧାର୍ଯ୍ୟ ହୋଇଛି। ବିଶେଷ ଜଟିଳ ହେଲେ ଦୁଇ ଭାଷାରେ ଲେଖାହେବା ବିଧାନସଭାରେ ସରକାର ଘୋଷଣା କରିଛନ୍ତି। ସରକାରୀ ନିୟମକୁ ସରକାରୀ ବିଭାଗ ମାନୁ ନ ଥିବାବେଳେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଣୁ ନିୟମକୁ କଠୋର କରିବା ନିତାନ୍ତ ଆବଶ୍ୟକ ହୋଇପଡିଛି ବୋଲି ଲେଙ୍କା କହିଥିଲେ। ଏ ସମ୍ପର୍କରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ କୁହନ୍ତି, ସରକାରୀ ସ୍ତରରେ ଏହି ନିୟମ ପାଳନ ହେବା ନିହାତି ଜରୁରୀ। ମାତ୍ର ଅଧିକାଂଶ ସ୍ଥଳେ ସରକାରୀ ବିଭାଗରେ ନିୟମ ଅବମାନନା ହେଉଛି। ଆଗକୁ ନିୟମ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଚରିତ୍ର ଗଠନରେ ସଂସ୍କୃତର ଭୂମିକା ଅତୁଳନୀୟ

ସମ୍ବଲପୁର,୨।୯ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଧନୁପାଲିସ୍ଥିତ ଶ୍ରୀ ଗଣେଷ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ସଂସ୍କୃତ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଏହି କାର୍ଯ୍ୟକ୍ରମରେ ବୁଢାରଜା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ଓଷ୍ଟା ସମ୍ପାଦକ ହରି ନାରାୟଣ ପଣ୍ଡା ଏବଂ ଶ୍ରୀ ଗଣେଷ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାସ ବକ୍ତା ଯୋଗ ଦେଇଥିଲେ। ଉତ୍ତମ ଚରିତ୍ର ଗଠନରେ ସଂସ୍କୃତର ଭୂମିକା ବିଷୟରେ ସଭାରେ ଆଲୋଚନା ହୋଇଥିଲା। ସଂସ୍କୃତ ଭାଷାରେ ରହିଥିବା ମହାନ ପୁସ୍ତକଗୁଡିକ ମଣିଷକୁ ଉତ୍ତମ ଆଚରଣ ସହ ଜୀବନ ଜିଇଁବାର ପ୍ରେରଣା ଦେଇଥାଏ ବୋଲି ବକ୍ତାମାନେ କହିଥିଲେ।

# ମେହେର କବିତାରେ ବାମଣ୍ଡା ମାଟିର ଅସ୍ମିତା ଅଛି

## ବାମରା ଟ୍ରଷ୍ଟଫଣ୍ଡ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

କୁଚିଣ୍ଡା,୨।୯(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ଟ୍ରଷ୍ଟଫଣ୍ଡ କଲେଜ ସଭାଗୃହରେ ସୋମବାର ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତି ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡା. ଅଶୋକ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବାମରା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମେହେର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ନାଟ୍ୟକାର ଓ ଚଳଚ୍ଚିତ୍ର ଅଭିନେତା ଅତୁଲ୍ୟ ମହାକୁଡ ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧରଙ୍କୁ ସାରସ୍ୱତ ଜଗତର ଜଣେ ଅମ୍ଲାନ ପ୍ରତିଭା ବୋଲି କହିଥିଲେ। କବିର କବିତ୍ୱ ସବୁବେଳେ ଅନନ୍ୟ। ଗଙ୍ଗାଧରଙ୍କ କବିତାକୁ କୌଣସି ଯୁଗ ସହ ବାନ୍ଧି ହେବନାହିଁ। ତାଙ୍କ କବିତାରେ ସୀତାଙ୍କ ସତୀତ୍ୱର ନିଦର୍ଶନ ରହିଛି। ମେହେର କବିତାରେ ବାମଣ୍ଡା ମାଟିର ଅସ୍ମିତା ରହିଛି। ତତ୍କାଳୀନ ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଗଙ୍ଗାଧର ଓ ରାଧାନାଥ ରାୟଙ୍କ ସମେତ ଅନ୍ୟ କବିମାନଙ୍କୁ ରାଜ ଦରବାରରେ ସମ୍ମାନିତ କରିଥିଲେ। ଗଙ୍ଗାଧରଙ୍କୁ ସେ ହୃଦୟର ରାଜା ବୋଲି ଅଭିହିତ କରିଥିଲେ। କଲେଜ ସାହିତ୍ୟ ସଂସଦ ଉପଦେଷ୍ଟା ତଥା ଓଡ଼ିଆ ଅଧ୍ୟାପିକା ସବିତା ନାୟକ ସଭା ପରିଚାଳନା କରିଥିଲେ। ଅନ୍ୟତମ ଉପଦେଷ୍ଟା ଇଂଲିଶ ଅଧ୍ୟାପକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

## ଶ୍ରେଷ୍ଠ ପ୍ରତିଭାଙ୍କୁ ସମ୍ମାନ, ସହାୟତା ପ୍ରଦାନ


ଅତିଥିଙ୍କ ସହ ମଞ୍ଚାସୀନ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷମାନେ।

ସମ୍ବଲପୁର, ୨।୯ (ଭବାନୀ ଶଙ୍କର ଭୋଇ)

ସାଥୀ ସମାଜିକ ଅନୁଷ୍ଠାନ ପକ୍ଷରୁ ନାରୀ ସେବା ସଦନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଶତୃଘ୍ନ ଲାଲ ସାହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ କର୍ମୀ ଏବଂ ସଙ୍ଗଠନମାନଙ୍କୁ ସାଥୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେମାନେ ହେଲେ ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଡାକ୍ତର ବିବେକ ପଟେଲ, ଡାକ୍ତର କବିର ଦାସ ପୁରୋହିତ, ଡାକ୍ତର ଦିଲୀପ ନନ୍ଦ, ଡାକ୍ତର କାଞ୍ଚନ ରାୟ, ଡାକ୍ତର ବିଶ୍ୱନାଥ ମିଶ୍ର, କ୍ରୀଡା ସଙ୍ଗଠକ ଦୁଲାଲଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ସତ୍ୟନାରାୟଣ ମେଣ୍ଡେଲି, ଯୋଗୀ ସ୍ୱରୁପାନନ୍ଦ, ସେବାକୁଞ୍ଜର ଗୁରଜିତ ରୈନା, ସ୍ୱରାଜ ଆନନ୍ଦ, ହେଲପିଙ୍ଗ ହେଣ୍ଡର ଅନିତା ବାଗ, କାହ୍ନା ଗୋ ଆଶ୍ରମର କ୍ଷୀରେଶ୍ୱର ପ୍ରଧାନ, ପରିଚୟର ବିପିନ ବିହାରି ପଣ୍ଡା, ରୋଟିବେଙ୍କର ମହମ୍ମଦ ଫାରୁକି, ଅରୁଣ ପଟୱାରୀ। ଅତିଥି ଭାବେ ହୃଦ୍‌ରୋଗ ବିଷେଷଜ୍ଞ ଡାକ୍ତର ବ୍ୟୋମକେଶ ଦୀକ୍ଷିତ, କର୍କଟରୋଗ ବିଶେଷଜ୍ଞ ଡାକ୍ତର ଅରୁଣ ଜତୁରମେହତା, ଗୋପାଳଜୀ ମଠ ମହନ୍ତ ହୃଷୀକେଶ ଦାସ, ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ, ଜିଲା ଓକିଲ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ଟ୍ରଷ୍ଟ ଉପସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ମଞ୍ଚାସୀନ ଥିଲେ। ଏହି ଅବସରରେ ୩୫ ଜଣ ମହିଳାଙ୍କୁ ସିଲେଇ ମେଶିନ, ୧୦ ଜଣଙ୍କୁ ଟ୍ରାଏ ସାଇକଲ, ଗରିବ ମେଧାବୀ ଛାତ୍ରଙ୍କୁ ସାଇକେଲ ଏବଂ ମୋବାଇଲ ଫୋନ ସହ ୧୦ଜଣ କ୍ୟାନସର ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସାଥୀ ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କୋଷାଧ୍ୟକ୍ଷ ସମରଜିତ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସୀମାନ୍ତିକା ଦାଶ, ରାମାଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱମ୍ଭର ବହିଦାର ମେମୋରିଆଲ୍ ଭାରୋତ୍ତୋଳନ ପ୍ରତିଯୋଗିତା


ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୨।୯ (ଭବାନୀ ଶଙ୍କର ଭୋଇ)

ଜିଲା ଭାର ଉତ୍ତୋଳନ ଆସୋସିଏଶନ୍ ପକ୍ଷରୁ ରବିବାର ରାତିରେ ଆୟୋଜିତ ଦ୍ୱିତୀୟ ବିଶ୍ୱମ୍ଭର ବହିଦାର ଭାର ଉତ୍ତୋଳନ ପ୍ରତିଯୋଗିତା ସ୍ଥାନୀୟ ପାଟମେଶ୍ୱରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲା ଭାଜପା ସଭାପତି ଗିରିଶ ପଟେଲ, ଆଇନଜୀବୀ ପ୍ରଦୀପ ବହିଦାର, ସାମାଜିକ କର୍ମୀ ସୁଧୀର ବହିଦାର ଉଦଘାଟନ କରିଥିଲେ। ୬ ଟି ବର୍ଗରେ ୧୫୬ଜଣ ପ୍ରତିଯୋଗୀ ପ୍ରତିଯୋଗତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଉର୍ମିଳା ବେହେରା ଷ୍ଟ୍ରଙ୍ଗ ଓମେନ୍ ପ୍ରୋ ପାୱାର ଲିଫ୍ଟିଂ, ରାକେଶ ବାଗ ଷ୍ଟ୍ରଙ୍ଗ ପାୱାର ଲିଫ୍ଟିଙ୍ଗ, ସାଗରିକ ରାଏ ଷ୍ଟ୍ରଙ୍ଗ ଓମେନ ସମ୍ବଲପୁର, ଦେବ ହରି ସୁନା ଷ୍ଟ୍ରଙ୍ଗ ମେନ୍ ସମ୍ବଲପୁର ଭାବରେ କୃତିତ୍ୱ ହାସିଲ କରିଥିଲେ । ସମ୍ବଲପୁରର ବିଶିଷ୍ଟ ପହିଲମାନ ସୁରେଶ ପଟ୍ଟନାୟକଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ସମ୍ମାନିତ ଅତିଥି ଭାବେ ପ୍ରିୟ ରଞ୍ଜନ ବାବୁ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାକୁ ସୋମନାଥ ପଟ୍ଟନାୟକ, ସମ୍ପାଦକ ସୁଧୀର ପଟ୍ଟନାୟକ, ଶିଶିର ବହିଦାର ସଞ୍ଚାଳନ କରିଥିଲେ।

# ହାଇକୋର୍ଟ ସ୍ଥାୟୀ ବେଞ୍ଚକୁ ନେଇ ସମ୍ବଲପୁରରେ ଚର୍ଚ୍ଚା

ସମ୍ବଲପୁର,୨।୯ (ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବକ୍ତବ୍ୟକୁ ନେଇ ସୋମବାର ସମ୍ବଲପୁରରେ ଚର୍ଚ୍ଚା ଆଲୋଚନା ଜୋର ଧରିଛି । ଜିଲା ଓକଲ ସଂଘ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟ ୨ ବର୍ଷ ଆଗରୁ ଦେଇଥିବା ବକ୍ତବ୍ୟକୁ ଆଧାର କରି ମୁଖ୍ୟମନ୍ତ୍ରୀ ଦେଇଥିବା ଉତ୍ତରକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲା ଓକିଲ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟ ପ୍ରତି ଜିଲାରେ ଆରମ୍ଭ ହୋଇଥିବା ଭର୍ଚୁଆଲ କୋର୍ଟ ବ୍ୟବସ୍ଥା ଆଧାରରେ ମତାମତ ଦେଇଥିଲେ। ତେବେ ଏବେ ସୁଦ୍ଧା ଭର୍ଚୁଆଲ କୋର୍ଟରେ ଭିତ୍ତିଭୂମି ସୁଦୃଢ ହୋଇନାହିଁ। ମାସ ମାସ ଧରି ଭର୍ଚୁଆଲ କୋର୍ଟରେ କେସଗୁଡିକ ପଡି ରହୁଛି। ଲୋକେ କଟକ ହାଇକୋର୍ଟ ଉପରେ ଏବେବି ନିର୍ଭର କରିବାକୁ ବାଧ ହେଉଛନ୍ତି। ତେଣୁ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଆଧାରରେ ରାଜ୍ୟ ସରକାର ପଦକ୍ଷେପ ନେବା ଆବଶ୍ୟକ । ବିଗତ ସରକାର ୨୪ ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ କେନ୍ଦ୍ର ସରକାରକୁ ପଠାଇ ନାହିଁ । ତେଣୁ ବର୍ତ୍ତମାନ ରାଜ୍ୟ ସରକାର କେନ୍ଦ୍ର ସରକାରକୁ ପୂର୍ଣ୍ଣାଙ୍ଗ ରିପୋର୍ଟ ପଠାଇ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଅନ୍ୟ ପକ୍ଷରେ ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଛନ୍ତି ଯେ ସୁପ୍ରିମକୋର୍ଟ କିମ୍ବା ରାଜ୍ୟ ସରକାର ହାଇକୋର୍ଟର କୌଣସି ବେଞ୍ଚ ସ୍ଥାପନ କରି ପାରିବେ ନାହିଁ ବୋଲି କୌଣସି ବକ୍ତବ୍ୟ ରଖି ନାହାନ୍ତି। ବରଂ ଭର୍ଚୁଆଲ କୋର୍ଟ ହେବା ପରେ ହାଇକୋର୍ଟ ବେଞ୍ଚ ସ୍ଥପନର ଆବାଶ୍ୟକତା ନ ଥିବା କହିଛନ୍ତି। ରାଜ୍ୟ ସରକାର କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବା ସହ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ଶୀଘ୍ର ପଦକ୍ଷେପ ନେବା ନେଇ ଦାବି କରିଥିଲେ ।

## ଭାଜପାର ଦୋମୁହାଁ ନୀତି, ଲୋକେ ଜବାବ ଦେବେ: ରୋହିତ

ସମ୍ବଲପୁର,୨।୯(ବି.ଶଙ୍କର)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବକ୍ତବ୍ୟ ଅତ୍ୟନ୍ତ ନିରାଶମୟ । ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲା ବିଜୁ ଜନତା ଦଳ ସଭାପତି ଇଂ.ରୋହିତ ପୂଜାରୀ। ସେ କହିଛନ୍ତି, ବିଗତ ଦିନରେ ବିଜେଡି ସରକାରରେ ଥିବା ବେଳେ ଭାଜପା ବାରମ୍ବାର ସରକାରଙ୍କ ଅପାରଗତା ଯୋଗୁ ପଶ୍ଚିମଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ହୋଇପାରୁନାହିଁ ବୋଲି ଅଭିଯୋଗ କରି ଆସୁଥିଲା । ଗତ ସାଧାରଣ ନିର୍ବାଚନ ସମୟରେ ଏମ୍‌ପି ପ୍ରାର୍ଥୀ ତଥା ଏବେକାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ସଭାରେ ଭାଜପା ସରକାରକୁ ଆସିଲେ ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ହେବ ବୋଲି କହିଥିଲେ। ବର୍ତ୍ତମାନ ଲୋକ ସଭାର ଓଡ଼ିଶାରୁ ଭାଜପାର ୨୦ ଏମ୍‌ପି ଏବଂ ବିଧାନସଭାରେ ୭୮ ବିଧାୟକ ନିର୍ବାଚିତ ହୋଇଛନ୍ତି । ତେଣୁ କେଉଁ କାରଣରୁ ଲୋକ ସଭା ଏବଂ ବିଧାନସଭାରେ ଏହି ସ୍ପର୍ଶକାତର ପ୍ରସଙ୍ଗକୁ ନ ଉଠାଇ ସୁପ୍ରିମ କୋର୍ଟରେ ଦ୍ୱାହି ଦେଇ ମୁଖ୍ୟମନ୍ତ୍ରୀ ଓ ଭାଜପା ସରକାର ଖସି ଯିବାକୁ ଚେଷ୍ଟା କରୁଛନ୍ତି । ଏହା ଭାଜପା ସରକାରର ଦୋମୁହାଁନୀତିକୁ ପରିପ୍ରକାଶ କରୁଛି ବୋଲି ଇଂ.ପୂଜାରୀ କହିଛନ୍ତି। ଏଥିସହ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଥିବାବେଳେ ବିଭିନ୍ନ ପ୍ରସଙ୍ଗ ଯଥା ମାଗଣା ବିଜୁଳି, ସୁଭଦ୍ରା ଯୋଜନା, ନୂଆ ଓ ଛାତ୍ରବୃତ୍ତି, ଛାତ୍ର ସଂସଦ ନିର୍ବାଚନ, ବିଭିନ୍ନ ଭତ୍ତା ଏବଂ ଅନ୍ୟାନ୍ୟ ବିଭିନ୍ନ ଯୋଜନାରେ ସାଧାରଣ ଜନତାଙ୍କୁ ବୋକା ବନାଇବାର ଉଦ୍ୟମ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଭାଜପା ସରକାର ଆଗାମୀ ଦିନରେ ନିଜର ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ ନ କଲେ କେବଳ ପଶ୍ଚିମ ଓଡ଼ିଶା ନୁହେଁ, ସାରା ଓଡ଼ିଶାର ଜନସାଧାରଣ ଦୃଢ଼ ଜବାବ ଦେବେ ବୋଲି ଇଂ. ପୂଜାରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ସୋମବାର ବିଧାନ ସଭାରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ମାଝୀ ସୁପ୍ରିମକୋର୍ଟର ରାୟ ଉଲ୍ଲେଖ କରି ରାଜ୍ୟରେ ସ୍ଥାୟୀ ବେଞ୍ଚ ପତିଷ୍ଠାର ଯଥାର୍ଥତା ନାହିଁ ବୋଲି କହିଥିଲେ।

## ବନ୍ଦ ହେଲା ହୀରାକୁଦ ଜଳ ଭଣ୍ଡାରର ସମସ୍ତ ଗେଟ୍

### ୬୨୨ ଫୁଟ୍‌ରୁ ଉର୍ଦ୍ଧ୍ୱରେ ଜଳସ୍ତର

ସମ୍ବଲପୁର,୨।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ସୋମବାରଠାରୁ ବନ୍ଦ କରି ଦିଆଯାଇଛି। ବନ୍ୟଜଳ ନିଷ୍କାସନ ପାଇଁ ଖୋଲାଯାଇଥିବା ସମସ୍ତ ୬ ସ୍ଲୁଇସ୍ ଗେଟ୍‌କୁ ପୂର୍ବାହ୍ନରେ ପର୍ଯ୍ୟାୟକ୍ରମେ ବନ୍ଦ କରି ଦିଆଯାଇଛି। ମହାନଦୀ ଓ ଅନ୍ୟାନ୍ୟ ନଦୀରେ ଜଳ ପ୍ରବାହ ହ୍ରାସ ଜନିତ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ କମିବାରୁ ସମସ୍ତ ଗେଟ୍ ବନ୍ଦ କରାଗଲା ବୋଲି ମହାନଦୀ ବେସିନ ତଥା ହୀରାକୁଦ ଜଳଭଣ୍ଡାରର ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା କହିଛନ୍ତି। ସେ କହିଛନ୍ତି ହୀରାକୁଦ ଜଳଭଣ୍ଡାର ଜଳସ୍ତରକୁ ସମୟ ଅନୁସାରେ ବଜାୟ ରଖିବା ଲକ୍ଷ୍ୟରେ କର୍ତ୍ତୃପକ୍ଷ ସମସ୍ତ ସ୍ଲୁଇସ୍ ଗେଟ ବନ୍ଦ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଆଗକୁ ବର୍ଷା ସମ୍ଭାବନା ରହିଥିବା ବେଳେ ପରିସ୍ଥିତିକୁ ଦେଖି ଆବଶ୍ୟକ ହେଲେ ଜଳଭଣ୍ଡାରର ସ୍ଲୁଇସ ଗେଟ୍ ପୁନଃ ଖୋଲାଯିବ ବୋଲି ସେ କହିଛନ୍ତି।

ସନ୍ଧ୍ୟା ସାଢ଼େ ୬ଟା ରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୨.୩୫ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ୭୪ହଜାର ୪୩୯ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୪୧ ହଜାର ୩୦୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ସର୍ବାଧିକ ୩୭ ହଜାର ୩୦୨ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୯୯୦ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡାରେ ୧.୧୩ ମିଲିମିଟର ଓ ତଳମୁଣ୍ଡାରେ ୬.୫୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ସ୍ୱଚ୍ଛତା ପକ୍ଷରେ ସଫେଇ କାର୍ଯ୍ୟକ୍ରମ

କୁଚିଣ୍ଡା,୨।୯(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର କୁଡ଼ାପଡା ଗ୍ରାମରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସୋମବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡସଭ୍ୟ ସରୋଜ ମେହେରଙ୍କ ନେତୃତ୍ୱରେ ଗାଧୁଆ ପୋଖରୀକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲତାସ୍‌ବୁଦା ସହ ପୋଖରୀ ତୁଠଗୁଡିକୁ ସଫେଇ କରାଯାଇଥିଲା। ଏଥିରେ କୁଡାପଡା ଗ୍ରାମର ଧନୁର୍ଜୟ ମେହେର, ଅନାମ ବାଦୀ, ଡମ୍ବରୁଧର ମେହେର, ମନ୍ଦାକିନୀ ମେହେର, ଭୂମିଲତା ମେହେର, ଜିତେନ ମେହେର, ଗଣେଷ ପୋଢ଼, ବୁଧୁ ପ୍ରଧାନ, ନମିତା ଷଣ୍ଢ, ପିପୁଲ ସୁନାନୀ, ମୁକ୍ତାମଣି ଭଇଁଷା, ପଦ୍ମାବତୀ ମେହେର, ଲେଖିକା ମେହେର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ୱାର୍ଡସଭ୍ୟ ମେହେରଙ୍କ ନେତୃତ୍ୱରେ କୁଟୁରାଚୁଆଁ ପଞ୍ଚାୟତ ସମ୍ମୁଖରେ ଥିବା ଅଳିଆ ଆବର୍ଜନା ସଫେଇ କରାଯାଇଥିଲା। ଏହାଛଡା ଏଠାରେ ଥିବା ନଳକୂପର ଚତୁପାର୍ଶ୍ୱ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜିନ୍ଦ୍ର ସୁନାନୀ, ନିଖିଳ କୁସୁମ, କୈଳାସ ଖଡିଆ, ଦେବେନ୍ଦ୍ର ଚୁଟିଆ, ଦିନେଶ କୁସୁମ, କିଶୋର ଖଡିଆ ପ୍ରମୁଖ ସାମିଲ ହୋଇଥିଲେ।

## ୭୨ଅଭିଯୋଗର ଶୁଣାଣି କଲେ ଜିଲାପାଳ

ସମ୍ବଲପୁର, ୨।୯ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଲୋକଙ୍କଠାରୁ ୭୨ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ, ୩୧ଟି ସାମୂହିକ ସମସ୍ୟା ସହିତ ଜଡିତ ଥିଲା। ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫଫଣ୍ଡ ଅଧୀନରେ ସହାୟତା ପାଇଁ ତିନୋଟି ଆବେଦନ ଆସିଥିଲା। ଅଭିଯୋଗ ଶୁଣାଣି ପୂର୍ବରୁ ୨ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ଏବଂ ଜଣଙ୍କୁ ଟ୍ରାଇସାଇକେଲ, ୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା । ଆସନ୍ତା ୯ ତାରିଖରେ ରେଢାଖୋଲ ବ୍ଲକ୍ କାର୍ଯ୍ୟାଳୟରେ, ୧୭ରେ ଜମନକିରା ବ୍ଲକ କାର୍ଯ୍ୟାଳୟ, ୨୩ ରେ ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ, ୩୦ରେ ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।


ହିତାଧିକାରୀଙ୍କୁ ଜିଲାପାଳ ସହାୟତା ବଣ୍ଟନ କରୁଛନ୍ତି ।

# ବୁଢ଼ାରଜା ପାହାଡ଼ରେ ପଡ଼ିଲା ମଞ୍ଜିଗୋଳା ଆନିମେଶନ୍ ଫିଲ୍ମ ଜରିଆରେ ବାର୍ଡ ଫ୍ଲୁ ସଚେତନତା

## ବନୀକରଣ ପାଇଁ ଆଗକୁ ଆସିଲେ ଇନରହ୍ୱିଲ କ୍ଲବ ସଦସ୍ୟା


ଇନରହ୍ୱିଲ କ୍ଲବର ସଦସ୍ୟାମାନେ ବୁଢାରଜା ପାହାଡକୁ ମଞ୍ଜିଗୋଳା ଫିଙ୍ଗିବାକୁ ନେଉଛନ୍ତି।

ସମ୍ବଲପୁର,୨।୯ (ଭବାନୀ ଶଙ୍କର ଭୋଇ)

ପ୍ରକୃତିକ ସନ୍ତୁଳନ ରକ୍ଷା କରିବା ପାଇଁ ସରକାର ଏବଂ ସାମାଜିକ ସଙ୍ଗଠନ ମାନେ ବନୀକରଣ କାର୍ଯ୍ୟହାତକୁ ନେଇଛନ୍ତି। ବିଭିନ୍ନ ଢଙ୍ଗରେ ଚାରାରୋପଣ ପାଇଁ ସରକାର ଲୋକଙ୍କୁ ଉତ୍ସାହିତ କରୁଛନ୍ତି। ସମ୍ବଲପୁର ହ୍ୟାଣ୍ଡଲୁମ ସିଟି ଇନରହ୍ୱିଲ କ୍ଲବ ପକ୍ଷରୁ ସୋମବାର ବିଭିନ୍ନ ପାରମ୍ପରିକ ବୃକ୍ଷର ଚାରା ସଂଗ୍ରହ କରି ମାଟିରେ ତିଆରି ମଞ୍ଜିଗୋଳାଗୁଡିକୁ ବୁଢାରଜା ପାହାଡରେ ଫିଙ୍ଗାଯାଇଛି। ଇନରହ୍ୱିଲ କ୍ଲବ ମହିଳା ସଦସ୍ୟମାନେ ନିଜେ ସମୟ ଦେଇ ୭ଶହରୁ ଅଧିକ ମଞ୍ଜିଗୋଳା ତିଆରି କରିଥିଲେ। ସେଥିମଧ୍ୟରୁ ଅଧା ବୁଢାରଜା ପାହାଡ ଉପରୁ ବିଭିନ୍ନ ଖୋଲାସ୍ଥାନରେ ଫିଙ୍ଗାଯାଇଛି। ଏହାପରେ ସମ୍ବଲପୁରର ଅନ୍ୟ ପାହାଡ ଏବଂ ଖୋଲା ସ୍ଥାନରେ ପକାଯିବା ପାଇଁ ଯୋଜନା ରହିଥିବା କ୍ଲବ ସଦସ୍ୟାମାନେ କହିଛନ୍ତି। ତେବେ ବନୀ କରଣ ପାଇଁ ପଲିଥିନରେ ମାଟି ଭର୍ତ୍ତି କରି ସେଥିରେ ମଞ୍ଜି ପୋତିବା, ନିୟମିତ ପାଣି ଦେବା, ପୁଣି ଚାରା ଟିକଏ ବଡ ହେଲେ ତାକୁ ନେଇ ବିଭିନ୍ନ ସ୍ଥାନରେ ଗାତ ଖୋଳି ପୋତିବା ଏବଂ ନିୟମିତ ଯତ୍ନ ନେବା ସହଜ ନୁହେଁ। ତେବେ ଏହି ମଞ୍ଜିଗୋଳା ତିଆରି କରି ବିଭିନ୍ନ ସ୍ଥାନରେ ଫୋପାଡିବା ସହଜ ଏବଂ ଖର୍ଚ୍ଚ ମଧ ବହୁତ କମ୍ ବୋଲି ଇନରହ୍ୱିଲର ସଦସ୍ୟାମାନେ ମତ ଦେଇଛନ୍ତି। ପୁନଶ୍ଚ ଚାରା ପ୍ରକୃତିକ ଭାବେ ସୃଷ୍ଟି ହେଉଥିବାରୁ ଏହା ବଞ୍ଚି ରହିବା ହାର ଅଧିକ ରହୁଥିବାରୁ ଏହି ମଞ୍ଜିଗୋଳା ତିଆରି କରି ବନୀକରଣ କରିବାକୁ ଯୋଜନା କରାଯାଇଥିବା ଇନର ହ୍ୱିଲ କ୍ଲବ ସଭାପତି ଜ୍ୟୋତିମଞ୍ଜରୀ ସିଂହ ଏବଂ ସମ୍ପାଦିକ ଜୟଶ୍ରୀ ରାଇଗୁରୁ କହିଛନ୍ତି। ମଞ୍ଜିଗୋଳା ତିଆରି କରି ବୁଢାରଜା ପାହାଡରେ ଫୋପାଡିବା କାର୍ଯ୍ୟକ୍ରମରେ କିର୍ତ୍ତିକା ପଟେଲ, ସୂର୍ଯ୍ୟକାନ୍ତି ମେହେର, ବବିତା ପାଢୀ, ମିନତୀ ପଣ୍ଡା ସାମିଲ ହୋଇଥିଲେ।

ସମ୍ବଲପୁର,୨।୯(ପ୍ରମୋଦ ବହିଦାର)

ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ଆତଙ୍କ ସୃଷ୍ଟି କରିଥିବା ବାର୍ଡ ଫ୍ଲୁ କୁ ପ୍ରଶମିତ କରିବା ପାଇଁ ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଭିନବ ଉପାୟରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ବାର୍ଡ ଫ୍ଲୁ କୁ ନେଇ ସଚେତନତା ବାର୍ତ୍ତା ବହନ କରୁଥିବା ଏକ ଆନିମେସନ ଫିଲ୍ମ ନିର୍ମାଣ କରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯାଇଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାଶଙ୍କ ସହଯୋଗ କ୍ରମେ ଜିଲା ସଂକ୍ରମଣ ଅଧିକାରୀ ମହାମାରୀ ବିଶେଷଜ୍ଞ ଡା. ଜ୍ଞାନରଞ୍ଜନ ମହାନ୍ତିଙ୍କ ଦ୍ୱାରା ଉକ୍ତ ଆନିମେଶନ ଫିଲ୍ମ ନିର୍ମିତ ହୋଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ ରାଜ୍ୟ ନିରୀକ୍ଷଣ ଅଧିକାରୀଙ୍କ ଦ୍ୱାରା ଫିଲ୍ମ ଉଚ୍ଚ ପ୍ରସଂଶିତ ହୋଇଥିଲା। ବାର୍ଡ ଫ୍ଲୁ ସଂକ୍ରମଣରେ ବିଶେଷ ଭାବେ ପ୍ରଭାବିତ ପୁରୀ ଓ ଭୁବନେଶ୍ୱରରେ ଏହାର ଲିଙ୍କ୍ 'ଜ୍ଞାନ ଲାଇଟ୍'କୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯାଇ ଜନସାଧାରଣ, କୁକୁଡ଼ା ବ୍ୟବସାୟୀ ତଥା କର୍ମଚାରୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ପ୍ରୟାସ କରାଯାଇଛି। ଜ୍ଞାନ ଲାଇଟ୍ ନାମକ ଏହି ଲିଙ୍କ୍‌କୁ ପରିବର୍ତ୍ତୀ କାଳରେ ସମ୍ବଲପୁର ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାରଣ କରାଯାଇଛି। ବର୍ତ୍ତମାନ ଏହା ହିନ୍ଦୀରେ ନିର୍ମାଣ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହାକୁ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ମଧ ପ୍ରସ୍ତୁତ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ସଂକ୍ରମଣ ଅଧିକାରୀ ଡା. ମହାନ୍ତି କହିଛନ୍ତି। ସମ୍ବଲପୁରରେ ବାର୍ଡ ଫ୍ଲୁ ର ପ୍ରଭାବ ଓ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ସେ କହିଛନ୍ତି ଯେ ଏଠାରେ ବାର୍ଡ ଫ୍ଲୁର ବିଶେଷ ପ୍ରଭାବ ଦେଖାଦେଇ ନ ଥିଲେ ମଧ ସତର୍କତା ପାଇଁ ଆଗତୁରା ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ମହାମାରୀ ସମୟରେ ବିଭିନ୍ନ ବ୍ଲକରେ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଗଠିତ ସଂନିରୀକ୍ଷଣ ଦଳ(ସର୍ଭଲାନ୍ସ ଟିମ୍)ଙ୍କ ଏଦିଗରେ ସଚେତନ କରାଯାଇ ତାଲିମ ଦିଆଯାଇଛି। ସେମାନଙ୍କ ଜରିଆରେ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ବିଭିନ୍ନ କୁକୁଡ଼ା ଫାର୍ମ, ବ୍ୟବସାୟିକ ଅନୁଷ୍ଠାନ, ଦୋକାନ ଆଦିରେ କାର୍ଯ୍ୟରତ କର୍ମଚାରୀଙ୍କ ସହିତ ମାଲିକ ଓ ଦୈନିକ କୁକୁଡ଼ାଙ୍କ ସଂସ୍ପର୍ଶରେ ଆସୁଥିବା ପରିବହନକାରୀ, ସଫେଇ କମଚାରୀଙ୍କ ସତର୍କତା ପାଇଁ ହାତରେ ଗ୍ଲୋଭ୍‌ସ, ମାସ୍କ ଆଦି ବ୍ୟବହାର ପାଇଁ ପରାମର୍ଶ ଦେବାକୁ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁକୁଡ଼ା ଫାର୍ମ ଓ ବ୍ୟବସାୟ କେନ୍ଦ୍ରଗୁଡ଼ିକର ସଫେଇକୁ ନିଶ୍ଚିତ କରିବାକୁ ମଧ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡା. ମହାନ୍ତି କହିଛନ୍ତି।


ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ମିତ ଆନିମେସନ ଫିଲ୍ମ।

### ସମ୍ବଲପୁରରେ ବାର୍ଡ ଫ୍ଲୁ ଅନୁଭୂତ ହୋଇନାହିଁ

ସମ୍ବଲପୁରରେ ବାର୍ଡ ଫ୍ଲୁ ର ପ୍ରଭାବ ବିଶେଷ ଭାବେ ଅନୁଭୂତ ହୋଇନାହିଁ। ହେଲେ କୁକୁଡ଼ା ମାଂସର ଚାହିଦା ହ୍ରାସ ପାଇଛି। ଫଳରେ କୁକୁଡ଼ା ବ୍ୟବସାୟୀ ଓ ଚାଷୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। କୁକୁଡା ବ୍ୟବସାୟୀ ଧ୍ରୁବଚରଣ ସାହୁ କହିଛନ୍ତ, ପୂର୍ବରୁ କୁକୁଡ଼ା ଓ କୁକୁଡ଼ା ମାଂସ ମିଶି ଦୈନିକ ହାରହାରି ୧୦ରୁ ୧୨ କୁଇଣ୍ଟାଲରୁ ଅଧିକ ବିକ୍ରୟ ହେଉଥିଲା। ମାତ୍ର ବାର୍ଡ ଫ୍ଲୁ ଆତଙ୍କ ଏବେ ଏହା ଏହା ୬ରୁ ୭ କୁଇଣ୍ଟାଲକୁ ଖସି ଆସିଛି। ସେହିପରି ଖୁଚୁରା ୟବସାୀ ପ୍ରିୟବ୍ରତ ମହାପାତ୍ର କହିଛନ୍ତି କୁକୁଡ଼ା ଓ କୁକୁଡ଼ା ମାଂସ ବିକ୍ରୟ ହ୍ରାସ ପାଇଛି। ବିଭିନ୍ନ ହୋଟେଲ ଓ ରେଷ୍ଟୁରାଁ ଆଦିକୁ ମାଂସ ଯୋଗାଣ ବିଶେଷ ହ୍ରାସ ପାଇ ନ ଥିଲେ ମଧ ବ୍ୟକ୍ତିଗତ ଗ୍ରାହକଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଛି।

# ୭ ଦଫା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ନାକଟୀଦେଉଳ, ୨।୯ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ସାହେବୀ ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ଅଭିଯୁକ୍ତ ହରି ବେହେରାଙ୍କୁ ଗିରଫ କରିଥିଲା। ତେବେ ଏହି ହତ୍ୟା ଘଟଣା ସମ୍ପର୍କିତ ୭ଦଫା ଦାବି ନେଇ ସାହେବୀ, ଖାରବେଡ଼ା ଏବଂ ଆଖପାଖ ଗ୍ରାମର ଶତାଧିକ ଲୋକେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରୁ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ଅଂଶବିଶେଷ ନାକଟୀଦେଉଳ-ବାଟଗାଁ ରାସ୍ତାର ସାହେବୀ ମନ୍ଦିର ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ବିଳମ୍ବିତ ରାତ୍ରିରେ ମୃତଦେହ ଜବତ କରି ସୋମବାର ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଥିଲା। ତେବେ ମୃତକଙ୍କ ପରିବାରର ବିନା ଅନୁମତିରେ କିପରି ମୃତଦେହ ପଠାଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ଅଭିଯୁକ୍ତ ହରି ବେହେରାଙ୍କୁ ଗ୍ରାମରୁ ବାହାର କରାଯିବା, ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଥିବା ଥାନା ମାମଲାଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ, ମୃତକଙ୍କ ପରିବାରକୁ କ୍ଷତି ପୂରଣ ବାବଦରେ ୧୦ଲକ୍ଷ ଟଙ୍କା ସହାୟତା, ମୃତ ଯୁବତୀଙ୍କ ପରିବାର ସେହିସ୍ଥାନରେ ରହିବାକୁ ଭୟ କରୁଥିବାରୁ ସରକାରଙ୍କ ପକ୍ଷରୁ ଅନ୍ୟ ସ୍ଥାନରେ ଜମି ସହ ନୂତନ ଗୃହ ଯୋଗାଣ ଆଦି ଦାବି କରି ଏହି ରାସ୍ତାରୋକୋ କରାଯାଇଛି ବୋଲି ଲୋକେ କହିଛନ୍ତି। ଖବର ପାଇ ରେଢାଖୋଲ ଉପଜିଲାପାଳ ରଶ୍ମୀରଞ୍ଜନ ମହନ୍ତ, ଏସଡ଼ିପିଓ ପ୍ରଶାନ୍ତ କୁମାର ମେହେର, ନାକଟୀଦେଉଳ ବିଡ଼ିଓ ଧନେଇ ଚରଣ ଗୁଡ୍ଡୁ, ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ, ସମ୍ବଲପୁର ଜିଲା ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର ଏବଂ ଆଲବିନୁସ କେରକେଟା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ପ୍ରଶାସନିକସ୍ତରରେ ଦାବିଗୁଡ଼ିକ ଉପରେ ପଦକ୍ଷେପ ନିଆ ଯିବ ବୋଲି ଉପଜଲାପାଳ ମହନ୍ତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୫ଟା ରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

### ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ପ୍ରକାଶଯୋଗ୍ୟ ଯେ, ଗତ ୩୦ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ସାହେବୀ ଅଞ୍ଚଳର ଜଣେ ୧୯ବର୍ଷିୟା ଯୁବତୀ ଘର ନିକଟ ସୁଆଗିଝରଣ ନାଳକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ହେଲେ ଗାଧୁଆ ତୁଠରୁ ତାଙ୍କ ଚପଲ, ମୋବାଇଲ ଏବଂ ଡ୍ରେସ ମିଳିଥିଲା। ରବିବାର ସକାଳେ ଖାରବେଡ଼ା ଗ୍ରାମର କେତେକ ମହିଳା କାଉଁଶିଖୁଜ ଜଙ୍ଗଲ ନିକଟ ଧାନ ଜମିକୁ ଯାଇଥିବା ବେଳେ ସମ୍ପୃକ୍ତ ଯୁବତୀଙ୍କ ଉଲଗ୍ନ ମୃତଦେହ ଏକ ଖାଲରେ ପଡ଼ିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଏହି ଘଟଣାରେ ପୋଲିସ ରବିବାର ସାହେବୀ ଗ୍ରାମର ହରି ବେହେରାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଯୁବତୀଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଥିଲା।





ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଏବଂ କର୍ମଚାରୀ ସଂଗ୍ରାମ ସମିତି ପକ୍ଷରୁ ସୋମବାର ସମ୍ବଲପୁର ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଡାକ୍ତରଙ୍କୁ ମାଡ଼ ଘଟଣା: ଜଣେ ଗିରଫ

**ଦେବଗଡ଼, ୨।୯ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ବମ୍ପରଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ମାଡ ମାରିବା ଓ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଖଡିନାଳି ଗ୍ରାମର ଶ୍ରଦ୍ଧାକର ସାହୁ (୫୦)। ଶ୍ରଦ୍ଧାକରଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଖଡିନାଳି ଗ୍ରାମର ଶ୍ରଦ୍ଧାକର ଜଣେ ସମ୍ପର୍କିୟ ତଳେ ପଡି ମୁଣ୍ଡ ଫାଟି ଯାଇଥିବା ବେଳେ ଚିକିତ୍ସା ପାଇଁ ରବିବାର ଅପରାହ୍ନ ପ୍ରାୟ ୩ଟାରେ ବମ୍ପରଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେତେବେଳେ ସେଠାରେ କେହି ଡାକ୍ତର ନ ଥିବା ବେଳେ ଦାୟିତ୍ୱରେ ଥିବା ସିକ୍ୟୁରିଟି କର୍ମଚାରୀ ତାଙ୍କ ପରିଚୟ ପଚାରି ଡ୍ରେସିଂ କରିବାକୁ ଯାଉଥିଲେ। ଶ୍ରଦ୍ଧାକର ଏଥିରେ ଉତ୍କ୍ଷିପ୍ତ ହୋଇ ତୁମେ କଣ ଜାଣିଛ କହି ସିକ୍ୟୁରିଟି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏଥିସହ ନିଜେ ତାଙ୍କ ସମ୍ପର୍କିୟଙ୍କ ଷ୍ଟିଚ ପକାଇବା ଆରମ୍ଭ କରିଥିଲେ। ଏହା ଦେଖି ସିକ୍ୟୁରିଟି କର୍ମଚାରୀ ସରକାରୀ ବାସ ଭବନରେ ଥିବା ଡାକ୍ତର କୃଷ୍ଣ ବୋଇପାଇଙ୍କୁ ଖବର ଦେଇଥିଲେ। ସୂଚନା ପାଇ ଡାକ୍ତର ଆସିବା ପରେ ତମେ କିଏ କାହିଁକି ଆସିଛ କହି ଶ୍ରଦ୍ଧାକର ଡାକ୍ତରଙ୍କୁ ମାଡ ମାରିଥିଲେ। ଏଥିସହ ହତ୍ୟା ଉଦ୍ୟମ କରିଥିବା ନେଇ ଡାକ୍ତର ଜଣକ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଶ୍ରଦ୍ଧାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ସୋମବାର ବଦଳରେ ଶନିବାର ନୂଆଁଖାଇ ତିହାର ହାଟ

**କୋଲାବିରା, ୨।୯ (ଚିନ୍ମୟ କୁମାର ବହିଦାର)**

ପଶ୍ଚିମ ଓଡିଶାରେ ପାଳିତ ହେଉଥିବା ଗଣପର୍ବ ନୂଆଁଖାଇ ତିହାର ଲାଗି ଏବେଠାରୁ ଲୋକେ ପ୍ରସ୍ତୁତ ହେଲେଣି। ଘରୁ ବାହାରେ ରହୁଥିବା ସଦସ୍ୟଙ୍କ ଘରବାହୁଡା ଆରମ୍ଭ ହେଲାଣି। ପର୍ବ ପାଳନ ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇସାରିଲାଣି। କୋଲାବିରା ରାଜାରାଜୁଡା ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରତ୍ୟେକ ପର୍ବ ପର୍ବାଣି ପୂର୍ବରୁ ବସିଥାଏ ତିହାର ହାଟ। ଏହି କ୍ରମରେ ଯେହେତୁ ରବିବାର ନୂଆଁଖାଇ ପଡୁଥିବାରୁ ଏଠିକାର ସାପ୍ତାହିକି ହାଟ ସୋମବାର ବସିଥାଏ, ଲୋକଙ୍କ ଅସୁବିଧା ଓ ତିହାରକୁ ଦୃଷ୍ଟିରେ ରଖି ନୂଆଁଖାଇ ପାଇଁ କିଣାବିକା କରିବା ପାଇଁ ସୋମବାର ବଦଳରେ ଶନିବାର ଏହି ସାପ୍ତାହିକ ହାଟ ବସିବାର ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ କୋଲାବିରା ସରପଞ୍ଚ ଚେତାନନ୍ଦ ନଈ ପ୍ରତ୍ୟକ୍ଷ ଭାବେ ଭେଙ୍କଟେଶ ପ୍ରତାପ ସିଂହ, ଭରତ ମିଶ୍ର, ଶିବ କୁମୁରା, ରାତୁ ଖଡିଆ, ଦେବାଶିଷ ସିଂହ ଠାକୁର, ଅଶୋକ ବେହେରା ପ୍ରମୁଖଙ୍କୁ ସାଙ୍ଗରେ ନେଇ ସୋମବାର ହାଟକୁ ଯାଇ ହାଟକୁ ଆସୁଥିବା ବ୍ୟବସାୟୀଙ୍କ ସହିତ ଆଲୋଚନା କରି ଆସନ୍ତା ଶନିବାରକୁ ତିହାର ହାଟ ଭାବରେ ବଜାର ବସିବାର ଘୋଷଣା କରିଛନ୍ତି। ଏହା ସହିତ ଡାକ ପକେଇ ଜନସାଧାରଣଙ୍କୁ ଅବଗତ ମଧ୍ୟ କରାଯାଇଛି। ଯଦ୍ୱାରା ଦୂରଦୁରାନ୍ତରୁ ଆସୁଥିବା ବ୍ୟବସାୟୀ ଏବଂ ସଉଦା କିଣିବାକୁ ଆସୁଥିବା ଲୋକଙ୍କୁ ଯେପରି ଅସୁବିଧା ନ ହୁଏ।

# ଦଳିତ, ଆଦିବାସୀ ଏକତା ମଞ୍ଚର ନୂତନ କମିଟି

**କୁଚିଣ୍ଡା, ୨।୯ (ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ପୂର୍ତ୍ତ ବିଭାଗ ବଙ୍ଗଳାରେ ଦଳିତ ଓ, ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଉପଖଣ୍ଡର କୁଚିଣ୍ଡା, ବାମରା, ଜମନକିରା ଓ କୁଚିଣ୍ଡା ଏନଏସିର ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ନେଇ ଏକ ନୂତନ କମିଟି ଗଠିତ ହୋଇଛି। ଗଜେନ୍ଦ୍ର ଭୋଇ ସଭାପତି, ଭେଷଜ ପଙ୍କା, ଯୁଧିଷ୍ଠିର ଭୋଇ, ଲିଙ୍ଗରାଜ ବାଘ ଓ ଯୁଧିଷ୍ଠିର କିଷାନ, ମନୋରଞ୍ଜନ ଭୋଇ ସମ୍ପାଦକ, ସନାତନ ନାଏକ, ବୀରବଲ ରୋହିଦାସ, ଦ୍ରୋପଦ କିଷାନ, ସୁବ୍ରତ କାଉ ଏବଂ ଲମ୍ବୋଦର ପଧାନଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଈଶ୍ୱର ମଣ୍ଡା, ସୋମବାର ବୁଡା, ଡିଲେଶ୍ୱର ବେହେରା, ଅରୁଣ ନାଏକ, ଭଦ୍ର କିଷାନ, ସଞ୍ଜୟ ବେହେରା, ଭୋଲାଶଙ୍କର ରୋହିଦାସଙ୍କ ସମେତ ୧୫ ଜଣଙ୍କୁ ନେଇ କୋର କମିଟି ଗଠନ କରାଯାଇଛି। ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ବିରୋଧରେ ଚାଲିଥିବା ଷଡଯନ୍ତ୍ର,ଜାତିଭେଦ ଓ ତାରତମ୍ୟ ସଂକ୍ରାନ୍ତରେ ଚାଲିଥିବା କୁସଂସ୍କାର ଆଦି ପ୍ରଥାର ବିଲୋପ ପାଇଁ ଏହି କମିଟି କାମ କରିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି।

# ପଞ୍ଚପଡ଼ା ରାସ୍ତାକୁ ଫକୀର ନାଏକଙ୍କ ନାମରେ ନାମିତ ଦାବି

**ଝାରସୁଗୁଡ଼ା, ୨।୯ (ସଞ୍ଜୟ ମାଲି)**

ଝାରସୁଗୁଡା ଜିଲା ଗୋଣ୍ଡୱନା କାପୁମାଲଠାରେ ସ୍ୱର୍ଗତ ଫକୀର ନାଏକଙ୍କ ଉଦ୍ଦେଶରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ମହାସଭାର ଉପଦେଷ୍ଟା ଭାବେ ଝାରସୁଗୁଡା ସହରରେ ଗୋଣ୍ଡମାନଙ୍କ ସ୍ମୃତିର ପ୍ରଚାର ପ୍ରସାର ପାଇଁ ବମ୍ବେଛକକୁ ଗୋଣ୍ଡୱନା ଛକରେ ପରିଣତ କରିବା ମୁଖ୍ୟ ପ୍ରସ୍ତାବ ତାଙ୍କର। ଏହି ଅବସରରେ ସ୍ୱର୍ଗତ ନାଏକଙ୍କ ସଂକ୍ଷିପ୍ତ ଜୀବନୀ ପତ୍ରିକା ପ୍ରକାଶ ପାଇଥିଲା। ସବୁବେଳେ ତାଙ୍କର ସାମୂହିକ ସେବାକାର୍ଯ୍ୟ ପ୍ରାଧାନ୍ୟ ଦେଇ ତାଙ୍କର ସ୍ମୃତି ପାଇଁ ତାଙ୍କର ଜନ୍ମମାଟି ଅଞ୍ଚଳର ବମ୍ବେଛକ ବର୍ତ୍ତମାନର ଗୋଣ୍ଡୱନା ଛକଠାରୁ ପଞ୍ଚପଡା ପର୍ଯ୍ୟନ୍ତ ଲମ୍ବି ଯାଇଥିବା ରାସ୍ତାକୁ ଫକୀର ନାଏକ ନାମରେ ନାମିତ କରିବା ପାଇଁ ଅଖିଳ ଭାରତୀୟ ଗୋଣ୍ଡୱନା ଗୋଣ୍ଡ ମହାସଭା ସରକାରଙ୍କଠାରେ ଉପସ୍ଥାପନ କରିବ ବୋଲି ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ କହିଛନ୍ତି। ଏହା ବ୍ୟତୀତ ତାଙ୍କର ଏକ ପ୍ରତିମୂର୍ତ୍ତୀ ଝାରସୁଗୁଡ଼ା ସହରର ଏକ ପ୍ରମୁଖ ସ୍ଥାନରେ ବସିବା ପାଇଁ ମହାସଭା ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବ। ତାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ହୋଇଥିବା ଶ୍ରଦ୍ଧାଞ୍ଜଳୀ ସଭାରେ ଅଖିଳ ଭାରତୀୟ ଗୋଣ୍ଡୱନା ଗୋଣ୍ଡ ମହାସଭାର ମୁଖ୍ୟ ପୁରୋଧା ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଝାରଖଣ୍ଡ ମନୋହରପୁର ପୂର୍ବତନ ବିଧାୟକ ଗୁରୁଚରଣ ନାଏକ, ଅମିତା ବିଶ୍ୱାଳ, ତରୁଣ ପାଣ୍ଡେ, ବାର କାଉନସିଲର ପୂର୍ବତନ ସଭାପତି ତ୍ରିନାଥ ଗୁଆଲ, ଇଂଜିନିୟର ରବୀନ୍ଦ୍ର ନାଥ ନାଏକ, ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ ଯୋଗଦେଇଥିବା ବେଳେ ୨୦ଟି ଗୋଣ୍ଡ ବହୁଳ ଜିଲାର ସମାଜ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳୀ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ତୃତୀୟ କ୍ୱାର୍ଟର ଫାଇନାଲରେ ଏସ୍‌ଜି ବ୍ରଦର୍ସ ବିଜୟୀ

**କୋଲାବିରା, ୨।୯ (ଚିନ୍ମୟ କୁମାର ବହିଦାର)**

ଜ୍ୟୋତି କ୍ଲବ କୁଲିହାମାଲ ଆନୁକୂଲ୍ୟରେ ଆୟୋଜିତ ଜ୍ୟୋତି ଏକାଦଶ ଲିଗ୍-କମ-ନକଆଉଟ ଫୁଟବଲ ପ୍ରତିଯୋଗିତାରେ ସୋମବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସାହ୍ଲେପାଲିକୁ ୧ ଗୋଲରେ ପରାସ୍ତ କରି ଏସଜି ବ୍ରଦର୍ସ ଦଳ ବିଜୟୀ ହୋଇଛି। ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ନୂଆଁଖାଇ ୮ତାରିଖରେ ଶେଷ ହେବ। ଏଥିରେ ବିଭିନ୍ନ ଅଞ୍ଚଳର ୪ଟି ଗ୍ରୁପରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ସୋମବାର ୧୯ତମ ଦିବସରେ ଅନୁଷ୍ଠିତ ତୃତୀୟ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ ଏସଜି ବ୍ରଦର୍ସ ଏବଂ ସାହ୍ଲେପାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଏସଜି ବ୍ରଦର୍ସ ବିଜୟୀ ହାସଲ କରଥିଲା। ଏହି ମ୍ୟାଚକୁ ଶାରୀରିକ ଖେଳ ଶିକ୍ଷକ କାର୍ତ୍ତିକ ଦାସ୍, ରାଜକୁମାର ମଣ୍ଡଳ, ଭିଷ୍ମଦେବ ବୁଦୁଲା ଓ ଚନ୍ଦ୍ର କିଷାନ ପରିଚାଳନା କରିଥିବା ବେଳେ ଜ୍ୟୋତି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆଜି ଅନୁଷ୍ଠିତ ଏହି କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ମୁଖ୍ୟ ଅତିଥି ଭାବରେ କନିଷ୍ଠ ଯନ୍ତ୍ରୀ ତାପସ କୁମାର ନାଏକ, ଗ୍ରାମ ସଭାପତି ସୈରେନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ ନାଏକ, ସାମାଜିକ କର୍ମୀ ପ୍ରଣବ ମିଶ୍ରା, ଫୁଟବଲ ଖେଳାଳି ଅଜୟ ଓରାମ ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ମନୋବଳ ବଢେଇବା ସହିତ ଉତ୍ସାହିତ କିଥିଲେ। ମଙ୍ଗଳବାର ବେଲପାଡ ଏବଂ ସରବାହାଲ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି।

### ଜ୍ୟୋତି ଏକାଦଶ ଲିଗ୍-କମ୍-ନକଆଉଟ ଫୁଟ୍‌ବଲ



ଅତିଥିମାନେ ଖେଳାଳିଙ୍କ ସହ ପରିଚୟ ହେଉଛନ୍ତି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVSKP 2024036, ତା.27.08.2024ରିଖ

**କାର୍ଯ୍ୟର ନାମ :** ଜଗଦଲପୁର-କୋରାପୁଟ ଦୋହରୀକରଣ ପ୍ରକଳ୍ପ-ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର ଜରତି-ମାଲିଗୁଡ଼ା ସେକ୍ସନରେ ଜରତି ଷ୍ଟେସନଠାରୁ ଚେନେଜ୍ 2000m ଏବଂ 2700m ମଧ୍ୟରେ ପ୍ରବେଶ ପଥ ମାଟିକାମ ଏବଂ ରିଟେନିଙ୍ଗ୍ ୱାଲ ସହିତ କଟ୍ ଏବଂ କଭର ଟନେଲ (T1A)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 4204.41 ଲକ୍ଷ, EMD (ଟଙ୍କାରେ): 22,52,200/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2024 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-57/CH/24-25



GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No - 06658-222121
Office Order No.4692, Date: 02.09.24

**1st Corrigendum to this office BID IDENTIFICATION NO. EEPTNG-online-02/2024-25 Invited Vide this office Letter No.4578, Dtd.22.08.2024**

**No.O-242:** In pursuance to this office BID IDENTIFICATION NO. EEPTNG-online-02/2024-25 published vide this office e-procurement notice No.4578, Dtd.22.08.2024, the following changes have been made in NIT.

| Sl.No. | Items | As per Original TCN | As per 1st Corrigendum |
|---|---|---|---|
| 1 | Availability of tender online for bidding | 28.08.2024, 11.00 AM to 10.09.2024 upto 5.00 PM | 05.09.2024 11.00 AM to 17.09.2024 upto 5.00 PM |
| 2 | Last date of seeking clarification | 09.09.2024 upto 5.00 PM | 13.09.2024 upto 5.00 PM |
| 3 | Date and Time of opening of tender in office of the R.W. Division, Patnagarh | 11.09.2024 at 11.00 AM | 18.09.2024 at 11.00 AM |

All other terms and condition remain unaltered.

OIPR-25154/11/0003/2425
Sd./- Executive Engineer, R.W.Division, Patnagarh



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
DISTRICT PROGRAMME MANAGEMENT UNIT (DPMU)
NATIONAL HEALTH MISSION (NHM)

Advt. No.2887/DPMU
**WALK-IN-INTERVIEW FOR DOCTORS**
Date:02.09.2024

**No.E-275:** Eligible Doctors are invited to walk in interview for the following posts under NHM (UAAM, NCD & SNCU), Puri on contractual basis.

| Sl. No. | Name of the Post | No. of Vacancy | Base Remuneration (In Rs. per Month) | Qualification | Walk-in-interview date & time |
|---|---|---|---|---|---|
| 1 | Doctors (UAAM-03, NCD-01 & SNCU-1) | 05 | Rs.65612/-+PI (Max 25%) | MBBS from an institution recognized by Medical Council of India, Must have valid Registration from the Odisha Council of Medical Registration. Upper age limit-up to 70 years. | 12.09.2024 (10.00 AM) |

Interested candidates for Doctors may attend the walk-in-interview in the office of CDM&PHO, Puri as per the date & time mentioned against the post. The candidates are required to bring the filled in application form as per prescribed format alongwith all their original certificates in support of their educational qualification, age, experience, two Passport size photograph & one set of self attested photocopies of the same. The application form and the selection criteria are available at District website www.puri.odisha.gov.in. The vacancy shown in advt. is provisional & subject to change as per requirement. The panel of above advertised position can be utilized for other positions of the society having same educational qualification, selection criteria and remuneration. The undersigned reserves the right to cancel any or all the application/process without assigning any reason thereof.

OIPR-10021/11/0005/2425
Sd./- CDM&PHO-cum-DMD, Puri



GOVERNMENT OF ODISHA
## OFFICE OF THE SUPERINTENDING ENGINEER, P.H. DIVISION, BHANJANAGAR, AT: CHATRAPUR

E-mail: eephchpr@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB)

No. C-534

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding: From | Availability of Bid Document for Online Bidding: To | Name & Address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 100mm to 300mm dia DI pipes in connection with the work-Improvement of water supply to Digapahandi NAC and Balliguda NAC under AMRUT 2.0 SWAP-III | Identification No. 36/03/ SPH(C)/ 2024-25 Dt.31.08.2024 | 540.73 | 3 (Three) Calendar Months | 11.00 Hrs. of 03.09.2024 | 17.30 Hrs. of 17.09.2024 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on Dt.18.09.2024 at 11.00 A.M. Further details can be seen from the e-procurement portal https://www.tenderorissa.gov.in

OIPR-13013/11/0004/2425
Sd./- Superintending Engineer (PH), P.H. Division, Bhanjanagar at Chatrapur



## OFFICE OF THE DIVISIONAL FOREST OFFICER, BERHAMPUR DIVISION

At-Courtpeta, Brahmapur-760004
Phone/Fax - 0680-2281354, Mob - +91 7653908594
Email-dfo.berhampur@odisha.gov.in

**CANCELLATION NOTICE**

No.MM-137 : Due to unavoidable circumstances the Short-Tender Call Notice No. 06/2024-25 for Procurement and Installation of Three Phase 62.5 KVA Silent Diesel Generator Set in Berhampur Division Published in Odiya Daily "DHARITRI", "PRATIDIN" on 28.08.2024 and in the website www.odishaforest.in/ganjam.nic.in is hereby cancelled. The next date of Tender Call Notice will be published in due course.

Sd./- Divisional Forest Officer
Brahmapur Division
OIPR-08038/11/0013/2425



## GOVERNMENT OF ODISHA SUPERINTENDING ENGINEER, BOUDH (R&B) DIVISION, BOUDH

No.B-215
E-mail - eeboudhrb@gmail.com
INVITATIONS FOR BIDS (IFB)
**"e" Procurement Notice**

Letter No. 3141 Dtd. 31.08.2024
**Bid Identification No. SE (R&B)-BDH 02/2024-25**

| | | |
|---|---|---|
| 1 | Name of the Work | : 01 (One) No. of Civil work (Single cover) |
| 2 | Estimated Cost | : 73.60 lakhs |
| 3 | Period of Completion | : 06 (Six) Calendar months |
| 4 | Date & Time of availability of Bid documents in the Portal | : From 10.09.2024, 10.00 A.M. to 19.09.2024, 5.00 P.M. |
| 5 | Last date/time for seeking of Tender Clarification | : 19.09.2024 up to 1.00 P.M. |
| 6 | Last date/time for receipt of bids in the Portal | : up to 5.00 P.M. of dated 19.09.2024 |
| 7 | Date & Time of opening of tender / Bid | : 20.09.2024 at 11.30 A.M. |
| 8 | Name and Address of the O.I.T. | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0002/2425



## OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION,
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA

Tel : 0674-2395734, FAX : 0674-2394946, e-mail : cerwssodisha@gmail.com
No.9419/Date ; 31.08.2024

**REQUEST FOR PROPOSAL (RFP)**
**Bid No. EIC/RWSS/03/2024-25**
**Request for Proposal (RFP) for Setting up of a Technical Support Unit (TSU) for Project Development and Implementation of Sanitation Projects including Solid and Liquid Waste Management projects in Rural Areas in the State of Odisha**

No.O-241 : The Engineer-in-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) for setting up of a Technical Support Unit (TSU) for Project Development and Implementation of Sanitation Project including Solid and Liquid Waste Management projects in Rural Areas in the State of Odisha.

The Agencies/Firms intending to bid for the engagement of TSU shall fulfill the following eligibility conditions :
(a) The bidder should be a Company/Firm/LLP registered in India with a track record of providing consulting/advisory services for at least 10 years as on September 30, 2024 ;
(b) The bidder should have a Minimum Turnover of INR 100 crore from consulting/advisory business during the last 3 (three) preceding financial years i.e FY 2021-22, FY 2022-23 and FY 2023-24 (Supported by duly audited balance sheet and statutory auditor certificate) ;
(c) The bidder should have experience of at-least one project involving consultancy and advisory in SLWM/Rural Sanitation at ULB or Gram Panchayat level (Documentary evidence in the form of Signed Agreements) ;
(d) The bidder should have provided at least one project involving state-level PMU Support or state-level program advisory related to Solid-Liquid waste management or Sanitation projects. (Documentary evidence in the form of Signed Agreements) ;
Interested Agency/Firms may download the RFP document from Government of Odisha Website i.e. www.tendersodisha.gov.in / https://panchayat.odisha.gov.in from 05.09.2024 to 26.09.2024 up to 5.00 PM
A pre-bid meeting shall be conducted on 11:30 hours dated 12.09.2024 at Office of the Engineer-in-Chief, Rural Water Supply & Sanitation, Jal o Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting.
The Authority reserves the right accept or reject any/all RFP without assigning any reason thereof.

Name & address of officer inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph. : 0674-2395734, e-mail : cerwssodisha@gmail.com

Further details can be seen from the e-procurement portal http://tendersodisha.gov.in / https://panchayat.odisha.gov.in

OIPR-25003/11/0004/2425
Sd./- Engineer-in-Chief, RWSS


See Career Appointment on every Wednesday & Saturday

## ସଂକ୍ଷେପରେ

### ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ଉପରେ ବାୟୋପିକ୍ ଆଣିବ ହଲିଉଡ୍

ୱାଶିଂଟନ,୨।୯

ନଭେମ୍ବର ୫ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ହଲିଉଡ୍‌ର ବ୍ରିଆରକ୍ଲିଫ୍ ଏଣ୍ଟରଟେନ୍‌ମେଣ୍ଟ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଏକ ବିବାଦୀୟ ବାୟୋପିକ୍ ଆଣିବାକୁ ଯାଉଛି। ଅକ୍ଟୋବର ୧୧ରେ ରିଲିଜ୍ ହେବାକୁ ଥିବା ଏହି ବାୟୋପିକ୍‌ରେ ଟ୍ରମ୍ପଙ୍କୁ ଜଣେ ବଳାତ୍କାରୀ ଭାବେ ଚିତ୍ରଣ କରାଯାଇଥିବାରୁ ଏହା ଉପରେ ଜୋର୍‌ଦାର ଚର୍ଚ୍ଚା ହୋଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରମ୍ପଙ୍କ ଟିମ୍ ଧମକ ଦେଇଛି। ଅଲି ଆବ୍ବାସୀଙ୍କ ନିର୍ଦ୍ଦେଶିତ ଉକ୍ତ ଜୀବନୀ ଚଳଚ୍ଚିତ୍ରରେ ଟ୍ରମ୍ପଙ୍କ ପୂର୍ବ ବ୍ୟବସାୟ କ୍ୟାରିୟର, ଆଇନଜୀବୀ ରୟ କୋହନ୍‌ଙ୍କ ସହ ତାଙ୍କର ସମ୍ପର୍କ ଆଦି ରହିଛି। ରାଷ୍ଟ୍ରପତି ନିର୍ବାଚନକୁ ନେଇ ଟ୍ରମ୍ପ ଏବଂ ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଥିବା ବେଳେ ହଲିଉଡ୍‌ର ଏହି ବାୟୋପିକ୍ ଆମେରିକୀୟ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

### ଆପ୍‌ର ପୂର୍ବତନ କମ୍ୟୁନିକେଶନ୍ ହେଡ୍‌ଙ୍କୁ ଜାମିନ

ନୂଆଦିଲ୍ଲୀ, ୨।୯ (ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ବ୍ୟବସାୟୀ ତଥା ଆମ୍ ଆଦମୀ ପାର୍ଟି(ଆପ୍)ର ପୂର୍ବତନ କମ୍ୟୁନିକେଶନ୍ ହେଡ୍ ବିଜୟ ନାୟରଙ୍କୁ ସୋମବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ସମୟ ଧରି ଜେଲରେ ରହିବା ଏବଂ ଟ୍ରାଏଲରେ ବିଳମ୍ବ ଘଟିବା ଯୋଗୁ ତାଙ୍କୁ ଜଷ୍ଟିସ୍ ହୃଷିକେଶ ରଏ ଏବଂ ଜଷ୍ଟିସ୍ ଏସ୍.ଭି.ଏନ୍. ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ପ୍ରଦାନ କରିଛନ୍ତି। ସେ ଗତ ପ୍ରାୟ ୨୩ ମାସ ଧରି ଜେଲ୍‌ରେ ଥିଲେ। ବିଜୟ ବରିଷ୍ଠ ଆପ୍ ନେତା ମନୀଷ ସିସୋଡିଆଙ୍କ ଅତି ଘନିଷ୍ଠ ହୋଇଥିବା ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରେ(ସିବିଆଇ) ସର୍ବୋଚ୍ଚ ଅଦାଲତଙ୍କ ସମ୍ମୁଖରେ ବୟାନ ଦେଇଥିଲା।

# ବିବାଦରେ 'କାନ୍ଧାହାର ହାଇଜାକ୍' ସିରିଜ୍



୧୯୯୯ ଡିସେମ୍ବର ୨୫ରେ ଇଣ୍ଡିଆନ୍ ଏୟାରଲାଇନ୍ସର ଏକ ବିମାନକୁ ଆଫଗାନିସ୍ତାନର କାନ୍ଧାହାରରେ ହାଇଜାକ୍ କରାଯାଇଥିଲା। ଏହି ବହୁଚର୍ଚ୍ଚିତ ଘଟଣା ଉପରେ ନିର୍ଦ୍ଦେଶକ ଅନୁଭବ ସିହ୍ନା ଏକ ୱେବ୍‌ସିରିଜ୍ ନିର୍ମାଣ କରିଛନ୍ତି। ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ପ୍ରସାରିତ 'ଆଇସି ୮୧୪: ଦି କାନ୍ଧାହାର ହାଇଜାକ୍'ରେ ଅପହରଣକାରୀମାନଙ୍କ ନାମ ଚିଫ୍, ଡକ୍ଟର, ବର୍ଗର, ଭୋଲା ଓ ଶଙ୍କର ରଖାଯାଇଛି। ତେବେ ହିନ୍ଦୁ ଦେବତାଙ୍କ ନାମାନୁସାରେ ମୁସଲିମ୍ ଆତଙ୍କବାଦୀଙ୍କ ନାମକରଣକୁ ନେଇ ଭାରତରେ ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ସୋମବାର ନେଟ୍‌ଫ୍ଲିକ୍ସର ଇଣ୍ଡିଆ ହେଡ୍ ମୋନିକା ଶେର୍ଗିଲଙ୍କୁ ଏନେଇ ସମନ କରିଛନ୍ତି।


ମୋନିକା ଶେର୍ଗିଲ

ମୁମ୍ବାଇ/ନୂଆଦିଲ୍ଲୀ,୨।୯

୨୦୦୮ରେ 'ଏ ୱେଡ୍‌ନସଡେ' ଦର୍ଶକ ମହଲରେ ବିଶେଷ ଆଦୃତି ଲାଭ କରିଥିଲା। ଅନୁପମ ଖେର୍ ଏଥିରେ ଜଣେ ଅବସରପ୍ରାପ୍ତ ପୋଲିସ କମିଶନର ଭୂମିକାରେ ଅଭିନୟ କରିଥିଲେ। ଆତଙ୍କବାଦୀଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସେ ଜଣେ ଷ୍ଟୁପିଡ୍ କମନ୍ ମ୍ୟାନ୍ ବା ଅଜ୍ଞାତ ବ୍ୟକ୍ତି (ନାସିରୁଦ୍ଦିନ୍ ଶାହା)ଙ୍କ ସହ ମୁହାଁମୁହିଁ ହୋଇଥିଲେ। ଶେଷ ଦୃଶ୍ୟରେ ଅନୁପମ ନାସିରୁଦ୍ଦିନ୍‌ଙ୍କୁ ତାଙ୍କ ନାମ ପଚାରିଥିଲେ। ମୁଖ୍ୟ ଭୂମିକାରେ ଥିବା ନାସିରୁଦ୍ଦିନ୍ କହିଥିଲେ, ଇନ୍‌ସାନ୍ ନାମ୍ ମେ ମଜହବ ଢୁଣ୍ଡ୍ ଲେତା ହୈ (ଲୋକେ ଧର୍ମରେ ନାମ ଦେଖନ୍ତି)। 'ଏ ୱେଡ୍‌ନସଡେ' ମୁକ୍ତିଲାଭ କରିବାର ୧୫ ବର୍ଷ ପରେ ଧର୍ମ ଓ ନାମ ଉପରେ ବିବାଦ ସୃଷ୍ଟି ହୋଇଛି ନେଟ୍‌ଫ୍ଲିକ୍ସ ଲିମିଟେଡ୍-ସିରିଜ୍ 'ଆଇସି ୮୧୪: ଦି କାନ୍ଧାହାର ହାଇଜାକ୍'କୁ ନେଇ। ସଂଯୋଗବଶତଃ କାନ୍ଧାହାର ହାଇଜାକ୍‌ରେ ମଧ୍ୟ ନାସିରୁଦ୍ଦିନ୍ ଅଭିନୟ କରିଛନ୍ତି।

୧୯୯୯ରେ ହାଇଜାକ୍ ହୋଇଥିବା ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍‌ର କ୍ୟାପ୍‌ଟେନ୍ ଦେବୀ ଶରଣ ଏବଂ ଜର୍ନାଲିଷ୍ଟ ଶ୍ରୀଞ୍ଜୋୟ ଚୌଧୁରୀଙ୍କ ପୁସ୍ତକ ଉପରେ ଆଇସି-୮୧୪ ନେଟ୍‌ଫ୍ଲିକ୍ସର ୬ ଏପିସୋଡ୍ ବିଶିଷ୍ଟ ସିରିଜ୍ ଆଧାରିତ। ଏହି ସିରିଜ୍‌ରେ ଡାଇରେକ୍ଟର ଅନୁଭବ ସିହ୍ନା ବିମାନ ଅପରହରଣର ବାସ୍ତବ ଚିତ୍ର ଦେଖାଇବାକୁ ପ୍ରୟାସ କରିଛନ୍ତି। କାଠମାଣ୍ଡୁ-ଦିଲ୍ଲୀ ବିମାନକୁ ତାଲିବାନ୍ ନିୟନ୍ତ୍ରିତ କାନ୍ଧାହାରରେ ଅପହରଣ କରିନେଇଥିବା ୫ ଆତଙ୍କବାଦୀ ଏଥିରେ ପରସ୍ପରକୁ ଚିଫ୍, ଡକ୍ଟର, ବର୍ଗର, ଭୋଲା ଓ ଶଙ୍କର ନାମରେ ସମ୍ବୋଧନ କରୁଛନ୍ତି। ତେବେ ପାକିସ୍ତାନୀ ଆତଙ୍କାବାଦୀ ସଙ୍ଗଠନ ହରକତ୍-ଉଲ୍-ମୁଜାହିଦ୍ଦିନ୍‌ର ହାଇଜାକରମାନେ ମୁସଲମାନ ଥିଲେ, ଅନୁଭବ କୋଡ୍‌ନେମ୍ ବ୍ୟବହାର କରି ଏକଥାକୁ ଲୁଚାଇବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ଆସିଛି। ପ୍ରଯୋଜକ ଅପହର୍ତ୍ତାମାନଙ୍କ ପ୍ରକୃତ ନାମ କାହିଁକି ପ୍ରଘଟ କଲେନାହିଁ ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଆତଙ୍କବାଦୀମାନଙ୍କ ଆପରାଧିକ ଉଦ୍ଦେଶ୍ୟକୁ ଓଟିଟି ସିରିଜ୍‌ରେ ବୈଧ କରିବାକୁ ଉଦ୍ୟମ ହୋଇଥିବା ଭାଜପା ସମାଲୋଚନା କରିଛି। ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଏକ୍ସ'ରେ ଲେଖିଛନ୍ତି, ଆଇସି-୮୧୪ ଅପହରଣକାରୀମାନେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲେ। ଏହି ଘଟଣାର ଅନେକ ବର୍ଷ ପରେ ଲୋକେ ମନେକରିବେ ଅପହର୍ତ୍ତାମାନେ ହିନ୍ଦୁ ଥିଲେ। ଅନ୍ୟପକ୍ଷେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନେଟ୍‌ଫ୍ଲିକ୍ସର ଭାରତ ମୁଖ୍ୟ ମୋନିକା ଶେର୍ଗିଲଙ୍କୁ ନୋଟିସ୍ କରାଯାଇଛି। ଏଭଳି ନାମକରଣର ଉଦ୍ଦେଶ୍ୟ ସମ୍ପର୍କରେ ସେପ୍ଟେମ୍ବର ୩ (ମଙ୍ଗଳବାର) ସ୍ପଷ୍ଟୀକରଣ ଦେବାକୁ ମୋନିକାଙ୍କୁ କୁହାଯାଇଛି। ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା କହିଛନ୍ତି, 'କଶ୍ମୀର ଫାଇଲ୍ସ' ଭଳି ମୁଭି ଦେଖି ଆମୋଦିତ ହେଉଥିବା ଲୋକେ ଆଇସି୮୧୪ରେ ଏମିତି ତରଳିଯାଇଛନ୍ତି। ସେମାନେ ହଠାତ୍ କାହିଁକି ନିର୍ଭୁଲ ତଥ୍ୟ ଚାହୁଁଛନ୍ତି ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଅବ୍ଦୁଲ୍ଲା ପ୍ରଶ୍ନ କରିଛନ୍ତି। ଉକ୍ତ ୱେବ୍ ସିରିଜ୍‌ରେ ନାସିରୁଦ୍ଦିନ୍‌ଙ୍କ ସହ ବିଜୟ ବର୍ମା, ପଙ୍କଜ କପୁର, ମନୋଜ ପହୱା, ଅରବିନ୍ଦ ଗୋସ୍ୱାମୀ, ଅନୁପମ ତ୍ରିପାଠୀ, ଦିଆ ମିର୍ଜା, ପତ୍ରଲେଖା, ଅମ୍ରିତା ପୁରୀ, ଦିବ୍ୟେନ୍ଦୁ ଭଟ୍ଟାଚାର୍ଯ୍ୟ ଓ କୁମୁଦ ମିଶ୍ରାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ବିମାନ ଅପହରଣ ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ସରକାର ୩ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଜହର, ଅହମ୍ମଦ ଓମାର ସଇଦ ଓ ମୁସ୍ତାକ୍ ଅହମ୍ମଦ ଅଜହରଙ୍କୁ ଭାରତୀୟ ଜେଲରୁ ଛାଡ଼ିବାକୁ ବାଧ ହୋଇଥିଲେ। ସେମାନେ ମୁକୁଳିବା ପରେ ଅପହର୍ତ୍ତାମାନେ ପଣବନ୍ଦୀ କରି ରଖିଥିବା ବିମାନ ସହ ଯାତ୍ରୀମାନଙ୍କୁ ମୁକ୍ତ କରିଥିଲେ। ୨୦୦୦ ଜାନୁଆରୀ ୬ରେ ସ୍ୱରାଷ୍ଟ୍ରମନ୍ତ୍ରଣାଳୟ ଅପହର୍ତ୍ତାମାନଙ୍କ ନାମ ପ୍ରଘଟ କରିଥିଲା। ସେମାନେ ଥିଲେ ଇବ୍ରାହିମ୍ ଅଖ୍ତର ସୟିଦ, ସନ୍ନି ଅହମଦ କାଜି, ମିସ୍ତ୍ରୀ ଜହୁର ଇମ୍ରାହିମ୍ ଓ ଶକିର।

### 'ସେନ୍‌ସରଶିପ୍ କେବଳ କ'ଣ ଆମ ପାଇଁ'


'ଏମର୍ଜେନ୍ସି'ରେ କଙ୍ଗନା ରଣାୱତ୍।

କାନ୍ଧାହାର ହାଇଜାକ୍ ଉପରେ ପର୍ଯ୍ୟବସିତ ନେଟ୍‌ଫ୍ଲିକ୍ସ ସିରିଜ୍‌କୁ ନେଇ ବିବାଦ ଦେଖାଦେଇଥିବାବେଳେ ଅଭିନେତ୍ରୀରୁ ନେତ୍ରୀ ସାଜିଥିବା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍ ସେନ୍‌ସର ବୋର୍ଡର ଆଭିମୁଖ୍ୟକୁ ଏନେଇ ପ୍ରଶ୍ନ ଉଠାଇଛନ୍ତି। ଏକ୍ସ'ରେ କଙ୍ଗନା କହିଛନ୍ତି, କାନ୍ଧାହାର ହାଇଜେକ୍‌ରେ ସତ୍ୟକୁ ଲୁଚାଯାଇଛି। ଏଭଳି ୱେବ୍‌ସିରିଜ୍‌କୁ ଅନୁମତି ମିଳୁଛି। କିନ୍ତୁ ତାଙ୍କ ଅଭିନୀତ 'ଏମର୍ଜେନ୍ସି'ର ରିଲିଜ୍ ଡେଟ୍‌କୁ ସ୍ଥଗିତ ରଖାଯାଇଛି। ଏହା ପୂର୍ବରୁ ଅଭିନେତ୍ରୀ କହିଥିଲେ, 'ଏମର୍ଜେନ୍ସି' ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ପ୍ରମାଣପତ୍ର ପାଇବା ପାଇଁ ସଂଗ୍ରାମ କରୁଛି। ପ୍ରକାଶ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ଜାରି କରିଥିବା ୨୧ ମାସିଆ ଜରୁରିକାଳୀନ ପରିସ୍ଥିତି ଉପରେ ଆଧାରିତ 'ଏମର୍ଜେନ୍ସି'ର ମୁକ୍ତିଲାଭକୁ ଏକାଧିକ ଥର ଘୁଞ୍ଚାଇ ଦିଆଯାଇଛି।


ଅପହୃତ ବିମାନ ନିକଟରେ ୫ ଆତଙ୍କବାଦୀ।

## ବିଭବ କୁମାରଙ୍କୁ ଜାମିନ

ନୂଆଦିଲ୍ଲୀ, ୨।୯



ରାଜ୍ୟ ସଭା ସଦସ୍ୟ ସ୍ୱାତି ମାଲିୱାଲଙ୍କୁ ଆକ୍ରମଣ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହଯୋଗୀ ବିଭବ କୁମାରଙ୍କୁ ସୋମବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭବଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜାମିନରେ ଥିବା ସମୟରେ ବିଭବ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ କିମ୍ବା ତାଙ୍କ ବାସଭବନକୁ ଯାଇପାରିବେ ନାହିଁ। ସେହିପରି ସେ ମାମଲାକୁ ନେଇ କୌଣସି ମନ୍ତବ୍ୟ ଦେବେନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସର୍ତ୍ତ ରଖିଛନ୍ତି। ସେହିପରି ଜାମିନରେ ଥିବା ସମୟରେ ବିଭବଙ୍କୁ କୌଣସି ସରକାରୀ ପଦ ମଧ୍ୟ ଦିଆଯାଇପାରିବ ନାହିଁ। ବିଭବ ପ୍ରାୟ ୧୦୦ ଦିନ ଧରି ଜେଲରେ ଥିଲେ। ତେବେ ମାମଲାର ଶୁଣାଣି ସମୟରେ ଦିଲ୍ଲୀ ପୋଲିସ ବିଭବଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା।

## ୧୪,୦୦୦ କୋଟିରେ ୭ ବୃହତ୍ କୃଷି ପ୍ରକଳ୍ପ

ନୂଆଦିଲ୍ଲୀ,୨।୯

କୃଷି ସେକ୍ଟରର ଉନ୍ନତି ପାଇଁ କେନ୍ଦ୍ର ସରକାର ସୋମବାର କେତେକ ପଦକ୍ଷେପ ନେଇଛନ୍ତି। କୃଷକମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଉପକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର କ୍ୟାବିନେଟ ୧୪,୦୦୦ କୋଟି ଟଙ୍କାର ୭ ବୃହତ ପ୍ରକଳ୍ପକୁ ଅନୁମୋଦନ କରିଛି। ସେଥିରେ ଡିଜିଟାଲ କୃଷି, ଖାଦ୍ୟ ସୁରକ୍ଷା, ଶିକ୍ଷା ଏବଂ ସ୍ଥାୟୀ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି।

କୃଷି କ୍ଷେତ୍ରରେ ଦକ୍ଷତା ଏବଂ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଯୁକ୍ତିର ଉପଯୋଗ କ୍ରମେ ଏହାର ଆଧୁନିକୀକରଣ ନିମନ୍ତେ ୨,୮୧୭ କୋଟି ଟଙ୍କାର ଡିଜିଟାଲ ଏଗ୍ରିକଲ୍‌ଚର ମିଶନକୁ ଅନୁମୋଦନ ମିଳିଛି। ସେହିପରି ଖାଦ୍ୟ ଓ ପୌଷ୍ଟିକୀୟ ସୁରକ୍ଷା ପାଇଁ ଫସଲ ବିଜ୍ଞାନ ନିମନ୍ତେ ୩,୯୭୯ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଫସଲ ବିଜ୍ଞାନରେ ଗବେଷଣା ଓ ବିକାଶକୁ ବିକଶିତ କରିବ ଏବଂ ସମସ୍ତଙ୍କ ପାଇଁ ଖାଦ୍ୟ ଓ ପୌଷ୍ଟିକ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ସେହିପରି କୃଷି ଶିକ୍ଷା, ପରିଚାଳନା ଓ ସାମାଜିକ ବିଜ୍ଞାନକୁ ସୁଦୃଢ଼ କରିବା ପାଇଁ ୨,୨୯୧ କୋଟିର ଅନ୍ୟ ଏକ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହା ବ୍ୟତୀତ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଓ ଉତ୍ପାଦିକତାରରେ ସ୍ଥାୟୀ ବିକାଶ ନିମନ୍ତେ ୧,୭୦୨ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହିପରି ଉଦ୍ୟାନ କୃଷିର ସ୍ଥାୟୀ ବିକାଶ ପାଇଁ କ୍ୟାବିନେଟ୍ ୮୬୦ କୋଟି ଟଙ୍କା ଅନୁମୋଦନ କରିଥିବାବେଳେ କୃଷିବିଜ୍ଞାନ କେନ୍ଦ୍ର (କେଭିକେ)ଗୁଡ଼ିକର ସୁଦୃଢ଼ୀକରଣ ପାଇଁ ୧,୨୦୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। କୃଷକମାନଙ୍କୁ କୃଷି ପ୍ରଯୁକ୍ତି ପ୍ରଦାନରେ କେଭିକେର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ବ୍ୟତୀତ ପ୍ରାକୃତିକ ସମ୍ବଳ ପରିଚାଳନା, କୃଷି କାର୍ଯ୍ୟ ପାଇଁ ସେଗୁଡ଼ିକର ସ୍ଥାୟୀ ବିନିଯୋଗ ଉପରେ ଗୁରୁତ୍ୱ ଦେବା ନିମନ୍ତେ ୧,୧୧୫ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

## କୃଷକଙ୍କ ଅଭିଯୋଗର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ କମିଟି ଗଠନ

ନୂଆଦିଲ୍ଲୀ, ୨।୯

**ସପ୍ତାହେ ମଧ୍ୟରେ ବୈଠକ ଡାକିବା ପାଇଁ ନିର୍ଦ୍ଦେଶ**

ଶମ୍ଭୁ ସୀମାରେ ଆନ୍ଦୋଳନ କରୁଥିବା କୃଷକଙ୍କ ଅଭିଯୋଗଗୁଡ଼ିକୁ ଭଲଭାବେ ସମାଧାନ କରିବା ପାଇଁ ସୋମବାର ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି କମିଟି ଗଠନ କରିଛନ୍ତି। ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ନବାବ ସିଂ ଏହି କମିଟିରେ ଅଧ୍ୟକ୍ଷତା କରିବେ। ସପ୍ତାହେ ମଧ୍ୟରେ ବୈଠକ ଡାକିବା ପାଇଁ ସର୍ବୋଚ୍ଚ ଅଦାଲତ ଉକ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୃଷକଙ୍କ ପ୍ରସଙ୍ଗକୁ ରାଜନୀତୀକରଣ ନ କରାଯାଉ ବୋଲି ସମସ୍ତ ରାଜନୈତିକ ଦଳକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ତେବେ କୃଷକ ନିଜର ଦାବିକୁ ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ କରିବା ପାଇଁ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ଲାଗି ସ୍ୱତନ୍ତ୍ର ଥିବା ଏହି ଖଣ୍ଡପୀଠ କହିଛନ୍ତି।

## ଆଇସିଆଇସିଆଇ ବ୍ୟାଙ୍କରୁ ବେତନ ଉଠାଉଛନ୍ତି ସେବି ଅଧ୍ୟକ୍ଷା: କଂଗ୍ରେସ

ନୂଆଦିଲ୍ଲୀ,୨।୯


ମାଧବୀ ପୁରୀ ବୁଚ୍

ଆମେରିକୀୟ ରିସର୍ଚ୍ଚ ସଂସ୍ଥା ହିଣ୍ଡେନ୍‌ବର୍ଗର ରିପୋର୍ଟକୁ ନେଇ ବିବାଦରେ ରହିଥିବା ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଆଇସିଆଇସିଆଇ ବ୍ୟାଙ୍କରୁ ନିୟମିତ ବେତନ ଉଠାଉଥିବା କଂଗ୍ରେସ ସୋମବାର ଅଭିଯୋଗ କରିଛି। ପୁଞ୍ଜିବଜାର ନିୟନ୍ତ୍ରକର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିବା ସତ୍ତ୍ୱେ ସେ ଘରୋଇ ବ୍ୟାଙ୍କରୁ ନିୟମିତ ଆୟ ଉଠାଉଛନ୍ତି ବୋଲି ବିରୋଧୀ ଦଳ କହିଥିବାବେଳେ ବ୍ୟାଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଆଇସିଆଇସିଆଇ ବ୍ୟାଙ୍କରୁ ଅବସର ନେବା ପରେ ମାଧବୀ ସେଠାରୁ ବେତନ ଉଠାଇଥିବା ଅଭିଯୋଗ ଠିକ୍ ନୁହେଁ। ଆଇସିଆଇସିଆଇ ବ୍ୟାଙ୍କରେ ତାଙ୍କ ନିଯୁକ୍ତି ସମୟର ପାଉଣାକୁ ପର୍ଯ୍ୟାୟକ୍ରମେ ଦିଆଯାଇଥିବା ଆଇସିଆଇସିଆଇ ଗ୍ରୁପ୍ ସ୍ପଷ୍ଟୀକରଣ ଦେଇଛି। ସେଥିରେ ଇଏସ୍‌ଓପି ଏବଂ ଅବସରକାଳୀନ ଲାଭ ରହିଛି।

ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ କହିଛି, ବର୍ତ୍ତମାନ ସେବିର ଅଧ୍ୟକ୍ଷ ଥିବା ମାଧବୀ ୨୦୧୭ରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତେବେ ସେ ସେବିରୁ ଦରମା ଉଠାଇବା ସହ ଆଇସିଆଇସିଆଇ ବ୍ୟାଙ୍କରେ ଅଫିସ୍ ଅଫ୍ ପ୍ରଫିଟ୍ ବଳରେ ସେବେଠାରୁ ଆୟ ଗ୍ରହଣ କରିଆସୁଛନ୍ତି। ଜଣେ ଗୋଟିଏ କମ୍ପାନୀରେ କାମ କଲାବେଳେ କେବଳ ସେହିଠାରୁ ବେତନ ନେଇପାରିବେ। ତେବେ ସେବି ଅଧ୍ୟକ୍ଷା ଏହାର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିବା ସତ୍ତ୍ୱେ ନିୟମିତ ଭାବେ ଆଇସିଆଇସିଆଇ ବ୍ୟାଙ୍କରୁ ଆୟ ଗ୍ରହଣ କରିଆସୁଥିଲେ। ଏହା ସେବି ଧାରା ୫୪ର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କଂଗ୍ରେସ ନେତା ପୱନ ଖେରା କହିଛନ୍ତି। ମାଧବୀ ୨୦୧୭ରୁ ଇତିମଧ୍ୟରେ ୧୬.୮ କୋଟି ଟଙ୍କା ଆୟ ସଂଗ୍ରହ କରିଛନ୍ତି, ଯାହା କି ସେବିରୁ ସଂଗ୍ରହ କରିଥିବା ବେତନ ତୁଳନାରେ ୫ ଗୁଣରୁ ଅଧିକ। ସୂଚନାଯୋଗ୍ୟ, ଆଦାନୀ ଗ୍ରୁପ୍ ଷ୍ଟକ୍ ବଜାର ଜାଲିଆତି ପାଇଁ ବ୍ୟବହାର କରୁଥିବା ଦରିଆପାରି କମ୍ପାନୀରେ ମାଧବୀ ଓ ତାଙ୍କ ସ୍ୱାମୀ ପୁଞ୍ଜିନିବେଶ କରିଥିବା ହିଣ୍ଡେନ୍‌ବର୍ଗ ରିପୋର୍ଟରେ ପ୍ରକାଶ ପାଇବା ପରେ ସେ ବିବାଦ ଘେରକୁ ଆସିଥିଲେ।

## ଆପ୍ ବିଧାୟକ ଅମନତୁଲ୍ଲା ଖାନ୍ ଗିରଫ

ନୂଆଦିଲ୍ଲୀ,୨।୯(ପି.ଟି.)

ଏକ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଆପ୍ ବିଧାୟକ ଅମନତୁଲ୍ଲା ଖାନ୍‌ଙ୍କୁ ଗିରଫ କରିଛି। ଇଡି ଅଧିକାରୀମାନେ ସକାଳ ୬ଟାରେ ତାଙ୍କ ଓଖଲା ବାସଭବନରେ ଚଢ଼ାଉବେଳେ ପଚାରିଥିବା କେତେକ ପ୍ରଶ୍ନର ଉତ୍ତରରେ ତାଳମେଳ ନ ରହିବାରୁ ଅମନତୁଲ୍ଲାଙ୍କୁ ଗିରଫ କରାଯାଇ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ହାଜତକୁ ନିଆଯାଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ ଆପ୍ କହିଛି, ଭାଜପା ଆମକୁ ଯେତେ ଅଧିକ ଦମନ କରିବାକୁ ଉଦ୍ୟମ କରିବ, ଆମେ ସେତେ ଅଧିକ ସ୍ୱର ଉଠାଇବୁ। ୱକ୍‌ଫ ବୋର୍ଡ ସମ୍ପର୍କିତ ଅନିୟମିତତା ନେଇ ସିବିଆଇର ଏତଲା ଏବଂ ଆୟ ବହିର୍ଭୁକ୍ତ ସମ୍ପତ୍ତି ଠୁଳ କରିବା ନେଇ ଦିଲ୍ଲୀ ଏସିବିଙ୍କ ଅନ୍ୟ ଏକ ଏତଲା ଆଧାରରେ ଇଡି ଆପ୍ ବିଧାୟକଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଛି।

## ସିବିଆଇ ତଦନ୍ତ କରିଥିବା ୬,୯୦୦ ମାମଲା ଗଡୁଛି

ନୂଆଦିଲ୍ଲୀ,୨।୯(ପି.ଟି.)

**ସିଭିସି ରିପୋର୍ଟ**




କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୬,୯୦୦ରୁ ଊର୍ଦ୍ଧ୍ୱ ଦୁର୍ନୀତି ମାମଲାର ତଦନ୍ତ କରିଥିବାବେଳେ ସେଗୁଡ଼ିକ ବିଭିନ୍ନ ଅଦାଲତରେ ବିଚାର ଅପେକ୍ଷାରେ ପଡ଼ିରହିଛି। ଏପରିକି ୩୬୧ଟି ମାମଲା କୋର୍ଟରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଗଡୁଥିବା କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି)ଙ୍କ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଏହା ବ୍ୟତୀତ ସିବିଆଇ ନେଇଥିବା ୬୫୮ ଦୁର୍ନୀତି ମାମଲାର ତଦନ୍ତ ହୋଇପାରି ନାହିଁ। ସେଥିରୁ ୪୮ଟି ୫ ବର୍ଷରୁ ଅଧିକ ସମୟ ହେଲା ପଡ଼ିରହିଛି।

କୋର୍ଟରେ ବିଚାରାଧୀନ ଥିବା ମୋଟ ୬,୯୦୦ ମାମଲା ମଧ୍ୟରୁ ୧,୩୭୯ଟି ୩ ବର୍ଷରୁ କମ୍ ହୋଇଥିବାବେଳେ ୮୭୫ଟି ୩ ବର୍ଷରୁ ୫ ବର୍ଷ ମଧ୍ୟରେ ଏବଂ ୨,୧୮୮ ମାମଲା ୫ରୁ ୧୦ ବର୍ଷ ହେଲା ପଡ଼ିରହିଛି। ୨,୧୦୦ ମାମଲା ୧୦ ବର୍ଷରୁ ଅଧିକ ହୋଇଥିବାବେଳେ ୩୬୧ ମାମଲା ୨୦ ବର୍ଷରୁ ଅଧିକ ସମୟ ହେଲା ଅଦାଲତରେ ପଡ଼ିରହିଲାଣି। ଏତେବର୍ଷ ଧରି ମାମଲାଗୁଡ଼ିକ ବିଚାରାଧୀନ ରହିବା ଚିନ୍ତାର ବିଷୟ ବୋଲି ସିଭିସି ଏହାର ରିପୋର୍ଟରେ କହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ସିବିଆଇ ଏବଂ ଅଭିଯୁକ୍ତଙ୍କର ୧୨,୭୭୩ ଅପିଲ୍/ସମୀକ୍ଷା ଆବେଦନ ବିଭିନ୍ନ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ପଡ଼ିରହିଛି। ସେଥିରୁ ୫୦୧ଟି ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ୧,୧୩୮ଟି ୧୫ରୁ ୨୦ ବର୍ଷ , ୨,୫୫୮ ମାମଲା ୧୦ରୁ ୧୫ ବର୍ଷ, ୩,୮୫୦ ମାମଲା ୫ରୁ ୧୦ ବର୍ଷ , ୨,୧୭୨ ମାମଲା ୨ରୁ ୫ ବର୍ଷ ଏବଂ ୨,୫୫୪ ମାମଲା ୨ ବର୍ଷରୁ କମ୍ ସମୟ ହେଲା ବିଚାରାଧୀନ ରହିଛି।

ସେହିପରି ସିବିଆଇ ଅଫିସରମାନଙ୍କ ବିରୋଧରେ ୮୨ଟି ବିଭାଗୀୟ ଅଭିଯୋଗ ମଧ୍ୟ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ବିଚାର ହୋଇ ନାହିଁ। ଅଫିସରଙ୍କ ବିରୋଧରେ ମାମଲା ବିଚାର ନ ହୋଇ ପଡ଼ି ରହିବା ଦେଶର ଶୀର୍ଷ ତଦନ୍ତକାରୀ ସଂସ୍ଥାର ଖ୍ୟାତି ଓ ଭାବମୂର୍ତ୍ତିର ପ୍ରତିଫଳନ କରୁଥିବା ସିଭିସି କହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ଗ୍ରୁପ୍ ଏ ସିବିଆଇ ଅଫିସରଙ୍କ ବିରୋଧରେ ୫୪ ବିଭାଗୀୟ ମାମଲା ରହିଥିବାବେଳେ ଗ୍ରୁପ୍ ବି ଅଫିସରଙ୍କ ବିରୋଧରେ ୨୮ ମାମଲା ରହିଛି। ଗ୍ରୁପ୍ ଏ ଅଫିସରଙ୍କ ବିରୋଧରେ ୨୫ ମାମଲା ୪ ବର୍ଷରୁ ଅଧିକ ହୋଇଥିବାବେଳେ ୪ ମାମଲା ୩ରୁ ୪ ବର୍ଷ, ୧୬ ମାମଲା ବର୍ଷେରୁ ୩ ବର୍ଷ ଏବଂ ୯ଟି ମାମଲା ବର୍ଷେରୁ କମ୍ ସମୟ ହେଲା ବିଚାର ନ ହୋଇ ପଡ଼ିରହିଛି। ୫୧ ମାମଲାର ତଦନ୍ତ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ୩ ମାମଲାର ଚୂଡ଼ାନ୍ତ ନିର୍ଦ୍ଦେଶନାମା ପାଇଁ କାର୍ମିକ ଓ ତାଲିମ୍ ବିଭାଗରେ ପଡ଼ିରହିଛି।

# ୧୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଦଳୀୟ ନେତୃବୃନ୍ଦ।

■ଆଜିଠୁ ରାଜ୍ୟରେ ଭାଜପାର ସଦସ୍ୟତା ଅଭିଯାନ

■ ମୁଖ୍ୟମନ୍ତ୍ରୀଙ୍କ ସମେତ, ମନ୍ତ୍ରିମଣ୍ଡଳ ସଦସ୍ୟ ଗ୍ରହଣ କରିବେ ସଦସ୍ୟତା

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆରମ୍ଭ କରିଥିବା 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତି ଟଙ୍କା ଆସନ୍ତା ୧୭ ତାରିଖରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରିବେ। ଏନେଇ ଜନତା ମଇଦାନଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ ହେବ। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଏହି ଅର୍ଥ ପ୍ରଦାନ କରିବେ। ୧୭ ତାରିଖ ସୁଦ୍ଧା ଚୂଡ଼ାନ୍ତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସେଦିନ ଅର୍ଥ ପ୍ରଦାନ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତି ୬ ବର୍ଷରେ ଥରେ ପ୍ରାଥମିକ ସଦସ୍ୟତା ଅଭିଯାନ ହୋଇଥାଏ। ସଦସ୍ୟତା ଅଭିଯାନ- ୨୦୨୪ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ରାଷ୍ଟ୍ରୀୟ ସ୍ତରରେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି ଏବଂ ଦିଲ୍ଲୀ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସଦସ୍ୟତା ଗ୍ରହଣ କରିଛନ୍ତି। ସେହିପରି ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ଅଭିଯାନର ଶୁଭାରମ୍ଭ କରିବେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ଏମ୍‌ପି, ବିଧାୟକ ଏବଂ ରାଜ୍ୟ ପଦାଧିକାରୀମାନେ ଯୋଗଦେବେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିଙ୍କୁ ସାମିଲ କରାଯିବ। ଏହାପରେ ଏହି ଅଭିଯାନ ଅଧିକ ବ୍ୟାପକ କରାଯିବ। ଅନ୍‌ଲାଇନ ୮୮୦୦୦୦୨୦୨୪ ନମ୍ବରରେ ମିସ୍‌ଡ କଲ୍, ନମୋ ଆପ୍, କ୍ୟୁଆର୍ କୋଡ୍ ଏବଂ ଅଫ୍‌ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ। ଓଡ଼ିଶାରେ ଭାଜପାର ୪୨ ଲକ୍ଷ ସଦସ୍ୟ ଅଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସଦସ୍ୟତା ଗ୍ରହଣ କରାଯିବ। ଏହାପରେ ଅକ୍ଟୋବର ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଗ୍ରହଣ କରାଯିବ। ଏହି ଅଭିଯାନରେ ସମାଜର ସବୁବର୍ଗର ଓ ସବୁସ୍ତରର ଲୋକେ ସାମିଲ ହୋଇପାରିବେ। ଏହି ଅଭିଯାନ ପାଇଁ ରାଜ୍ୟଠାରୁ ଆରମ୍ଭ କରି ପ୍ରତ୍ୟେକ ଜିଲା, ମଣ୍ଡଳ ଓ ବୁଥସ୍ତରରେ ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଘରକୁ ଘର ଯାଇ ସଦସ୍ୟତା ଅଭିଯାନକୁ ସଫଳ କରିବେ। ସଦସ୍ୟତା ଅଭିଯାନ-୨୦୨୪ ପାଇଁ ରାଜ୍ୟରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଗତ ମାସ ୨୦ରେ ରାଜ୍ୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହେବା ପରେ ଜିଲା ଓ ମଣ୍ଡଳସ୍ତରରେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି ବୋଲି ସେ କହିଛନ୍ତି।

# ସୁଭଦ୍ରା ଯୋଜନାରେ ସବୁ ମହିଳାଙ୍କୁ ସାମିଲ ନ କଲେ ଆନ୍ଦୋଳନ:ବିଜେଡି

ଭୁବନେଶ୍ୱର,୨।୯(ଅନିଲ ଦାସ)



ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ନେହାଙ୍ଗିନୀ ଛୁରିଆ ଏବଂ ଅନ୍ୟମାନେ।

ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ ନ କଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ। ସୁଭଦ୍ରା ଯୋଜନାର ଏସ୍‌ଓପିକୁ ନେଇ ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏଭଳି ଚେତାବନୀ ଦେଇଛନ୍ତି। ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ରାଜ୍ୟରେ ସରକାରକୁ ଆସିଥିବା ଭାଜପା ସମ୍ଭବତଃ ଓଡ଼ିଆ ଭାଷା ଠିକ୍ ଭାବରେ ବୁଝିପାରୁ ନାହିଁ। ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁଭଦ୍ରା ଯୋଜନାର ଏସ୍‌ଓପି ପ୍ରକାଶପାଇବା ପରେ, ରାଜ୍ୟର ପ୍ରତ୍ୟେକ ମହିଳା ନୁହେଁ, ବରଂ କିଛି କିଛି ମହିଳା ଏହି ଯୋଜନାରୁ ଲାଭ ପାଇବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ମହିଳାର ଅର୍ଥ କ'ଣ କିଛି କିଛି ମହିଳା ବୋଲି ଛୁରିଆ ପ୍ରଶ୍ନ କରିଛନ୍ତି। ଭାଜପା ନେତାମାନେ ଠିକ୍‌ଭାବେ ଓଡ଼ିଆ ଭାଷାକୁ ବୁଝିପାରୁ ନାହାନ୍ତି କିମ୍ବା ନ ବୁଝିପାରିବାର ଅଭିନୟ କରୁଛନ୍ତି। ଏହି ୫୦ ହଜାର ଟଙ୍କା ୨ ବର୍ଷରେ ନୁହେଁ ବରଂ ୫ ବର୍ଷରେ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଭାଜପା ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ ରାଜ୍ୟର ମହିଳାମାନେ ଅନେକ ଆଶା ବାନ୍ଧିଥିଲେ। କିନ୍ତୁ ଏସ୍‌ଓପି ଆସିବାପରେ ଅଧିକାଂଶ ମହିଳା ଏଥିରୁ ବଞ୍ଚିତ ହେବେ ବୋଲି ଜାଣି ନିରାଶ ହୋଇଛନ୍ତି। ତେଣୁ ସୁଭଦ୍ରା ଯୋଜନା ଏକ ପ୍ରବଞ୍ଚନା ଓ ଜୁମଲାରେ ପରିଣତ ହୋଇଛି ବୋଲି ଛୁରିଆ କହିଛନ୍ତି। ଏସ୍‌ଓପିରେ କୁହାଯାଇଛି, କେବଳ ୨୧ବର୍ଷରୁ ୬୦ ବର୍ଷର ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ। ସ୍ୱାଭାବିକ ଭାବେ ଏଠାରେ ପ୍ରଶ୍ନ ଉଠୁଛି, ୧୮ ବର୍ଷରେ ନାଗରିକର ଅଧିକାର ମିଳୁଥିବା ବେଳେ ୧୮ରୁ ୨୦ବର୍ଷର ମହିଳାମାନଙ୍କୁ କେଉଁ କାରଣରୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ଏହି ବୟସରେ ମହିଳାମାନେ ପ୍ରାୟତଃ କଲେଜରେ ପଢୁଥାନ୍ତି ଓ ସେମାନଙ୍କ ନିଜ ଖର୍ଚ୍ଚ ପାଇଁ ଅର୍ଥ ଆବଶ୍ୟକ ଥାଏ। କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ନବୀନ ସରକାରଙ୍କ ଦ୍ୱାରା 'ନୂଆ-ଓ' ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ଅନୁଦାନକୁ ଭାଜପା ସରକାର ବନ୍ଦ କରିଦେଇଛନ୍ତି। ଅନ୍ୟପଟରେ, ସୁଭଦ୍ରା ଯୋଜନାରେ ସାମିଲ ନ କରିବା କାରଣରୁ ସେମାନଙ୍କୁ ଉଭୟ ପଟରୁ କ୍ଷତି ସହିବାକୁ ପଡୁଛି। ସେହିପରି, ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବଞ୍ଚିତ କରାଯାଇଛି। ଏହାଦ୍ୱାରା ସେମାନେ ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି। ଅପରପକ୍ଷରେ ଯେଉଁ ମହିଳାମାନେ ଜାତୀୟ ଖାଦ୍ୟ ସୁରକ୍ଷା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଛନ୍ତି ଓ ସେମାନଙ୍କ ବାର୍ଷିକ ଆୟ ଅଢ଼େଇ ଲକ୍ଷ ଟଙ୍କାରୁ କମ୍, ସେମାନଙ୍କ ପରିବାରର କେବଳ ଜଣେ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିବେ; ଯାହା ପରିବାରର ଅନ୍ୟ ମହିଳାମାନଙ୍କ ପ୍ରତି ପ୍ରତାରଣା ସଦୃଶ। ସେହିପରି ଯେଉଁ ମହିଳାଙ୍କ ବୟସ ୫୭ ରୁ ୫୯ ବର୍ଷ ଭିତରେ ରହିଛି, ସେମାନେ ଏହି ଯୋଜନାରୁ ପୂରାମାତ୍ରାରେ ଲାଭ ପାଇପାରିବେ ନାହିଁ। ସୁଭଦ୍ରା ଯୋଜନା ମାଧ୍ୟମରେ ଗୋଲାପୀ ପ୍ରତିଶ୍ରୁତି ଦେଇ ମହିଳାମାନଙ୍କ ଭୋଟ ହାସଲ କରି ସରକାରକୁ ଆସିବା ପରେ ରାଜ୍ୟର ଅଧିକାଂଶ ମହିଳାଙ୍କୁ ଏଥିରୁ ବଞ୍ଚିତ କରିବାକୁ ଯାଉଥିବା ଏସ୍‌ଓପିରୁ ସ୍ପଷ୍ଟ ହେଉଛି। ମହିଳାମାନେ ହେଲେ, ମା' ଦୁର୍ଗା, ମା' କାଳୀ ଓ ମା' ସରସ୍ୱତୀର ରୂପ। ତେଣୁ ସେମାନେ ଏହାର ଉଚିତ ଜବାବ ଦେବେ। ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଏଥିରେ ସାମିଲ ନ କଲେ ବିଜେଡି ରାସ୍ତାକୁ ଓହ୍ଲାଇବ। ପ୍ରତ୍ୟେକ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର ଓ କସ୍ତୁରୀ ମହାପାତ୍ର ଉପସ୍ଥିତ ଥିଲେ।

# ଯାଜପୁର ଏମ୍‌ପି-ବିଧାୟିକା ମୁହାଁମୁହିଁ

■କଳା ଚଷମା ପିନ୍ଧିଥିଲେ ବିକାଶ ଦିଶିବ ନାହିଁ: ବିଧାୟିକା

■ବିକାଶଠାରୁ ଦୁର୍ନୀତି ବେଶି ହୋଇଛି: ଏମ୍‌ପି

ଯାଜପୁର,୨।୯(ହର୍ଷବର୍ଦ୍ଧନ ବେହେରା)



ବିଧାୟିକା ସୁଜାତା ସାହୁ ଓ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା।

ଯାଜପୁର ପୌରପାଳିକା ପକ୍ଷରୁ ଶନିବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଏବଂ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଯାଜପୁର ବିଧାୟିକା ସାହୁ ପ୍ରଥମେ ଯାଜପୁର ପୌରପାଳିକାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ସରକାରଙ୍କ ଗୁଣଗାନ କରି ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସଙ୍କ ବିଭିନ୍ନ କୀର୍ତ୍ତି ବିଷୟରେ ଆଲୋଚନା କରିବା ସହ ସରକାରୀ ଦଳ କଳା ଚଷମା ପିନ୍ଧି ବିକାଶକୁ ଦେଖିପାରୁନି ବୋଲି କହିଥିଲେ। ଏପରିକି ପୂର୍ବତନ ବିଧାୟକଙ୍କ ଅମଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଯାଜପୁର ସହର ନୂଆ ରୂପରେ ଉଭା ହୋଇପାରିଛି ବୋଲି ସେ କହିଥିଲେ। ଏହାପରେ ମୁଖ୍ୟ ଅତିଥି ଏମ୍‌ପି ବେହେରା ଭାଷଣ ଦେଇ ବିଧାୟିକା ସାହୁଙ୍କ କଥାର ଜବାବ ଦେଇଥିଲେ। ରାଜ୍ୟ ସରକାର ସମଗ୍ର ଓଡ଼ିଶାର ବିକାଶ ଚାହୁଁଛନ୍ତି। ଯାଜପୁର ପୌରପାଳିକାରେ ଆଗକୁ ମଧ୍ୟ ଅନେକ ବିକାଶମୂଳକ କାର୍ଯ୍ୟ ହେବ। ହେଲେ ଯାଜପୁରରେ ବିଗତ ସରକାର ସମୟରେ ଯେତିକି ବିକାଶମୂଳକ କାର୍ଯ୍ୟ ହୋଇଛି, ତାହାଠୁ ଅଧିକ ଦୁର୍ନୀତି ହୋଇଛି। ସାରା ଓଡ଼ିଶାରେ ଯାଜପୁର ଦୁର୍ନୀତିରେ ସର୍ବାଗ୍ରେ ରହିବ। ଆଗାମୀ ଦିନରେ କଳା ଚଷମାର ଆବଶ୍ୟକତା ନାହିଁ, ସମସ୍ତେ ଧଳା ଚଷମା ପିନ୍ଧି ସବୁ ଦେଖିପାରିବେ ବୋଲି ଏମ୍‌ପି ବେହେରା କହିଥିଲେ। ଏମ୍‌ପି ଓ ବିଧାୟିକାଙ୍କର ଏଭଳି କଥା କଟାକଟିକୁ ନେଇ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହା ଏବେ ଚର୍ଚ୍ଚାର ବିଷୟ ହୋଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଉପଜିଲାପାଳ ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଛତ୍ରପୁର/ପୁରୁଷୋତ୍ତମପୁର,୨।୯ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କ ବିରୋଧରେ ୯ ଜଣ କାଉନ୍‌ସିଲର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ସୋମବାର ସେମାନେ ଏନ୍‌ଏସି ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ଅଧ୍ୟକ୍ଷା ନିର୍ବାଚିତ ହୋଇଥିବା ପ୍ରିୟଙ୍କା ପରବର୍ତ୍ତୀ ସମୟରେ ବିଜେଡିରେ ମିଶିଥିଲେ। ବର୍ତ୍ତମାନ ପୁରୁଷୋତ୍ତମପୁର ଏନ୍‌ଏସି ବିଜେଡି ଦଖଲରେ ରହିଛି। ଅଧ୍ୟକ୍ଷା ଏବଂ ତାଙ୍କ ସ୍ୱାମୀ ମନମୁଖି କାର୍ଯ୍ୟ କରୁଥିବା, ଏନ୍‌ଏସିର ନିୟମ ଅନୁଯାୟୀ ନିୟମିତ ବୈଠକ କରୁ ନ ଥିବା, ବୈଠକରେ ଗୃହୀତ ହୋଇଥିବା ଖସଡ଼ା ପଠନ ଓ ଦୃଢ଼ୀକରଣ କରୁ ନ ଥିବା, ଆୟ ଓ ବ୍ୟୟର ସମୀକ୍ଷା କରୁ ନ ଥିବା, ଉନ୍ନୟନମୂଳକ କାମର ଟେଣ୍ଡର ନ କରି ନିଜ ସମ୍ପର୍କୀୟମାନଙ୍କ ମାଧ୍ୟମରେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ କରୁଥିବା, ମାତ୍ରାଧିକ ବ୍ୟୟ କରି ରାଜକୋଷ ଅର୍ଥ ହରିଲୁଟ କରୁଥିବା ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଜିଲାପାଳଙ୍କୁ ପ୍ରଦତ୍ତ ଅନାସ୍ଥା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ୧୪ ୱାର୍ଡ ବିଶିଷ୍ଟ ପୁରୁଷୋତ୍ତମପୁର ଏନ୍‌ଏସିର ୮ ନଂ. ୱାର୍ଡ ଜନଜାତି ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି। ଜନଜାତି ବର୍ଗର କେହି ନ ଥିବାରୁ ଉକ୍ତ ୱାର୍ଡରେ ନିର୍ବାଚନ ହୋଇ ନ ପାରି କାଉନ୍‌ସିଲର ପଦବୀ ଖାଲିପଡ଼ିଛି। ଏଭଳି ସ୍ଥିତିରେ ଅନ୍ୟ ୧୩ଟି ୱାର୍ଡରୁ ଉପାଧ୍ୟକ୍ଷଙ୍କ ସମେତ କାଉନସିଲର ଅର୍ଚ୍ଚନା ପଣ୍ଡା, କେ . ପ୍ରମୋଦ କୁମାର ଆଚାରୀ, ସୁଜାତା ବେହେରା, ଭବାନୀ ଶଙ୍କର ନାହାକ, ଗିରିଜା ବେହେରା, ଯମୁନା ବେହେରା, ଲିଙ୍ଗରାଜ ବେହେରା ଓ ଭାସ୍କର ବେହେରା ଅଧ୍ୟକ୍ଷାଙ୍କ ବିରୋଧରେ ଅନସ୍ଥା ଅଭିଯୋଗ ଆଣିଛନ୍ତି।



ଜିଲାପାଳଙ୍କୁ କାଉନ୍‌ସିଲରମାନେ ଅନାସ୍ଥା ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।


## OFFICE OF THE PANCHAYAT SAMITI, KAPTIPADA, MAYURBHANJ

(At/P.O. - Kaptipada, Dist. - Mayurbhanj, Odisha, E-Mail : ori-kaptipada@nic.in)
TCN No. 03/2024-25
No.i-107

Advt. No. : 3519 Date : 29.08.2024

| | | | |
|---|---|---|---|
| 1 | The Block Development Officer, Kaptipada invites Sealed tender in offline/online mode on percentage rate basis for Construction of Additional Class Room at Kaptipada UGME school for the year 2022-23 as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. | | |
| 2 | No. of work | : | 01 No. |
| 3 | Cost of Work | : | Rs.9,93,490/- |
| 4 | Cost of Tender Paper | : | Rs.6,000/- per unit |
| 5 | Class of Contractors | : | "D" Contractors |
| 6 | Date & Time of available the Tender document (DTCN & BOQ) | : | In district NIC Website (www.mayurbhanj.odisha.gov.in) from Dt. 04.09.2024 to Dt. 18.09.2024 till 05.00 P.M. |
| 7 | Last date of Receipt of Bids | : | Dt. 18.09.2024 up to 05.00 P.M. |
| 8 | Mode of receipt | : | Through Speed post/Regd. Post only and Tender Box |
| 9 | Date of Tender Opening | : | Dt. 19.09.2024 at 11.00 A.M. |

# For more details, visit our District Administration website (www.mayurbhanj.odisha.gov.in).
# All amendments, time extension, clarification etc. will be uploaded in the website only.
Bidders should regularly visit the above website to keep themselves updated.

OIPR-19370/11/0003/2425 Sd./- Block Development Officer, Kaptipada

## PUBLIC NOTICE

No. 4045/Date : 02.08.2024

No.XXXIV-01 : Announcement of Award for acquisition of land for construction of National Highway for Land owners/persons interested therein and payment of Compensation Amount.

Attention of all land owners/interested persons is invited to the Notification dated 23.08.2022 issued under Section 3 A of the NH Act. 1956 for acquisition of land for the building/construction of a National Highway and the Notification dated 17.05.2023 issued under Section 3 D of the NH Act. 1956 and published in the following Newspapers :

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3A | "Dharitri" & "Odia Bhaskar" | 29.09.2022 |
| 2 | Section 3D | "Pragatibadi" & "Nitidina" | 13.08.2023 |

It is informed that the undersigned had announced the Award in respect of the said land of Mouza-Dunguripali under Section 3 G of the NH Act. 1956 vide order dated 04.01.2024 & 26.07.2024 in pursuant to letter No. 1743 dated 28.11.2023 of the MoRTH, Govt. of India, Bhubaneswar.

The land acquiring agency (MoRTH/NHAI/NHIDCL) has placed the requisite amount of compensation of Mouza-Dunguripali at the disposal of the undersigned. Notices have also been issued to the concerned land owners/interested persons as required under Section 3 E of the NH Act. 1956.

Accordingly, all the concerned land owners/interested persons of Dunguripali mouza are hereby informed/notified through this additional Public Notice that the Compensation amount is hereby offered to all the land owners. Further, it may be noted that :

- The compensation amount in respect of all such landowners of Mouza - Dunguripali, who have already submitted their Bank Account details is being credited to their respective Bank Accounts through RTGS.
- The landowners of the said mouza, who have not submitted their Bank Accounts details may do so immediately in the office of the undersigned and the amount shall be credited to their accounts within a fortnight of the receipt of such Bank Accounts details ;
- All other claimants entitled to receive the compensation amount may contact the undersigned for any difficulty on any working day between 11 AM to 5.00 PM within a period of 60 days with effect from the date of issue of this Notification.

It may further be noted that since the amount of Compensation has been determined and tendered to the concerned village landowners/persons interested therein through this additional public notice, any failure to collect the compensation amount would be to their account and the amount shall be deened to have paid on expiry of this period of sixty days from the date of publication of notice.

The concerned village landowners/persons interested therein are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

Sd./-
Competent Authority for Land Acquisition
- cum -
Additional Tahasildar, Rampur
Tahasil Office, Rampur, Dist-Subarnapur
OIPR-24323/14/0002/2425 Date : 02.08.2024

## कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, गोड्डा

अति अल्पकालीन ई–पुनर्निविदा आमंत्रण सूचना

अति अल्पकालीन ई0–निविदा संख्या:– 14/2024-25/R3/RWD/EE/GODDA दिनांक: 02-09-2024
कार्य का विवरण: मुख्यमंत्री ग्राम सड़क योजना अन्तर्गत
कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/GODDA/ 58/2023-24 | पंचायत पिपरा ग्राम मुख्य सड़क से जमुआ होते हुए हटियाटाँड़ तक पथ का निर्माण कार्य (लं0–2.705 कि0मी0), प्रखंड–पथरगामा | 2,57,98,900.00 | दो करोड़ सनतावन लाख अनठानबे हजार नौ सौ रू0 मात्र | 12(बारह) माह | तृतीय |

1. वेबसाईट में निविदा प्रकाशन की तिथि:– 05.09.2024
2. ई–निविदा प्राप्ति की अंतिम तिथि एवं समय:– 18.09.2024 अपराह्न 5.00 बजे तक।
3. निविदा खोलने की तिथि एवं समय:–19.09.2024 अपराह्न 05.00 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा
PR 334474 (Rural Work Department)24-25*D

## झारखण्ड सरकार
## कार्यपालक अभियंता का कार्यालय,ग्रामीण विकास विशेष प्रमण्डल, रामगढ़

ई०–अति अल्पकालीन निविदा आमंत्रण सूचना

ई–निविदा सं० :–RE-01/RDSD/RAMGARH/01/2024-25

1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेषन संख्या/पैकेज संख्या | प्रखण्ड | ग्राम/ पंचायत | योजना का नाम | प्राक्कलित राषि | अग्रधन की राषि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/MMGSY /01/2024-25 | रामगढ़ | हेसला | रामगढ़ जिलान्तर्गत रामगढ़ प्रखण्ड के कैरा बिहार से हेसला पथ में दामोदर नदी पर उच्च स्तरीय पुल निर्माण। | 87206300 | 1745000 | 10000 | 24 माह |

2. वेबसाईट में निविदा प्रकाशन की तिथि :– दिनांक 05.09.2024
3. ई–निविदा प्राप्ति की तिथि एवं समय – दिनांक 05.09.2024 से 11.09..2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 12.09.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट Jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल,
रामगढ़
PR 334372 (District)24-25*D

## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय,
तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड– 815301

ई–अतिअल्पकालीन निविदा आमंत्रण सूचना
ई–निविदा सं0 :–21/R1/2024-25/RWD/EE/GIRIDIH दिनांक :–31.08.2024

ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :–

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/GIRIDIH/63 /2024-25 | चिरकी पंचायत खेलवाडीह से चलकरी चुड़का मांझी घर तक पथ निर्माण कार्य। (लं0–2.900 कि0मी0) | 3,69,67,200.00 | तीन करोड़ उनहत्तर लाख सरसठ हजार दो सौ रू0 मात्र | 18 माह | द्वितीय |
| 2 | RWD/GIRIDIH/64 /2024-25 | भारती चलकरी कौन्झिया विद्यालय से नावासार होते हुए नया पुल तक पथ निर्माण कार्य। (लं0–2.500 कि0मी0) | 3,32,06,300.00 | तीन करोड़ बत्तीस लाख छः हजार तीन सौ रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथि :–04.09.2024
3. ई–निविदा प्राप्ति की अंतिम तिथि एवं समय :–11.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय :–13.09.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड– 815301
6. ई–निविदा प्रकोश्ठ का दूरभाश सं0–06532–225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।
PR.NO.334418 REO(24-25):D

# ଫ୍ଲେକ୍ସ-ଇନ୍ଧନ ଉପରେ ଜିଏସ୍‌ଟି ୧୨%କୁ ହ୍ରାସ କରିବାକୁ ଯୋଜନା

## ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ପ୍ରସ୍ତାବ

ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

ରାଜ୍ୟ ଅର୍ଥମନ୍ତ୍ରୀମାନେ 'ଫ୍ଲେକ୍ସ-ଇନ୍ଧନ' ଯାନ ଉପରେ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ୧୨ ପ୍ରତିଶତକୁ ହ୍ରାସ କରିବାକୁ ଚିନ୍ତା କରିବା ଉଚିତ ବୋଲି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୋମବାର କହିଛନ୍ତି । 'ଫ୍ଲେକ୍ସ ଇନ୍ଧନ' ଯାନଗୁଡ଼ିକର ଅର୍ଥ ହେଉଛି ଏକରୁ ଅଧିକ ଇନ୍ଧନରେ ଚାଲୁଥିବା ଯାନ। ସାଧାରଣତଃ ପେଟ୍ରୋଲ ବ୍ୟତୀତ ଏହି ଯାନଗୁଡିକ ଇଥାନଲ କିମ୍ବା ମିଥାନଲ ମିଶ୍ରିତ ପେଟ୍ରୋଲରେ ମଧ୍ୟ ଚାଲିଥାଏ। ଆଇଏଫଜିଇର ଇଣ୍ଡିଆ ବାୟୋ-ଏନର୍ଜି ଏବଂ ଟେକ ଏକ୍ସପୋକୁ ସମ୍ବୋଧିତ କରି



ନୀତିନ ଗଡକରୀ

ଗଡ଼କରୀ କହିଛନ୍ତି, ଅଶୋଧିତ ତୈଳ ଆମଦାନୀକୁ ହ୍ରାସ କରିବା ଏବଂ ଜୈବ ଇନ୍ଧନ ବ୍ୟବହାରକୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଯଦି ଜିଏସ୍‌ଟି ହ୍ରାସ କରାଯାଏ ତେବେ ଫ୍ଲେକ୍ସ-ଇନ୍ଧନ ଇଞ୍ଜିନ ଥିବା ଯାନଗୁଡ଼ିକ ଶସ୍ତା ହୋଇଯିବ ଏବଂ ଏହାର ବିକ୍ରି ମଧ୍ୟ ବଢ଼ିବ ବୋଲି ସେ କହିଛନ୍ତ। 'ଫ୍ଲେକ୍ସ-ଇନ୍ଧନ' ଯାନ ଉପରେ ଟିକସ ହ୍ରାସ କରିବାକୁ ବିଚାର କରିବାକୁ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅନୁରୋଧ କରିଥିବାବେଳେ ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ଅଜିତ ପାୱାରଙ୍କ ସହ ପୃଥକ ବୈଠକରେ ଗଡକରୀ ତାଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି।

ସୂଚନା ଥାଉକି, ବର୍ତ୍ତମାନ ହାଇବ୍ରିଡ ସମେତ ପେଟ୍ରୋଲ ଇଞ୍ଜିନ ଥିବା ଯାନ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଏବଂ ବୈଦ୍ୟୁତିକ ଯାନ ଉପରେ ପାଞ୍ଚ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଛି। ଗଡକରୀ ଏହା ମଧ୍ୟ କହିଛନ୍ତି ଯେ, ଦେଶ ପ୍ରତିବର୍ଷ ୨୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଜୀବାଶ୍ମ ଇନ୍ଧନ (କୋଇଲା, ଅଶୋଧିତ ତୈଳ) ଆମଦାନୀ କରିଥାଏ ଏବଂ ଏହା କେବଳ ବାୟୁ ପ୍ରଦୂଷଣ ସହ ଜଡିତ ସମସ୍ୟା ନୁହେଁ ବରଂ ଏକ ଆର୍ଥିକ ସମସ୍ୟା ମଧ୍ୟ ଅଟେ। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ଜୀବାଶ୍ମ ଇନ୍ଧନ ଆମଦାନୀ ହ୍ରାସ କରି ଜୈବ ଇନ୍ଧନକୁ ଉତ୍ସାହିତ କରିବା ଦ୍ୱାରା କୃଷି କ୍ଷେତ୍ର ଅଧିକ ଲାଭବାନ ହେବ। ବାୟୋ ଇନ୍ଧନ କ୍ଷେତ୍ରରେ ଅନେକ ସମ୍ଭାବନା ଥିବାବେଳେ ଏହା ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ ହେବ। ଭାରତୀୟ ଅର୍ଥନୀତି ପାଇଁ ଅଟୋମୋବାଇଲ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ହୋଇଥିବାବେଳେ ଏହି ଶିଳ୍ପ ଏପର୍ଯ୍ୟନ୍ତ ୪.୫ କୋଟି ନିଯୁକ୍ତି ସୃଷ୍ଟି କରିଛି। ଏହା ହେଉଛି ଶିଳ୍ପ ଯାହା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ସର୍ବାଧିକ ଜିଏସଟି ଦେଉଛି ବୋଲି ଗଡକରୀ ଦର୍ଶାଇଛନ୍ତି। ହିରୋ ଏବଂ ବଜାଜ ପରି ଦୁଇ ଚକିଆ ଉତ୍ପାଦନକାରୀ ଭାରତରେ ନିର୍ମିତ ବାଇକର ୫୦ ପ୍ରତିଶତ ରପ୍ତାନି କରୁଛନ୍ତି। ସେ କହିଛନ୍ତି, ଯଦି ଆମର ବାୟୋ-ଇନ୍ଧନ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ରପ୍ତାନି ୧୦ ରୁ ୨୦ ପ୍ରତିଶତ ବୃଦ୍ଧି ପାଇବ। ପ୍ରଦୂଷଣ ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର ବିଷୟ ହୋଇଥିବାବେଳେ ଏହା ପ୍ରଦୂଷଣ ରୋକିବାରେ ପରୋକ୍ଷ ଭାବେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨।୯ (ଅଭୟ ଦାଶ)

କ୍ରମାଗତ ୧୦ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୧୯୪ (୧୯୪.୦୭) ପଏଣ୍ଟ ବଢ଼ି ୮୨,୫୬୦ (୮୨,୫୫୯.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୪୩ (୪୨.୮୦) ପଏଣ୍ଟ ବୃଦ୍ଧି ଘଟି ୨୫,୨୭୯ (୨୫,୨୭୮.୭୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଆକ୍ସିସ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨।୯ (ଅଭୟ ଦାଶ)

ଆକ୍ସିସ ବ୍ୟାଙ୍କର ନୂତନ ଶାଖା (୪ଟି ନୂଆ ଶାଖା) ନିକଟରେ କଟକ ଜିଲାର ଚୌଦ୍ୱାର ଓ ନିଶ୍ଚିନ୍ତକୋଇଲି ଏବଂ କେନ୍ଦୁଝର ଜିଲାର ଚମ୍ପୁଆ ସମେତ ମୟୂରଭଞ୍ଜ ଜିଲାର ବାହାଲଦାଠାରେ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲାର ଚୌଦ୍ୱାରଠାରେ ଆୟୋଜିତ ସ୍ୱତନ୍ତ୍ର ଉଦଘାଟନୀ ଉତ୍ସବରେ ଚୌଦ୍ୱାର ଏମ୍‌ଏଲ୍‌ଏ ସୌଭିକ ବିଶ୍ୱାଳ,ଚୌଦ୍ୱାର କଲେଜ ଅଧ୍ୟକ୍ଷା (ପ୍ରିନ୍ସିପାଲ) ରଶ୍ମୀ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକ୍ସିସ୍ ବ୍ୟାଙ୍କର ଭୁବନେଶ୍ୱର ସର୍କଲ ହେଡ୍ ବିପ୍ଳବୀ ପଟ୍ଟନାୟକ, କ୍ଲଷ୍ଟର ହେଡ୍ ବିଭୁଦତ୍ତ ମିଶ୍ର, ଆକ୍ସିସ ଲାୟବିଲିଟି ସେଲ୍‌ସ ବିଭାଗର କ୍ଲଷ୍ଟର ହେଡ୍ ଦେବାଶିଷ ଜେନାଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର ଅଧକ୍ଷ ଓ ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ ବିଭାଗର ମୁଖ୍ୟ ଅର୍ନିକା ଦୀକ୍ଷିତ୍ କହିଛନ୍ତି, ଓଡିଶା ବଜାରରେ ଆମର ଏହି ନୂତନ ଶାଖାଗୁଡିକର ଉଦଘାଟନ ସହିତ ବ୍ୟାଙ୍କ ବିବିଧ ଗ୍ରାହକ ବର୍ଗଗୁଡିକ ସହ ନିଜର ସମ୍ପର୍କକୁ ସୁଦୃଢ଼ କରିବାକୁ ଆବଶ୍ୟକ କାର୍ଯ୍ୟକ୍ରମ ଜାରି ରଖିବ ଏବଂ ସେମାନଙ୍କୁ ଏକାଧିକ ସ୍ମାର୍ଟ ଓ କଷ୍ଟମାଇଜ୍‌ଡ ଫାଇନାନ୍ସିଆଲ ସଲ୍ୟୁଶନ ପାଇଁ ସହଜ ପହଞ୍ଚ ମଧ୍ୟ ପ୍ରଦାନ କରିବ।

# ଅଗଷ୍ଟରେ ହୋଣ୍ଡାର ୫,୩୮,୫୮୨ ୟୁନିଟ୍ ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୨।୯ (ଅଭୟ ଦାଶ)

ଦେଶର ପ୍ରମୁଖ ୨ ଚକିଆ ଯାନ ବ୍ରାଣ୍ଡ ତଥା ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ମାସିକ ଗାଡି ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ଅଗଷ୍ଟରେ କମ୍ପାନୀ ମୋଟ ୫,୩୮,୮୫୨ ୟୁନିଟ ଗାଡ଼ି ବିକ୍ରି କରିଛି, ଯାହା ପୂର୍ବ ବର୍ଷର ଅଗଷ୍ଟ ମାସ ତୁଳନାରେ ୧୩% ଅଧିକ ବୋଲି ଏଚ୍‌ଏମ୍‌ଏସଆଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି କମ୍ପାନୀ ଦେଶ ଭିତରେ ୪,୯୧,୬୭୮ ୟୁନିଟ ଗାଡ଼ି ବିକ୍ରି କରିଥିବା ବେଳେ ୪୭,୧୭୪ ୟୁନିଟ ଗାଡ଼ି ୨୦୨୪ ଅଗଷ୍ଟରେ ରପ୍ତାନି କରିଛି, ଦେଶ ଭିତର ଗାଡ଼ି ବିକ୍ରି ୯% ଏବଂ ରପ୍ତାନୀ କ୍ଷେତ୍ରରେ ୭୯% ବୃଦ୍ଧି ଘଟିଛି। ୨୦୨୪ ଏପ୍ରିଲରୁ ଅଗଷ୍ଟ ଶେଷ ସୁଦ୍ଧା ଏଚ୍‌ଏମ୍‌ଏସଆଇ ଗାଡ଼ିର ଘରୋଇ ବିକ୍ରି ସଂଖ୍ୟା ୨୩,୪୫,୦୨୮ ଓ ରପ୍ତାନି ସଂଖ୍ୟା ୨,୨୯,୭୧୬ ୟୁନିଟ ରହିଛି। ଚଳିତ ବର୍ଷ ଅଗଷ୍ଟରେ କମ୍ପାନୀ ମଧ୍ୟପ୍ରଦେଶରେ ୩୦ ଲକ୍ଷ ଗାଡ଼ି ବିକ୍ରି କରିବା ମାଇଲଖୁଣ୍ଟ ହାସଲ କରିଛି ଯାହା ରାଜ୍ୟରେ କମ୍ପାନୀକୁ ସବୁଠୁ ପସନ୍ଦର ଦୁଇଚକିଆରେ ପରିଣତ କରିଛି।

# ବ୍ଲାକ୍ ଜେଡ୍‌କୁ ଟପ୍ ଏକ୍ସପର୍ଟ ଆୱାର୍ଡ




ନୂଆଦିଲ୍ଲୀ,୨।୯ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଗରବତି ନିର୍ମାତା ମହୀଶୂର ଦୀପ ପ୍ରଫ୍ୟୁମେରୀ ହାଉସ (ଏମ୍‌ଡିପିଏଚ୍)ର ପ୍ରମୁଖ ବ୍ରାଣ୍ଡ ବ୍ଲାକ୍ ଜେଡ୍‌କୁ ଶ୍ରେଷ୍ଠ ରପ୍ତାନି ପୁରସ୍କାର(ଟପ୍ ଏକ୍ସପର୍ଟ ଆୱାର୍ଡ) ମିଳିଛି। ଏପରିକି ବ୍ରାଣ୍ଡର ଗୁଣବତ୍ତା ଓ ଅଗରବତି ହସ୍ତଶିଳ୍ପ ବର୍ଗରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ,ବୟନଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ୍ସପର୍ଟ ପ୍ରମୋଶନ କାଉନସିଲ ଫର୍ ହାଣ୍ଡିକ୍ରାଫ୍ଟ୍ସ (ଇପିଏଚ୍‌ସି) ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ୨୪ତମ ହାଣ୍ଡିକ୍ରାଫ୍ଟ୍ସ ଏକପର୍ଟ ଆୱାର୍ଟ

### ଇପିସିଏଚ୍ ପକ୍ଷରୁ ଏମ୍‌ଡିପିଏଚ୍‌କୁ ମେରିଟ୍ ସାର୍ଟିଫିକେଟ୍

ସେରିମନି ଉତ୍ସବରେ ବ୍ଲାକ୍ ଜେଡ୍‌କୁ ଟପ୍ ଏକ୍ସପର୍ଟ ଆୱାର୍ଡ ଦିଆଯାଇଥିବାବେଳେ ଇପିସିଏଚ୍ ପକ୍ଷରୁ ଏମ୍‌ଡିପିଏଚ୍‌କୁ ମଧ୍ୟ ମେରିଟ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବିଶେଷକରି ୨୦୨୯-୨୦ବର୍ଷ ଏବଂ ୨୦୨୦-୨୧ବର୍ଷ ପାଇଁ ମୋଟ ୧୨୩ଟି ସଂସ୍ଥାକୁ ବିଭିନ୍ନ ବର୍ଗରେ ପୁରସ୍କାର ଦିଆଯାଇଥିଲାବେଳେ ୨୦୧୯-୨୦ ବର୍ଷ ପାଇଁ ବ୍ଲାକ୍ ଜେଡ୍‌କୁ ଟପ୍ ଏକ୍ସପର୍ଟ ଆୱାର୍ଡ ଦିଆଯାଇଛି। ସେହିଭଳି ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହଙ୍କଠାରୁ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବୟନ ଶିଳ୍ପ ସଚିବ ରଚନା ଶାହା, ଆଇପିଓଏସ୍ ବିକାଶ ଆୟୁକ୍ତ ଅମ୍ରିତ ରାଜ ଏବଂ ଇପିସିଏଚ୍‌ର ଇଡି ଆର୍. କେ. ବର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଥିଲେ, ଇପିସିଏଚ୍‌ଠାରୁ ଆମେ ଏହି ପୁରସ୍କାର ପାଇଁ ବେଶ୍ ଉତ୍ସାହିତ ଥିଲାବେଳେ ଆମର କାର୍ଯ୍ୟକୁ ସ୍ୱୀକୃତି ଦେଇଥିବାରୁ ଆମେ ବୟନ ଶିଳ୍ପ ମନ୍ତ୍ରଣାଳୟ ଓ ଏକ୍ସପର୍ଟ କାଉନସିଲକୁ ଧନ୍ୟବାଦ ଜଣାଉଛୁ।

# ୪ରୁ ହୋମ୍ ସପିଂ ସ୍ପ୍ରି ବୋନାଞ୍ଜା

ନୂଆଦିଲ୍ଲୀ,୨।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ଅଫର(ସ୍କିମ) 'ହୋମ୍ ସପିଂ ସ୍ପ୍ରି ବୋନାଞ୍ଜା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ସେପ୍ଟେମ୍ବର ୪ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି, ଏହା ଜରିଆରେ ଗ୍ରାହକ ନିଜ ଘରକୁ ଏକ ଫେଷ୍ଟିଭାଲ ମେକ୍ ଓଭର ସହ ହୋମ୍, କିଚେନ୍ ଏବଂ ଆଉଟଡୋର ଭଳି ବିଭିନ୍ନ ପ୍ରଡକ୍ଟ ଉପରେ ଆକର୍ଷଣୀୟ ରିହାତି ମଧ୍ୟ ସାମିଲ ରହିଛି। ୨୦୨୪ସେପ୍ଟେମ୍ବର ୪ରୁ ୮ମଧ୍ୟରେ ଡାଶ, ବୋରୋସିଲ, ଫିଲିପ୍ସ, କୁବୋ, ସ୍କଟ୍-ବ୍ରିଟ୍, ଷ୍ଟ୍ରାଉସ୍ ଭଳି ଟପ୍ ବ୍ରାଣ୍ଡର ଆକର୍ଷଣୀୟ ଅଫର ଉପଲବ୍ଧ ରହିଛି। ଏହାବ୍ୟତୀତ ଗ୍ରାହକମାନେ ସର୍ବନିମ୍ନ ୧୫୦୦ ଟଙ୍କାର କିଣାକିଣି ଉପରେ ସର୍ବନିମ୍ନ ୪୦%ର ରିହାତି ଏବଂ ଅତିରିକ୍ତ ୩୦୦ ଟଙ୍କାର କ୍ୟାଶବ୍ୟାକ୍ ସୁବିଧା ମଧ୍ୟ ପାଇପାରିବେ। ସେହିଭଳି ଏଠାରେ ବିକ୍ରେତାଙ୍କ ଠାରୁ ବହୁତ ଭଲ ରିହାତି ସହିତ ଆମାଜନ.ଇନରେ କିଛି ଲୋକପ୍ରିୟ ହୋମ୍, କିଚେନ୍ ଏବଂ ଆଉଟଡୋର୍ ଉତ୍ପାଦ ସାମିଲ ରହିଛି।

# ଏସ୍‌ବିଆଇର ନୂତନ ଉତ୍ପାଦ ସମ୍ଭାର

ନୂଆଦିଲ୍ଲୀ,୨।୯ (ଅଭୟ ଦାଶ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ଉତ୍ପାଦ ସମ୍ଭାର (ଏମ୍‌ଟିଏସ୍ କାର୍ଡ ଏମ୍‌ଟିଏସ୍ କାର୍ଡ, ୱାନ୍‌ଭିଉ ମୋବାଇଲ୍ ଆପ୍ଲିକେଶନ୍ ଓ ନୂତନ ଡିଜାଇନ୍ ଏସବିଆଇ ଫାଷ୍ଟଟ୍ୟାଗ୍)ର ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ସାରା ଭାରତରେ ଗମନାଗମନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଅଭିନବ ସମାଧାନ ପ୍ରଦାନ କରାଯାଇଛି। ଭାରତର ପ୍ରଥମ ଏମ୍‌ଟିଏସ୍ କାର୍ଡଭାବେ ଏମ୍‌ଟିଏସ୍ ରୁପେ ଏନସିଏମସି ପ୍ରିପେଡ୍ କାର୍ଡକୁ ଏନ୍‌ସିଏମ୍‌ସିର ପରିବହନ ପ୍ରକଳ୍ପଗୁଡ଼ିକରେ ଯାତାୟାତ ପାଇଁ ନିରବଚ୍ଛିନ୍ନ ଅଫଲାଇନ୍ ପେମେଣ୍ଟ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହି ପ୍ରିପେଡ୍ କାର୍ଡକୁ ଏନ୍‌ସିଏମ୍‌ସିର ମେଟ୍ରୋ ରେଳ, ବସ୍, ଫେରି, ଟୋଲ ଓ ପାର୍କିଂରେ ବ୍ୟବହାର କରାଯାଇପାରିବ। ଅନ୍ୟ ଏକ ସମାଧାନ ଭାବେ ୱାନ୍‌ଭିଉ ମୋବାଇଲ୍ ଆପ୍ଲିକେଶନ ଯାହାକୁ ଏସବିଆଇର ଏନ୍‌ସିଏମ୍‌ସି ପ୍ରିପେଡ୍ କାର୍ଡ ପରିଚାଳନା ପାଇଁ ଲାଗି ପ୍ରସ୍ତୁତ କରାଯାଇଛି, ଏହା ଜରିଆରେ ଗ୍ରାହକମାନେ ଗୋଟିଏ ପ୍ଲାଟଫର୍ମରେ ନିଜ କାର୍ଡ ଉପରେ ନଜର ରଖିବା ସହ ତାହାକୁ ପରିଚାଳନା ମଧ୍ୟ

SBI

କରିପାରିବେ। ସେହିପରି ଅନ୍ୟ ଏକ ସମାଧାନ ଭାବେ ଏସବିଆଇ ଫାଷ୍ଟଟ୍ୟାଗ୍ ପାଇଁ ଉନ୍ନତ ଡିଜାଇନ୍, ଯେଉଁଥିରେ ଗାଡ଼ି ପରିଚୟ ଓ ଟୋଲ୍ ସଂଗ୍ରହ ଦକ୍ଷତାରେ ଉନ୍ନତି ଅଣାଯାଇଛି। ଏହା ସାରା ଦେଶରେ ପରିବହନ ସମୟ କମ୍ କରିବାରେ ସହାୟକ ହେବ। ଏ ସମ୍ପର୍କରେ ଏସବିଆଇର ଚେୟାରମ୍ୟାନ (ଅଧ୍ୟକ୍ଷ) ଚାଲା ଶ୍ରୀନିବାସୁଲୁ ସେଟ୍ଟି କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ସମ୍ଭାରକୁ ଉନ୍ମୋଚନ(ଶୁଭାରମ୍ଭ) କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଦେଶର ପ୍ରଥମ ଏମ୍‌ଟିଏସ୍ କାର୍ଡ, ୱାନ୍‌ଭିଉ ମୋବାଇଲ୍ ଆପ୍ଲିକେଶନ୍ ଓ ନୂତନ ଡିଜାଇନ୍ ଏସବିଆଇ ଫାଷ୍ଟଟ୍ୟାଗ୍‌ର ଶୁଭାରମ୍ଭ ଡିଜିଟାଲ୍ ସମାଧାନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏସବିଆଇର ନେତୃତ୍ୱ ଓ ସାର୍ବଜନୀନ ପରିବହନରେ ଉନ୍ନତି ଆଣିବା ପାଇଁ ଆମ ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଏହି ନବସୃଜନଗୁଡ଼ିକୁ ଉପସ୍ଥାପନ କରି ଆମେ ଗର୍ବିତ, ଯାହା ଆମ ଗ୍ରାହକମାନଙ୍କ ପାଇଁ ସୁବିଧା, ନିରାପତ୍ତା ଓ ଦକ୍ଷତାରେ ଉନ୍ନତି ଆଣିବ।

**ଫୁର୍‌ସତ୍**

# ୧୧୦ ମାଇଲ ପହଁରି ରେକର୍ଡ

ଲସ୍ ଏଞ୍ଜେଲ୍ସ

ବିଶ୍ୱର କିଛି ରେକର୍ଡ ଦୀର୍ଘ ବର୍ଷ ଧରି ଅକ୍ଷୁର୍ଣ୍ଣ ହୋଇରହିଛି। ପ୍ରସିଦ୍ଧ ଆମେରିକୀୟ ସନ୍ତରଣକାରୀ ଡାଏନା ନ୍ୟାଡ୍‌ଙ୍କ ନାମରେ ମଧ୍ୟ ଏହିପରି ଏକ ରେକର୍ଡ ରହିଛି। ୨୦୧୩ ସେପ୍ଟେମ୍ବର ୨ରେ ୬୪ ବର୍ଷ ବୟସରେ ସେ ଆମେରିକାର ଫ୍ଲୋରିଡାରୁ କ୍ୟୁବା ପର୍ଯ୍ୟନ୍ତ ରହିଥିବା ବିଶାଳ ସମୁଦ୍ରରେ ବିନା କୌଣସି ଶାର୍କ କେଜ୍‌ର ସାହାଯ୍ୟରେ ପହଁରି ୧୧୦ ମାଇଲ ଅତିକ୍ରମ କରିଥିଲେ। ଉକ୍ତ ରେକର୍ଡ ସ୍ଥାପନ ହେବାର ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଡାଏନାଙ୍କ ଏହି ବିରଳ ରେକର୍ଡ ଅଭେଦ୍ୟ ହୋଇରହିଛି। ପ୍ରତିବର୍ଷ ସେପ୍ଟେମ୍ବର ୨ରେ ଡାଏନାଙ୍କ ଏହି ରେକର୍ଡକୁ ବିଶ୍ୱବାସୀ ମନେ ପକାଇଥାନ୍ତି।

ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ସମୁଦ୍ରରେ ଶାର୍କ ଏବଂ ବିଭିନ୍ନ ଅଜ୍ଞାତ ବିପଦ ମଧ୍ୟରେ କେବଳ ନିଜର



ସାହସ ଏବଂ ମାନସିକ ଶକ୍ତି ଦ୍ୱାରା ଡାଏନା ଏହି ଅସାଧାରଣ କାର୍ଯ୍ୟକୁ ସମ୍ଭବ କରି ପାରିଥିଲେ। ୫ଟି ପ୍ରୟାସ ପରେ ଶେଷରେ ତାଙ୍କୁ ଏହି ସଫଳତା ମିଳିଥିଲା।

ସାଧାରଣତଃ କ୍ୟୁବାଠାରୁ ଫ୍ଲୋରିଡା ପର୍ଯ୍ୟନ୍ତ ଥିବା ୧୧୦ ମାଇଲର ସାମୁଦ୍ରିକ ମାର୍ଗ ସର୍ବଦା ସନ୍ତରଣକାରୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ରହିଥାଏ। ଏହି ମାର୍ଗକୁ ଫ୍ଲୋରିଡା ଷ୍ଟ୍ରାଇଟ୍ସ ବୋଲି ମଧ୍ୟ କୁହାଯାଏ। କିଛି ଲୋକ ଏହି ମାର୍ଗରେ ପହଁରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶ ଶାର୍କ କେଜ୍‌ର ବ୍ୟବହାର କରିଛନ୍ତି। ଡାଏନା ୬୦ ବର୍ଷ ବୟସରେ ଏହି ବିରଳ ରେକର୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେ ୪ ବର୍ଷ ମଧ୍ୟରେ ବିନା ଶାର୍କ କେଜ୍‌ର ବ୍ୟବହାର କରି ଫ୍ଲୋରିଡା ଷ୍ଟ୍ରାଇଟ୍ସକୁ ପାର କରିବାକୁ ୫ ଥର ପ୍ରୟାସ କରିଥିଲେ। ୫ମ ତଥା ଶେଷ ପ୍ରୟାସରେ ତାଙ୍କୁ ସଫଳତା ମିଳିଥିଲା।

ସାଧାରଣତଃ ଫ୍ଲୋରିଡା ଷ୍ଟ୍ରାଇଟ୍ସରେ ଜଳର ତାପମାତ୍ରା ଅଧିକ ରହୁଥିବାବେଳେ ଏଠାରେ ଶାର୍କ ଏବଂ ବକ୍ସ ଜେଲିଫିଶ୍ ଭଳି ବିପଜ୍ଜନକ ଓ ବିଷାକ୍ତ ସାମୁଦ୍ରିକ ଜୀବ ମଧ୍ୟ ଥାନ୍ତି। ତେବେ ରେକର୍ଡ କରିବା ନେଇ ନିଜର ଜିଜ୍ଞାସା, ଦୃଢ଼ ଇଚ୍ଛାଶକ୍ତି ଏବଂ ସନ୍ତରଣ କୌଶଳ ଯୋଗୁ ଡାଏନା ମାତ୍ର ୫୩ ଘଣ୍ଟା ମଧ୍ୟରେ ପହଁରି ୧୧୦ ମାଇଲ ଦୂରତା ଅତିକ୍ରମ କରିଥିଲେ। ସେ ୨୦୧୩ ସେପ୍ଟେମ୍ବର ୨ରେ କ୍ୟୁବାର କି-ୱେଷ୍ଟରେ ପହଞ୍ଚି ଏହି ବିରଳ ରେକର୍ଡ ସୃଷ୍ଟି କରିଥିଲେ। ତେବେ ଏତେ ଘଣ୍ଟା ଧରି ପହଁରିବାର ଅନୁଭୂତିକୁ ଡାଏନା କଷ୍ଟସାଧ ଦର୍ଶାଇଛନ୍ତି। ଉକ୍ତ ୨ ଦିନ ଧରି ସେ ନର୍କ ମଧ୍ୟରେ ଥିବା ପରି ଅନୁଭବ କରୁଥିଲେ ବୋଲି ଡାଏନା କହିଛନ୍ତି।



# ଆହତ ଥିବା ସତ୍ତ୍ୱେ 'ସିକନ୍ଦର'ର ଶୁଟିଂ ଜାରି ରଖିଛନ୍ତି ସଲ୍‌ମାନ

ମୁମ୍ବାଇ

କୌଣସି ପ୍ରକାରର ବାଧାବିଘ୍ନ ଆସିଲେ ମଧ୍ୟ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ସର୍ବଦା ନିଜର କାର୍ଯ୍ୟ ପ୍ରତିଶ୍ରୁତିକୁ ପାଳନ କରି ଆସିଛନ୍ତି। ଏହାକୁ ସେ ପୁଣି ପ୍ରମାଣିତ କରି ଦେଖାଇଛନ୍ତି। ପିଞ୍ଜରା ହାଡ଼ରେ ଆଘାତ ଥିବା ସତ୍ତ୍ୱେ ମଧ୍ୟ ସଲ୍‌ମାନ ପୁଣିଥରେ ନିଜର ଆଗାମୀ ଫିଲ୍ମ 'ସିକନ୍ଦର'ର ଶୁଟିଂ ଆରମ୍ଭ କରିଛନ୍ତି। ଶୁଟିଂ ସେଟ୍‌ରୁ ସେ ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲାଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯାହାକୁ ସଲ୍‌ମାନଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ଏବେ 'ସିକନ୍ଦର'ର ଶୁଟିଂ ମୁମ୍ବାଇର ଧାରାବି ଏବଂ ମାଟୁଙ୍ଗା ଅଞ୍ଚଳରେ ଚାଲିଛି। ଆଗାମୀ ୪୫ ଦିନ ପର୍ଯ୍ୟନ୍ତ ଏହି ଶୁଟିଂ ଜାରି ରହିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହାପରେ ଫିଲ୍ମର ପରବର୍ତ୍ତୀ ପର୍ଯ୍ୟାୟ ଶୁଟିଂ ପାଇଁ 'ସିକନ୍ଦର'ର ଟିମ୍ ହାଇଦ୍ରାବାଦ ଗସ୍ତ କରିବେ। ଏ.ଆର. ମୁରୁଗାଦାସ୍‌ଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ-ଏଣ୍ଟରଟେନ୍‌ମେଣ୍ଟ ଫିଲ୍ମରେ ପ୍ରଥମ ଥର ପାଇଁ ସଲ୍‌ମାନ ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କେମେଷ୍ଟ୍ରି ଦେଖିବାକୁ ମିଳିବ। ନିକଟରେ ରଶ୍ମିକା ନିଜ ଏକ୍ସ' ଆକାଉଣ୍ଟରେ ଲେଖିଥିଲେ, 'ସିକନ୍ଦର'ର ଅଂଶବିଶେଷ ହୋଇ ସେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି।

# ୨ ବର୍ଷ ପରେ ପହଞ୍ଚିଲା ପ୍ରେସରକୁକର

ନୂଆଦିଲ୍ଲୀ

ଇ-କମର୍ସ ପ୍ଲାଟ୍‌ଫର୍ମ ଆମାଜନରେ ଜୟ ନାମକ ଜଣେ ଯୁବକ ୨୦୨୨ ଅକ୍ଟୋବର ୧ରେ ଏକ ପ୍ରେସରକୁକର ଅର୍ଡର ଦେଇଥିଲେ। ତେବେ ଦୀର୍ଘ ୨ ବର୍ଷ ପରେ ଉକ୍ତ ପ୍ରେସରକୁକରଟି ଆସି ରବିବାର ଜୟଙ୍କ ନିକଟରେ ଡେଲିଭରି ହୋଇଛି। ଏନେଇ ଜୟ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ସେ ୨୦୨୨ରେ ଆମାଜନରୁ ଗୋଟିଏ ପ୍ରେସରକୁକର ଅର୍ଡର କରିଥିଲେ।



ତେବେ ଦିନକ ପରେ ଉକ୍ତ ଅର୍ଡରକୁ ସେ କ୍ୟାନସଲ କରିଥିଲେ। ଉକ୍ତ ପ୍ରେସର କୁକରର ଦାମ ରହିଥିବା ୧୭୦୦ ଟଙ୍କା ମଧ୍ୟ ତାଙ୍କୁ ଫେରସ୍ତ ମିଳିଥିଲା। ଦୀର୍ଘ ୨ ବର୍ଷ ତଳର ଉକ୍ତ ଅର୍ଡରଟି ବାତିଲ ହୋଇ ସାରିଥିଲେ ମଧ୍ୟ, ପୁଣି କିଭଳି ତାଙ୍କୁ ଏହା ଡେଲିଭରି ହେଲା ସେନେଇ ଜୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଦୀର୍ଘ ସମୟର ଅପେକ୍ଷା ପରେ ଏହି ପ୍ରେସର କୁକରଟି ତାଙ୍କ ନିକଟରେ ପହଞ୍ଚିଛି। ଜୟ ଆହୁରି କହିଛନ୍ତି, ସେ ଅର୍ଡର କରିଥିବା କୁକରର ସମସ୍ତ ଟଙ୍କା ଫେରସ୍ତ ପାଇ ସାରିଛନ୍ତି। ବର୍ତ୍ତମାନ ତାଙ୍କୁ କୌଣସି କୁକର ଦରକାର ନ ଥିଲା। ତେଣୁ ଏହି ପ୍ରେସର କୁକର ପାଇଁ ସେ କାହିଁକି ପୁନଶ୍ଚ ଟଙ୍କା ପୈଠ କରିବେ ବୋଲି ଆମାଜନ ଇଣ୍ଡିଆକୁ ଟ୍ୟାଗ୍ କରି ଜୟ ପ୍ରଶ୍ନ କରିଛନ୍ତି।

# ମା' ସହ ଛୁଆ ହାତୀର ଫୁଟ୍‌ବଲ ଖେଳ

ବ୍ୟାଙ୍କକ୍

ଗୋଟିଏ ଛୁଆ ହାତୀ ନିଜ ମା' ସହ ଫୁଟ୍‌ବଲ ଖେଳିବାକୁ ଚେଷ୍ଟା କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଗୋଟିଏ ଛୁଆ ହାତୀ ଏକ ଫୁଟ୍‌ବଲକୁ ନିଜ ମା' ଆଡ଼କୁ ବାରମ୍ବାର କିକ୍ କରି ଖେଳିବା ପାଇଁ ପ୍ରୟାସ କରୁଥିବାର ଦେଖିବାକୁ ମିଳିଛି। ତେବେ ମା' ହାତୀଟି ନିଜ ଛୁଆ ସହ ଫୁଟ୍‌ବଲ ଖେଳିବା ପାଇଁ ଇଚ୍ଛୁକ ନ ଥିବା ପରି ମନେହେଉଛି। ଫୁଟ୍‌ବଲ ଖେଳିବା ପାଇଁ ମା' ହାତୀର ଆଗ୍ରହର ଅଭାବ ସତ୍ତ୍ୱେ ଛୁଆ ହାତୀଟି ସହଜରେ ହାର ମାନୁ ନାହିଁ ଏବଂ ବାରମ୍ବାର ବଲ୍‌କୁ କିକ୍ ମାରି ମା' ହାତୀ ନିକଟକୁ ପଠାଉଛି। ଫଳରେ ମା' ହାତୀଟି ବାଧ୍ୟ ହୋଇ ଉକ୍ତ ବଲ୍‌କୁ ଛୁଆ ହାତୀ ନିକଟକୁ ପାସ୍ କରୁଛି।



ଉକ୍ତ ଭିଡିଓକୁ ଥାଇଲାଣ୍ଡରେ ଥିବା ଏଲିଫ୍ୟାଣ୍ଟ ନେଚର୍ ପାର୍କର ପ୍ରତିଷ୍ଠାତା ଲେକ୍ ଚେଲର୍ଟଙ୍କ ଦ୍ୱାରା ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି, ଯାହାକୁ ଅନେକ ୟୁଜର୍ସ ପସନ୍ଦ କରିଛନ୍ତି। ଭିଡିଓର କ୍ୟାପ୍‌ଶନରେ ଲେକ୍ ଲେଖିଛନ୍ତି, ଏଲିଫ୍ୟାଣ୍ଟ ନେଚର ପାର୍କରେ ଏହି ଛୁଆ ହାତୀଟି ନିଜ ମା' ସହ ଫୁଟ୍‌ବଲ ଖେଳିବା ପାଇଁ ତା'ର ଚେଷ୍ଟା ଜାରିରଖିଛି। ହାତୀମାନଙ୍କୁ ଏପରି ସକାରାତ୍ମକ ପରିବେଶରେ ଉପଭୋଗ କରୁଥିବାର ଦେଖି ଅନେକ ୟୁଜର୍ସ ଖୁସି ବ୍ୟକ୍ତ କରିଛନ୍ତି।

# ୧୦ ବର୍ଷ ଚାକିରିରେ ଅମାପ ସମ୍ପତ୍ତି

## ଭିଜିଲାନ୍ସ ଜାଲରେ ଖଣି ଉପନିର୍ଦ୍ଦେଶକ

- ତାଳଚେର, କେନ୍ଦୁଝର, ଭୁବନେଶ୍ୱରର ୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ
- ୭୫ ଲକ୍ଷ ଲୋନ୍‌କୁ ଦୁଇବର୍ଷରେ ଶୁଝି ଦେଇଥିଲେ
- ଘରୁ ମିଳିଲା ନଗଦ ୯.୮୫ ଲକ୍ଷ ଟଙ୍କା

ତାଳଚେର (ମନୋଜ ନନ୍ଦ)/ କେନ୍ଦୁଝର (ନରେଶ ପଟ୍ଟନାୟକ)/ ଭୁବନେଶ୍ୱର,୨୧୯ (ସତ୍ୟଜିତ୍ ରାଉତ)

ମାତ୍ର ୧୦ବର୍ଷର ଚାକିରି କାଳ ଭିତରେ ଠୁଳ କରିଥିଲେ ବିପୁଳ ସମ୍ପତ୍ତି। ୧୧ ଫ୍ଲାଟ୍, ଦୁଇଟି ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ, ଏକାଧିକ କୋଠା ସହ ଏମିତି କେତେକ'ଣ। ଏପରିକି ଘରେ ଗଦାକରି ରଖିଥିଲେ ବିଡ଼ା ବିଡ଼ା ଟଙ୍କା। ବାବୁ ଜଣକ ହେଲେ ଅନୁଗୋଳ ଜିଲା ତାଳଚେର ମଣ୍ଡଳ ଖଣି ଉପ ନିର୍ଦ୍ଦେଶକ (ଡିଡିଏମ୍) ଧରଣୀଧର ନାୟକ। ଭିଜିଲାନ୍ସ ସ୍କାନରକୁ ଆସିବା ପରେ ଧରଣୀଧରଙ୍କ ଅଚଳାଚଳ ସମ୍ପତ୍ତିର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଭିଜିଲାନ୍ସ ଟିମ୍ ଧରଣୀଧରଙ୍କ ଘର ସମେତ ତାଳଚେର, କେନ୍ଦୁଝର, ଭୁବନେଶ୍ୱରର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମସ୍ଥିତ ପୈତୃକ ଘର, ଘଟଗାଁ ପୁରୁମୁଣ୍ଡା ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘର, ତାଳଚେରସ୍ଥିତ ବାସଭବନ ଏବଂ ତାଳଚେର ମଣ୍ଡଳସ୍ଥିତ ଅଫିସ ଆଦି ରହିଛି। ଯାଞ୍ଚ ବେଳେ ଧରଣୀଧରଙ୍କ ଅମାପ ସମ୍ପତ୍ତି ଠାବ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ଧରଣୀଧରଙ୍କ ଭୁବନେଶ୍ୱର ପଟିଆ ଶିଶୁବିହାରସ୍ଥିତ ସୁରେଖା ଅର୍କିଡ୍ ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରେ ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କାର ଏକ ୩-ବିଏଚ୍‌କେ ଫ୍ଲାଟ୍ (ନଂ.୨୦୫), ସୁନ୍ଦରପଦାରେ ୧୮୦୦ ବର୍ଗଫୁଟର ଏକ ଡୁପ୍ଲେକ୍ସ ଠାବ ହୋଇଛି। ସେହିପରି କେନ୍ଦୁଝର ଜିଲା ତେଲକୋଇ ଜଗମୋହନପୁର ଅଞ୍ଚଳରେ ୩୮୦୦ ବର୍ଗଫୁଟର ଏକ ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସ ରହିଛି। ଏଥିରେ ୧୫ଟି ଶପ୍ ଥିବା ବେଳେ ଗ୍ରାଉଣ୍ଡ ଫ୍ଲୋରରେ ୯ଟି ଓ ପ୍ରଥମ ମହଲାରେ ୬ଟି ଦୋକାନ ଘର ରହିଛି। ଏଥିସହ ସେଠାରେ ୧୧୦୦


ଧରଣୀଧର ନାୟକ।

ବର୍ଗଫୁଟରେ ଆଉଏକ ମାର୍କେଟ୍ କମ୍ପ୍ଲେକ୍ସ ସହ ୨ ହଜାର ବର୍ଗଫୁଟର ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ଏହାବ୍ୟତୀତ ଧରଣୀଧରଙ୍କ ମୋଟ ୧୧ଟି ଫ୍ଲାଟ୍ ଠାବ ହୋଇଥିବାବେଳେ ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ୩, କେନ୍ଦୁଝର ଟାଉନ୍‌ରେ ଗୋଟିଏ ଏବଂ ତେଲକୋଇରେ ୭ଟି ଫ୍ଲାଟ୍ ରହିଛି। ଏସବୁ କୋଠା, ମାର୍କେଟ କମ୍ପ୍ଲେକ୍ସ, ଡୁପ୍ଲେକ୍ସ ଓ ଫ୍ଲାଟଗୁଡିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ପ୍ରୟାସ କରୁଛି। ତେବେ ଆଉଏକ ବଡ଼କଥା ହେଲା ଧରଣୀଧର ୨୦୨୨ରେ ୭୫ ଲକ୍ଷ ଟଙ୍କା ଲୋନ୍ ଆଣି ମାତ୍ର ୨ବର୍ଷରେ ଶୁଝି ଦେଇଛନ୍ତି। ଦୁର୍ନୀତି ଟଙ୍କାରୁ ଋଣ ଶୁଝିଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ଯାଞ୍ଚ ଚଳାଇଛି। ଏଥିସହ ଧରଣୀଧରଙ୍କ ଘରୁ ନଗଦ ୯ ଲକ୍ଷ ୮୫ ହଜାର ୧୨୦ ଟଙ୍କା ମିଳିଛି। ପଟିଆସ୍ଥିତ ଫ୍ଲାଟ୍‌ରେ ୫ଲକ୍ଷ ୫୮ ହଜାର ୮୨୦ ଟଙ୍କା ମିଳିଥିବା ବେଳେ ବାକି ଟଙ୍କା ତାଳଚେରସ୍ଥିତ ବାସଭବନରୁ ପାଇଛି ଭିଜିଲାନ୍ସ ଟିମ୍। ସେହିପରି ଧରଣୀଧରଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୩ ଲକ୍ଷ ୫୩ ହଜାର ୧୬୭ ଟଙ୍କା ରହିଥିବାବେଳେ ୫୪.୭୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ଗୋଟିଏ ଚାରିଚକିଆ ଯାନ (ଟାଟା ପଞ୍ଚ୍) ଓ ୨ଟି ଦୁଇଚକିଆ ଯାନ ଠାବ ହୋଇଛି। ଯାଞ୍ଚ ଜାରିରହିଥିବା ବେଳେ ଭିଜିଲାନ୍ସ ଟିମ୍ ଧରଣୀଧରଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ତେବେ ଧରଣୀଧର ଏବେ ମାତ୍ର ୮୦ ହଜାର ଟଙ୍କା ଦରମା ପାଉଥିବା ବେଳେ ଏଭଳି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବାକୁ ନେଇ ଚର୍ଚ୍ଚା ହେଉଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଧରଣୀଧର ୨୦୧୪ ଫେବୃଆରୀ ୧୨ରେ ସରକାରୀ ସେବାରେ ଯୋଗଦେଇ କୋରାପୁଟ ମାଇନିଂ ଅଫିସରେ କାମ କରିଥିଲେ। ୭ ବର୍ଷ ପରେ ସେ ତାଳଚେରକୁ ବଦଳି ହୋଇଥିଲେ। ୨୦୨୨ ମାର୍ଚ୍ଚ ୧୮ରେ ସେ ପଦୋନ୍ନତି ପାଇ ଡେପୁଟି ଡାଇରେକ୍ଟର ହୋଇଥିଲେ।



ଭୁବନେଶ୍ୱରସ୍ଥିତ କୋଠା।

# ଏଡିଜି, ଡିଆଇଜିଙ୍କ ତନାଘନା

## ଝାରପଡ଼ା ଜେଲରେ କଏଦୀଙ୍କୁ ହାଇଦରଙ୍କ ପୁଅଙ୍କ ଆକ୍ରମଣ ଘଟଣା

ଭୁବନେଶ୍ୱର,୨୧୯(ସତ୍ୟଜିତ୍ ରାଉତ)

ଝାରପଡ଼ା ଜେଲର ଗୁମର କଥା ସାମ୍ନାକୁ ଆଣିବାରୁ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣାକୁ ନେଇ ଜେଲ ବିଭାଗ ତତ୍ପର ହୋଇଉଠିଛି। ସୋମବାର ଜେଲ ଏଡିଜି ଅମିତାଭ ଠାକୁର, ଡିଆଇଜି ଅନସୂୟା ଜେନା ଝାରପଡ଼ା ଜେଲରେ ପହଞ୍ଚି ତନାଘନା କରିଛନ୍ତି। ସେମାନେ ୱାର୍ଡରଙ୍କଠୁ ଆରମ୍ଭ କରି ଅଧକ୍ଷଙ୍କଯାଏ ସମସ୍ତଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛନ୍ତି। ଆହତ କଏଦୀ ସୌମ୍ୟକାନ୍ତଙ୍କୁ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ଘଟଣାଦିନର ତଥ୍ୟ ନେଇଛନ୍ତି। ଏଥିସହ ଜେଲ ଭିତରର ସମସ୍ତ ସିସିଟିଭି ଯାଞ୍ଚ କରିବା ସହ ୨୦ରୁ ଊର୍ଦ୍ଧ୍ୱ କଏଦୀଙ୍କ ବୟାନ ରେକର୍ଡ କରିଛନ୍ତି। ଏ ସଂକ୍ରାନ୍ତରେ ଏଡିଜି ଠାକୁର କହିଛନ୍ତି, ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଡିଆଇଜିଙ୍କ ତଦନ୍ତ ରିପୋର୍ଟ ଆସିବା ପରେ ଯାହାର ସମ୍ପୃକ୍ତି ଜଣାପଡ଼ିବ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆହତ ସୌମ୍ୟକାନ୍ତଙ୍କ ସ୍ତ୍ରୀ ଜେଲ କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ଘଟଣା ଘଟିବାର ୬ ଘଣ୍ଟା ଯାଏ ତାଙ୍କୁ କାହିଁକି ଜଣାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ଜେଲ ଭିତରେ ସୌମ୍ୟକାନ୍ତଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।




ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୩ରୁ ଝାରପଡ଼ା ଜେଲରେ ରହୁଥିବା ସୌମ୍ୟକାନ୍ତ ଜେଲରେ ଚାଲୁଥିବା ଅନୈତିକ କାର୍ଯ୍ୟ ବିରୋଧରେ ପ୍ରଶ୍ନ ଉଠାଇଥିଲେ। ସେ କିଛିଦିନ ତଳେ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ଡିଏଲ୍‌ଏସ୍‌ଏ ଟିମ୍ ଶନିବାର ଜେଲରେ ଅଚାନକ ଚଢ଼ାଉ କରି ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଥିଲା। ଜେଲ ଭିତରର ଗୁମର କଥା ସାମ୍ନାକୁ ଆଣିବାରୁ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ ରକ୍ତମୁଖା ହୋଇପଡ଼ିଥିଲେ। ସୌମ୍ୟକାନ୍ତଙ୍କୁ ସେମାନେ ରବିବାର ସଙ୍ଘବଦ୍ଧ ନିସ୍ତୁକ ମାଡ଼ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ସୌମ୍ୟକାନ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେ ଗଣମାଧ୍ୟମ ନିକଟରେ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ ସମ୍ପର୍କରେ ପର୍ଦ୍ଦାଫାଶ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଦେବଗଡ଼,୨୧୯ (ଶଶାଙ୍କ ଶେଖର ଝାଙ୍କର)

ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ବାରକୋଟ ଥାନା ପୋଲିସ ଆମ୍ଭକଟା ଗ୍ରାମର ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ହେଲେ ଆମ୍ଭକଟା ଗ୍ରାମର ଉତ୍ତମ ନାଏକ। ମିଳିଥିବା ସୂଚନା ଅନୁଯାୟୀ ପୀଡିତା ନାବାଳିକା ନବମ ଶ୍ରେଣୀରେ ପଢୁଥିବା ବେଳେ ୨୦୨୧ ମାର୍ଚ୍ଚରେ ଉତ୍ତମଙ୍କ ସହିତ ତାଙ୍କ ଦେଖାହୋଇଥିଲା। ଏହି କ୍ରମରେ ନାବାଳିକାଙ୍କ ଗାଁକୁ ଉତ୍ତମ ଗାଡି ଚଳାଇ ଯାଉଥିବା ବେଳେ ସବୁଦିନ ତାଙ୍କୁ ପିଛା କରୁଥିଲେ। ଏକ ମାସ ପରେ ନାବାଳିକା ସାଙ୍ଗସାଥିଙ୍କ ସହ ଏକ ଦୋକାନରେ ଜଳଖିଆ ଖାଉଥିବା ବେଳେ ଉତ୍ତମ ପ୍ରେମ ନିବେଦନ କରିଥିଲେ। ନାବାଳିକା ରୋକଠୋକ ମନା କରିଦେଇଥିଲେ ମଧ୍ୟ ଉତ୍ତମ ତାଙ୍କ ପିଛା ଛାଡି ନ ଥିଲା। ସେହିପରି ପ୍ରାୟ ୨ ବର୍ଷ ପୂର୍ବେ ଶ୍ରାବଣ ମାସରେ ମନ୍ଦିରକୁ ଦର୍ଶନ ପାଇଁ ଆସିଥିବା ବେଳେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଉତ୍ତମ ତାଙ୍କୁ ସିନ୍ଦୁର ପିନ୍ଧେଇଥିଲା। ପରେ ନାବାଳିକାଙ୍କୁ ନିଜ ଘରକୁ ନେଇ ୩ ଦିନ ରଖି ବଳପୂର୍ବକ ବଳାତ୍କାର କରିଥିଲେ। ସେହି ଦିନଠାରୁ ବିଭିନ୍ନ ସମୟରେ ନାବାଳିକାଙ୍କୁ ଧମକ ଦେଇ ବିଭିନ୍ନ ସ୍ଥାନରେ ବଳାତ୍କାର କରି ଆସୁଥିଲେ। ପ୍ରାୟ ଏକ ମାସ ତଳେ ଉତ୍ତମଙ୍କୁ ନାବାଳିକା ଜଣକ ତାଙ୍କ ଘରକୁ ନେବା ପାଇଁ ବାଧ କରିଥିଲେ ଏବଂ ଘରକୁ ଯାଇଥିଲେ। ମାତ୍ର ଉତ୍ତମଙ୍କ ମା'ତାଙ୍କୁ ଘରୁ ତଡି ଦେବା ସହ ମୋ ପୁଅ ତୁମଙ୍କୁ ବିବାହ କରିବ ନାହିଁ ବୋଲି କହିଥିଲେ। ଉତ୍ତମ ମଧ୍ୟ ବିବାହ ପାଇଁ ରାଜି ହୋଇ ନ ଥିବା ବେଳେ ନାବାଳିକାଙ୍କୁ ଏବେ ହତ୍ୟା ଧମକ ଦେଇ ଆସୁଥିଲା। ଏପରି କି ଗତ ଦିନରେ ଦୁଇ ଥର ହତ୍ୟା ଉଦ୍ୟମ ମଧ୍ୟ କରିଥିବା ନାବାଳିକା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ପୋକ୍‌ସୋ ସମେତ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ସଙ୍ଗୀନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୬ ମାଓବାଦୀ ଗିରଫ

ମାଲକାନଗିରି,୨୧୯(ଦୁର୍ଯ୍ୟୋଧନ ପାତ୍ର)- ଛତିଶଗଡ ବିଜାପୁର ଜିଲାର ତିନୋଟି ପୃଥକ୍ ସ୍ଥାନରେ ପୋଲିସ ତଲାସୀ କରୁଥିବା ସମୟରେ ମାସବାଦୀ କମାଣ୍ଡର ସମାରୁ ମାଡବିଙ୍କ ସମେତ ୬ଜଣଙ୍କୁ ସୋମବାର ଗିରଫ କରିଛି। ପୋଲିସ ଦ୍ୱାରା କରାଯାଇଥିବା ପ୍ରଥମ ଅପରେଶନରେ ସମାରୁଙ୍କୁ ଗିରଫ କରାଯାଇଛି। ସମାରୁ ପ୍ରଜାକୋର୍ଟକୁ ଡକାଇ ଗ୍ରାମବାସୀଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ଅପରେଶନରେ ପୋଲିସ ଭେସାଗୁଡା ଜଙ୍ଗଲରୁ ମାଡିୟମ ଆୟୁତୁଙ୍କୁ ଗିରଫ କରିଥିଲା। ତୃତୀୟ ଅପରେଶନରେ ବିଜାପୁର ପୋଲିସ ଓ ଡିଆରଜି ଯବାନମାନେ ବଣ୍ଡାଗୁଡା ଗୋରନା ଅଞ୍ଚଳରେ ଚଢାଉକରି ଅନ୍ୟ ୪ ମାଓବାଦୀଙ୍କୁ ଗିରଫ କରିଥିଲେ ।

# ହତ୍ୟାକାରୀ ସାବତ ବାପାଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୨୧୯(ସୂର୍ଯ୍ୟକାନ୍ତ ବେହେରା)

ପୁଅ ହତ୍ୟାକାରୀ ସାବତ ବାପାଙ୍କୁ ୫ ବର୍ଷ ପରେ ଦଣ୍ଡ ମିଳିଛି। ଭୁବନେଶ୍ୱର ଏଡିଜେ-୨ କୋର୍ଟରେ ବିଚାରପତି ବନ୍ଦନା କର ମାମଲାର ବିଚାର କରି ଅଭିଯୁକ୍ତ ବାପା ଦାଶରଥି ଟୁଡୁଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ କ୍ଷେତ୍ରରେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ୭ଜଣ ସାକ୍ଷୀ ଓ ୧୭ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି ।

ସୂଚନାଯୋଗ୍ୟ ୨୦୧୭ରେ ସ୍ୱାମୀଠାରୁ ଅଲଗା ରହୁଥିବା ଲକ୍ଷ୍ମୀ ଟୁଡୁଙ୍କୁ ଅଭିଯୁକ୍ତ ଦାଶରଥି ବିବାହ କରି ମଞ୍ଚେଶ୍ୱର ମୁଣ୍ଡାସାହିରେ ରହୁଥିଲେ। ୨୦୧୯ ମାର୍ଚ୍ଚ ୧୧ ରାତି ୧୧ଟାରେ କୌଣସି କାରଣକୁ ନେଇ ଲକ୍ଷ୍ମୀଙ୍କ ୫ବର୍ଷର ପୁଅ ସନ୍ତୋଷ



ସିଂଙ୍କୁ ଦାଶରଥି ମାଡ଼ ମାରିବା ସହ କାନ୍ଥରେ ତାଙ୍କ ମୁଣ୍ଡକୁ ପିଟି ପେଟରେ ଚଢ଼ି ଯାଇଥିଲେ। ପାଖରେ ଥିବା ୭ ମାସର ଗର୍ଭବତୀ ସ୍ତ୍ରୀ ଲକ୍ଷ୍ମୀ ଯେତେ କାକୁତି ମିନତି ହୋଇ ମେଡ଼ିକାଲ ନେବାକୁ କହିଥିଲେ ମଧ୍ୟ ଅଭିଯୁକ୍ତ ଦାଶରଥି ମେଡିକାଲ ନ ନେଇ ଓଲଟା ହତ୍ୟା ଧମକ ଦେଇଥିଲେ। ମାମଲାକୁ ଲୁଚାଇ ଦେବା ପାଇଁ ପରଦିନ ମଧ୍ୟାହ୍ନ ସମୟରେ ସନ୍ତୋଷଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା

### ପୁଅ ମୁଣ୍ଡକୁ କାନ୍ଥରେ ପିଟିବା ସହ ପେଟ ଉପରେ ଚଢ଼ି ହତ୍ୟା କରିଥିଲେ

ଦର୍ଶାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ କେନ୍ଦ୍ରକରି ମଞ୍ଚେଶ୍ୱର ଥାନାରେ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଓ ପ୍ରାଥମିକ ଅନୁସନ୍ଧାନରୁ ଅତ୍ୟଧିକ ମାଡ଼ ତଥା ଶାରୀରିକ ନିର୍ଯାତନା ଯୋଗୁଁ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ମଞ୍ଚେଶ୍ୱର ଥାନାରେ ରିପୋର୍ଟକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏଥିସହ ଅଭିଯୁକ୍ତ ଦାଶରଥିଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ କପାଳକୁ**
**ଗଙ୍ଗା ବିଜେ କରିବା।**

ଗଙ୍ଗା ମଙ୍ଗଳର ଚିହ୍ନ। ଏହା ପବିତ୍ର ତଥା ଉପକାରୀ। ଘରେ ବସି ବସି କିଛି ଚେଷ୍ଟା ନ କରି ଯଦି କିଛି ଭଲ ଜିନିଷ ମିଳିଯାଏ ବା ଘଟିଯାଏ ତେବେ ଭଲକଥା। ଅକର୍ମାର ଭାଗ୍ୟ ଉଦୟ ହେବା ବା କର୍ମ ଖୋଲିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳେଇଚ**
**ମତେ ଦେଖିକରି ପଳେଇଚ ।**

ଜଣେ ଅନ୍ୟ ଜଣକୁ ଦେଖି ସହି ନ ପାରିବା। ଜଣଙ୍କର ଛାଇ ପଡ଼ିଲେ ଅନ୍ୟ ଜଣଙ୍କର ନାହି ଡେଇଁଲା ଭଳି ଜଣଙ୍କର ଉପସ୍ଥିତିକୁ ସହଜରେ ଗ୍ରହଣ କରି ନ ପାରି ସେଠାରୁ ପଳେଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨ ମହିଳାଙ୍କ କଳିରୁ ଜଣେ ମୃତ

ଏରସମା,୨୧୯(ଦୀପ୍ତି ଖଣ୍ଡୁଆଳ )

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ବାଘାଡି ଗ୍ରାମରେ ସୋମବାର ୨ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଘାଡି ଗ୍ରାମର ଅତୁଲ ପ୍ରାମାଣିକଙ୍କ ସ୍ତ୍ରୀ ସରସ୍ୱତୀ ପ୍ରାମାଣିକ (୫୭)। ତାଙ୍କ ସ୍ୱାମୀଙ୍କ ଅଭିଯୋଗ ଅନୁସାରେ, କୌଣସି ଘଟଣାକୁ ନେଇ ମୃତ ସରସ୍ୱତୀଙ୍କ ସହ ସେହି ଗ୍ରାମର ପାର୍ବତୀ ପ୍ରାମାଣିକ (୫୦)ଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସୋମବାର ସେମାନଙ୍କ ମଧ୍ୟରେ ବାଘାଡ଼ି ନଈ ନିକଟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ପାର୍ବତୀ ଉତ୍ତ୍ୟକ୍ତ ହୋଇ ସରସ୍ୱତୀଙ୍କୁ ନଈରେ ଦାବି ଦେଇଥିଲେ। ଫଳରେ ସେ ପାଣିରେ ବୁଡ଼ି ଅଚେତ ହୋଇଯାଇଥିଲେ। ଏହାପରେ ସରସ୍ୱତୀଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଏରସମା ଓ ପରେ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଲାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ସରସ୍ୱତୀଙ୍କ ସ୍ୱାମୀ ଅତୁଲ ପ୍ରାମାଣିକଙ୍କ ଅଭିଯୋଗ ଅନୁସାରେ ଏରସମା ଥାନାରେ ମାମଲା (ନଂ. ୩୮୭/୨୪) ରୁଜୁ କରାଯାଇଛି। ରିପୋର୍ଟ ଲେଖା ହେଲା ବେଳକୁ କାହାରିକୁ ଗିରଫ କରାଯାଇ ନ ଥିଲା ବୋଲି ଥାନା ଅଧିକାରୀ ନିରଞ୍ଜନ ଦାସ କହିଛନ୍ତି।

# ୨ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ କୁତ୍ରା ସିଡିପିଓ

କୁତ୍ରା,୨୧୯(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଜୟଶ୍ରୀ ପଟ୍ଟନାୟକ ସୋମବାର ଜଣେ ଅଙ୍ଗନୱାଡି କର୍ମୀଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରାଉରକେଲାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ତାଙ୍କୁ ନିଆଯାଇ ଅଧିକ ତଦନ୍ତ ଚାଲିଥିବା ବେଳେ ବିଭାଗ ପକ୍ଷରୁ ସିଡିପିଓ ପଟ୍ଟନାୟକଙ୍କ ରାଜଗାଙ୍ଗପୁର ଲିପଲୋଇସ୍ଥିତ ପୈତୃକ ବାସଭବନରେ ଚଢ଼ାଉ ଜାରି ରହିଛି। ଏହି ଚଢାଉ ସମୟରେ ସେଠାରୁ ନଗଦ ୪୨ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନାଗହଣା, ପାସ୍‌ବୁକ୍ ଆଦି ଭିଜିଲାନ୍ସ ହାତରେ ଲାଗିଥିବା ଜଣାପଡିଛି। ଖବର ଲେଖାହେବା ସୁଦ୍ଧା ରାତି ୮ଟା ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୨୦ରେ ତେଲିଘଣା ଗଉନ୍ତିଆପଡା ଅଙ୍ଗନୱାଡି କର୍ମୀ କ୍ଳୋଷ୍ଟିକା ଖାଲଖୋ କୁତ୍ରା ବ୍ଲକ କାର୍ଯ୍ୟାଳୟକୁ ମିଟିଂରେ ଯାଇଥିଲେ। ସେହି ସମୟରେ ଜୟଶ୍ରୀ ପଟ୍ଟନାୟକ ଅଙ୍ଗନୱାଡି କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ଦେଖି କର୍ମୀଙ୍କୁ କାର୍ଯ୍ୟାଳୟକୁ ଡାକି ଭୟ ଦେଖାଇ ୫ ହଜାର ଟଙ୍କା ମାଗିଥିଲେ। ଏଥିସହ ସେକ୍ଟର ସୁପରଭାଇଜର ମଧ୍ୟ ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସେ ୫ ହଜାର ଟଙ୍କା ଦେବାକୁ ସକ୍ଷମ ନ ହେବାରୁ ସିଡିପିଓ ତାଙ୍କୁ ୨ ହଜାର ଟଙ୍କା ଦେବାକୁ କହିଥିଲେ। ଏନେଇ ସେ ରାଉରକେଲାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନ ସାଢ଼େ ୪ଟାରେ ଯୋଜନା ମୁତାବକ ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରଲେପବୋଳା ୨ ହଜାର ଟଙ୍କା ସଂପୃକ୍ତ ଅଙ୍ଗନୱାଡି କର୍ମୀ ସିଡିପିଓ ପଟ୍ଟନାୟକଙ୍କୁ ଦେଇଥିଲେ। ଏହି ସମୟରେ ଅପେକ୍ଷାରତ ଭିଜିଲାନ୍ସ ବିଭାଗ ଡିଏସ୍‌ପି ମାନସ ପ୍ରଧାନଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ସିଡିପିଓ ନେଇଥିବା ଲାଞ୍ଚ ଟଙ୍କା ସହ ଧରିଥିଲା। ଏନେଇ ଗିରଫ ସିଡିପିଓଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନା କେସ ନଂ. ୧୨/୨୦୨୪ରେ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା ରୁଜୁ ହୋଇଛି।

# କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫକଲା ଭିଜିଲାନ୍ସ

**୧୫ଲକ୍ଷ ୫ ହଜାର ଟଙ୍କା ଜବତ**


ଭିଜିଲାନ୍ସ କାର୍ଯ୍ୟାଳୟରେ ଗିରଫ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ।

ରାୟଗଡ଼ା/ଜୟପୁର,୨୧୯(ଆଶିଷ ରଞ୍ଜନ ପଣ୍ଡା/ପବନ ପାଣିଗ୍ରାହୀ)

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀଙ୍କୁ ସୋମବାର ଗିରଫ କରାଯାଇଛି। ସେ ସୁସ୍ଥ ହୋଇ ମେଡିକାଲରୁ ଘରକୁ ଫେରିବା ପରେ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ ସୂଚନା ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ଚୌଧୁରୀଙ୍କ ରାଣୀଗୁଡ଼ା ଏବଂ ଟିକିରିସ୍ଥିତ ବାସଭବନରେ ରବିବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ରାୟଗଡ଼ା ଓ ଟିକିରିଠାରେ ଗୋଟିଏ ଲେଖାଏଁ ଫ୍ଲାଟ୍ ଠାବ କରିବା ସହ ଟିକିରିଠାରେ ପ୍ରାୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଘର ଠାବ କରିଥିଲା ଭିଜିଲାନ୍ସ। ଏହାସହ ରାୟଗଡ଼ାସ୍ଥିତ ବାସଭବନରୁ ୧୫ଲକ୍ଷ ୫ହଜାର ୯୦୦ ଟଙ୍କା ଜବତ କରାଯାଇଛି।

ସୂଚନାଯୋଗ୍ୟ, କନିଷ୍ଠ ଯନ୍ତ୍ରୀ ଚୌଧୁରୀ ୩୧ ତାରିଖ ସନ୍ଧ୍ୟାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ ହୋଇଥିବା ରାସ୍ତା କାମର ଶ୍ରମିକଙ୍କ ମଜୁରି ଟଙ୍କା ବିଲ୍ କରାଇଦେବା ପାଇଁ ଜଣେ ମେଟ୍‌ଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଧରିବା ପରେ ଯନ୍ତ୍ରୀ ଚୌଧୁରୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜିଲାରେ ଏହିଭଳି ବିଭିନ୍ନ ବିଭାଗରେ ନାନା ଦୁର୍ନୀତି ଚାଲିଛି । ତେଣୁ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଗଲେ ବହୁ ଦୁର୍ନୀତିଗ୍ରସ୍ତଙ୍କ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହୋଇଛି ।

# ସୁବର୍ଣ୍ଣପୁର ମହାନଦୀ ବ୍ରିଜ୍‌ରୁ ମିଳିଲା ବାଇକ୍, ଜୋତା

- ବଲାଙ୍ଗୀରରେ ନିଖୋଜ ମାମଲା
- ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗର ସର୍ଚ୍ଚ ଅପରେଶନ

ସୋନପୁର,୨୧୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ନିକଟସ୍ଥ ମହାନଦୀ ବ୍ରିଜ୍ ଉପରୁ ପୋଲିସ ରବିବାର ରାତିରେ ଏକ ବାଇକ୍ ଓ ଜୋତା ଉଦ୍ଧାର କରିଛି। ବ୍ରିଜ୍ ଉପରେ ଏକ ଟିଭିଏସ୍ ଆପାଚି ନଂ ଓଡି୦୩ଏଚ-୨୮୨୪ ବାଇକ୍ ଓ ହଳେ ଜୋତା ଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ରାତି ୧୨ଟାରେ ବାଇକ୍ ଓ ଜୋତା ଜବତ କରିଛି। ଏହି ବାଇକ୍ ବଲାଙ୍ଗୀର ସହରର କୁଳଦୀପ ପାଢୀଙ୍କର ବୋଲି ଜଣାପଡିଛି।



ଅନ୍ୟପକ୍ଷେ କୁଳଦୀପ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଏ ପର୍ଯ୍ୟନ୍ତ କୁଳଦୀପଙ୍କ ପତ୍ତା ମିଳୁନି। ସେ କେଉଁ ଆଡେ ଚାଲି ଯାଇଛନ୍ତି କିମ୍ବା ବାଇକ୍ ରଖି ବ୍ରିଜ୍ ଉପରୁ ମହାନଦୀ ଗର୍ଭକୁ ଡିଆଁ ମାରିଛନ୍ତି ତାହା ସ୍ପଷ୍ଟ ହୋଇନି। ସୋମବାର ଅପରାହ୍ନରେ ବଲାଙ୍ଗୀରରୁ ଓଡ୍ରାଫ୍ ଟିମ୍ ଓ ସୋନପୁର ଅଗ୍ନିଶମ ବିଭାଗର ଟିମ୍ ୨ଟି ପାୱାର ବୋଟ୍ ସହାୟତାରେ ନଦୀ ଗର୍ଭରେ ସନ୍ଦେହରେ ଖୋଜାଖୋଜି କରିଥିଲେ। ନଦୀରେ ଅଧିକ ପାଣି ରହିଛି। ସନ୍ଧ୍ୟା ପରେ ସର୍ଚ୍ଚ ଅପରେଶନକୁ ବନ୍ଦ କରାଯାଇଛି। ମଙ୍ଗଳବାର ସକାଳେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ଟିମ୍ ପୁଣି ଖୋଜାଖୋଜି କରିବେ ବୋଲି ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଗୁନ୍‌ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଖିବୁଜିଲେ ୨ ଛୁଆହାତୀ



**ଭୁବନେଶ୍ୱର/ବାରଙ୍ଗ,୨।୯ (ବନ୍ଦନା ସେଠୀ/ଲିଙ୍ଗରାଜ ରାଉତ)**

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡିବାରିଠାରେ ଚିକିତ୍ସିତ ହେଉଥିବା ଛୁଆହାତୀର ରବିବାର ରାତିରେ ମୃତ୍ୟୁ ଘଟିଛି। ତଣ୍ଟିରେ ତାଳ ଲାଗିଯିବାରୁ ଛୁଆହାତୀର ମୃତ୍ୟୁ ହୋଇଥିବା ନେଇ ସୋମବାର କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଥିବା ଡିଏଫ୍‌ଓ ଶରତଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ୨ ବର୍ଷର ଏହି ମାଈ ଛୁଆ ହାତୀଟି ବଲାଙ୍ଗୀର ବନଖଣ୍ଡ ଦେଓଗାଁ ବନାଞ୍ଚଳ ଅଧୀନ ଦେଓଗାଁ ଜଙ୍ଗଲ ଅଞ୍ଚଳରେ ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ କର୍ମଚାରୀ ଦେଓଗାଁ ସେକ୍ସନର ସାଲେପାଲି ପଞ୍ଚାୟତ ନିକଟ ଜଙ୍ଗଲରେ ଛୁଆହାତୀକୁ ଠାବ କରି ନିଶ୍ଚେତକ ଦେଇ ଚିକିତ୍ସା ପାଇଁ ଗୋଡ଼ିବାରିକୁ ଆଣିଥିଲେ। ଗୋଡ଼ିବାରିରେ ଛୁଆହାତୀଟି ପହଞ୍ଚିବା ପରେ ନନ୍ଦନକାନନର ଡାକ୍ତରଙ୍କ ସହ ଓୟୁଏଟିର ୪ ଜଣ ପ୍ରଫେସର ତା'ର ଚିକିତ୍ସା ଆରମ୍ଭ କରିଥିଲେ। ଛୁଆହାତୀର ଗଳା ସଂକ୍ରମିତ ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରମାନେ ଜାଣିବା ସହ ସାଲାଇନ ଓ ଆଣ୍ଟିବାୟୋଟିକ୍ ଦେଇଥିଲେ। ଏଥିରେ ତା'ର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଏଣ୍ଡୋସ୍କୋପି ଓ ଏକ୍ସରେ କରାଯାଇ ତଣ୍ଟିରେ କିଛି ଲାଗି ରହିବାରୁ ଖାଦ୍ୟ ଓ ପାଣି ପିଇବାରେ ଅସୁବିଧା ହେଉଛି ବୋଲି ଜଣାପଡ଼ିଥିଲା। ଏହାକୁ ଖସାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ଛୁଆହାତୀର ମୃତ୍ୟୁ ହୋଇଛି। ଏନେଇ ଡିଏଫ୍‌ଓ ବେହେରା କହିଛନ୍ତି, ସେଠାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ନ ଥିବାରୁ ଅସୁସ୍ଥ ଅବସ୍ଥାରେ ଛୁଆହାତୀଟିକୁ ଚନ୍ଦକାକୁ ଅଣାଯାଇଥିଲା। ଅପରେଶନ କରିବାର ସୁବିଧା ମଧ୍ୟ ଉପଲବ୍ଧ ନ ଥିବା ସତ୍ତ୍ୱେ ତଣ୍ଟିରେ ଲାଗି ରହିଥିବା ତାଳକୁ ଖସାଇବାକୁ ଡାକ୍ତରମାନେ ଚେଷ୍ଟା କରିଥିଲେ। ଖାଦ୍ୟ ଓ ପାଣି ଗ୍ରହଣ କରିପାରୁ ନ ଥିବାରୁ କେବଳ ସାଲାଇନ, ଆଣ୍ଟିବାୟୋଟିକ୍‌ରେ ବଞ୍ଚାଇ ରଖିବା କଷ୍ଟସାଧ ବୋଲି ବେହେରା କହିଛନ୍ତି।

**ତାଳ ପାଇଁ ଜୀବନ ଗଲା**

## ସଂକ୍ରମଣ ନେଲା ଜୀବନ

**ବାରିପଦା,୨।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ମୃତ ଛୁଆ ହାତୀ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରୁ ବନ ବିଭାଗ ଏକ ଛୁଆହାତୀର ମୃତଦେହ ଜବତ କରିଛି। ମୃତ ଛୁଆହାତୀର ବୟସ ୧ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରିଛି। ହାତୀର ମଳଦ୍ୱାରରେ କ୍ଷତ ହୋଇ ସଂକ୍ରମଣଜନିତ କାରଣରୁ ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଅଞ୍ଚଳରେ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଛୁଆହାତୀ ମରିପଡ଼ିଥିବା ଦେଖିଥିଲେ। ଖବରପାଇ ଡାକ୍ତରୀଦଳ ପହଞ୍ଚି ବ୍ୟବଚ୍ଛେଦ କରିଛନ୍ତି।

# ମାଲବାହୀ ଟ୍ରେନ୍‌ର ୨ ବଗି ଲାଇନ୍‌ଚ୍ୟୁତ



**ପାରାଦୀପ,୨।୯ (ଶରତ ରାଉତ)**

ପାରାଦୀପ ରଙ୍ଗିଆଗଡ଼ ରେଲ୍‌ୱେ ଷ୍ଟେଶନ ପାଖ ବାଉରିଆପାଳନନ୍ଦାଠାରେ ସୋମବାର ମଧ୍ୟାହ୍ନରେ ଏକ ମାଲବାହୀ ଟ୍ରେନ୍‌ର ୨ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଗୋଟିଏ ରେଲ୍‌ୱେ ଟ୍ରାକ୍‌ରୁ ଖସିପଡ଼ିଥିବା ବେଳେ ଅନ୍ୟ ବଗିଟି ଭାଙ୍ଗିଯାଇଛି। ଏହି ଘଟଣା ପରେ ପୋର୍ଟ ରେଲ୍‌ୱେ ଅଧିକାରୀ ଓ ଖୋର୍ଦ୍ଧା ଡିଭିଜନ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି। ଗୋଟିଏ ବଗିକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟଟିକୁ ସଜାଡିବା ପାଇଁ କାମ ଚାଲିଛି। ବଗି ଲାଇନ୍‌ଚ୍ୟୁତ ହେବା ଯୋଗୁ ପାରାଦୀପ ବନ୍ଦର ଭିତରୁ ବାହାରକୁ ଯିବାକୁ ଥିବା ପ୍ରାୟ ୩ଟି ଟ୍ରେନ୍ ଅଟକି ଯାଇଥିଲା। ଏହାଦ୍ୱାରା ପଣ୍ୟ ପରିବହନ ବାଧାପ୍ରାପ୍ତ ହୋଇଛି। ପ୍ରାୟ ୩ ଘଣ୍ଟା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।






# ଦନ୍ତା ଆକ୍ରମଣରେ ଦମ୍ପତି ମୃତ

**ଘର ଭାଙ୍ଗିଲା, ଚାଉଳ ଖାଇଲା**

**ଖପ୍ରାଖୋଲ, ୨।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଭାନପୁର ପଞ୍ଚାୟତ ଚାବ୍ରିପାଲି ଗାଁରେ ରବିବାର ବିଳମ୍ବିତ ରାତିରେ ଦନ୍ତାହାତୀ ଆକ୍ରମଣରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ ନୀଳାମ୍ବର ବରିହା (୫୬) ଓ ସ୍ତ୍ରୀ ଯଶୋବନ୍ତୀ (୫୪)। ସୂଚନା ଅନୁସାରେ ଚାବ୍ରିପାଲି ଗାଁ ନିକଟ ଚାଷଜମି ମଝିରେ ନୀଳାମ୍ବରଙ୍କ ପରିବାର ଘରକରି ରହି ଆସୁଥିଲେ। ରାତି ପ୍ରାୟ ୨ଟାରେ ଏକ ଦନ୍ତାହାତୀ ନୀଳାମ୍ବରଙ୍କ ଘରକୁ ଭାଙ୍ଗି ପଶିବା ପରେ ପରିବାରର ସମସ୍ତେ ପାଟିତୁଣ୍ଡ କରିଥିଲେ। ନୀଳାମ୍ବର ଓ ତାଙ୍କ ସ୍ତ୍ରୀଙ୍କୁ ହାତୀ ଆକ୍ରମଣ କରି କଚାଡ଼ି ମାରିଦେଇଥିଲା। ପୁଅ, ବୋହୂ, ନାତୁଣୀ, ନାତି ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଘଉଡ଼ାଇବାରୁ ହାତୀ ଜଙ୍ଗଲ ପଟକୁ ଚାଲିଯାଇଥିବା ଜଣାଯାଇଛି। ବନ ବିଭାଗ, ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ଖପ୍ରାଖୋଲ ଡାକ୍ତରଖାନା ଆଣିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୦୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ସୋମବାର ମଧ୍ୟାହ୍ନରେ ବଲାଙ୍ଗୀର ଡିଏଫ୍‌ଓ ସୁଦର୍ଶନ ବେହେରା ଚାବ୍ରିପାଲି ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ହାତୀର ଗତିପଥ ନିରୀକ୍ଷଣ ଚାଲିଛି। ମୃତକ ପରିବାରକୁ କ୍ଷତିପୂରଣ ବାବଦ ଟଙ୍କା ତୁରନ୍ତ ମିଳିବ ବୋଲି ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି।

# ଛାତରୁ ପ୍ଲାଷ୍ଟର ଖସି ମା' ପୁଅ ଗୁରୁତର

**ବାସୁଦେବପୁର,୨।୯ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡିଆ ପଞ୍ଚାୟତର ରତାଙ୍ଗ ଗ୍ରାମରେ ସୋମବାର ରାତିରେ ଛାତରୁ ପ୍ଲାଷ୍ଟର ଖସି ପଡ଼ିବାରୁ ମା' ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ବଉଳ ମଲିକ ଓ ତାଙ୍କ ପୁଅ କାହ୍ନା ମଲିକ(୮)। ପରିବାର ଲୋକଙ୍କ କହିବା ଅନୁଯାୟୀ, ମା' ପୁଅ ଘର ଭିତରେ ଶୋଇଥିବା ବେଳେ ଛାତର କିଛି ଅଂଶ ସେମାନଙ୍କ ଉପରେ ଖସି ପଡ଼ିଥିଲା। ବଉଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କାହ୍ନାଙ୍କ ହାତ ଓ ମୁହଁରେ କ୍ଷତ ହୋଇଛି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି। ଛାତ ବହୁ ପୁରୁଣା ହୋଇଥିବାରୁ ପ୍ଲାଷ୍ଟର ଖସି ପଡ଼ିଥିବା ପରିବାର ଲୋକେ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୋଗାଣ ଅଧିକାରୀଙ୍କ ମୃତ୍ୟୁ

**ମାଲକାନଗିରି/କାଳିମେଳା, ୨।୯ (ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା ପଡିଆ ବ୍ଲକ ଯୋଗାଣ ଅଧିକାରୀ କୁମୁଦମୟ ଗମାଙ୍ଗୋ(୩୩)ଙ୍କର ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ କାଳିମେଳା କ୍ଲଷ୍ଟର ବିଲଡିଂ ସରକାରୀ ବାସ ଭବନରେ ରହୁଥିଲେ।

ପଡିଆ ବ୍ଲକକୁ ଏମ୍‌ପିଙ୍କ ଗସ୍ତ ଥିବାରୁ ପ୍ରସ୍ତୁତ ହେବାପାଇଁ ପ୍ୟାଣ୍ଟ ଶାର୍ଟ ଆଇରନ କରୁଥିବା ବେଳେ କୌଣସି କାରଣରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଏପରି ମୃତ୍ୟୁ ହୋଇଥିବା ପାଖ ପଡୋଶୀ ଜାଣି ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଭାଗୀୟ କର୍ମଚାରୀ ତାଙ୍କ ନିକଟକୁ ଯାଇଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ଥାନାକୁ ଜଣାଇ ଥିଲେ। ଥାନା ଅଧିକାରୀ ଏବଂ ଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ସୁନାନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘର ଆଗ କବାଟ ବନ୍ଦ ଥିବା ବେଳେ ପଛ କବାଟ ଖୋଲାଥିଲା। ପୋଲିସ ଘର ଭିତରେ ତଦନ୍ତ ବେଳେ ବିଦ୍ୟୁତ୍ ଚାର୍ଜ ହୋଇ ରହିଥିଲା। ପୋଲିସ ବିଦ୍ୟୁତ୍ ବନ୍ଦକରି ଯାଇଥିବା ଜଣାପଡିଛି। ଆଇରନ ବକ୍ସଟି ତାଙ୍କ ପେଟ ଉପରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି, କାଳିମେଳା ବିଡିଓ ପ୍ରଦୀପ କୁମାର କର ଏବଂ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ପରିବାର ଲୋକେ ଆସିଲେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତାଣ୍ଡି କହିଛନ୍ତି।

ସୂଚନାଯୋଗ୍ୟ, କୁମୁଦମୟ ୨୦୨୨ ଜୁଲାଇ ୩୦ରେ କାଳିମେଳା ବ୍ଲକରେ ଯୋଗ ଦେଇଥିଲେ। ୨୦୨୪ ଜୁନ ୧୯ରେ ତାଙ୍କର ପଡିଆ ବ୍ଲକକୁ ବଦଳି ହୋଇଥିଲା। ତାଙ୍କ ନିଜ ଘର ରାୟଗଡା ଜିଲା ପଦ୍ମପୁର ବ୍ଲକ ଲକ୍ଷ୍ମଣଗୁଡା ଗ୍ରାମରେ।

# ମୋବାଇଲ ଗେମ୍‌କୁ ନେଇ ୨ ଛାତ୍ର ଗୁରୁତର

**କାମାକ୍ଷାନଗର, ୨।୯ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟରେ ସୋମବାର ମୋବାଇଲ ଗେମକୁ ନେଇ ୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଯୁକ୍ତ ୨ ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ କାମାକ୍ଷାନଗର ପୋଲିସ ମହାବିଦ୍ୟାଳୟରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

ସୂଚନା ଅନୁଯାୟୀ, ମହାବିଦ୍ୟାଳୟ ପରିସରରେ ଜଣେ ଯୁକ୍ତ ୨ ଛାତ୍ର ମୋବାଇଲରେ ଗେମ୍ ଖେଳୁଥିବା ବେଳେ ବଡ଼ ପାଟିରେ ଚିତ୍କାର କରୁଥିଲେ। ପାଖରେ ବସିଥିବା ଜଣେ ଅସୁସ୍ଥ ଛାତ୍ର ଗେମ୍ ଖେଳୁଥିବା ଛାତ୍ରଙ୍କୁ ଚିତ୍କାର କରିବାକୁ ମନା କରିଥିଲେ। ହେଲେ ଗେମ୍ ଖେଳୁଥିବା ଛାତ୍ର ଜଣକ ସେଥିପ୍ରତି ଧ୍ୟାନ ନ ଦେବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ହାତହାତି ହୋଇଥିଲା। ଜଣେ ଏକ କାଠ ଫାଳିଆରେ ଅନ୍ୟ ଜଣଙ୍କୁ ପିଟିଦେବାରୁ ମୁଣ୍ଡ ଫାଟି ଯାଇଥିଲା। ଘଟଣା ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମଙ୍ଗୁଳି ଚରଣ ନାୟକ କହିଛନ୍ତି, ଗଣ୍ଡଗୋଳ ଖବରପାଇ ତୁରନ୍ତ ଘଟଣାସ୍ଥଳକୁ ଯାଇ ଆହତ ଛାତ୍ରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ପୋଲିସକୁ ଡାକି ଦୁଇ ଗୋଷ୍ଠୀଙ୍କୁ ବୁଝାଶୁଝା କରାଯାଇଛି। ସ୍ଥିତି ନିୟନ୍ତ୍ରଣରେ ଅଛି। କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି, ଅଧ୍ୟକ୍ଷଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଛି। ପରିସ୍ଥିତି ପ୍ରତି ନଜର ରଖାଯାଇଛି।


# Classified Everyday
0674-2580101, 2549949



REAL ESTATE

SALE

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1220

ଭୁବନେଶ୍ୱର Town BDA RERA 3BHK flats limited available all facilities book @ 10lac. 9078263828. D-1217

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1221




Newly open health benefits SPA by expert therapist. Contact- 6371861658. D-76150

Newly open health benefits SPA special offer @ 799 Bapujinagar. 8018429809. D-76149

Newly open health benefits SPA by expert therapist. Contact- 9090400507. D-76148

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Kerala body Massage therapy Unisex any person Bhubaneswar. kajal- 9337672475. D-1214

AFFIDAVIT

Affidavit before Executive Magistrate, Dhenkanal, I have changed my surname from Suresh Chandra Naik to Suresh Singh. Henceforth, I shall be known as Suresh Singh, S/o- Duryodhan Naik, Village- Panamurga, P.O.- Ghatipiri, P.S.- Sadar, Dist.- Dhenkanal for all purposes. D-75452

ମୁଁ ଦିପକ କୁମାର ଧଡ଼ା ଘୋଷଣା କରୁଅଛି ଯେ ମୋର ପୁଅ Executive Magistrate, Jagatsinghpur ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଦ୍ୱାରା ମୋର ପୁଅର ନାମ ଆଜ ଦିନଠାରୁ ସମସ୍ତ ସରକାରୀ ଦସ୍ତାବିଜ, ସ୍କୁଲ ଓ କଲେଜର କାଗଜପତ୍ରରେ ଶୁଭଙ୍କର ଧଡ଼ା, ପି- ଦିପକ କୁମାର ଧଡ଼ା ପରିବର୍ତ୍ତେ ଶୁଭମ୍ ଧଡ଼ା, ପି- ଦିପକ କୁମାର ଧଡ଼ା ନାମରେ ପରିଚିତ ହେବେ। ଧ-୧୨୨୫

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Bhubaneswar, dated 22.07.24, I, Smruti Ranjan Mohanty, Address- 302, Bomikhal, Rasulgarh, BBSR-10 declare that I have changed my name from Sruti Ranjan Mohanty to Smruti Ranjan Mohanty. Henceforth, I shall be known as Smruti Ranjan Mohanty for all purposes.
Smruti Ranjan Mohanty D-1215

I, Parija Saswati, D/o- Priyabrata Parija, resident of Plot No.- B/1500, Sector-6, CDA, P.S.-Markat Nagar, P.O.- Abhinaba Bidanasi, Dist.-Cuttack, PIN-753014, Odisha, declare by this affidavit. No.-3855, dated. 29.08.2024 that from now onwards I shall be known as P Saswati for all future purposes. D-1224

By virtue of an affidavit sworn before the Executive Magistrate, Bhubaneswar, dated 17 August 2024, I, Dunna Kumari, Address At- Mulipadu, P.O.- Sondipudi, P.S.- Mandasa Mandalam, Dist.- Srikakulam, Andhra Pradesh, PIN-532242 and present at Plot No.- A/47, Kharvel Nagar, Bhubaneswar-751001 declare that I have changed my name from C.H. Kumari to Dunna Kumari. Henceforth, I shall be known as Dunna Kumari for all purposes. D-1218

ମୁଁ ରଞ୍ଜିତ୍ କୁମାର ଖଟୁଆ (୪୯), ପି- ଡା. ସୁଧାକର ଖଟୁଆ, ସା/ପୋ- ପ୍ରାଚୀନଗର, ସାମରାଇପୁର, ଥାନା- ଭଦ୍ରକ (ଗ୍ରାମାଞ୍ଚଳ), ଜିଲ୍ଲା- ଭଦ୍ରକ। ମୋର ପୁତ୍ର ସତ୍ୟ ଜ୍ୟୋତିରାଦିତ୍ୟ ଖଟୁଆ ନାମରେ ତା୦୩।୦୪।୨୦୧୪ରିଖରେ ଜାରି ହୋଇଥିବା ଏକ ପାସ୍‌ପୋର୍ଟ (No.- L8214035)ରେ ଶ୍ରୀ ଲେଖାଅଛି। ପାସ୍‌ପୋର୍ଟ ପାଇଁ ଆବେଦନ ସମୟରେ ଅସାବଧାନତାବଶତଃ ଆବେଦନ ଫର୍ମରେ ଶ୍ରୀ ଉଲ୍ଲେଖ ରହିଥିଲା। କିନ୍ତୁ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ରରେ ତା'ର ନାମ ସତ୍ୟ ଜ୍ୟୋତିରାଦିତ୍ୟ ଖଟୁଆ ଉଲ୍ଲେଖ ରହିଛି। ତା୦୧।୦୮।୨୦୨୪ ଆଫିଡେଭିଟ୍ ନଂ.-୧୭୩୪ ମାଧ୍ୟମରେ ପାସ୍‌ପୋର୍ଟରେ ମୋ ପୁଅର ନାମ ପୂର୍ବରୁ ଶ୍ରୀ ହଟାଇ ସଂଶୋଧନ କରିବାକୁ ଅନୁରୋଧ କରୁଅଛି। ଧ-୧୨୧୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ଏକ୍ଷେତ୍ରବାସୀ ରାଉତରାୟ**
ଜନାର୍ଦ୍ଦନପୁର, ସାଲେପୁର, କଟକ
ଆବିର୍ଭାବ: ୦୬।୦୭।୧୯୨୮
ତିରୋଧାନ: ୨୩।୦୮।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଲକ୍ଷ୍ମୀଧର, ବିପିନ ଓ ପଦ୍ମନାଭ, ଝିଅ-ଜ୍ୱାଇଁ: ମଞ୍ଜୁଲତା ଓ ବଙ୍ଗାଳି, ସଂଯୁକ୍ତା, ରଞ୍ଜିତା ଓ ଶକ୍ତି, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୧୬

**ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରମୋଦ କୁମାର ସାହୁ**
(ଆଡ୍‌ଭୋକେଟ୍ କ୍ଲର୍କ)
କୁଞ୍ଜେଇବେଣ୍ଟ ସାହି, ପୁରୀ
ଆବିର୍ଭାବ-୦୫।୦୨।୧୯୬୫
ତିରୋଧାନ- ୨୪।୦୮।୨୦୨୪
ଏକାଦଶାହ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ବିନୋଦିନୀ ସାହୁ, କନ୍ୟା: ପ୍ରିୟଦର୍ଶିନୀ, ଶୁଭଦର୍ଶିନୀ, ଜାମାତା: ଦିଲ୍ଲୀପ, ନାତି: ପ୍ରଂଶୁ, ପୁତୁରା, ପୁତୁରାବୋହୂ, ଝିଆରୀ, ଝିଆରୀଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୭୬୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ସୁବୁଦ୍ଧି**
ସ୍ୱାମୀ: ମଧୁସୂଦନ ସୁବୁଦ୍ଧି
ଆବିର୍ଭାବ: ୨୨।୦୬।୧୯୫୯
ତିରୋଧାନ: ୨୪।୦୮।୨୦୨୪
ପୂର୍ବତନ ସରପଞ୍ଚ, ୨୦୦୨-୨୦୦୭
ବାଘମାରୀ, ବେଗୁନିଆ, ଖୋର୍ଦ୍ଧା
ହତଭାଗ୍ୟ ବନ୍ଧୁ ପରିବାରବର୍ଗ: ପୁଅ- କୃଷ୍ଣପ୍ରସାଦ, ଜ୍ୱାଇଁ- ସରୋଜ କୁମାର, ଯଜ୍ଞଦେବ, ସୁରେଶ କୁମାର, ପୁତ୍ରବଧୂ: ଧୃତିଦ୍ୱିପା, କନ୍ୟା: କମଳା, ବିମଳା, ବୈଜୟନ୍ତୀମାଳା, ନାତି, ନାତୁଣୀ: ଭୁଗୁଲା, ଅନ୍ତୁ, ଆଶୁ ଓ ଟିଙ୍ଗୁ
ଧ-୧୨୨୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଫ୍ୟାଶନ

# ମନ୍‌ସୁନ୍‌ରେ ପିନ୍ଧନ୍ତୁ ଚିକନ୍‌କରି ସୁଟ୍



ଏବେ ବର୍ଷାଦିନ ଚାଲିଛି। ଏମିତିରେ ଆପଣଙ୍କୁ ଆରାମଦାୟକ କପଡ଼ା ପିନ୍ଧିବା ଆବଶ୍ୟକ, ଯେପରି ଆପଣଙ୍କୁ କୌଣସି ସମସ୍ୟାର ସାମ୍ନା କରିବାକୁ ନ ପଡ଼ିପାରେ। ଏହିଦିନରେ ନିଜକୁ କମ୍ଫଟେବଲ ରଖିବାକୁ ଆପଣଙ୍କୁ ନିଜର ଫ୍ୟାଶନ ଟିକେ ବଦଳାଇବାକୁ ପଡ଼ିପାରେ। ଯଦି ଆପଣଙ୍କୁ ଚିକନ୍‌କରି କୁର୍ତ୍ତି ପସନ୍ଦ, ତେବେ ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବା ସହ କମ୍ଫଟେବୁଲ ଲାଗିଥାଏ।

–ଚିକନ୍‌କରି କୁର୍ତ୍ତିକୁ ଆପଣ କେତେ ପ୍ରକାର ପିନ୍ଧିପାରିବେ। ଝିଅମାନେ ଏହାକୁ ଜିନ୍ସ ସହ ପେୟାରକରି ପିନ୍ଧିଥାନ୍ତି। ଆଉ କେତେକେ ଚିକନ୍‌କରି କୁର୍ତ୍ତିକୁ ପ୍ଲାଜୋ ସହ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଯଦି ଆପଣ ଚିକନ୍‌କରି ସୁଟ୍ ପିନ୍ଧୁଥାନ୍ତି ତେବେ ସିଫନ୍ ଫାବ୍ରିକ୍ ସୁଟ୍ ଚୟନ କରନ୍ତୁ।

–ଚିକନ୍‌କରି ସୁଟ୍ ସହ ପାଦରେ ହିଲ୍ସ ବହୁତ ମାନିଥାଏ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ। ଯଦି ଆପଣଙ୍କୁ ହିଲ୍ସ ପିନ୍ଧିବା ପସନ୍ଦ ନୁହେଁ, ତେବେ କୋଲ୍ହାପୁରୀ ଚପଲ ପିନ୍ଧିପାରିବେ। ଏହିପରି ଆପଣଙ୍କୁ ପର୍‌ଫେକ୍ଟ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

–ଚିକନ୍‌କରି ସୁଟ୍ ପିନ୍ଧିବା ସହ ଯଦି ଆପଣ କାନରେ ଝୁମୁକା ପିନ୍ଧୁଛନ୍ତି ତେବେ ଏହା ଆପଣଙ୍କୁ ପର୍‌ଫେକ୍ଟ ଲୁକ୍ ଦେବ। ଚିକନ୍‌କରି କୁର୍ତ୍ତି ସହ ହେଭି ୱେଟ୍ ଇୟର ରିଂ ବହୁତ ଭଲ ଲାଗିଥାଏ। ଏହା ବ୍ୟତୀତ ଯଦି ଆପଣ ଚାହାନ୍ତି ସିଲ୍‌ଭର କଲରର ଝୁମୁକା ଟ୍ରାଏ କରିପାରିବେ। ଏହା କୌଣସି ବି ଆଉଟ୍‌ଫିଟ୍ ସହ ଭଲ ମାନିଥାଏ।

# ବର୍ଷାଦିନେ ଘରର ଯତ୍ନ

ବିଶେଷଭାବେ ବର୍ଷାଦିନେ ଘରର ଯତ୍ନ ସ୍ୱତନ୍ତ୍ର ଭାବରେ ନେବାକୁ ପଡ଼ିଥାଏ। ତେବେ ଏହି ଋତୁରେ ଯଦି ଆପଣ ନିଜ ଘରକୁ ସଜାଉଛନ୍ତି ତେବେ କେତୋଟି ବିଷୟ ପ୍ରତି ନଜରଦେବା ଦରକାର। ଜାଣନ୍ତୁ ଏ ସମ୍ପର୍କରେ....



**ଛାତର ନାଳ**

ବର୍ଷାଦିନରେ ଚିନ୍ତାର କାରଣ ଛାତର ନାଳ ହୋଇଥାଏ। ଏହାକୁ ଯଦି ଭଲଭାବେ ସଫା ନ କରାଯାଏ ତେବେ ଡେଙ୍ଗୁ ଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏହିଦିନ ଆସିବା ପୂର୍ବରୁ ନିଜ ଛାତର ନାଳରେ ଯଦି ଅପରିଷ୍କାର ଜମା ହୋଇଛି ତାକୁ ସଫା କରି ଦିଅନ୍ତୁ। ଫଳରେ ଛାତରେ ପାଣି ଜମି ରହିବ ନାହିଁ।

**କାନ୍ଥ–ଝରକା**

ବର୍ଷାଦିନ ଆସିବା ପୂର୍ବରୁ ଘରର ଝରକା ଉପରେ ଟିକେ ନଜର ଦିଅନ୍ତୁ। କାହିଁକି ନା ବର୍ଷାଦିନରେ ହେଉଥିବା ବର୍ଷା କାରଣରୁ କାନ୍ଥରେ ଫାଟ ଦେଖାଯାଇଥାଏ। ଏହା ବ୍ୟତୀତ ଝରକାରେ ମଜଭୁତ ନେଟ୍ ଲଗାଇ ଦିଅନ୍ତୁ। ଫଳରେ କୌଣସି ପୋକଜୋକ ଘର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ।

**ଓ୍ୱାରିଂ**

ବର୍ଷାଦିନ ପୂର୍ବରୁ ଘରର ଓ୍ୱାରିଂ ଭଲଭାବେ କରାଇ ନିଅନ୍ତୁ। କାରଣ ଏହିଦିନେ ଅଧିକ ବର୍ଷା ହୋଇଥାଏ, ଯେଉଁ କାରଣରୁ ଇଲେକ୍ଟ୍ରିକ୍ ବୋର୍ଡରେ କରେଣ୍ଟ ଲାଗିବାର ସମ୍ଭାବନା ଥାଏ। ଆପଣଙ୍କର ଯଦି କୌଣସି ସ୍ଥାନରେ ତାର ଖୋଲା ଅଛି ତେବେ ତାକୁ କଭର କରିଦିଅନ୍ତୁ।

**ଫର୍ନିଚର**

ଏହିଦିନରେ ଫର୍ନିଚର ପ୍ରତି ମଧ୍ୟ ଧ୍ୟାନଦେବା ନିହାତି ଜରୁରୀ। କାଠ ଜିନିଷରେ ଯେମିତି ଫଙ୍ଗସ୍ ଦେଖିବାକୁ ମିଳିଥାଏ, ଯେଉଁ କାରଣରୁ ଏହା ଜଲ୍‌ଦି ଭାଙ୍ଗିଯିବାର ମଧ୍ୟ ଆଶଙ୍କା ରହିଛି। ଏଥିପାଇଁ ଛାତ ଉପରେ କିମ୍ବା ବାଲ୍‌କୋନିରେ କୌଣସି ଫର୍ନିଚର ରଖନ୍ତୁ ନାହିଁ।

**ଆଲମାରି**

ବର୍ଷାଦିନରେ ଘରକୁ ବ୍ୟବସ୍ଥିତ ଉପାୟରେ ରଖନ୍ତୁ। ଯେଉଁ ଜିନିଷ ଯେଉଁ ସ୍ଥାନରେ ରହିବା କଥା ତାକୁ ସେ ସ୍ଥାନରେ ରଖନ୍ତୁ। ଆଲମାରିରେ ଥିବା କପଡ଼ା ଏବଂ ବହିରେ ଓଦାଳିଆ ଲାଗିଥାଏ। ସେଥିପାଇଁ ମଝିରେ ମଝିରେ ଏହାକୁ ନଜର ରଖନ୍ତୁ।

# ଲକ୍ଷ୍ୟ ହାସଲ ଅନ୍ତରାଳେ...

ନିଜ ଲକ୍ଷ୍ୟ ପଥରେ ଅଗ୍ରସରହେବା ଏବଂ ତାହାକୁ ହାସଲକରିବା ଛୋଟିଆ କଥା ନୁହେଁ। ତେଣୁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ଧ୍ୟାନଦେବାକୁ ପଡ଼ିଥାଏ। ସେଭଳି ପ୍ରମୁଖ ୫ଟି କଥା ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି....



ଶିଶୁଟିଏ ଭୂମିଷ୍ଠ ହେବା ପରେ ମା' ବାପା ତା'ର ଲାଳନପାଳନ ଦାୟିତ୍ୱ ନେଇଥାଆନ୍ତି। ଧୀରେ ଧୀରେ ସେ ବୟସର ପାହାଚ ଅତିକ୍ରମ କରିଚାଲେ। ପାଠପଢ଼ା କ୍ୟାରିୟର ଶେଷ ହେବା ପରେ ସେ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖେ। ହେଲେ ସବୁ କାମରେ ଯେ ଜଣେ ସଫଳ ହେବ ତାହା ଉପରେ କେହି ଦୃଢ଼ ନିଶ୍ଚିତ ହୋଇପାରିବେ ନାହିଁ। ଏହି ସମୟରେ ନିମ୍ନୋକ୍ତ ମୁଖ୍ୟ ୫ଟି କଥାକୁ ଗୁରୁତ୍ୱଦେବା ଦରକାର। ଜାଣନ୍ତୁ ସେ ସମ୍ପର୍କରେ...

**ବିଶ୍ୱସନୀୟତା :** କୌଣସି କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ହେଲେ ପ୍ରଥମେ ନିଜ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଯେତେବେଳେ ବିଶ୍ୱାସରେ ତାରତମ୍ୟ ପରିଲକ୍ଷିତ ହୁଏ ସେତେବେଳେ ଲକ୍ଷ୍ୟପଥରେ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥାଏ। ମନରେ ଯଦି କିଛି ପ୍ରଶ୍ନ ଉଙ୍କିମାରୁଛି ତେବେ ତାହାର ତୁରନ୍ତ ସମାଧାନ କରନ୍ତୁ। ନ ହେଲେ ସମୟକ୍ରମେ ଏହି ପ୍ରଶ୍ନଗୁଡ଼ିକ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ନିଜ ଉପରେ ବିଶ୍ୱାସ ବଳୟ ଯେତେ ଦୃଢ଼ହେବ ସେହି ଅନୁସାରେ ଲକ୍ଷ୍ୟପଥରେ ଅଗ୍ରସରହେବା ଲାଗି ମନରେ ଉତ୍ସାହ ଦ୍ୱିଗୁଣିତ ହେବ। ତେଣୁ ପ୍ରଥମେ ଏହାକୁ ଦୃଷ୍ଟିଦେବା ନିହାତି ଦରକାର।







**କାର୍ଯ୍ୟକରିବା ଶୈଳୀ :** ଲକ୍ଷ୍ୟ ହାସଲ କରିଦେବି ବୋଲି କହିଲେ ହେବ ନାହିଁ, ସେଥିପାଇଁ କେତେକ କାମକୁ ଠିକ୍ ଭାବରେ ତୁଲାଇବାକୁ ପଡ଼ିଥାଏ। ତେଣୁ ଏଥିପାଇଁ କ'ଣ କରିବାକୁ ପଡ଼ିବ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଯଦି ସେ ବିଷୟରେ ନିଜର ଜ୍ଞାନ ନାହିଁ, ତେବେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ପରାମର୍ଶ ନିଅନ୍ତୁ। ଆଉ ଏକ କଥା ହେଲା କାର୍ଯ୍ୟ କରିବା ଶୈଳୀ। କାର୍ଯ୍ୟ କରିବା ସମୟରେ ନିଜର ମନକୁ ଶାନ୍ତ ରଖନ୍ତୁ। ଏହି ସମୟରେ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ଏଥିପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। କାରଣ ଯୋଜନା ଅନୁସାରେ ଆଗେଇଲେ ଆପଣ କରିବାକୁ ଥିବା କାମଗୁଡ଼ିକୁ ସହଜରେ ତୁଲାଇପାରିବେ।

**ସକାରାତ୍ମକ ଚିନ୍ତାଧାରା :** ନିଜ ଲକ୍ଷ୍ୟ ବିଷୟରେ ପ୍ରଥମେ ଭଲଭାବରେ ଚିନ୍ତାକରନ୍ତୁ। ଏହାକୁ ଆପଣ ହାସଲ କରିପାରିବେ କି ନାହିଁ ତାହା ତ ଅଲଗା କଥା, ହେଲେ ସେଥିପାଇଁ କ'ଣ କରିବାକୁ ପଡ଼ିବ ଏଥି ନେଇ ପ୍ରସ୍ତୁତ ହୁଅନ୍ତୁ। ପ୍ରଥମେ ନିଜ ଲକ୍ଷ୍ୟ ବିଷୟରେ ଭଲ ଭାବରେ ଅବଗତହେବା ନିହାତି ଦରକାର। ବେଳେବେଳେ କେତେକେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ବେଳେ ତାହା ସହଜ ନୁହେଁ ଭାବି ଲକ୍ଷ୍ୟକୁ ପରିବର୍ତ୍ତନ କରିଥାଆନ୍ତି। ଏହାଦ୍ୱାରା ମନରେ ଲକ୍ଷ୍ୟକୁ ନେଇ ବିଭିନ୍ନ ପ୍ରଶ୍ନ ଆସିଥାଏ। ସେହି ସମୟରେ ଧୈର୍ଯ୍ୟର ସହ ଆଗେଇବା ଦରକାର। ଲକ୍ଷ୍ୟ ହାସଲ ପାଇଁ ସବୁବେଳେ ଚିନ୍ତାଧାରାକୁ ସକାରାତ୍ମକ ରଖନ୍ତୁ। ତେଣୁ ଯେତେ ସମ୍ଭବ ମନରୁ ସେଭଳି ଭାବନା ଦୂରେଇ ଦେବା ଦରକାର। ଦୃଢ଼ ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ଚିନ୍ତାଧାରା ଜଣକୁ ଆଗକୁ ଆଗେଇନେବାରେ ଯଥେଷ୍ଟ ସହାୟକ ହୋଇଥାଏ।

**ସହଯୋଗ :** ନିଜ ଉପରେ ଏହି ସମୟରେ ଯଥେଷ୍ଟ ଭରସା ରହିବା ଦରକାର। ସେହି ସମୟରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରେ। ଏଭଳି ସମୟ ଉପନୀତ ହେଲେ ଜଣେ ଦୋଛକିରେ ପଡ଼ିଯିବା ସ୍ୱାଭାବିକ କଥା। ତେଣୁ ଯଦି ଏହି ସମୟରେ କାହାର ସହଯୋଗର ଆବଶ୍ୟକତା ରହିଛି ବୋଲି ଭାବୁଛନ୍ତି ତେବେ ତାଙ୍କ ସହ ପରାମର୍ଶ କରନ୍ତୁ। ଏହି ସମୟରେ କେତେକେ ବିଭିନ୍ନ ପ୍ରକାର ଉପଦେଶ ଦେଇଥାଆନ୍ତି। ତେଣୁ ସେଗୁଡ଼ିକ ଶୁଣିବା ପରେ ଜଣେ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ଉକ୍ତ ରାସ୍ତାରେ ଚାଲିବା ସମୟରେ କିଏ କ'ଣ କହୁଛି ଏବଂ ତାହା ଆପଣଙ୍କୁ ଲକ୍ଷ୍ୟ ହାସଲ କରିବାରେ କେତେ ସହାୟକ ହେବ ତାହା ଭଲ ଭାବରେ ଚିନ୍ତା କରନ୍ତୁ। କିଛି ନ ବୁଝି ସେଗୁଡିକୁ ଗ୍ରହଣ କରିନେବା ଆଦୌ ଠିକ୍ ନୁହେଁ। ଯଦି କାହାର ସହଯୋଗ ଠିକ୍ ଲାଗିଲା ତେବେ ତାହାକୁ ଗ୍ରହଣକରିବେ କି ନାହିଁ ସେ ବିଷୟରେ ଭଲ ଭାବରେ ଚିନ୍ତାକରନ୍ତୁ।

**ସୁଚିନ୍ତିତ ଯୋଜନା :** ନିଜ ଲକ୍ଷ୍ୟ ହାସଲ ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। ଏ ନେଇ ଯୋଜନା ତିଆରି କରିବା ବେଳେ ନିଜ ଲକ୍ଷ୍ୟ ବିଷୟରେ ଭଲଭାବରେ ଧ୍ୟାନଦେବା ଦରକାର। ତରବର ହୋଇ ଏଥିଲାଗି ଯୋଜନା ପ୍ରସ୍ତୁତ କରିବା ଠିକ୍ ନୁହେଁ। ଥଣ୍ଡା ମନରେ ନିଜ ଲକ୍ଷ୍ୟ ହାସଲ ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। ଏହାଫଳରେ ଆପଣ ସହଜରେ ସେହି ରାସ୍ତାରେ ଯାତ୍ରାକରିବା ସହ ନିଜ ଅଭିଳାଷ ପୂରଣ କରିପାରିବେ।



## ଏମାନେ କ'ଣ କରନ୍ତି...

### ସୁଚିନ୍ତିତ ଯୋଜନାକୁ ଗୁରୁତ୍ୱ ଦିଏ



ଜୀବନରେ କୌଣସି ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୋଜନାବଦ୍ଧ ଭାବରେ ଆଗେଇବା ନିହାତି ଦରକାର। ମୁଁ ପାଠ ପଢ଼ିବା ସମୟରେ ସୁଚିନ୍ତିତ ଯୋଜନା ସହ ପଢୁଥିଲି। କାରଣ କେବଳ ପଢ଼ିବି ବୋଲି ଭାବିଲେ ତ ହେବନି, ସେ ନେଇ ଠିକ୍ ଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ। ତେଣୁ ନିଜର ଲକ୍ଷ୍ୟକୁ ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଦରକାର। ଯେକୌଣସି କଥା ହେଉ ନା କାହିଁକି ମୁଁ ସେ ବିଷୟରେ ଭଲଭାବରେ ଚିନ୍ତାକରିବା ପରେ ଆଗେଇଥାଏ। ସେଥିପାଇଁ କ'ଣ କରିବାକୁ ପଡ଼ିବ ସେ ବିଷୟରେ ଗଭୀର ଭାବରେ ଚିନ୍ତା କରେ। ସମସ୍ତେ ଯଦି ଏଥିପ୍ରତି ଦୃଷ୍ଟିଦେବେ ତା'ହେଲେ ସେମାନେ ସହଜରେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବେ।

*–ସଙ୍ଗୀତା ବେହେରା, ବ୍ରହ୍ମପୁର*

### ବିଫଳତାକୁ ଭଲ ଭାବରେ ତର୍ଜମା କରେ



ଆମେ ଯେ ସବୁ କ୍ଷେତ୍ରରେ ସଫଳ ହେବା ତାହାର କିଛି ଗ୍ୟାରେଣ୍ଟି ନାହିଁ। ତେଣୁ ଯଦି ବିଫଳ ହେଲେ ସେହି ସମୟରେ ଭାଙ୍ଗିପଡ଼ିବା ଠିକ୍ ନୁହେଁ। ମୁଁ କେତେକ କ୍ଷେତ୍ରରେ ବିଫଳ ହେବା ପରେ ତାହାର କାରଣଗୁଡ଼ିକୁ ପ୍ରଥମେ ଖୋଜିଥାଏ। କ'ଣ ପାଇଁ ମୁଁ ସଫଳ ହେଲିନାହିଁ–ଏହାକୁ ଭଲ ଭାବରେ ତର୍ଜମାକଲେ ପରବର୍ତ୍ତୀ ସମୟରେ ତୁମେ ସୁଚିନ୍ତିତ ଯୋଜନା ସହ ଆଗେଇପାରିବ। ଯଦି ବିଫଳତାର କାରଣ ନ ଜାଣିପାରିଲେ, ତେବେ ଆଗକୁ ପୁଣି ବିଫଳ ହେବା ସମ୍ଭାବନା ରହିଛି। ତେଣୁ ଅସଫଳ ହେଲେ ଭାଙ୍ଗି ନ ପଡ଼ି ତାହାର କାରଣ ଖୋଜି ସେଗୁଡ଼ିକୁ ସମାଧାନକଲେ ଜଣେ ନିଜର ଲକ୍ଷ୍ୟ ହାସଲ କରିପାରିବ ବୋଲି ମୁଁ କହିବି।

*–ନମିତା ରାଉତ, କୁରୁମଟାଙ୍ଗର, ମହୁଲପଡା, ଢେଙ୍କାନାଳ*

ସୌନ୍ଦର୍ଯ୍ୟ

# ମନ୍‌ସୁନ୍ ଫେସିଆଲ

ବର୍ଷାଦିନରେ ବିଶେଷଭାବରେ ତ୍ୱଚାର ଯତ୍ନ ନିଅନ୍ତୁ। ଫେସିଆଲ କରୁଥିଲେ ତ୍ୱଚା ଅନୁଯାୟୀ ଫେସିଆଲ ବ୍ୟବହାର କରନ୍ତୁ। ଯଦି ଆପଣ କର୍ମଜୀବୀ ତେବେ କାର୍ଯ୍ୟବ୍ୟସ୍ତତା ଯୋଗୁ ଆପଣ ପ୍ରତିଦିନ ନିଜ ତ୍ୱଚାର ହୁଏତ ଯତ୍ନ ନେଇପାରୁ ନ ଥିବେ। ତେଣୁ ସପ୍ତାହରେ ଥରେ ଫେସିଆଲ କରନ୍ତୁ। ଏଥିଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ତେବେ ନିମ୍ନରେ କେତୋଟି ମନ୍‌ସୁନ୍ ଫେସିଆଲ ବିଷୟରେ ସୂଚନା ଦିଆଯାଉଛି...





**ଭିଟାମିନ୍ ସି ଫେସିଆଲ:** ଏହି ଫେସିଆଲ୍ ତ୍ୱଚାକୁ ଉଜ୍ଜ୍ୱଳମୟ କରିବା ସହ ଚମକ ପ୍ରଦାନ କରିଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରିବା ସହ ଆଣ୍ଟି ଅକ୍ସିଡାଣ୍ଟର କାମ କରିଥାଏ। ଫଳରେ ଏହା ତ୍ୱଚାକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ।

**ହାଇଡ୍ରେଟିଂ ଫେସିଆଲ୍:** ଏହି ଫେସିଆଲ୍ ତ୍ୱଚାକୁ ଭିତରୁ ହାଇଡ୍ରେଟ୍ କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାକୁ ମୁଲାୟମ ଏବଂ ଚିକ୍କଣ କରିଥାଏ।

**ଆଣ୍ଟି ଏଜିଂ ଫେସିଆଲ୍:** ଏହି ଫେସିଆଲ୍ ତ୍ୱଚାର ଝୁରିୟାଂ ଏବଂ ଚର୍ମ କୁଞ୍ଚନକୁ କମାଇଥାଏ। ଏହା ତ୍ୱଚାକୁ ସୁନ୍ଦର ଏବଂ ୟଙ୍ଗ୍ ଦେଖାଯିବାରେ ସାହାଯ୍ୟ କରିଥାଏ।

ଏହିପରି ଫେସିଆଲ୍‌କୁ ଅଧିକାଂଶ ମହିଳା ପସନ୍ଦ କରିଥାନ୍ତି।

**ସେନ୍‌ସିଟିଭ୍ ସ୍କିନ୍ ଫେସିଆଲ**

ଏହି ଫେସିଆଲ ସେନ୍‌ସିଟିଭ୍ ସ୍କିନ୍ ଲାଗି ବହୁ ଜରୁରୀ। ଏହା ତ୍ୱଚାକୁ ଫ୍ରେସ୍ ଏବଂ କୁଲ୍ ଲୁକ୍ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ଯେତେବେଳେ ଆପଣ ଭିତରୁ ଫ୍ରେଶ ଅନୁଭବ କରିବେ ମୁହଁ ମଧ୍ୟ ଆପଣଙ୍କର ନାଚୁରାଲ ଉପାୟରେ ଗ୍ଲୋ କରିବ।

**ଡିପ୍ କ୍ଲିଜିଂ ଫେସିଆଲ**

ଏହି ଫେସିଆଲ ତ୍ୱଚାକୁ ଭିତରୁ ସଫା କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାକୁ ସଫା ଏବଂ ସୁସ୍ଥ କରିବାରେ ସାହାଯ୍ୟ କରିଥାଏ। ମୁହଁକୁ ଭିତରୁ ସଫାକରିବାକୁ ହେଲେ ଆପଣଙ୍କୁ କ୍ଲିଜିଂ ଫେସିଆଲର ଆବଶ୍ୟକତା ପଡ଼ିଥାଏ। ଏହା ତ୍ୱଚାକୁ ଗ୍ଲୋଇଂ ଦେଖାଯିବାରେ ସାହାଯ୍ୟ କରିଥାଏ।

ଖାଦ୍ୟରୁଚି

# ପଲାଉ

**ଆବଶ୍ୟକ ସାମଗ୍ରୀ**

୨କପ୍ ଚାଉଳ, ୨ ଚାମଚ ତେଲ, ୨ଟି ପିଆଜ ଛୋଟ ଆକାରରେ କଟାହୋଇଥିବା, ୨ଟି ଟମାଟୋ , ଗ୍ରିନ୍ ମଟର ୧୦୦ଗ୍ରାମ୍, ୪–୫ଟି କଞ୍ଚାଲଙ୍କା କଟା, ଅଧାଚାମଚ ଜିରା, ୧ଚାମଚ ଅଦା ରସୁଣ ଛୋଟ ଆକାରରେ କଟାହୋଇଥିବା , ଅଧାମଚାମଚ କଶ୍ମୀରୀ ଚିଲି ପାଉଡର,ଅଧାଚାମଚ ଧନିଆ ପାଉଡର, ୧/୨ ଚାମଚ ଗୋଲମରିଚ ପାଉଡର, ଅଳ୍ପ ପରିମାଣର ଅଧା ଖଣ୍ଡ ଲମ୍ବା ଆକାରରେ , ଅଦା ଏବଂ ଅଳ୍ପ ପରିମାଣରେ କଟା ପୁଦିନାପତ୍ର।

**ପ୍ରସ୍ତୁତି ପ୍ରଣାଳୀ**

ଏକ ବଡ଼ ପ୍ୟାନ୍ ନିଅନ୍ତୁ। ସେଥିରେ ବଡ଼ ୨ ଚାମଚ ତେଲ ଗରମକରି ସେଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା, ଗ୍ରିନ୍ ମଟର, ଅଦାରସୁଣ ପେଷ୍ଟ, ଧନିଆ ପାଉଡର,ଜିରା,ଲୁଣ,ଗୋଲମରିଚ ପାଉଡର ପକାଇ ଭଲଭାବେ ଭାଜନ୍ତୁ। ଏବେ ସେଥିରେ ଚାଉଳ ଓ ପର୍ଯ୍ୟାପ୍ତ ପାଣି ଦେଇ ଚାଉଳ ଫୁଟିବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ଏହା ହୋଇଗଲା ପରେ ପୁଣି କଟା ଅଦା ଏବଂ ପୁଦିନାପତ୍ର ପଲାଉ ଉପରେ ପକାଇ ସଜାନ୍ତୁ।



# କ୍ୱାର୍ଟରରେ ଜେଭ୍‌ରେଭ୍, ଟିଆଫୋ

ନ୍ୟୁୟର୍କ,୨।୯(ପି.ଟି.)

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଆଲେକ୍‌ଜାଣ୍ଡାର ଜେଭରେଭ୍ ଓ ଫ୍ରାନ୍ସିସ ଟିଆଫୋ। ସେହିପରି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି କ୍ୱିନେନ୍ ଝାଙ୍ଗ, ଆରିନା ସାବାଲେଙ୍କା ଓ ଏମ୍ମା ନାଭାରୋ।

## ୟୁଏସ୍ ଓପନ


ରିଟର୍ନ ଶଟ୍ ଖେଳିବା ଅବସରରେ ଏମ୍ମା ନାଭାରୋ।

ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଫେଭରିଟ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିବା ୨୮ ନମ୍ବର ସିଡ୍ ଆଲେକ୍ସ ପପିରିନ୍‌ଙ୍କୁ ପରାସ୍ତ କରିଛନ୍ତି ଆମେରିକାର ଫ୍ରାନ୍ସିସ ଟିଆଫୋ। ୨୦ ନମ୍ବର ସ୍ଥାନରେ ଥିବା ଟିଆଫୋ ଏହି ମ୍ୟାଚ୍‌କୁ ୬-୪, ୭-୬(୭/୩), ୨-୬ ଓ ୬-୩ରେ ଜିତି ନେଇଥିଲେ। ଏହି ମ୍ୟାଚ୍‌ର ଦ୍ୱିତୀୟ ସେଟଟି ଟାଇବ୍ରେକରକୁ ଯାଇଥିବା ବେଳେ ଏହା ତାଙ୍କ ପାଇଁ କଷ୍ଟସାଧ୍ୟ ଥିବା କହିଛନ୍ତି ଟିଆଫୋ। ୫-୩ରେ ପଛୁଆ ରହିଥିବା ବେଳେ ସେ କ୍ରମାଗତ ଦୁଇଟି ବ୍ରେକ୍ ପଏଣ୍ଟ ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପରେ ଟାଇବ୍ରେକରରେ ଦ୍ୱିତୀୟ ସେଟ୍‌କୁ ଜିତି ନେଇଥିଲେ। ତୃତୀୟ ସେଟରେ ପପିରିନ୍ ବିଜୟୀ ହୋଇଥିଲେ ମଧ୍ୟ ଚତୁର୍ଥ ସେଟରେ ମ୍ୟାଚ୍ ଶେଷ କରିଥିଲେ ଟିଆଫୋ। ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ଥିବା ଗ୍ରେଗୋର ଦିମିତ୍ରୋଭଙ୍କୁ ଭେଟିବେ ଟିଆଫୋ। ଅନ୍ୟ ଏକ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଜର୍ମାନୀର ଆଲେକ୍‌ଜାଣ୍ଡାର ଜେଭ୍‌ରେଭ ୧-୬, ୬-୧, ୬-୨ ଓ ୬-୩ ସେଟରେ ଅଣସିଡେଡ୍ ଆମେରିକାର ବ୍ରାଣ୍ଡନ ନାକାଶିମାଙ୍କୁ ପରାସ୍ତ କରିଥିଲେ। ଜେଭ୍‌ରେଭ କ୍ୱାର୍ଟର ଫାଇନାଲରେ ଅନ୍ୟତମ ଆମେରିକୀୟ ଟେଲର ଫ୍ରିଟ୍‌ଜଙ୍କୁ ଭେଟିବେ।

ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଚାଇନାର କ୍ୱିନୱେନ ଝାଙ୍ଗ ୭-୬(୭/୨), ୪-୬ ଓ ୬-୨ ସେଟରେ ଡୋନା ଭେକିକଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟ୍‌କୁ ଟାଇବ୍ରେକରରେ ଜିତିବା ପରେ ଦ୍ୱିତୀୟ ସେଟରେ ପରାଜିତ ହୋଇଥିଲେ ଝାଙ୍ଗ। ତେବେ ନିର୍ଣ୍ଣାୟକ ସେଟକୁ ୬-୨ରେ ଜିତିବା ସହ ଆରିନା ସାବାଲେଙ୍କାଙ୍କ ସହ କ୍ୱାର୍ଟର ମ୍ୟାଚ୍ ସ୍ଥିର କରିଥିଲେ। ଅନ୍ୟ ଏକ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ଏଲେନ୍ ମର୍ଟେନ୍ସଙ୍କୁ ପରାଜିତ କରିଥିଲେ ଆରିନା ସାବାଲେଙ୍କା। ବିଶ୍ୱ ମାନ୍ୟତାର ୨ ନମ୍ବର ସ୍ଥାନରେ ଥିବା ସାବାଲେଙ୍କା ୬-୨, ୬-୪ରେ ଏହି ମ୍ୟାଚ୍ ଜିତି ନେଇଥିଲେ। ସେହିପରି ଆମେରିକୀୟ ବିଲେନିୟର ଖେଳାଳି ଏମ୍ମା ନାଭାରୋ ଡିଫେଣ୍ଡିଂ ଚାମ୍ପିୟନ କୋକୋ ଗଫ୍‌ଙ୍କୁ ବିଦା କରିଛନ୍ତି। ନାଭାରୋ ୬-୩, ୪-୬ ଓ ୬-୩ ସେଟରେ ବିଜୟୀ ହୋଇଥିଲେ। କ୍ୱାର୍ଟରରେ ସ୍ପେନର ପଉଲା ବଡୋସାଙ୍କୁ ଭେଟିବେ ଏମ୍ମା ନାଭାରୋ।

# ବିଜୟରୁ ୧୪୩ ରନ୍ ଦୂରରେ ବାଂଲାଦେଶ

**ରାୱଲପିଣ୍ଡି,୨।୯:** ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବିଜୟରୁ ମାତ୍ର ୧୪୩ ରନ୍ ଦୂରରେ ରହିଛି ବାଂଲାଦେଶ। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ବିନା କ୍ଷତିରେ ୪୨ ରନ୍ ସଂଗ୍ରହ କରିଛି। ପାକିସ୍ତାନର ଦ୍ୱିତୀୟ ଇନିଂସ ମାତ୍ର ୧୭୨ ରନ୍‌ରେ ସୀମିତ ରହିବା ପରେ ବାଂଲାଦେଶ ଆଗରେ ୧୮୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୯/୨ରୁ ଖେଳ ଆରମ୍ଭ କରି ପାକିସ୍ତାନ ୧୭୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଆଘା ସଲମାନ ସର୍ବାଧିକ ୪୭ ରନ୍ କରି ଦଳର ସମ୍ମାନ ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ରିଜୱାନ ୪୩ ଓ ଅଧିନାୟକ ଶାନ୍ ମାସୁଦ ୨୮ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହସନ ମେହେମୁଦ ୫ ଓ ନାହିଦ ରାଣା ୪ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ : ୨୭୪ ବାଂଲାଦେଶ ପ୍ରଥମ ଇନିଂସ: ୨୬୨। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୭୨/୧୦ (ଆଘା ସଲମାନ-୪୭, ମହମ୍ମଦ ରିଜୱାନ-୪୩, ଶାନ୍ ମାସୁଦ-୨୮, ହସନ ମେହେମୁଦ-୫/୪୩, ନାହିଦ ରାଣା-୪/୪୪, ଟାସ୍କିନ ଅହମଦ-୧/୪୦)।

# ଶ୍ରାବଣୀଙ୍କୁ ରୌପ୍ୟ, ସୁସ୍ମିତା ବ୍ରୋଞ୍ଜ

- ଜାତୀୟ ଓପନ ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୬ ପଦକ
- ଆନ୍‌ସି ସୋଜାନ, ନୀତୀନ ଶ୍ରେଷ୍ଠ ଆଥଲେଟ୍

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)



ପଦକ ସହ ଶ୍ରାବଣୀ ନନ୍ଦ ଓ ସୁସ୍ମିତା ଟିଗା।

ବେଙ୍ଗାଲୁରୁର ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ସୋମବାର ୬୩ତମ ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ମୋଟ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ଅନ୍ତିମ ଦିବସରେ ଅନୁଷ୍ଠିତ ଇଭେଣ୍ଟଗୁଡ଼ିକ ମଧ୍ୟରୁ ମହିଳା ୨୦୦ ମିଟରରେ ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୨୩.୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରେଲୱେ ସ୍ପୋର୍ଟ୍ସର ନିତ୍ୟା ଗାନ୍ଧେ ୨୩.୫୧ ଓ ହରିୟାଣାର ନାନ୍‌ସି ୨୩.୮୪ ସେକେଣ୍ଡ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଓଡ଼ିଶାର ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୧୦:୪୩.୫୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରେଲୱେ ସ୍ପୋର୍ଟ୍ସର ରେବି ପାଲ ୧୦:୨୧.୨୮ ଓ କୋମଲ ଜଗଦଲେ ୧୦:୨୬.୩୪ ସେକେଣ୍ଡ ସମୟ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ମହିଳା ହାମର ଥ୍ରୋରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦିବ୍ୟ ସାଣ୍ଡିଲ୍ୟ ୫୮.୬୧ ମିଟର କ୍ଲିୟର କରି ୪ର୍ଥ ସ୍ଥାନରେ ରହିଛନ୍ତି। ସେହିପରି ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ଟିମ୍ ୪ର୍ଥ ସ୍ଥାନରେ ରହି ଅଳ୍ପକେ ବ୍ରୋଞ୍ଜ ପଦକ ମିସ୍ କରିଛି। ଅନିମେଶ କୁଜୁର, ଦେବାଶିଷ ପଟ୍ଟନାୟକ, ଅସ୍ତିକ ପ୍ରଧାନ ଓ ଶାଶ୍ୱତ କୁମାର ଏହି ଟିମ୍‌ର ସଦସ୍ୟ ଥିଲେ। ପୂର୍ବରୁ ପୁରୁଷ ୪X୧୦୦ ମିଟର ରିଲେରେ ଓଡ଼ିଶା ସ୍ୱର୍ଣ୍ଣ, ପୁରୁଷ ୧୦୦ ମିଟରରେ ଲାଲୁ ପ୍ରସାଦ ଭୋଇ ୧୦.୪୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ, ମହିଳା ୪X୧୦୦ ମିଟର ରିଲେରେ ଓଡ଼ିଶା ବ୍ରୋଞ୍ଜ ଏବଂ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିଲେ। ସର୍ଭିସେସର ଅଭିଜ୍ଞ ଲଙ୍ଗଜମ୍ପର ଆନ୍‌ସି ସୋଜାନ ଓ ତାମିଲନାଡୁ ସ୍ପ୍ରିଣ୍ଟର ନୀତୀନ ଯଥାକ୍ରମେ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଓ ପୁରୁଷ ଆଥଲେଟ ବିବେଚିତ ହୋଇଛନ୍ତି। ସର୍ଭିସେସ (୧୩୭ ପଏଣ୍ଟ) ପୁରୁଷ ଓ ରେଲୱେ (୨୦୧) ମହିଳା ବିଭାଗ ଟିମ୍ ଟାଇଟଲ ହାସଲ କରିଛି। ୩୧୮ ପଏଣ୍ଟ ସହିତ ରେଲୱେ ଟିମ୍ ଓଭରଅଲ୍ ଚାମ୍ପିୟନ ହୋଇଛି।

# ଇଣ୍ଡିଆନ ୟୁନିଭର୍ସିଟିଜ ଆର୍ଚେରୀ ଟିମ୍‌ର ସଫଳତା



ଅତିଥିଙ୍କ ଗହଣରେ ଇଣ୍ଡିଆନ ୟୁନିଭର୍ସିଟିଜ ଆର୍ଚେରୀ ଟିମ୍‌ର ପ୍ରତିଯୋଗୀ।

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)

ଚାଇନିଜ୍ ତାଇପେରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏସିଆନ ୟୁନିଭର୍ସିଟି ଆର୍ଚେରୀ ଚାମ୍ପିୟନଶିପ୍‌ରେ ଇଣ୍ଡିଆନ ୟୁନିଭର୍ସିଟି ଟିମ୍ ୬ ପଦକ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏସିଆର ଶୀର୍ଷସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ମୁକାବିଲା କରି ଇଣ୍ଡିଆନ ୟୁନିଭର୍ସିଟି ତୀରନ୍ଦାଜମାନେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ କମ୍ପାଉଣ୍ଡରେ ତେଜବୀରସିଂ ଜାହାଗିରଦାର ଏବଂ ମହିଳା କମ୍ପାଉଣ୍ଡରେ ଦୀପଶିଖା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମହିଳା ରିକର୍ଭରେ କ୍ରାତିକା ବିଚପୁରିୟା ରୌପ୍ୟ ଏବଂ ପୁରୁଷ ରିକର୍ଭରେ ଗୋଲ୍ଡି ମିଶ୍ର, ମହିଳା କମ୍ପାଉଣ୍ଡରେ ମୁସକାନ କିରାର ଓ ମହିଳା ରିକର୍ଭରେ ତମନ୍ନା ଦେଶୱାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଚୟନ ଟ୍ରାଏଲ ଓ କୋଚିଂ କ୍ୟାମ୍ପ ପାଇଁ ମନୋନୀତ କରାଯାଇଥିଲା। କିସ୍‌ର ମୁଖ୍ୟ ଆର୍ଚେରୀ କୋଚ୍ ଏଆଇୟୁ ଟିମ୍‌ର ମଧ୍ୟ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଏଆଇୟୁ ଟିମ୍‌ର ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିବା ସହ ଏହାର ଯୁଗ୍ମ ସମ୍ପାଦକ ବଲଜିତ ସିଂ ଶେଖୋଁ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ପେନ୍‌ଚାକ ସିଲାଟ: ଝାରସୁଗୁଡ଼ା ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)

ରାଉରକେଲାଠାରେ ସପ୍ତମ ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ପେନ୍‌ଚାକ ସିଲାଟ ପ୍ରତିଯୋଗିତା ଅଗଷ୍ଟ ୩୧ରୁ ୧ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୭ ଜିଲାରୁ ୩୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଝାରସୁଗୁଡ଼ା ଓଭରଅଲ୍ ଚାମ୍ପିୟନ ହୋଇଥିଲା। ସୁନ୍ଦରଗଡ, ଖୋର୍ଦ୍ଧା, ସମ୍ବଲପୁର ଓ ଯାଜପୁର ଦଳ ପରବର୍ତ୍ତୀ ୪ ସ୍ଥାନରେ ରହିଥିଲେ। ଅତିଥିଭାବେ ସାରଦା ପ୍ରସାଦ ନାୟକ ଓ ବିଜୟିନୀ ଶେଖର ଦେଓ ଯୋଗଦେଇଥିଲେ। ପେନଚାକ୍ ସିଲାଟ ଆସୋସିଏଶନ୍ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା ପ୍ରମୁଖ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଗ୍ରାଣ୍ଡ ମିନି ସିଟି ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ୧୪ରୁ

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)

ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍‌ଚେସ୍ ସେଣ୍ଟରର ୨୦ ବର୍ଷ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଫୁଲନଖରାସ୍ଥିତ ଗ୍ରାଣ୍ଡ ବଜାର ପରିସରରେ ପ୍ରଥମ ଗ୍ରାଣ୍ଡ ମିନି ସିଟି ରାଜ୍ୟ ସ୍ତରୀୟ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍କୁଲସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଥମଥର ପାଇଁ ରାଜ୍ୟରେ ସ୍କୁଲ ସ୍ତରରେ ରେକର୍ଡ ୫୦,୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୮୦ଟି ଆକର୍ଷଣୀୟ ଟ୍ରଫି ଓ ୬୦ଟି ପଦକ ପ୍ରଦାନ କରାଯିବ ବୋଲି ଗ୍ରାଣ୍ଡ ମିନିସିଟ୍‌ର ମହାନିର୍ଦ୍ଦେଶକ ଆଶିଷ ଗର୍ଗ ପ୍ରକାଶ କରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ସ୍ୱତନ୍ତ୍ର ଟ୍ରଫି, ପଦକ ଓ ବିଜୟ ମୁକୁଟ ପ୍ରଦାନ କରାଯିବ। ସେହିପରି ରନରଅପ୍‌ଙ୍କୁ ପୁରସ୍କାର ଆକାରରେ ୧୦,୦୦୦ ଟଙ୍କା, ସ୍ୱତନ୍ତ୍ର ଟ୍ରଫି ଓ ପଦକ, ୩ୟ ପୁରସ୍କାର ୭୦୦୦ ଟଙ୍କା, ଟ୍ରଫି ଓ ପ୍ରଦକ ଦିଆଯିବ। ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ମୋଟ ୫୦,୦୦୦ ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

୮ 'ରାଉଣ୍ଡଭିତ୍ତିକ ଏହି ପ୍ରତିଯୋଗିତାରେ ସ୍କୁଲ୍‌ରେ ପଢୁଥିବା (୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ୧-୧-୨୦୦୯ ପରେ ଜନ୍ମ ଗ୍ରହଣ କରିଥିବା) ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ପ୍ରବେଶିକା ଦେୟ ୫୦୦ ଟଙ୍କା ଦେଇ ସିଧାସଳଖ ଅଂଶ ଗ୍ରହଣ କରିପାରିବେ ବୋଲି ଏସ୍‌ଆର୍‌ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ଖବରଦାତା ଦେବାଶିଷ ସୁନ୍ଦରାୟ ଓ ନିରଞ୍ଜନ ରେଡ୍ଡୀ, ପ୍ରତିଭାବାନ ଅନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡା ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ସ୍ୱତନ୍ତ୍ର ଭାବରେ ଏସ୍‌ଆର୍‌ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଆଇଆଇଟିରୁ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ

ପ୍ୟାରିସ୍,୨।୯


ନୀତେଶ କୁମାର

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ନୀତେଶ କୁମାର। ଏସ୍‌ଏଲ୍ ୩ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନୀତେଶଙ୍କ କାହାଣୀ କିନ୍ତୁ ବେଶ୍ ପ୍ରେରଣାଦାୟୀ। ରାଜସ୍ଥାନରେ ଜନ୍ମିତ ନୀତେଶ ମାତ୍ର ୧୫ ବର୍ଷ ବୟସରେ ବାମ ଗୋଡ଼ ହରାଇଥିଲେ। ପିଲାବେଳରୁ ଫୁଟବଲ ଖେଳ ସହିତ ଜଡିତ ଥିଲେ। ୨୦୦୯ରେ ବିଶାଖାପାଟଣାରେ ଏକ ଦୁର୍ଘଟଣାରେ ନୀତେଶଙ୍କ ବାମ ଗୋଡ଼ କଟି ଯାଇଥିଲା। ଦୀର୍ଘ ଦିନ ଧରି ହସ୍ପିଟାଲରେ ରହିବାକୁ ମଧ୍ୟ ପଡ଼ିଥିଲା। ତେବେ ଲଢୁଆ ମନୋବୃତ୍ତି କାରଣରୁ ସେ ପଛକୁ ହଟି ନ ଥିଲେ। କ୍ରୀଡ଼ା ଛାଡିଥିବା ବେଳେ ପୁନର୍ବାର ପାଠ ପଢ଼ିବା ପାଇଁ ଆଗ୍ରହୀ ହୋଇଥିଲେ। ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ସମୟରେ ଆଇଆଇଟି ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଦୀର୍ଘ ୪ ବର୍ଷର ପରିଶ୍ରମ ପରେ ୨୦୧୩ରେ ନୀତେଶଙ୍କୁ ଆଇଆଇଟିରେ ଆଡ୍‌ମିଶନ ମିଳିଥିଲା। ହିମାଚଳ ପ୍ରଦେଶସ୍ଥିତ ଆଇଆଇଟି ମଣ୍ଡିରେ ପଢ଼ିବାକୁ ନୀତେଶଙ୍କୁ ସୁଯୋଗ ମିଳିବା ପରେ ସେଠାରେ ସେ ବ୍ୟାଡ୍‌ମିଣ୍ଟନ ପ୍ରତି ଉତ୍ସାହ ଦେଖାଇବା ଆରମ୍ଭ କରିଥିଲେ। ପାଠ ପଢ଼ା ପାଇଁ ମିଳିଥିବା ଦ୍ୱିତୀୟ ସୁଯୋଗ କାରଣରୁ ସେ ପାରା ବ୍ୟାଡ୍‌ମିଣ୍ଟନରେ ଭାରତ ପାଇଁ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଆଇଆଇଟି ପାଶ୍ କରିବା ପରେ ପାରା ବ୍ୟାଡ୍‌ମିଣ୍ଟନରେ ହରିୟାଣାର ପ୍ରତିନିଧିତ୍ୱ କରିଥିଲେ ନୀତେଶ। ଏହାର ବର୍ଷକ ମଧ୍ୟରେ ନୀତେଶ ନିଜର ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ଜିତିବାରେ ସକ୍ଷମ ହୋଇଥିଲେ। ଆଇରିଶ ଇଣ୍ଟରନ୍ୟାଶନାଲ ସହିତ ନୀତେଶ ଏହି ସଫଳତା ହାସଲ କରିଥିଲେ।

ମାତ୍ର ୬ ବର୍ଷର କ୍ୟାରିୟରରେ ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ଟାଇଟଲ ନିଜ ନାମରେ କରିଛନ୍ତି ନୀତେଶ। ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇଟି ରୌପ୍ୟ ସହିତ ଗୋଟିଏ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ ନୀତେଶ। ସେହିଭଳି ପାରା ଏସିଆନ୍ ଗେମ୍ସରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରି ସାରିଛନ୍ତି ଏହି ପ୍ରତିଭାବାନ ଖେଳାଳି। ପୂର୍ବରୁ ନୀତେଶ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଖେଳୁଥିବା ବେଳେ ବର୍ତ୍ତମାନ କେବଳ ସିଙ୍ଗଲ୍ସ ଉପରେ ନିଜର ଫୋକସ ରଖିଛନ୍ତି। ୨୦୧୯ରେ ତରୁଣ ଧିଲୋନଙ୍କୁ ସାଥୀ କରି ପୁରୁଷ ଏସ୍‌ଏଲ୍-୩, ଏସ୍‌ଏଲ୍-୪ ବର୍ଗର ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ୨୦୨୨ରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ଭଗତଙ୍କ ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ୨୦୨୪ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରିଟେନର ଡାନିଏଲ ବେଥେଲଙ୍କୁ ହରାଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ସେହିପରି ହାଙ୍ଗଝୋ ପାରା ଏସିଆନ୍ ଗେମ୍ସରେ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସମାନ ଇଭେଣ୍ଟର ମିକ୍ସଡ ଡବଲ୍ସରେ ଏକ ବ୍ରୋଞ୍ଜ ଜିତିଥିବା ବେଳେ ୨୦୧୮ ଜାକର୍ତ୍ତା ପାରା ଏସିଆନ ଗେମ୍ସର ପୁରୁଷ ଡବଲ୍ସ ଇଭେଣ୍ଟରେ ଅନ୍ୟ ବ୍ରୋଞ୍ଜଟି ଜିତିଥିଲେ। ବର୍ତ୍ତମାନ ନୀତେଶ ହରିୟାଣା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧୀନରେ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ